RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-351 ♦BHUBANESWAR ♦MONDAY ♦17 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୫୧ ♦ଭୁବନେଶ୍ୱର ♦ସୋମବାର ♦୧୭ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




ଘୁଞ୍ଚିପାରେ 'ପୁଷ୍ପା-୨' ରିଲିଜ୍

▶ପୃଷ୍ଠା ୨ ଦେଖନ୍ତୁ...

## ଶ୍ରୀମନ୍ଦିରରେ ଦର୍ଶନ ବିଶୃଙ୍ଖଳା

# ଭିଡ଼ ଅଣାୟତ୍ତ, ଶ୍ରଦ୍ଧାଳୁ ଅଚେତ





■ **ପୁରୀ, ୧୬।୬ (ସମିସ):** ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ଭିତରେ ଭିଡ଼ ଅଣାୟତ୍ତ ହୋଇପଡୁଛି। ଫଳରେ ଭକ୍ତ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ମନ୍ଦିର ଭିତରେ ଅସମ୍ଭାଳ ଭିଡ଼ ଯୋଗୁଁ ରବିବାର ୧୦ରୁ ଊର୍ଦ୍ଧ୍ୱ ଭକ୍ତ ଅଚେତ ହୋଇପଡ଼ିଥିବା ବେଳେ ବେଢ଼ାରେ ପଡ଼ିଯାଇ ଜଣେ ମହିଳା ଭକ୍ତଙ୍କ ଗୋଡ଼ ମୋଡ଼ି ହୋଇଯାଇଛି। ତେବେ ଚାରିଦ୍ୱାର ଖୋଲିବା ଲାଗି ତରବରିଆ ନିଷ୍ପତ୍ତି ଏବଂ ଭିଡ଼ ନିୟନ୍ତ୍ରଣରେ ପ୍ରଶାସନ ଫେଲ୍ ମାରିବାରୁ ଅନେକ ଶ୍ରଦ୍ଧାଳୁ ଦର୍ଶନ କରି ନ ପାରି ଫେରିଯିବାକୁ ବାଧ ହେଉଛନ୍ତି।

**ଚାରି ଦ୍ୱାର ଖୋଲୁ; କିନ୍ତୁ ଭିତର ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହେଉ: ଦଇତାପତି**

ରବିବାର ଶେଷ ରଜରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ହଜାରହଜାର ଭକ୍ତ ଧାଇଁ ଆସିଛନ୍ତି। ଏଥିପାଇଁ ସକାଳୁ ଶ୍ରୀମନ୍ଦିର ଚାରିଦ୍ୱାରରେ ଭକ୍ତଙ୍କ ଲମ୍ବା ଲାଇନ ଲାଗିଥିଲା। ପୁଲିସ ପର୍ଯ୍ୟାୟକ୍ରମେ ଭକ୍ତଙ୍କୁ ଭିତରକୁ ଛାଡୁଥିଲା। ହେଲେ ଭିତରେ ସ୍ଥିତି ଥିଲା ଅସମ୍ଭାଳ। କେଉଁ ଦ୍ୱାରରୁ କେତେ ଭକ୍ତ ଯାଉଛନ୍ତି ଏବଂ ଦର୍ଶନ ସାରି କେତେ ଭକ୍ତ ବାହାରୁଛନ୍ତି; ତାହାର ଆକଳନ ହୋଇପାରୁ ନଥିବାରୁ ବେଢ଼ା ଭିତରେ ଭିଡ଼ ଅଣାୟତ୍ତ ହେଉଥିଲା। ଭିଡ଼ ଏବଂ ଠେଲାପେଲାରେ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିବା ବେଳେ କେହି କେହି ବଡ଼ କଷ୍ଟରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମାତ୍ର ଅନେକ ଭକ୍ତ ଭିଡ଼କୁ ଡ଼ରି ମହାପ୍ରଭୁଙ୍କୁ ଦର୍ଶନ ନ କରି କେବଳ ନୀଳଚକ୍ର ଦର୍ଶନ କରି ଫେରି ଆସୁଥିବା କହିଛନ୍ତି।

ଭିତରେ ଏତେ ଗହଳି ଥିଲା ଯେ ରବିବାର ବହୁ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେହିପରି କେତେକ ଭକ୍ତ ଅଚେତ ହୋଇପଡ଼ିବାରୁ ସେମାନଙ୍କୁ ସଙ୍ଗେସଙ୍ଗେ ବାହାରକୁ ଆଣି ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ସୁଦ୍ଧା କେବଳ ମନ୍ଦିର ଆମ୍ବୁଲାନ୍ସରେ ଅଚେତ ହୋଇପଡ଼ିଥିବା ୬ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସେମାନେ ସମସ୍ତେ ସୁସ୍ଥ ହୋଇ ଫେରିଥିଲେ। ଏହି ଭକ୍ତମାନେ ହେଲେ, ପଶ୍ଚିମବଙ୍ଗ ମେଦିନୀପୁରର ସତ୍ୟନାରାୟଣ ଦାସ (୬୩), ନୟାଗଡ଼ ଜିଲ୍ଲା ବିଜୟନଗରର କୁନୁମୁନୁ ମହାନ୍ତି (୪୦), ▶ପୃଷ୍ଠା-୯

## ଶୃଙ୍ଖଳିତ ଦର୍ଶନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୬।୬ (ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହିକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଛି। ସେହିପରି ବର୍ତ୍ତମାନ ପୁରୀରେ ଭକ୍ତମାନଙ୍କର ପ୍ରବଳ ଗହଳି ହେଉଥିବାରୁ ଦର୍ଶନ ବ୍ୟବସ୍ଥା ଯେପରି ଆହୁରି ଶୃଙ୍ଖଳିତ ହୋଇପାରିବ ସେନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ଜାପାନରେ ବ୍ୟାପୁଛି ମାଂସ ଖାଉଥିବା ଜୀବାଣୁ

■ **ଟୋକିଓ, ୧୬।୬ (ଏଜେନ୍ସି):** କରୋନା ମହାମାରୀ ପରେ ଏବେ ବିଶ୍ୱରେ ଏକ ନୂଆ ରୋଗ ବ୍ୟାପିବାରେ ଲାଗିଛି। ଜାପାନରୁ ଏହି ବିପଜ୍ଜନକ ରୋଗ ସାମ୍ନାକୁ ଆସିଛି। ଏହି ରୋଗର ନାମ ଷ୍ଟ୍ରେପ୍ଟୋକୋକଲ ଟକ୍ସିକ ସକ୍ ସିଣ୍ଡ୍ରୋମ (ଏସ୍‌ଟିଏସଏସ) ରହିଛି। ଏହି ରୋଗର ଜୀବାଣୁ ରୋଗୀ ଶରୀରର ମାଂସକୁ ଖାଇ ଦେଉଛି। ଏଥିରେ ସଂକ୍ରମିତ ହେବାର ୪୮ ଘଣ୍ଟା ମଧ୍ୟରେ ରୋଗୀର ମୃତ୍ୟୁ ହେଉଛି। ଜାପାନରେ ଏହି ରୋଗ କାୟା ବିସ୍ତାର କରିବାରେ ଲାଗିଛି। ଏ ପର୍ଯ୍ୟନ୍ତ ୯୭୭ ମାମଲା ସାମ୍ନାକୁ ଆସିଲାଣି। ଗ୍ରୁପ ଏ ଷ୍ଟ୍ରେପ୍ଟୋକୋକସ (ଜିଏଏସ୍) ଜୀବାଣୁ ଯୋଗୁଁ ଏହି ରୋଗ ହେଉଛି। ଏହା ଶିଶୁ,ବୃଦ୍ଧଙ୍କ ସହିତ ସମସ୍ତଙ୍କ ପାଇଁ ବିପଜ୍ଜନକ। ଏହି ରୋଗରେ ସଂକ୍ରମିତ ହେଲେ ପ୍ରଥମେ କୁଣ୍ଡେଇ ହୋଇଥାଏ ଏବଂ ତଣ୍ଟି ବସି ଯାଇଥାଏ। ▶ପୃଷ୍ଠା-୯

**୪୮ ଘଣ୍ଟାରେ ହେଉଛି ମୃତ୍ୟୁ**

**୯୭୭ ରୋଗୀ ଚିହ୍ନଟ**

## ମୌସୁମୀର ଗତି କଳିପାରୁନି ଆଇଏମ୍‌ଡି

# ଆହୁରି ୩ ଦିନ ଗୁଳୁଗୁଳି

■ **ଭୁବନେଶ୍ୱର, ୧୬।୬ (ସମିସ):** ରାଜ୍ୟରେ କେବେ ମୌସୁମୀ ବର୍ଷା ହେବ ଓ ତାତି ଗୁଳୁଗୁଳିରୁ ମୁକ୍ତି ମିଳିବ ତାହା ସ୍ପଷ୍ଟ ହୋଇପାରୁ ନାହିଁ। କେବେ ବର୍ଷା ହେବ ସେ ସମ୍ପର୍କରେ ଜାଣିବା ପାଇଁ ଲୋକେ ପ୍ରତିଦିନ ଆଇଏମ୍‌ଡି ବୁଲେଟିନ୍‌କୁ ଚାତକ ଭଳି ଚାହିଁ ବସିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ମଧ୍ୟ ଲୋକଙ୍କୁ ଆଶ୍ୱସ୍ତ କଲାଭଳି ବର୍ଷାର ପୂର୍ବାନୁମାନ କରୁଛି। ହେଲେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଥିବା ତାରିଖ ପହଞ୍ଚିବା ବେଳକୁ ବର୍ଷାର ଦେଖା ଦର୍ଶନ ମିଳୁନି। ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ପୁଣି ଏକ ନୂଆ ତାରିଖରେ ବର୍ଷା ହେବା ସହ ସାନି ପୂର୍ବାନୁମାନ ଜାରି କରୁଛି। ଯାହାକୁ ନେଇ ରାଜ୍ୟରେ ପାଣିପାଗ ଆକଳନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ୫ ଦିନ ତଳୁ ରାଜ୍ୟରେ ୧୭ ତାରିଖରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ ଜାରି କରାଯାଇଥିଲା। ଖୋଦ୍ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି ଗଣମାଧ୍ୟମ ସାମନାରେ ଏହା ଉଲ୍ଲେଖ କରିଥିଲେ। ରଜରେ ଗରମ ଗୁଳୁଗୁଳିରେ ହନ୍ତସନ୍ତ ଲୋକେ ୧୭ ତାରିଖରୁ ସାମାନ୍ୟ ଆଶ୍ୱସ୍ତି ଅପେକ୍ଷାରେ ରହିଥିଲେ। ମାତ୍ର ପାଣିପାଗ କେନ୍ଦ୍ର ଏବେ ୧୭ ତାରିଖରେ କୌଣସି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ନ ଥିବା ଆକଳନ କରିଛି। ରବିବାର ସନ୍ଧ୍ୟାରେ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୩ ଦିନ ଅର୍ଥାତ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗୁଳୁଗୁଳି ହେବ। ଯଦିଓ ଏହି ୩ ଦିନ ମଧ୍ୟରେ କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହେବ, ମାତ୍ର ଏହା ▶ପୃଷ୍ଠା-୯

**୧୭କୁ ଥିଲା ବର୍ଷା ଆକଳନ; ଏବେ ୨୦କୁ ଘୁଞ୍ଚାଇଦେଲେ**





## ବାଚସ୍ପତି ପଦ ଛାଡ଼ିବାକୁ ବିଜେପି ନାରାଜ

**ରାଜନାଥଙ୍କ ବାସଭବନରେ ଉଚ୍ଚସ୍ତରୀୟ ବୈଠକ**

■ **ନୂଆଦିଲ୍ଲୀ, ୧୬।୬ (ସମିସ):** କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ି ସରକାର ଗଠନ ହୋଇ ସାରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ହ୍ୟାଟ୍ରିକ୍ ସହ କେନ୍ଦ୍ର ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ବିଭାଗ ବଣ୍ଟନ ବି ସରିଛି। ଏହି କ୍ରମରେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁଥିବା ସଂସଦର ୮ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଓ ବାଚସ୍ପତି ନିର୍ବାଚନ ଉପରେ ସାରା ଦେଶର ଆଖି ଲାଖି ରହିଛି। ୨୪ ଓ ୨୫ ତାରିଖରେ ନୂଆ ସାଂସଦମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ଓ ୨୬ ତାରିଖରେ ବାଚସ୍ପତି ପଦ ନିମନ୍ତେ ନିର୍ବାଚନ ହୋଇପାରେ। ଏହି ସ୍ଥିତିରେ ୧୦ ବର୍ଷ ପରେ ସଂସଦରେ ପୁଣିଥରେ ଦୃଢ଼ ସ୍ଥିତିରେ ପହଞ୍ଚିଥିବା ବିରୋଧୀ ଉପବାଚସ୍ପତି ପଦ ବିରୋଧୀ ଦଳକୁ ପ୍ରଦାନ ପାଇଁ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି । ଏପରିକି ଆବଶ୍ୟକ ପଡ଼ିଲେ ବାଚସ୍ପତି ନିର୍ବାଚନରେ ବିରୋଧୀ ପ୍ରାର୍ଥୀ ଦେବାକୁ ମଧ୍ୟ ଘୋଷଣା କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଜେପିର ବରିଷ୍ଠ ନେତା ଓ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । କୌଣସି ପରିସ୍ଥିତିରେ ବିଜେପି ବାଚସ୍ପତି ପଦ ନିଜ ଦଳ ପାଖରେ ରଖିବାକୁ ଚାହୁଁଥିବାରୁ ଏହି ବୈଠକର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ।

ରବିବାର ରାଜନାଥଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସହ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କିରଣ ରିଜିଜୁ, ଲଲନ ସିଂହ, ଚିରାଗ ପାଓ୍ୱାନଙ୍କ ସହ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବୈଠକରେ ବାଚସ୍ପତି ଓ ଉପବାଚସ୍ପତି ପଦ ନିମନ୍ତେ ସମ୍ଭାବ୍ୟ ନାମ ଉପରେ ବିସ୍ତୃତ ଆଲୋଚନା ହୋଇଛି। ୨୦୧୪ରୁ ୧୦ବର୍ଷ ହେଲା ଲୋକସଭାରେ ଉପବାଚସ୍ପତି ▶ପୃଷ୍ଠା-୯

## ଲୋକକଥା



ମୌସୁମୀ ଆସିବ ଆସିବ ହଉଚି
ଖରା ତାତି ଟାଇଁ-ଟାଇଁ,
ଉଠା ସେଚ ପାଣି ଉଠି ତ ପାରୁନି
ପାଣି ବିନା ଫାଟେ ଭୂଇଁ !
ଚାଷୀ ହୁଏ ହାଇଁପାଇଁ,
ପାଣି ଟୋପେ ପାଇଁ କୃଷକ ବିଚରା
ଆକାଶକୁ ଅଛି ଚାହିଁ !!

## ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ

■ **ଖଲ୍ଲିକୋଟ, ୧୬।୬(ସମିସ):** ଆଉ କିଛି ସମୟ ପରେ ଘରେ ପହଞ୍ଚିଥାନ୍ତେ। ହେଲେ ରାସ୍ତାରେ ଛକି ରହିଥିଲା ଯମ। ଘରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଡାକିନେଲା। ଖଲ୍ଲିକୋଟ ନିକଟସ୍ଥ ନିର୍ମଳଝରଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ସାଙ୍ଗଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଭରସା ଗାଁର ନିରାକାର ଗୌଡ଼ ଓ ଆଲୋକଙ୍କ ଗୌଡ଼।




ରବିବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ନିରାକାର ଓ ଆଲୋକ ଗୁହାରିଆପାଟରୁ ନିଜ ଗ୍ରାମ ଭରସା ଅଭିମୁଖେ ଏକ ବାଇକ୍ (ଓଡି୦୭ଏକେ- ୭୩୬୭) ଯୋଗେ ଆସୁଥିବା ସମୟରେ ହଠାତ୍ ନିର୍ମଳଝର ମନ୍ଦିର ସମ୍ମୁଖରେ କାର (ଓଡି୦୨ଏକ୍ସ-୨୨୪୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଦୁଇ ସାଙ୍ଗ ତଳେ ପଡ଼ି ଗୁରୁତର ହୋଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ କାର୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଛି। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକେ ମେଡ଼ିକାଲରେ ପହଞ୍ଚିବାରୁ ସେଠାରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ, ଥାନା ଏସଆଇ ପାର୍ଥପ୍ରତିମ ଦେବତା, ଏଏସ୍‌ଆଇ ହରେକୃଷ୍ଣ ସାମଲ ମେଡିକାଲରେ ପହଞ୍ଚି ଶବ ଜବତ କରିବା ସହ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକ୍ ଜବତ କରିଛନ୍ତି। ଅକାଳରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଥିବାରୁ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

**ଜଳପ୍ରପାତରେ ବିପଦପୂର୍ଣ୍ଣ ସ୍ଥାନ**

## ୪୦ ଫୁଟ୍ ତଳକୁ ଡେଇଁ ଯୁବ ଇଞ୍ଜିନିୟର୍ ମୃତ

■ **ଝାରସୁଗୁଡ଼ା, ୧୬।୬ (ସମିସ):** ଲଖନପୁର ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଶୈବପୀଠ କୋଇଲି ଘୁଘରସ୍ଥିତ ଜଳପ୍ରପାତରେ ବୁଡ଼ି ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଭୁବନେଶ୍ୱରର ବ୍ରିଜେଶ୍ୱର ବେହେରା (୨୮)। ସୂଚନାନୁଯାୟୀ, ବ୍ରିଜେଶ୍ୱର ସମ୍ବଲପୁରଠାରେ ଏକ ଘରୋଇ ଇଲେକ୍ଟ୍ରିକାଲ କମ୍ପାନୀରେ ଇଞ୍ଜିନିୟର୍ ଭାବେ କାମ କରନ୍ତି। ଆଜି ରବିବାର ସକାଳେ ୫ଜଣ ସହକର୍ମୀଙ୍କ ସହ ସେ ଏକ କାର୍‌ରେ କୋଇଲି ଘୁଘର ବୁଲିବାକୁ ଯାଇଥିଲେ। ସେଠାରେ ସମସ୍ତେ ଗାଧୋଇବାକୁ ନିଷ୍ପତ୍ତି ନେଇଥିଲେ। ସହକର୍ମୀମାନେ ପ୍ରାୟ ୪୦ଫୁଟ୍ ▶ପୃଷ୍ଠା-୯



## ଆଜିର ଇତିହାସ

- ୧୬୩୨- ମୋଗଲ ସମ୍ରାଟ ଶାହାଜାହାନଙ୍କ ପତ୍ନୀ ମମତାଜ ମହଲଙ୍କ ମୃତ୍ୟୁ।
- ୧୭୯୯- ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ।
- ୧୯୨୯- ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୭୦- ସିକାଗୋରେ ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତ୍ୟାରୋପଣ ହେଲା।
- ୨୦୦୨- କରାଚୀରେ ଆମେରିକୀୟ ଦୂତାବାସକୁ ପୁନଃ ଖୋଲି ଦିଆଗଲା।
- ୨୦୧୨- ମିଶରରେ ପ୍ରଥମ ଥର ରାଷ୍ଟ୍ରପତି ପଦ ପାଇଁ ସାଧାରଣ ନିର୍ବାଚନ କରାଗଲା।

# ଅନିଦ୍ରା ଦୂର କରିବ 'ସ୍ଲିପ୍ ରୋବଟ୍'

ସମ୍ପ୍ରତି ଅଧିକାଂଶ ଲୋକ ଅନିଦ୍ରା ସମସ୍ୟା ଦେଇ ଗତି କରୁଛନ୍ତି। ସେହିପରି ସୁନିଦ୍ରା ଅଭାବରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। 'ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ'ର ରିପୋର୍ଟ ମୁତାବିକ, ୩୩ ପ୍ରତିଶତ ବୟସ୍କ ଅନିଦ୍ରାରେ ପୀଡ଼ିତ। ତେବେ ରୋବଟିକ୍ସ କ୍ଷେତ୍ରରେ ନୂଆ ନୂଆ ପ୍ରଡକ୍ଟ ସାମ୍ନାକୁ ଆସୁଛି। ଏଥିରୁ କିଛି ଜିନିଷ ଲୋକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏହି କ୍ରମରେ ଏଥିରୁ ଅନ୍ୟତମ 'ସ୍ଲିପ୍ ରୋବଟ୍।' ଏହା ଲୋକଙ୍କୁ ସୁନିଦ୍ରା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହା 'ସୋମନକ୍ସ ୨' ନାଁରେ ପରିଚିତ। ତେବେ ଏହାକୁ ରୋବଟ୍ ନ କହି ତକିଆ କହିବା ବରଂ ଠିକ୍ ହେବ। ପ୍ରକୃତରେ ଏହା ହେଉଛି ଏକ ସ୍ମାର୍ଟ ତକିଆ। ଯେଉଁଥିରେ ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରାଯାଏ। ଏଥିଯୋଗୁ ଅବସାଦ ଏବଂ ହୃଦ୍‌ସ୍ପନ୍ଦନ କମ୍ ହୁଏ। ଫଳରେ ଶରୀର ଏବଂ ମସ୍ତିଷ୍କ ଶାନ୍ତ ରହିଥାଏ। ଅନ୍ୟପଟେ ଉକ୍ତ ରୋବଟ୍ ଯୋଗୁଁ ବିନା ମେଡିଟେସନରେ ଜଣେ ଭଲ ନିଦରେ ଶୋଇ ପାରିବେ। ଏହାକୁ ଲୋକେ ତକିଆ ଭଳି ଧରି ଶୋଇପାରିବେ। ସେହିପରି କମ୍ପାନି ଏହି ତକିଆରେ ଅନେକ ପ୍ରକାର ସ୍ମାର୍ଟ ସେନ୍‌ସର୍‌ର ସୁବିଧା ପ୍ରଦାନ କରିଛି। ଯାହାକି ଭଲ ନିଦ ପ୍ରଦାନ କରିବା ଦାବି କରେ। ଏହାବାଦ୍ ଗୀତ ପ୍ରେମୀଙ୍କ ପାଇଁ ଏଥିରେ ସ୍ପିକର ବି ଅଛି। ଅବଶ୍ୟ ଏହି ଫିଚର କେବଳ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ। କେବଳ ସେତିକି ନୁହେଁ, ମୋବାଇଲ ଆପ୍ ମାଧ୍ୟମରେ ସ୍ମାର୍ଟ ତକିଆକୁ କଷ୍ଟମାଇଜ ମଧ୍ୟ କରାଯାଇପାରିବ। ତେବେ ୟୁରୋପରେ ଏହାର ଦାମ୍ ୪୫,୨୨୭ ଟଙ୍କା ହୋଇଥିବାବେଳେ ଭାରତରେ ଏହି ଡିଭାଇସ୍‌କୁ ଲଞ୍ଚ୍ କରାଯାଇ ନାହିଁ।






# ଘୁଞ୍ଚିପାରେ 'ପୁଷ୍ପା-୨'ର ରିଲିଜ୍

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ 'ପୁଷ୍ପା-୨'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ କ୍ରେଜ୍ ରହିଛି। 'ପୁଷ୍ପା: ଦ ରୁଲ୍' ଅଗଷ୍ଟ ୧୫ରେ ରିଲିଜ୍ ହେବାର ଥିଲା। ଏବେ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର ସୁଟିଂ ଏଯାବତ୍ ସରିନାହିଁ। ଜୁଲାଇ ଶେଷ ଆଡ଼କୁ ଏହାର ସୁଟିଂ ସରିବ ବୋଲି କୁହାଯାଉଛି। ଏହାପରେ ପୋଷ୍ଟ ପ୍ରଡକ୍ସନ କାମ ଆରମ୍ଭ ହେବ। କିନ୍ତୁ ଏଯାବତ୍ ଫିଲ୍ମର ନିର୍ମାତା ଏନେଇ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ଯଦି ଏହି ଫିଲ୍ମର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଏ, ତେବେ ଫିଲ୍ମ ନିର୍ମାତାଙ୍କୁ ଏଥିପାଇଁ ବହୁତ କ୍ଷତି ସହିବାକୁ ପଡ଼ିପାରେ। କାରଣ ୧୫ ଅଗଷ୍ଟ ଛୁଟିଦିନ ଥିବାରୁ ପ୍ରଥମ ଦିନରେ ଭଲ ବିଜିନେସ୍ ହେବ ବୋଲି ଆଶା କରାଯାଉଥିଲା। ଏହା ଓପନିଂ ଡେ'ରେ ହିଁ ୧୮୦-୨୦୦ କୋଟି ଆୟ କରିବାର ଥିଲା। ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକରେ ଏହା ୬୫ କୋଟି ରୋଜଗାର କରିବାର ଥିଲା। ଯଦି ଫିଲ୍ମର ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଏ ତେବେ ବହୁତ କ୍ଷତି ସହିବାକୁ ହେବ ବୋଲି ଆଶା କରାଯାଉଛି।

ଏଠାରେ ପ୍ରକାଶ ଥାଉ କି, ୨୦୨୧ରେ ମୁକ୍ତିଲାଭ କରିଥିବା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ରିଲିଜ୍ ହୋଇଥିଲା। ସେହି ବର୍ଷ ଏହି ଫିଲ୍ମ ସବୁଠୁ ଅଧିକ ଆୟ କରିଥିବା ଭାରତୀୟ ଫିଲ୍ମ ହୋଇଥିଲା।

# ଜିପିଏସ୍ ଡ୍ରଇଁରେ ବିବାହ ନିବେଦନ

ଆଜିକାଲିର ଯୁବପିଢ଼ି ବେଶ୍ ନିଆରା ଢଙ୍ଗରେ ପ୍ରେମ ନିବେଦନ କରୁଥିବାର ଦେଖାଯାଇଛି। ଏହି କ୍ରମରେ ଜାପାନର ୟାସନ୍ ନାମକ ଜଣେ ଯୁବକ ଜିପିଏସ୍ ଡ୍ରଇଁ କରି ନିଜ ସାଥୀ ନତ୍‌ସୁକୀଙ୍କୁ ବିବାହ ପାଇଁ ନିବେଦନ କରିବା କଥା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ସେତିକି ନୁହେଁ, ସେ ବିଶ୍ୱର ସବୁଠୁ ବଡ଼ ଜିପିଏସ୍ ଡ୍ରଇଁ ବନାଇ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି। ତେବେ ଏହି ଡ୍ରଇଁର ଶୀର୍ଷକ ଥିଲା 'ମୋତେ ବିବାହ କର'। ଏହା ୟାସନ୍‌ଙ୍କର ପ୍ରଥମ ଜିପିଏସ୍ ଡ୍ରଇଁ ଥିଲା। ଯେଉଁଥିରେ ସେ କାନଭାସ୍ ଭଳି ଜାପାନର ଅଧିକାଂଶ ସ୍ଥାନକୁ କଭର କରିଥିଲେ। ୨୦୦୮ ମସିହାରେ ସେ ଏଭଳି ନିଆରା ଢଙ୍ଗରେ ବିବାହ ପ୍ରସ୍ତାବ ଦେବା ପାଇଁ ଜିପିଏସ୍ ଡ୍ରଇଂ ଶିଖିଥିଲେ। ସେତେବେଳେ ଜାପାନରେ ଜିପିଏସ୍ ଶବ୍ଦ ଏତେଟା ପ୍ରଚଳନ ନ ଥିଲା। ତେବେ ୟାସନ୍ ଜାଣିବାକୁ ପାଇଥିଲେ ଯେ ଜିପିଏସ୍ ଡ୍ରଇଁ କରିବାକୁ ହେଲେ କୌଣସି ବିଶେଷ ଉପକରଣର ଆବଶ୍ୟକତା ପଡ଼ିନଥାଏ। ସେହିପରି ସେ ସମୟରେ ଏତେ ଭଲ ସ୍ମାର୍ଟଫୋନ୍ ମଧ୍ୟ ଉପଲବ୍ଧ ନ ଥିଲା। ତେଣୁ ସେ ଏପରି ଚିତ୍ର କରିବାପାଇଁ ରୋଡ୍ ମ୍ୟାପ ଉପରେ ଟ୍ରେସିଙ୍ଗ ପେପର ରଖୁଥିଲେ। ଏଥି ସହିତ ଜିପିଏସ୍ ଟ୍ରାକିଂ ପାଇଁ ସେ ଜିପିଏସ୍ ଲଗରର ବ୍ୟବହାର କରିଥିଲେ। ଯାହା ଡିଜିଟାଲ କ୍ୟାମେରାର ଏକ ବିକଳ୍ପ ଭାବେ ଜଣାଯାଏ। କେବଳ ସେତିକି ନୁହେଁ ଏହି ପ୍ରୋଜେକ୍ଟ ପାଇଁ ୟାସନ ନିଜ ଚାକିରି ମଧ୍ୟ ଛାଡ଼ିଥିଲେ। ଯାହାକୁ ଆଧାର କରି ୟାସନ୍ ଓ ତାଙ୍କ ପ୍ରେମିକାଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ୟାସନ୍ ଅନ୍ୟ ଏକ ଚାକିରି କରିବା ସହ ଏହି ପ୍ରୋଜେକ୍ଟ କାର୍ଯ୍ୟ ମଧ୍ୟ ଜାରି ରଖିଥିଲେ। ଅବଶ୍ୟ ସେ କେଉଁ ପ୍ରୋଜେକ୍ଟ ବନାଉଛନ୍ତି, ସେ ବିଷୟରେ ପ୍ରେମିକା ଜଣକ କିଛି ଜାଣି ନ ଥିଲେ, କିନ୍ତୁ ୟାସନ୍‌ଙ୍କ ପରିଶ୍ରମ ଦେଖି ସେ ଉତ୍ସାହର ସହ ଏହାକୁ ଅପେକ୍ଷା କରିଥିଲେ। ପରିଶେଷରେ ୟାସନ୍ ନିଜର ଏହି ପ୍ରୋଜେକ୍ଟ ଶେଷ କରି ତାଙ୍କ ପ୍ରେମିକାଙ୍କୁ ବିବାହ ପାଇଁ ନିବେଦନ କରିଥିଲେ। ଆଉ ତାଙ୍କ ପ୍ରସ୍ତାବରେ ପ୍ରେମିକା ଜଣକ ରାଜି ହୋଇ ଯାଇଥିଲେ।



# ପୁଅ ଭୁଲ୍‌କୁ ସୁଧାରିବାକୁ ବାପାଙ୍କ ନିଆରା ଦଣ୍ଡ

ପିଲାଙ୍କୁ ସୁଧାରିବା ପାଇଁ ଅଭିଭାବକମାନେ ଅନେକ ସମୟରେ ସେମାନଙ୍କୁ ଦଣ୍ଡ ଦେଇଥାନ୍ତି। ଏହି ପରିପ୍ରେକ୍ଷୀରେ ଚୀନ୍‌ର ଏକ ଘଟଣା ଏବେ ସର୍ଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍‌ରେ ଜଣେ ଆଠବର୍ଷର ବାଳକ ସ୍କୁଲ କାନ୍ଥରେ ଚିତ୍ର ଆଙ୍କିବାରୁ ତା'ର ବାପା ଏପରି ଦଣ୍ଡ ଦେଇଥିଲେ ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାଟି ଚୀନ୍‌ର ସାକ୍‌ସି ଅଞ୍ଚଳର। ବାଳକ ଜଣକ ସ୍କୁଲ କାନ୍ଥରେ କିଛି ଚିତ୍ର ଆଙ୍କିଥିଲେ। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ପିଲାଟିର ବାପାମାଙ୍କୁ ଡାକି ଏସମ୍ପର୍କରେ ସୂଚନା ଦେବା ସହ ପିଲାଟି ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ପିଲାଟିର ଏହି ଭୁଲ୍ ପାଇଁ ତା'ର ବାପା ଏକ ନିଆରା ଦଣ୍ଡ ଦେବାକୁ ସ୍ଥିର କରିଥିଲେ। ପୁଅକୁ ଏକ ଗିଟାର ଦେଇ ରାସ୍ତାରେ ବସାଇ ଦେଇଥିଲେ। ଗିଟାର ବଜାଇ ଅର୍ଥ ଉପାର୍ଜନ କରିବାକୁ କହିଥିଲେ। ତେବେ ତାଙ୍କର ଏପରି କରିବା ପଛରେ ଉଦ୍ଦେଶ୍ୟ ଥିଲା- ପୁଅର ରୋଜଗାର ଅର୍ଥରେ ସେ ସ୍କୁଲର କାନ୍ଥଟିକୁ ଆଉ ଥରେ ରଙ୍ଗ କରିବ। ପିଲାଟି ବାପାଙ୍କ କଥାକୁ ସମ୍ମାନ ଦେଇ ଲଗାତାର ତିନିଦିନ ଧରି ଗିଟାର ବଜାଇବା ସହ ଗୀତ ଗାଇଥିଲା। ଏହି ସମୟରେ ତା'ର ହାତରେ ଏକ ନୋଟ୍ ଥିଲା। ଏଥିରେ ଲେଖିଥିଲା, 'ମୁଁ ସ୍କୁଲ କାନ୍ଥ ନଷ୍ଟ କରିଛି, ମୋତେ ତାକୁ ଠିକ୍ କରିବା ପାଇଁ ୩୬୮୬ ଟଙ୍କା ଆୟ କରିବାକୁ ହେବ।' ଏନେଇ ପିଲାଟିର ବାପାଙ୍କର କହିବା ଅନୁସାରେ, 'ମୋ ପୁଅ ସ୍କୁଲ କାନ୍ଥରେ ଚିତ୍ର ଆଙ୍କି ଏହାକୁ ନଷ୍ଟ କରି ଦେଇଥିଲା। ଏବେ ତାର ରୋଜଗାର ଅର୍ଥରେ କାନ୍ଥଟିକୁ ରଙ୍ଗ କରାଯାଇଛି। ଏହାଦ୍ୱାରା ସେ ଭବିଷ୍ୟତରେ ଦାୟିତ୍ୱବାନ ହେବ ବୋଲି ମୁଁ ଆଶା କରୁଛି।'



# କ'ଣ ଦେଖିଲେ ଶୁଭ

**ଜ୍ୟୋତିଷ ଶାସ୍ତ୍ରରେ ଘରୁ ବାହାରିବା ସମୟରେ କିଛି ନିର୍ଦ୍ଦିଷ୍ଟ ଜିନିଷ ଦେଖିବା ଦ୍ୱାରା ଏହା ଶୁଭ ସୂଚନା ଦେଇଥାଏ ବୋଲି କୁହାଯାଏ। ଏବେ ସେହି ଜିନିଷଗୁଡ଼ିକ ସମ୍ପର୍କରେ ଆସନ୍ତୁ ଜାଣିବା...**







### ପକ୍ଷୀ

ଯଦି ଘରୁ ବାହାରିବା ସମୟରେ ପକ୍ଷୀ ବସିଥିବାର ଦେଖନ୍ତି କିମ୍ବା ପକ୍ଷୀଙ୍କ କଳରବ ଶୁଣାଯାଏ ତେବେ ଏହା ଶୁଭ ହୋଇଥାଏ। ସେହିଦିନ କିଛି ଶୁଭ ଖବର ପ୍ରାପ୍ତି ହେବ ବୋଲି କୁହାଯାଏ।

### ମନ୍ଦିର

ଘରୁ ବାହାରିବା ବେଳେ ଯଦି ରାସ୍ତାରେ ମନ୍ଦିର ଦେଖନ୍ତି ଏହା ଶୁଭ ହୋଇଥାଏ। ସେହିଭଳି ଘରୁ ବାହାରିବା ସମୟରେ ଯଦି ମନ୍ଦିର ଘଣ୍ଟିର ଶବ୍ଦ ଶୁଣାଯାଏ ତେବେ ଭଗବାନଙ୍କ ଆଶୀର୍ବାଦ ରହିଛି, ଯେଉଁ କାର୍ଯ୍ୟରେ ଜଣେ ଯାଉଛନ୍ତି ତାହା ସଫଳ ହେବ ବୋଲି ବିଶ୍ୱାସ ରହିଛି।

### ଗାଈ-ବାଛୁରୀ

ଜ୍ୟୋତିଷ ଶାସ୍ତ୍ର ଅନୁସାରେ,ଯଦି ଜଣେ କୌଣସି ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି, ବାଟରେ ଗାଈ ସହିତ ବାଛୁରୀ ଦେଖୁଛନ୍ତି ଏହା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ। ଯଦି ଗାଈଟି ବାଛୁରୀକୁ କ୍ଷୀରପାନ କରାଉଛି ତେବେ ଏହା ଏକ ଶୁଭ ସଙ୍କେତ ହୋଇଥାଏ।

### ଶବ

ଯଦି ଘରୁ ବାହାରିବା ସମୟରେ ଶବ ଯାଉଥିବାର ଦେଖନ୍ତି ଅନେକ ଅଶୁଭ ବୋଲି ଭାବନ୍ତି। କିନ୍ତୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶବ ଦେଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାମଟି ଜଲ୍‌ଦି ହୋଇଯିବ ବୋଲି ଏହା ସୂଚାଇ ଥାଏ।

### ପାଣିପୂର୍ଣ୍ଣ ପାତ୍ର

ଯଦି ଘରୁ ବାହାରିବା ସମୟରେ ଘର ଦୁଆର ମୁହଁରେ ପାଣି ପୂର୍ଣ୍ଣ ପାତ୍ର କିମ୍ବା ରାସ୍ତାରେ ନଦୀ ଦେଖନ୍ତି ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଯାତ୍ରା ଶୁଭଦାୟକ ହେବା ସହ ଯେଉଁ କାର୍ଯ୍ୟ ପାଇଁ ଜଣେ ଯାଉଛନ୍ତି ତାହା ସଫଳ ହୋଇଥାଏ ବୋଲି କୁହାଯାଏ।

### ଫୁଲମାଳ

ଘରୁ ବାହାରି କୌଣସି କାର୍ଯ୍ୟରେ ଯାଉଥିଲେ, ଯଦି ଫୁଲମାଳ ନଜର ଆସେ ତେବେ କିଛି ମଙ୍ଗଳ ଓ ଶୁଭ କାର୍ଯ୍ୟ ହେବ ବୋଲି ଏହା ସୂଚନା ପ୍ରଦାନ କରେ।

### ବର୍ଷା

ଜ୍ୟୋତିଷ ଶାସ୍ତ୍ରରେ ଘରୁ ବାହାରିବା ସମୟରେ ଯଦି ବର୍ଷା ହେଉଛି, ଏହାକୁ ଅତ୍ୟନ୍ତ ଶୁଭ କୁହାଯାଏ। ଏହାଦ୍ୱାରା କାର୍ଯ୍ୟ ସଫଳ ହେବାକୁ ଯାଉଛି ବୋଲି ଜଣାପଡ଼ିଥାଏ।

# ମୁଣ୍ଡ ହଲାଇ ଫୋନ୍ କଲ୍‌କୁ ନା

ଏଣିକି ଲୋକଙ୍କୁ ଯେଉଁ ଫୋନ୍ କଲ୍ ରିସିଭ୍ କରିବାକୁ ଇଚ୍ଛା ନ ଥିବ, ତାହାକୁ ମୁଣ୍ଡ ହଲାଇ ଏଡ଼ାଇ ପାରିବେ। କହିବାକୁ ଗଲେ ହାତରେ ଫୋନ୍ ଧରି କଲ୍ କାଟିବାକୁ ପଡ଼ିବ ନାହିଁ। ଆପଲ୍‌ର ସବୁଠୁ ବଡ଼ କାର୍ଯ୍ୟକ୍ରମ ୱାର୍ଲ୍ଡ ୱାଇଡ୍ ଡେଭଲପର କନଫରେନ୍ସରେ ଆଇଓଏସ୍‌ର ନୂଆ ଭର୍ସନ ଆଇଓଏସ୍ ୧୮ କୁ ଲଞ୍ଚ୍ କରାଯାଇଛି। ଫୋନ୍ କଲ୍‌କୁ ଏଡାଇବାର ଏହି ଫିଚର୍ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ବ୍ୟବହାରକାରୀ ଏହି ଫିଚର୍ ମାଧ୍ୟମରେ ସିରିକୁ ନିର୍ଦ୍ଦେଶ ଦେଇଥାନ୍ତି। ଏହାପରେ ସିରି ସମସ୍ତ କାମ କରିଥାଏ। କମ୍ପାନି ଅନୁସାରେ ଫୋନ୍ କଲ୍ ନ ଉଠାଇବା ପାଇଁ କେବଳ ବ୍ୟବହାରକାରୀଙ୍କୁ ନିଜ ମୁଣ୍ଡ ହଲାଇବାକୁ ପଡ଼ିବ। ମୁଖ୍ୟତଃ ବ୍ୟସ୍ତ ଲୋକଙ୍କ ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇପାରିବ। ସେହିପରି ଯେଉଁମାନେ ବାରମ୍ବାର ଫୋନ୍ ଦେଖିବାକୁ ଚାହୁଁ ନାହାନ୍ତି, ଏହା ମାଧ୍ୟମରେ ସେମାନଙ୍କ ଏହି କାମ ଆହୁରି ସହଜ ହୋଇପାରିବ। ତେବେ ଆଇଫୋନ୍ ପାଇଁ ଆଇଓଏସ୍ ୧୮ ଅପରେଟିଂ ସିଷ୍ଟମରେ ଅନେକ ନୂଆ ଫିଚର ଲୋକଙ୍କୁ ମିଳିବ। ଯେମିତି ନିଜ ହିସାବରେ ଆଇଫୋନ୍‌କୁ ସଜାଇବା, ମେସେଜ ପଠାଇବା ପାଇଁ ସାଟେଲାଇଟ୍‌କୁ ଉପଯୋଗ କରିବା।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

# ହତ୍ୟାକାଣ୍ଡରେ ଗଡ଼ିଲା ୪ ମୁଣ୍ଡ

## ପୁଅର କାଠଫାଳିଆ ମାଡ଼ରେ ମା’ ମୃତ

ବାଲିବନ୍ଧ, ୧୬।୬ (ସମିସ): ପୁଅର କାଠଫାଳିଆ ମାଡ଼ରେ ମା’ ମୃତ। କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅଧୀନ ଖେଣ୍ଡରା ପଞ୍ଚାୟତ ଫକୀରପୁର ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ଫକୀରପୁର ଗ୍ରାମର ବସୁମତୀ ନାଏକ (୭୦)। ଝୁମ୍ପୁରା ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଅଭିଯୁକ୍ତ ମଝିଆଁ ପୁଅ ଭଗବାନ ନାଏକ ଓରଫ୍ ଭୁଣ୍ଡା ଘଟଣା ପରଠାରୁ ଫେରାର୍ ରହିଛି। ପୁଲିସ୍ ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି।

ସୂଚନା ମୁତାବକ, ସ୍ୱାମୀଙ୍କ ମୃତ୍ୟୁ ପରେ ବସୁମତୀ ସରକାରୀ ଭତ୍ତା ଓ ମାଗଣା ଚାଉଳ ସାହାରାରେ ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କ ସାନ ପୁଅ ସହଦେବ ବାହାରେ ରହି କାମ କରୁଥିବା ବେଳେ ମଝିଆଁ ପୁଅ ଭୁଣ୍ଡା ଘରେ ରହୁଥିଲା। ତେବେ ଅନେକ ସମୟରେ ଭୁଣ୍ଡା ଡରେଇ ଧମକାଇ ବସୁମତୀଙ୍କ ଭତ୍ତା ଟଙ୍କାକୁ ଛଡ଼ାଇ ନେଉଥିଲା ଏବଂ ସେଥିରେ ମଦ ପିଉଥିଲା। ଏହି କାରଣକୁ କେନ୍ଦ୍ର କରି ଗତ ୮ ତାରିଖରେ ମା’-ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଭୁଣ୍ଡା ଏକ କାଠଫାଳିଆରେ ବାସୁମତୀଙ୍କୁ ପିଟି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଭୁଣ୍ଡା ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ମା’ର ସ୍ୱାସ୍ଥ୍ୟାବସ୍ଥା ଦେଖି ଭୟରେ ଭୁଣ୍ଡା ଫେରାର୍ ହୋଇଯାଇଥିଲା। ପଡ଼ିଶା ଲୋକ ସାହାଯ୍ୟରେ ବସୁମତୀଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ସେମାନେ ବସୁମତୀଙ୍କୁ ଘରକୁ ନେଇଆସିଥିଲେ ଏବଂ ତାଙ୍କ ସାନ ପୁଅ ସହଦେବକୁ ଫୋନ୍‌ରେ ସବୁକଥା ଜଣାଇଥିଲେ। ସହଦେବ ଘରେ ପହଞ୍ଚି ମା’ଙ୍କ ସଂକଟାପନ୍ନ ଅବସ୍ଥା ଦେଖି ତାଙ୍କୁ ଶନିବାର ପୁଣିଥରେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସହଦେବଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ଜମିବାଡ଼ି ପାଇଁ ଭାଇ ହେଲା ବଇରୀ

## ସାନଭାଇକୁ ଖଣ୍ଡାରେ ହାଣି ହତ୍ୟା

ମୋରଡ଼ା/ରାସଗୋବିନ୍ଦପୁର, ୧୬।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ନଳଗଜା ଲୁଣଚାଟିରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସାନଭାଇକୁ ଖଣ୍ଡାରେ ହାଣି ହତ୍ୟା କରିଛି ବଡ଼ଭାଇ। ମୃତକ ହେଲେ, ଜୟନ୍ତ ମାହାନା। ରାସଗୋବିନ୍ଦପୁର ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରଫଦାରୀ ଭୟରେ ବଡ଼ଭାଇ ଅରୁଣ ମାହାନା ଫେରାର୍ ହୋଇଯାଇଥିବା ଜଣାଯାଇଛି।



**ମୃତ୍ୟୁ ପରେ ବି ବାରମ୍ବାର ହାଣି ଚାଲିଥିଲା ଅଭିଯୁକ୍ତ**

ଗାଁର ଦେବେନ୍ଦ୍ର ମାହାନାଙ୍କ ପାଞ୍ଚ ପୁଅ। ଜମିବାଡ଼ି ସୀମାକୁ ନେଇ ରବିବାର ସକାଳେ ତାଙ୍କର ବଡ଼ ପୁଅ ଅରୁଣ ମାହାନା ଏବଂ ସାନପୁଅ ଜୟନ୍ତ ମାହାନାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ତେବେ ଜୟନ୍ତ ଜୋରଜବରଦସ୍ତ ଘର ସୀମାରେ ବାଡ଼ ଘେରିବାକୁ ଉଦ୍ୟମ କରିବାରୁ ଅରୁଣ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ଅରୁଣ ଘରୁ ଏକ ଖଣ୍ଡା ଆଣି ଜୟନ୍ତଙ୍କ ବେକକୁ ଚୋଟ ପରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଜୟନ୍ତ ଟଳି ପଡ଼ିଥିଲେ। ତଥାପି ଅରୁଣଙ୍କ ରାଗ ଶାନ୍ତ ହୋଇନଥିଲା। ଉକ୍ତ ଖଣ୍ଡାରେ ସେ ଅତି ବୀଭତ୍ସ ଭାବେ ଜୟନ୍ତଙ୍କ ବେକକୁ ବାରମ୍ବାର ହାଣି ଚାଲିଥିଲେ। ପରେ ସେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରିଣୀ ସୁକାନ୍ତୀ କେରେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନଭିନ୍ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଥିଲା।

**ଜମିବାଡ଼ି ବିବାଦରୁ ନିର୍ମମ ହତ୍ୟା**

## ବଡ଼ପୁଅ ମୃତ; ବାପା ଓ ସାନପୁଅ ଗୁରୁତର

ନୟାଗଡ଼, ୧୬।୬(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଭୁତଡ଼ି ଗ୍ରାମରେ ଆଜି ଜମିବାଡ଼ି ବିବାଦକୁ ନେଇ ଗହୀର ମଧ୍ୟରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହଣାକଟାରେ ଲାଠିପଡ଼ା ପାଇକସାହିର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଲାଠିପଡ଼ା ପାଇକସାହିର ଦଣ୍ଡପାଣି ପରିଡ଼ା। ଗୁରୁତର ଆହତ ହେଲେ, ଦଣ୍ଡପାଣିଙ୍କ ବାପା ଜଗଦ୍ଦେବ ପରିଡ଼ା ଓ ସାନଭାଇ ପ୍ରମୋଦ ପରିଡ଼ା।

ଆଜି ହୋଇଥାନ୍ତା ଆପୋଷ ସମାଧାନ
ଗହୀର ମଝିରେ ଘଟିଲା ହତ୍ୟାକାଣ୍ଡ
ଶବକୁ ଭ୍ୟାନ୍‌ରେ ଉଠାଇ ଆଣିଲା ପୁଲିସ
ଗଣ୍ଡଗୋଳ ଆଶଙ୍କାରେ ଗାଁ ଜଗିଛନ୍ତି ଫୋର୍ସ



ସୂଚନାନୁସାରେ, ଦୀର୍ଘ ଦିନ ହେବ ଜଗଦ୍ଦେବଙ୍କ ସହ ଭୁତଡ଼ି ଗ୍ରାମର କାବୁ ରାଉତ ଏବଂ ଜଗୁ ରାଉତଙ୍କ ପରିବାର ସହ ଜମିବାଡ଼ି ବିବାଦ ରହିଥିଲା। ଭୁତଡ଼ି ମୌଜାରେ ରହିଥିବା ଏକ ଚାଷ ଜମିକୁ ନେଇ ରହିଥିବା ବିବାଦ ଆସନ୍ତାକାଲି ତଥା ସୋମବାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଧାର୍ଯ୍ୟ ହୋଇଥିଲା। ଆଜି ଜଗଦ୍ଦେବ ଏବଂ ତାଙ୍କ ଦୁଇ ପୁଅ ଗହୀରରେ ଚାଷ କାର୍ଯ୍ୟ ଓ ପାଣି ମଡ଼ା କାମ କରୁଥିବା ବେଳେ କାବୁ ଏବଂ ଜଗୁଙ୍କ ସମେତ ଅନ୍ୟ କିଛି ବ୍ୟକ୍ତି ସେଠାରେ ପହଞ୍ଚି ଆକ୍ରମଣ କରିଥିଲେ। ଜଗଦ୍ଦେବଙ୍କ ପିଠିକୁ ଭୁସାରେ ଆକ୍ରମଣ କରିବାରେ ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡ଼ି ଯାଇଥିଲେ। ଅନତି ଦୂରରେ ରହିଥିବା ପ୍ରମୋଦ ଏବଂ ଦଣ୍ଡପାଣି ଘଟଣାସ୍ଥଳକୁ ଆସିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ସାନପୁଅ ପ୍ରମୋଦଙ୍କ ହାତକୁ ହାଣି ଦିଆଯାଇଥିବା ବେଳେ ଦଣ୍ଡପାଣିଙ୍କ ବେକରେ ଚୋଟ ପଡ଼ିଥିଲା। ଘଟଣାସ୍ଥଳରେ ଦଣ୍ଡପାଣିଙ୍କ ମୃତ୍ୟୁ ହୋଇଯାଇଥିଲା।

ଖବରପାଇ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆକ୍ରମଣକାରୀମାନେ ଫେରାର୍ ହୋଇଯାଇଥିଲେ। ଆମ୍ବୁଲାନ୍ସ ଯୋଗେ ଜଗଦ୍ଦେବ ଏବଂ ସାନପୁଅ ପ୍ରମୋଦକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଇଟାମାଟି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦଣ୍ଡପାଣିଙ୍କ ମୃତଦେହକୁ ପୁଲିସ ଭ୍ୟାନରେ ଉଠାଇ ଆଣିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବାପା ଓ ସାନପୁଅକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୁଲିସ ଦଣ୍ଡପାଣିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ଗଣ୍ଡଗୋଳ ବଢ଼ିବା ଆଶଙ୍କା ଥିବାରୁ ଇଟାମାଟି ପୁଲିସ ପକ୍ଷରୁ ଉକ୍ତ ସ୍ଥାନରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉକ୍ତ ସ୍ଥାନରେ ପହଞ୍ଚି ଘଟଣାର ଛାନଭିନ୍ ଚଳାଇଛନ୍ତି।

## ଶାଳକକୁ ଗୁଳି କରି ହତ୍ୟା

ମୋହନା, ୧୬।୬(ସମିସ): ଶାଳକକୁ ଗୁଳି କରି ହତ୍ୟା କଲା ଭିଣୋଇ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଭାଲିଆଗଣି ଗାଁରେ। ମୃତକ ହେଲେ, କୈଳାଶ ନାୟକ(୫୬)। ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଭିଣୋଇ ଉଦୟ ନାୟକ(୫୮)କୁ କାବୁ କରିବା ସହ ଦେଶୀ ବନ୍ଧୁକ ଜବତ କରି ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ହତ୍ୟା ହୋଇଥିବା ଥାନା ଅଧିକାରୀ କହିଛନ୍ତି।

ସୂଚନାନୁସାରେ, ଶନିବାର ଅପରାହ୍ନରେ କୈଳାଶ ନାୟକ କାଠ ଆଣିବାକୁ ଜଙ୍ଗଲକୁ ଯାଇଥିଲେ। ତେବେ ବହୁ ସମୟ ଧରି ନ ଆସିବାରୁ ପରିବାରଲୋକେ ଖୋଜିଥିଲେ। ନିକଟସ୍ଥ ଜଙ୍ଗଲରେ ତାଙ୍କର ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ଏନେଇ ମୋହନା ପୁଲିସକୁ ଖବର ଦେଇଥିଲେ ପରିବାର ଲୋକେ। ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। କୈଳାସକୁ ତାଙ୍କ ଭିଣୋଇ ହିଁ ଗୁଳି କରି ହତ୍ୟା କରିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ମୋହନା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଉଦୟକୁ ଗିରଫ କରାଯିବା ସହ ହତ୍ୟାରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ ହୋଇଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

**୫ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି ଲକ୍ଷେ ଲୋକ**

## ୫ ବର୍ଷ ମଧ୍ୟରେ ୫୦ ବର୍ଷ ସମସ୍ୟାର ସମାଧାନ ହେବ: ମୋହନ

ଭୁବନେଶ୍ୱର, ୧୫।୬(ସମିସ): ଗତ ଜୁନ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ମୋହନ ଚରଣ ମାଝୀ। ଶପଥ ଗ୍ରହଣକୁ ୫ ଦିନ ବିତିଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଲଗାତର ଭାବେ ସାଧାରଣ ଲୋକଙ୍କ ସହ ମିଶୁଛନ୍ତି। ନିଜ ବାସଗୃହଠାରୁ ଆରମ୍ଭ କରି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ସାଧାରଣ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ମିଳୁଛି। ୧୨ ତାରିଖରୁ ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ପ୍ରାୟ ୧ ଲକ୍ଷ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେଣି ବୋଲି ଜଣାପଡ଼ିଛି।

ଅପରପକ୍ଷେ ଆଜି ଜଣେ ଦିବ୍ୟାଙ୍ଗ ଶିକ୍ଷକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ମଧ୍ୟ ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ଆଜି ଅନେକ ବ୍ୟକ୍ତି, ସଂଗଠନ, ସାଧାରଣ ଲୋକ ଆସି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁ ଥାଆନ୍ତି। ତାଙ୍କ ଭିତରେ ଅର୍ଜ୍ଜୁନ ନାୟକ ନାମକ ଜଣେ ଶିକ୍ଷକ ମଧ୍ୟ ରହିଥିଲେ। ଅର୍ଜ୍ଜୁନଙ୍କର ଗୋଟିଏ ଗୋଡ ନ ଥିଲା। ଦୁର୍ଘଟଣାରେ ସେ ଗୋଟିଏ ଗୋଡ ହରାଇ ଥିଲେ। ତାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କଲେ। ତାଙ୍କ ସମସ୍ୟା ବିଷୟରେ ଶୁଣିଲେ। ତାଙ୍କୁ ନିଜ ହାତରେ ମୁଖ୍ୟମନ୍ତ୍ରୀ ପାଣି ପିଆଇ ଅଧର୍ଯ୍ୟ ନ ହେବା ପାଇଁ ଶାନ୍ତ୍ୱନା ଦେଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ବ୍ୟବହାରକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି।



ଅପରପକ୍ଷେ ଲୋକଙ୍କ ଏହି ଭଲପାଇବା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି। ତଳସ୍ତରର ସମସ୍ୟା କଣ ରହିଛି ସେ ବିଷୟରେ ଭଲ ଭାବରେ ଜାଣିଛି। ଲୋକଙ୍କ ସହ ଭଲରେ ମିଶିଲେ ଯାଇ ତଳ ସ୍ତରର ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ। ତେଣୁ ଲୋକମାନେ ତାଙ୍କ ସ୍ୱଇଚ୍ଛାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଆସୁଛନ୍ତି। ଲୋକମାନେ ବିକାଶ ଚାହୁଁ ଥିଲେ, ସେବା ଚାହୁଁ ଥିଲେ, ତେଣୁ ସେମାନେ ପରିବର୍ତ୍ତନ ଆଣିଲେ। ଏ ସରକାର ହେଉଛି ଲୋକଙ୍କ ସରକାର। ମୁଖ୍ୟମନ୍ତ୍ରୀ ମଧ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ। ଲୋକମାନଙ୍କ ସହଯୋଗରେ ଆଗାମୀ ୫ ବର୍ଷ ମଧ୍ୟରେ ଲୋକଙ୍କ ୫୦ ବର୍ଷର ସମସ୍ୟାର ସମାଧାନ ସହିତ ସେମାନଙ୍କ ବିକାଶର ସ୍ୱପ୍ନ ମଧ୍ୟ ନିଶ୍ଚିତ ରୂପେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

■ ନିଟ୍ ପରୀକ୍ଷା ଅନିୟମିତତା ପ୍ରସଙ୍ଗ

## ଅଭିଯୁକ୍ତଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ: ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର/ସମ୍ବଲପୁର, ୧୬।୬(ସମିସ): ନିଟ୍-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ନେଇ ସାରା ଦେଶରେ ଛାତ୍ରଛାତ୍ରୀ ପ୍ରତିବାଦ ଜାରି ରଖିଛନ୍ତି। ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ୍ କରି ପୁଣିଥରେ ପରୀକ୍ଷା କରିବାକୁ ଦାବି କରୁଛନ୍ତି। ଏ ସମ୍ପର୍କରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ରଖି କହିଛନ୍ତି, କିଛି କେନ୍ଦ୍ରରୁ ଅନିୟମିତତା ଖବର ଆସିଛି। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ୬ଟି ପରୀକ୍ଷା କେନ୍ଦ୍ରର ୧୫୬୩ ପରୀକ୍ଷାର୍ଥୀ ପୁନଃ ପରୀକ୍ଷା କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଆଉ ୨ଟି କେନ୍ଦ୍ରରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ଏହାର ତଦନ୍ତ ଚାଲୁଥିବା ସେ କହିଛନ୍ତି।



ସେ ଆହୁରି କହିଛନ୍ତି, ମେଧାବୀ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଆଞ୍ଚ ଆସିବାକୁ ଦିଆଯିବନି। ପରୀକ୍ଷାକୁ ଅବ୍ୟବସ୍ଥିତ କରିବାରେ ଯେତେ ବି ଶକ୍ତିଶାଳୀ ଲୋକଙ୍କ ଭୂମିକା ଥିବ, ସେମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରୀକ୍ଷା ପରିଚାଳନା କରୁଥିବା ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଅଧିକାରୀମାନଙ୍କ ସମ୍ପୃକ୍ତି ଥିଲେ, ତାଙ୍କୁ ମଧ୍ୟ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନ୍ୟାୟସଂଗତ ଭାବେ ଶେଷ କରିବାକୁ ସରକାର ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

BGU BIRLA GLOBAL UNIVERSITY
BIRLA GLOBAL UNIVERSITY
(Established Under Birla Global University Odisha Act, 2015)
Bhubaneswar, Odisha
Admission Notification 2024



B.Tech. (Computer Science & Engineering)
Special focus on emerging areas such as Artificial Intelligence, Data Science, Machine Learning, Cloud Computing, Cyber Security and Mobile Applications.
Admissions are also open to the following Programs

UG Programs
- BBA (3 years)
- B.Com (3 years)
- BAJMC (3 years)
- BCA (3 years)
- BBA., LL.B.(Hons.)(5 years)

PG Programs
- MBA (2 years)
- M.Com (2 years)
- MAJMC (2 years)
- MCA (2 years)
- MA/M.Sc. (Financial Economics) (2 years)

Distinct Advantages
- Well Qualified Faculty
- Industry Centric Programs
- Internship in Reputed Organisations
- Excellent Industry- Academic Interface
- NEP 2020 Compliant Curriculum
- Experiential Learning with Online Resources
- Availability of Exchange Programs
- Project Based Learning with Modern Labs

To apply online visit: https://forms.bgu.ac.in/
Visit us at www.bgu.ac.in Email: admission@bgu.ac.in
Toll-Free No: 1800-212-3001, Mobile: 7381058307, 9776129900
Campus Address: IDCO Plot No. 2, Institutional Area, Gothapatna, Bhubaneswar – 751029

## ବୋହୂର ଟାଙ୍ଗିଆ ଚୋଟରେ ଶ୍ୱଶୁର ଗୁରୁତର

ତେଲକୋଇ, ୧୬।୬ (ସମିସ): ବୋହୂର ଟାଙ୍ଗିଆ ଚୋଟରେ ଶ୍ୱଶୁର ଗୁରୁତର। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ବେଣାମୁଣ୍ଡା କୁମ୍ଭାରସାହିରେ ଗୁଣିଗାରେଡ଼ି ସନ୍ଦେହରେ ଏହି ଆପରାଧିକ ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଶ୍ୱଶୁର ହେଲେ, ଆନନ୍ଦ ବେହେରା(୬୩)। ଗତକାଲି ବିଳମ୍ବିତ ରାତିରେ ସେ ଶୋଇଥିବା ବେଳେ ବୋହୂ କୁନି ବେହେରା (୨୫) ତାଙ୍କ ବେକକୁ ଚୋଟ ପକାଇଥିଲେ। ଏନେଇ ଅଭିଯୋଗ ହେବା ପରେ ତେଲକୋଇ ପୁଲିସ୍ ନମ୍ବର ୧୯୯/୨୪ରେ ଏକ ମାମଲା ରୁଜୁ କରି କୁନିକୁ କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ଶନିବାର ରାତିରେ ଖାଇପିଇ ସାରି ପରିବାରଲୋକ ଶୋଇଥିଲେ। ବିଳମ୍ବିତ ରାତିରେ ମହେଶ୍ୱର ବେହେରାଙ୍କ ସ୍ତ୍ରୀ କୁନି ଏକ ଟାଙ୍ଗିଆରେ ହଠାତ୍ ଶ୍ୱଶୁର ଆନନ୍ଦଙ୍କୁ ଶୋଇଥିବା ଅବସ୍ଥାରେ ଆକ୍ରମଣ କରିଥିଲା। ଆନନ୍ଦଙ୍କ ବେକକୁ ସେ ଟାଙ୍ଗିଆରେ ଚୋଟ ପକାଇଥିଲା। ଆନନ୍ଦ ଉଠିପଡ଼ି ଯନ୍ତ୍ରଣାରେ ଚିତ୍କାର କରିବାରୁ କୁନି ସେଠାରୁ ପଳାଇ ଯାଇଥିଲା। ପରିବାରଲୋକ ଗୁରୁତର ଆନନ୍ଦଙ୍କୁ ପ୍ରଥମେ ତେଲକୋଇ ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଆନନ୍ଦଙ୍କୁ ବିଷ ଦେଇ ମାରିବା ପାଇଁ କୁନି ଚେଷ୍ଟା କରିଥିବା କୁହାଯାଉଛି।

**ଜୁଲାଇ ପହିଲାରୁ ଲାଗୁହେବ ନାଗରିକ ନ୍ୟାୟ ସଂହିତା ଆଇନ୍**

## ପାଠ୍ୟକ୍ରମରେ କେବେ ସାମିଲ ହେବ ନୂତନ ଆଇନ୍?

ଭୁବନେଶ୍ୱର, ୧୬।୬(ସମିସ): ଇଂରେଜ ଅମଳରୁ ରହିଆସିଥିବା ସିଆର୍‌ପିସି, ଆଇପିସି ଓ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସମ୍ବିଧାନରୁ ହଟିବ। ଜୁଲାଇ ଆରମ୍ଭରୁ ଦେଶରେ ଲାଗୁହେବ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମ। ଏନେଇ ଗତ ଫେବ୍ରୁଆରି ମାସରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଏ ସମ୍ପର୍କରେ ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ତାଲିମ ଦିଆଯାଉଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପ୍ରଶିକ୍ଷଣ ସହ ଆନୁସଙ୍ଗିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ଆଇନ୍ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷାବର୍ଷରୁ ଏହା ସମ୍ପର୍କରେ ଶିକ୍ଷାଦାନ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାଯାଇଛି।

୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହୋଇସାରିଛି। ଗ୍ରୀଷ୍ମାବକାଶ ପରେ ମଙ୍ଗଳବାର ଠାରୁ ପୁଣି ପାଠପଢ଼ା ଆରମ୍ଭ ହେବ। ଆଇନ୍ ପଢୁଥିବା ଛାତ୍ରଛାତ୍ରୀମାନେ କଲେଜ ଆସିଲେ କେଉଁ ପାଠ ପଢ଼ିବେ ସେନେଇ ସନ୍ଦିହାନ ହୋଇପଡ଼ିଛନ୍ତି। କାରଣ ଲାଗୁହେବାକୁ ଥିବା ନାଗରିକ ନ୍ୟାୟ ସଂହିତା ତାଙ୍କ ପାଠ୍ୟକ୍ରମରେ ନାହିଁ। ପୂର୍ବ ପ୍ରଚଳିତ ସିଆର୍‌ପିସି, ଆଇପିସି ଓ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସମ୍ପର୍କରେ ପଢ଼ାଯିବ। ଯଦିଓ ଏହା ମଧ୍ୟ ତାଙ୍କ ପାଇଁ ଉପାଦେୟ ହୋଇପାରିବ। କାରଣ ପୂର୍ବରୁ ଥିବା ମାମଲା ଗୁଡ଼ିକ ଏହି ଆଇନ୍ ଆଧାରରେ ବିଚାର କରାଯିବ। ଏହି ସମସ୍ତ ଆଇନ୍ ସମ୍ପର୍କରେ ଜାଣିବା ଯେତେ ଜରୁରୀ, ନୂତନ ଆଇନ୍ ସମ୍ପର୍କରେ ଜାଣିବା ମଧ୍ୟ ସେତିକି ଆବଶ୍ୟକ। ବିଶେଷ କରି ଶେଷବର୍ଷ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ମହତ୍ୱପୂର୍ଣ୍ଣ। ପୁରୁଣା ପାଠ୍ୟକ୍ରମ ପଢ଼ି ପାସ୍ କରିବା ପରେ ନୂତନ ଆଇନ୍ ସମ୍ପର୍କରେ କେମିତି ଅବଗତ ହେବେ ବୋଲି ସନ୍ଦିହାନ ହୋଇପଡ଼ିଛନ୍ତି। ୟୁନିଭର୍ସିଟି ଲ’ କଲେଜର ଅଧ୍ୟାପିକା ସୋନାଲି ସୂର୍ଯ୍ୟସ୍ନାତା ପଟ୍ଟନାୟକଙ୍କ କହିବା ଅନୁଯାୟୀ, ଚଳିତ ଶିକ୍ଷା ବର୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମ ଲାଗୁ କରିବାକୁ ବାର୍ କାଉଁସିଲ୍ ଅଫ୍ ଇଣ୍ଡିଆ(ବିସିଆଇ) ନିର୍ଦ୍ଦେଶ ଦେଇ ସାରିଛି। ହେଲେ କଲେଜଗୁଡ଼ିକ ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନେଇନାହାନ୍ତି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯାଇ ପାରେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟଥା ୨୦୨୫-୨୬ ଶିକ୍ଷା ବର୍ଷରୁ ଏହାକୁ ପାଠ୍ୟକ୍ରମରେ ସାମିଲ କରିବାକୁ କଲେଜ ଗୁଡ଼ିକ ପଦକ୍ଷେପ ନେବେ ବୋଲି ସେ ଦୃଢ଼ୋକ୍ତି ରଖିଛନ୍ତି। ସେହିପରି ଆଇନ୍ ଛାତ୍ର ଜୟଦୀପ ସୁବୁଦ୍ଧି କହିଛନ୍ତି, ପାଠ୍ୟକ୍ରମରେ ପରିବର୍ତ୍ତନ ହୋଇ ନଥିବାରୁ ନିଜସ୍ୱ ପ୍ରଚେଷ୍ଟାରେ ନାଗରିକ ନ୍ୟାୟ ସଂହିତା ଜାଣିବାକୁ ପଡ଼ିବ। ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରିବା ସହ ପାଠ୍ୟକ୍ରମରେ ଖୁବ୍ ଶୀଘ୍ର ସାମିଲ କରବାକୁ ସେ ଦାବି କରିଛନ୍ତି। ନୂତମ ନିୟମ ପାଠ୍ୟକ୍ରମରେ କେବେ ସାମିଲ ହେବ, ସମ୍ପ୍ରତି ଏହା ସବୁଠୁ ବଡ଼ ପ୍ରଶ୍ନ ବୋଲି ଅନ୍ୟଜଣେ ଛାତ୍ରୀ ପୁଜାଲିନ୍ ସାହୁ ପ୍ରକାଶ କରିଛନ୍ତି।

**ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛି ବିସିଆଇ**

**ନିଷ୍ପତ୍ତି ନେଇ ନାହାନ୍ତି କଲେଜ ଓ ଉଚ୍ଚଶିକ୍ଷା ବିଭାଗ**

## ନାବାଳିକାଙ୍କୁ ବାହାହେଲେ ୭୨ ବର୍ଷୀୟ ବୃଦ୍ଧ




ଇସଲାମାବାଦ, ୧୬।୬ (ଏଜେନ୍ସି): ପାକିସ୍ତାନରେ ମାନବାଧିକାର ଉଲ୍ଲଘଂନ ମାମଲା ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଏବେ ଖୈବର ପଖତୁନଖ୍ୱା ପ୍ରଦେଶରୁ ଏଭଳି ଏକ ଖବର ସାମ୍ନାକୁ ଆସିଛି। ଏହି ପ୍ରଦେଶର ଜଣେ ବାପା ନିଜ ୧୨ ବର୍ଷୀୟ ଝିଅର ବିବାହ (ନିକାହ) ୭୨ ବର୍ଷୀୟ ବୁଢ଼ା ସହ କରାଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିବାହ ଭାଙ୍ଗି ଦେଇଥିଲା। ବର ଏବଂ ବିବାହ କରାଉଥିବା ବ୍ୟକ୍ତିକୁ ଗିରଫ କରିଥିଲା। ନାବାଳିକାଙ୍କ ପିତା ଆଲମ ସୈଦ ୫ ଲକ୍ଷ ଟଙ୍କାରେ ନିଜ ଝିଅକୁ ୭୨ ବର୍ଷୀୟ ହବିବ ଖାନକୁ ବିକ୍ରି କରିଦେଇଥିଲା। ଏହା ପରେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏବେ ନାବାଳିକାଙ୍କ ପିତା ଫେରାର ଅଛନ୍ତି। ପାକିସ୍ତାନରେ ନାବାଳିକା ବିବାହ ବିରୋଧୀ ଆଇନ ଥିବା ସତ୍ତ୍ୱେ ଏପରି ମାମଲା ବୃଦ୍ଧି ପାଇବାରେ ଲାଗିଛି।

## ବିଜେପି ନେତା ରାଜା ସିଂହ ଗିରଫ



ସମସାବାଦ, ୧୬।୬ (ଏଜେନ୍ସି): ବିଜେପି ନେତା ରାଜା ସିଂହଙ୍କୁ ରବିବାର ତେଲଙ୍ଗାନାର ସମସାବାଦ ବିମାନବନ୍ଦରରୁ ଗିରଫ କରାଯାଇଛି। ଏହି ସମୟରେ ସେ ମେଡକ ଯିବାକୁ ଉଦ୍ୟମ କରୁଥିଲେ। ଏଠାରେ ପଶୁଙ୍କୁ ବଳିଦେବାକୁ ନେଇ ଶନିବାର ରାତିରେ ହିଂସା ହୋଇଥିଲା। ସତର୍କତାମୂଳକ ପଦକ୍ଷେପସ୍ୱରୂପ ରାଜା ସିଂହଙ୍କୁ ଗିରଫ କାରଯାଇଛି। ସେ ମେଡ଼କ ଯିବାକୁ ଚାହୁଁଥିବାବେଳେ ତାଙ୍କୁ ନିଜ ଘରେ ଛାଡ଼ି ଦିଆଯାଇଥିଲା। ଅନ୍ୟପକ୍ଷରେ ମେଡ଼କରେ ଧାରା ୧୪୪ କାର୍ଯ୍ୟକାରୀ କରାଯାଇଛି। ଏଠାରେ କିଛି ଲୋକ ମିରାଜ ଉଲ ଉଲୁମ ମଦ୍ରାସା ଉପରେ ଆକ୍ରମଣ କରିଥିଲେ। ଏଥିରେ ଅନେକ ଆହତ ହୋଇଥିଲେ। ବକରିଦରେ କୁର୍ବାନୀ ପାଇଁ ମଦ୍ରାସାରେ ପଶୁ ରଖା ଯାଇଥିଲା। ସେଠାରେ ପଶୁ ପହଞ୍ଚିବା ପରେ ଅନେକ ଲୋକ ଜମା ହୋଇ ଯାଇଥିଲେ। କୁର୍ବାନୀକୁ ସମସ୍ତେ ବିରୋଧ କରିଥିଲେ। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଲୋକେ ପଳାଇ ଥିଲେ।

## ୧୬୫ ଶିଶୁଙ୍କ ଜନକ ଏରି ନେଗଲ



ୱାଶିଂଟନ, ୧୬।୬ (ଏଜେନ୍ସି): ଆମେରିକା ବ୍ରୁକଲିନର ବାସିନ୍ଦା ଏରି ନେଗଲ (୪୮)ଙ୍କ ନିଆରା ରେକର୍ଡ କରିଛନ୍ତି। ସାରା ବିଶ୍ୱରେ ତାଙ୍କର ୧୬୫ ଶିଶୁ ଅଛନ୍ତି। ନେଗଲ ଜଣେ ଗଣିତ ପ୍ରଧାପକ। ସେ ନିୟମିତ ଭାବେ ସ୍ପର୍ମ ଡୋନେଟ (ଶୁକ୍ରାଣ ଦାନ) ମଧ୍ୟ କରିଥାନ୍ତି। ସେ ଏ ପର୍ଯ୍ୟନ୍ତ ଆମେରିକା, ୟୁରୋପ, ଏସିଆ ଏବଂ ଆଫ୍ରିକା ସମେତ ବିଶ୍ୱର ପ୍ରତି କୋଣଅନୁକୋଣରେ ଥିବା ମହିଳାଙ୍କୁ ସ୍ପର୍ମ ଦାନ କରି ସାରିଛନ୍ତି। ଏଥିପାଇଁ ସେ 'ସ୍ପର୍ମିନେଟର' ଭାବେ ପରିଚିତ ଲାଭ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ନେଗଲ ନିଜର ୧୦୦ରୁ ଅଧିକ ସନ୍ତାନଙ୍କ ସହ ଯୋଗାଯୋଗରେ ଅଛନ୍ତି। ୪ ଦିନ ତଳେ ଗତ ୧୨ ତାରିଖରେ ନେଗଲଙ୍କ ୧୬୫ ତମ ସନ୍ତାନ ଜନ୍ମ ହୋଇଥିଲା। ୫୦ ବର୍ଷର ହୋଇଗଲେ ସେ ସ୍ପର୍ମ ଦାନ କରିବା ଛାଡ଼ି ଦେବେ ବୋଲି କହିଛନ୍ତି। କାରଣ ୫୦ ବର୍ଷ ପରେ ସ୍ପର୍ମ ଦାନ କଲେ ଅଟିଜିମ ଭଳି ଗୁରୁତର ରୋଗ ହେବାର ବିପଦ ରହିଛି। ନେଗଲଙ୍କ ୫୬ ଶିଶୁ ନ୍ୟୁୟର୍କରେ, ୨୦ ନ୍ୟୁ ଜର୍ସିରେ ଏବଂ ୧୩ ଜଣ କନେକ୍ଟିକଟରେ ଅଛନ୍ତି। ଏହା ବ୍ୟତୀତ କାନାଡ଼ା, ଜିମ୍ବାୱେ, ଲଙ୍ଗ ଆଇଲ୍ୟାଣ୍ଡ ଏବଂ ଇସ୍ରାଏଲରେ ମଧ୍ୟ ସେ ସ୍ପର୍ମ ଦାନ କରିଛନ୍ତି। ଏବେ ୧୦ ମହିଳା ଗର୍ଭବତୀ ଅଛନ୍ତି।

ପୁଣି ଫେରିବ କି ବାଲଟ୍ !

# ଇଭିଏମ୍ ହ୍ୟାକ୍ ହୋଇପାରିବ କହିଲେ ଏଲନ୍ ମସ୍କ

ନ୍ୟୁୟର୍କ, ୧୬।୬(ଏଜେନ୍ସି)

ଭାରତରେ ନିର୍ବାଚନ ଏବଂ ଭୋଟିଂ ପ୍ରକ୍ରିୟାରେ ବ୍ୟବହୃତ ହୋଇ ଆସୁଥିବା ଇଭିଏମକୁ ନେଇ ଚାଲିଥିବା ବିତର୍କ ପୁଣି ନୂଆ ମୋଡ ନେଇଛି। ଗତ ନିର୍ବାଚନ ପୂର୍ବରୁ ବହୁ ବିରୋଧୀ ଦଳ ଇଭିଏମର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉତ୍ଥାପନ କରିଥିଲା ବେଳେ କିଛି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଇଭିଏମର ହ୍ୟାକିଂ ରିସ୍କକୁ ନେଇ ସୁପ୍ରିମକୋର୍ଟରେ ଯାଚିକା ଦାଏର କରାଯାଇଥିଲା। ଇଭିଏମ ହ୍ୟାକିଂ ସହ ଏଥିରେ ତଥ୍ୟ ପରିବର୍ତ୍ତନର ସମ୍ଭାବନାକୁ ମଧ୍ୟ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ପୂର୍ବରୁ ଆମେରିକା ସମେତ ଅନ୍ୟ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଇଭିଏମ ବ୍ୟବସ୍ଥାକୁ ବାଦ୍ ଦେଇ ବାଲଟ୍ ବ୍ୟବସ୍ଥାରେ ନିର୍ବାଚନ ପରିଚାଳନା କରୁଥିଲା ବେଳେ ଭାରତରେ ମଧ୍ୟ ଏହି ବ୍ୟବସ୍ଥା ଚାଲୁ କରାଯାଉ ବୋଲି ବହୁ ଆବେଦନକାରୀ ସେମାନଙ୍କ ଯାଚିକାରେ ଦର୍ଶାଇଥିଲେ। ଏହି ଘଟଣା ପରେ ବିଶ୍ୱର ପ୍ରମୁଖ ବିତ୍ତଶାଳୀ ତଥା ପ୍ରତିଷ୍ଠିତ ଶିଳ୍ପଦ୍ୟୋଗୀ ଏଲନ ମସ୍କ ଯାହା କହିଛନ୍ତି ତାହା ଇଭିଏମର ବ୍ୟବହାରକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହ୍ୟାକିଂ ବିପଦ ରହିଥିବାରୁ ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ(ଇଭିଏମ୍)ର ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଏଲନ୍ ମସ୍କ କହିଛନ୍ତି। ସେ କହିଛନ୍ତି, ମନୁଷ୍ୟ କିମ୍ବା କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ) ଇଭିଏମ୍ ହ୍ୟାକ୍ କରିପାରିବା ସମ୍ଭାବନା ରହୁଛି। ରିସ୍କ କମ୍ ଥିଲେ ବି ତାକୁ ହେୟଜ୍ଞାନ କରାଯିବା ଠିକ୍ ହେବନି। ଆମେରିକାନ୍ ପଲିଟିସିଆନ୍ ରବର୍ଟ ଏଫ୍ କେନେଡି ଜୁନିୟର୍ ହେଉଛନ୍ତି ଜଣେ କନସ୍ପିରେସି ଥିଓରିଷ୍ଟ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି। ପୁର୍ଟୋ ରିକୋରେ ସଦ୍ୟସମାପ୍ତ ପ୍ରାଇମେରୀ ନିର୍ବାଚନରେ ଇଭିଏମ୍ ତ୍ରୁଟିବିଚ୍ୟୁତିକୁ ନେଇ ରବର୍ଟ ଉଦ୍‌ବେଗ ପ୍ରକାଶ କରି ପେପର୍ ବାଲଟ୍ ସପକ୍ଷରେ କହିଥିବାରୁ ତା'ର ପ୍ରତିକ୍ରିୟାରେ ଏଲନ୍ ମସ୍କ ତାଙ୍କ ଏକ୍ସ ଆକାଉଣ୍ଟରେ ଇଭିଏମ୍ ସମ୍ପର୍କିତ ଉପରୋକ୍ତ ମତ ରଖିଛନ୍ତି। ସେ ଇଭିଏମକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ଉଚିତ ବୋଲି ମତ ଦେଇଛନ୍ତି। ତେବେ ମସ୍କଙ୍କ ଆଶଙ୍କା ନିରାଧାର ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର। ପୂର୍ବ ସରକାରରେ ଚନ୍ଦ୍ରଶେଖର ଇଲେକ୍ଟ୍ରୋନିକ୍ସ ଓ ଇନଫରମେସନ୍ ଟେକ୍ନୋଲୋଜି ବିଭାଗ ମନ୍ତ୍ରୀ ଥିଲେ। ସେ କହିଛନ୍ତି, ସିକ୍ୟୁର୍ ଡିଜିଟାଲ୍ ହାର୍ଡଓ୍ୱେର୍ ଅପହଞ୍ଚ ନୁହେଁ। ଯେଉଁ ଦେଶରେ ଇଣ୍ଟର୍‌ନେଟ୍ ସଂଯୋଗ ଥାଇ ଷ୍ଟାଣ୍ଡାର୍ଡ କମ୍ପୁଟିଂ ପ୍ଲାଟ୍‌ଫର୍ମରେ ଇଭିଏମ୍ ମେସିନ୍ ନିର୍ମିତ ହେଉଥିବ ସେଠାରେ ହୁଏତ ତାହା ହ୍ୟାକ୍ ହେଇପାରିବା ସମ୍ଭବ। ଭାରତ ବ୍ୟବହାର କରୁଥିବା କଷ୍ଟମ୍ ଡିଜାଇନଡ୍, କୌଣସି ନେଟ୍‌ଓ୍ୱର୍କ ସହ ଯୋଡି ହେଇନଥିବା, ବ୍ଲୁ-ଟୁଥ୍, ଓ୍ୱାଇଫାଇ, ଇଣ୍ଟର୍‌ନେଟ୍ ଭଳି କୌଣସି କନେକ୍ଟିଭିଟି ନଥିବା, ରିପ୍ରୋଗ୍ରାମ୍ କରିହେଉନଥିବା ଫ୍ୟାକ୍ଟ୍ରି ପ୍ରୋଗ୍ରାମଡ୍ କଣ୍ଟ୍ରୋଲର୍ ଥିବା ଇଭିଏମ୍ ହ୍ୟାକ୍ ହେଇପାରିବା ସମ୍ଭବ ନୁହେଁ। ଚନ୍ଦ୍ରଶେଖରଙ୍କ ଏହି ଟିପ୍ପଣୀ ଜାଣିବା ପରେ ମସ୍କ ଲେଖିଛନ୍ତି, ଯେକୌଣସି ଇଲେକ୍ଟ୍ରୋନିକ୍ ସାମଗ୍ରୀକୁ ହ୍ୟାକ୍ କରାଯାଇପରିବ।

■ ଭାରତରେ ହ୍ୟାକିଂ ସମ୍ଭବ ନୁହେଁ: ଚନ୍ଦ୍ରଶେଖର
■ ରାହୁଲଙ୍କ କଟାକ୍ଷ: ଇଭିଏମ ବ୍ଲାକ୍‌ବକ୍ସ ଭଳି



କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଇଭିଏମକୁ ନେଇ କଟାକ୍ଷ କରିଛନ୍ତି। ସେ ଏଲନଙ୍କ ଟ୍ୱିଟକୁ ରିପୋଷ୍ଟ କରି କହିଛନ୍ତି ଯେ ଭାରତରେ ଇଭିଏମ ବ୍ଲାକ୍‌ବକ୍ସ ସମାନ। କାହାକୁ ଏହାର ଯାଞ୍ଚ କରିବାକୁ ଅନୁମତି ଦିଆଯାଉ ନାହିଁ। ଦେଶର ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଷ୍ଠାନ ଗୁଡିକର ଉତ୍ତରଦାୟିତ୍ୱ ହ୍ରାସ ପାଇଲେ ଗଣତନ୍ତ୍ର କେବଳ ଦେଖାଇବା ପାଇଁ ଉଦ୍ଦିଷ୍ଟ ହୋଇଯାଏ। ଏହା ଦ୍ୱାରା ଜାଲିଆତି ସମ୍ଭାବନା ବୃଦ୍ଧି ପାଇଥାଏ। ସଦ ରାହୁଲ ମସ୍କଙ୍କ ପୋଷ୍ଟ ସହ 'ମିଡ ଡେ' ଖବରକାଗଜରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ମଧ୍ୟ ପୋଷ୍ଟ କରିଛନ୍ତି। ଏଥିରେ ମୁମ୍ବାଇର ଏକ ଘଟଣା ବିଷୟରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ ମୁମ୍ବାଇ ଉତ୍ତର-ପଶ୍ଚିମ ଆସନର ଏନଡିଏ ଏବଂ ଶିବେସନା (ସିନ୍ଦେ ଗୋଷ୍ଠୀ) ର ପ୍ରାର୍ଥୀ ରବିନ୍ଦ୍ର ୱାୟକରଙ୍କ ଶଳା ମଙ୍ଗେଶ ପଣ୍ଡିଲକର ଜୁନ୍ ୪ରେ କଟକଣା ସତ୍ତ୍ୱେ ଜଣେ ନିର୍ବାଚନ ଅଧିକାରୀଙ୍କ ମୋବାଇଲ ନେଇ ଗୋରେଗାଁଓର ଭୋଟ ଗଣତି କେନ୍ଦ୍ରକୁ ପ୍ରବେଶ କରିଥିଲେ। ଏହାକୁ ନେଇ ଓଟିପି ଦ୍ୱାରା ଇଭିଏମ ଅନଲକ କରାଯାଇପାରିବ ବୋଲି ଦାବି କରାଯାଇଥିଲା। ମାତ୍ର ମହାରାଷ୍ଟ୍ର ନିର୍ବାଚନ କମିଶନ ରବିବାର ସାମ୍ବାଦିକ ସମ୍ମିଳନୀ କରି ଏହାକୁ ଖାରଜ କରିଦେଇଛନ୍ତି। ଇଭିଏମ ଅନଲକ କରିବାରେ କୌଣସି ଓଟିପି ଲାଗେନାହିଁ ବୋଲି କହିଛନ୍ତି। ଅନ୍ୟପଟେ ରିପୋର୍ଟ ପ୍ରକାଶ କରିଥିବା ଖବରକାଗଜ ବିରୋଧରେ ଏତଲା ଦିଆଯାଇଥିବା ସୂଚନା ମିଳିଛି।

## ଆତଙ୍କବାଦୀଙ୍କୁ ନିପାତ ନିର୍ଦ୍ଦେଶ ଦେଲେ ଶାହ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜମ୍ମୁ-କାଶ୍ମୀର ଗସ୍ତ ପୂର୍ବରୁ ଘାଟୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏହି ସମୟରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଏବଂ ଆତଙ୍କବାଦୀଙ୍କ ସହଯୋଗୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ସେ ଘାଟୀର ସମସ୍ତ ତୀର୍ଥ କ୍ଷେତ୍ର, ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୯ ତାରିଖରୁ ଅମରନାଥ ଯାତ୍ରା ଆରମ୍ଭ ହେଉଥିବାରୁ ଯାତ୍ରା ମାର୍ଗରେ ଅତିରିକ୍ତ ସୁରକ୍ଷାବାହିନୀ ମୁତୟନ ପାଇଁ ଶାହା ନିର୍ଦ୍ଦେଶ ଦେଇଛନ୍ତି।

## ହଜ୍ ଯାତ୍ରାରେ ୧୯ ମୃତ

ରିୟାଧ, ୧୬।୬ (ଏଜେନ୍ସି): ହଜ୍ ଯାତ୍ରା ସମୟରେ ସାଉଦି ଆରବରେ ୧୯ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୧୭ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ଜୋର୍ଡାନର ୧୪ ଜଣ ଏବଂ ଇରାନର ୫ ଜଣ ସାମିଲ ଅଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

● ଫ୍ରିଜ୍‌ରେ ରଖିଥିଲେ ଗୋମାଂସ

## ୧୧ ଜଣଙ୍କ ଘର ଭାଙ୍ଗିଦିଆଗଲା



ନାଇନପୁର, ୧୬।୬(ଏଜେନ୍ସି): ମଧ୍ୟପ୍ରଦେଶ ମାଣ୍ଡଲା ଜିଲ୍ଲାର ନେଇନପୁର ଗ୍ରାମରେ ବେଆଇନ ଭାବେ ଗୋ-ମାଂସ ବିକ୍ରି ହେଉଥିବା ଖବର ପାଇ ପୁଲିସ୍ ପହଞ୍ଚି ସେଠାରୁ ୧୫୦ଟି ଗୋରୁଗାଈ ଉଦ୍ଧାର କରିଛି। ୧୧ ଜଣଙ୍କ ଘରୁ ଗୋ-ମାଂସ ଜବତ ହେଇଛି। ଗୋ-ମାଂସ ସବୁ ଫ୍ରିଜ୍‌ରେ ରଖାଯାଇଥିଲା। କେତେକ ଘରୁ ଗୋରୁ ଚମଡ଼ା, ହାଡ଼ ଓ ଚର୍ବି ଜବତ ହେଇଛି। ମିଳିଥିବା ମାଂସ ଗୋ-ମାଂସ ବୋଲି ପଶୁଡାକ୍ତର ପରୀକ୍ଷା କରି କହିଛନ୍ତି। ଡିଏନ୍‌ଏ ବିଶ୍ଲେଷଣ ନିମନ୍ତେ ମାଂସ ନମୁନା ହାଇଦ୍ରାବାଦ ପଠାଯାଇଥିବା ମାଣ୍ଡଲା ଏସ୍‌ପି ରଜତ ସାକ୍ଲେଚା କହିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ଯେଉଁ ୧୧ ଘରୁ ଗୋ-ମାଂସ ମିଳିଥିଲା ସେହି ୧୧ ଘର ବୁଲଡେଜର ଲଗାଇ ମାଟିରେ ମିଶାଇ ଦିଆଯାଇଛି। ଘରଗୁଡ଼ିକ ସରକାରୀ ଜମିରେ ନିର୍ମିତ ହେଇଥିଲା। ଉଦ୍ଧାର କରାଯାଇଥିବା ଗୋରୁଗାଈଙ୍କୁ ନିକଟସ୍ଥ ଗୋ-ଶାଳାକୁ ପଠାଯାଇଛି। ମଧ୍ୟପ୍ରଦେଶରେ ଗୋ-ବଧ କଲେ ୭ ବର୍ଷ ଜେଲ ଦଣ୍ଡ ମିଳିବା ଆଇନ ରହିଛି।


## ଆଜି ଭାରତ-ଆମେରିକା ଏନ୍‌ଏସ୍‌ଏ ବୈଠକ

ନୂଆଦିଲ୍ଲୀ,୧୬।୬(ଏଜେନ୍ସି): ଆମେରିକାର ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଜ୍ୟାକ୍ ସୁଲିଭାନ ଓ ଭାରତର ଏନଏସ୍‌ଏ ଅଜିତ ଡୋଭାଲ ଆସନ୍ତାକାଲି ବୈଠକ କରି କ୍ରିଟିକାଲ ଆଣ୍ଡ ଇମର୍ଜିଂ ଟେକ୍ନୋଲୋଜି ପ୍ରାରମ୍ଭରେ ଚାଲିଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମୀକ୍ଷା କରିବେ। ସୁଲିଭାନ୍ ଆସନ୍ତା କାଲି ନୂଆଦିଲ୍ଲୀ ପହଞ୍ଚିବେ ଓ ଡେଭାଲଙ୍କ ସହ ୧୭ ଓ ୧୮ ଦୁଇଦିନ ବୈଠକ କରିବେ। ଗତବର୍ଷ ଜାନୁଆରୀ ୩୧ ତାରିଖରେ ଓ୍ୱାଶିଂଟନରେ ଉଭୟ ଦେଶର ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକ କରି ନିଷ୍ପତ୍ତି ନେଇଥିଲେ ଯେ ଆମେରିକା କ୍ରିଟିକାଲ ଆଣ୍ଡ ଇମର୍ଜିଂ ଟେକ୍ନୋଲେଜି ପ୍ରାରମ୍ଭରେ ଭାରତକୁ ତେଜାସ୍ ମାର୍କ-୨ ଫାଇଟର୍ ପ୍ଲେନ୍ ପାଇଁ ଜିଇ-୪୧୪ ଜେଟ୍ ଇଞ୍ଜିନ୍ ଟେକ୍ନୋଲୋଜି ଟ୍ରାନ୍ସଫର୍ କରିବ। ଆସନ୍ତା କାଲିର ବୈଠକରେ ଏହି ଟେକ୍ନୋଲୋଜି ଟ୍ରାନ୍ସଫର୍ କ୍ଷେତ୍ରରେ ହେଇଥିବା ଅଗ୍ରଗତିର ସମୀକ୍ଷା ହେବ। ଏହା ବ୍ୟତୀତ ଉଭୟ ଏନ୍‌ଏସ୍‌ଏ ଦ୍ୱିପାକ୍ଷିକ ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ କୋପରେସନ୍ ରୋଡ୍ ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବେ। ଭାରତରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା କରି ଏକ ଭରସାଯୋଗ୍ୟ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳ ଗଢ଼ିବା ନେଇ ଆଲେଚନା ହେବ। ପୁଣି ମହାକାଶ କ୍ଷେତ୍ରରେ ସହଯୋଗ, କ୍ୱାଣ୍ଟମ୍ କମ୍ପୁଟିଂ ଓ ଆଗାମୀ ପିଢ଼ିର ଟେଲିକମ୍ୟୁନିକେସନ୍ ନେଇ ମଧ୍ୟ ଉଭୟ ଏନ୍‌ଏସ୍‌ଏ ଆଲେଚନା କରିବେ। ଆମେରିକା ୩୧ଟି ଏମ୍‌କ୍ୟୁ ୯ବି ଆର୍ମଡ୍ ପ୍ରେଡାଟର୍ ଡ୍ରୋନ୍ ଭାରତକୁ ବିକ୍ରି କରିବାକୁ ରାଜି ହେଇଛି। ସେ ନେଇ ମୂଲଚାଲ ସାରି ଏଗ୍ରିମେଣ୍ଟ କରିବାକୁ ଏବେ ଆମେରିକାର ଏକ ଟିମ୍ ନୂଆଦିଲ୍ଲୀ ଆସିସାରିଛି। ଫ୍ରାନ୍ସର ଏକ ଟିମ୍ ମଧ୍ୟ ଇତିମଧ୍ୟରେ ଦିଲ୍ଲୀ ପହଞ୍ଚି ଇଣ୍ଡିଆନ୍ ନେଭି'ର ବିମାନବାହୀ ଯୁଦ୍ଧପୋତ ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ୨୬ଟି ରାଫାଲ୍ ମାରିଟାଇମ୍ ଫାଇଟର୍ ପ୍ଲେନ୍ ବିକ୍ରି ନେଇ ମୂଲଚାଲ କରୁଛି।

ସଞ୍ଜୟ ରାଉତଙ୍କ ମନ୍ତବ୍ୟ

## ଟିଡିପି ବାଚସ୍ପତି ପ୍ରାର୍ଥୀ ଦେଲେ 'ଇଣ୍ଡିଆ' ସମର୍ଥନ ଦେବ

ମୁମ୍ବାଇ, ୧୬।୬(ଏଜେନ୍ସି)



ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ଯଦି ଲେକସଭା ବାଚସ୍ପତି ପାଇଁ ପ୍ରାର୍ଥୀ ଦେବ ତେବେ ଇଣ୍ଡିଆ ବ୍ଲକ୍ ସାଂସଦମାନେ ଟିଡିପି ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ବୋଲି ଶିବସେନା(ଉଦ୍ଧବ ଗେଷ୍ଠୀ) ନେତା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କହିଛନ୍ତି। ସାମ୍ବାଦିକମାନଙ୍କ ସହ ଆଳାପଆଲେଚନା ବେଳେ ସଞ୍ଜୟ କହିଛନ୍ତି, ବିଜେପି ଯଦି ଲେକସଭା ବାଚସ୍ପତି ପଦବୀ ପାଏ ତେବେ ଟିଡିପି, ଜେଡିୟୁ,ଜେଡିଏସ୍, ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି, ଜୟନ୍ତ ଚୌଧୁରୀଙ୍କ ଆର୍‌ଏଲ୍‌ଡି ଭଳି ସରକାରଙ୍କୁ ସମର୍ଥନ ଦେଉଥିବା ଦଳଙ୍କୁ ଭାଙ୍ଗିଦେବ। ନିୟମ ଅନୁଯାୟୀ ଉପବାଚସ୍ପତି ପଦବୀଟି ବିରୋଧୀ ଦଳ ପାଇବା କଥା। ନରେନ୍ଦ୍ର ମୋଦୀ ବିଜେପି ସଂସଦୀୟ ଦଳ ବୈଠକରେ ନୁହେଁ, ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲରେ ଜୁନ୍ ୭ରେ ଡକାଯାଇଥିବା ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ଏନ୍‌ଡିଏ ସଂସଦୀୟ ଦଳ ନେତା, ବିଜେପି ସଂସଦୀୟ ଦଳ ନେତା ଓ ଲେକସଭାରେ ବିଜେପି ନେତା ନିର୍ବାଚିତ ହୋଇଛନ୍ତି ବୋଲି ମନ୍ତବ୍ୟ ଦେଇ ସଞ୍ଜୟ କହିଛନ୍ତି ବିଜେପି ସଂସଦୀୟ ଦଳ ବୈଠକ ମୂଳରୁ ବସିନାହିଁ। ଯଦି ବିଜେପି ସଂସଦୀୟ ଦଳର ବୈଠକରେ ନେତୃତ୍ୱ ପ୍ରସଙ୍ଗ ଆଲୋଚିତ ହୋଇଥାନ୍ତା ତେବେ ହୁଏତ ନରେନ୍ଦ୍ରେ ମୋଦୀଙ୍କ ବଦଳରେ ଅନ୍ୟ କେହି ନେତା ନିର୍ବାଚିତ ହୋଇଥାନ୍ତେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୁର୍ବଳ ସରକାର ବେଶି ଦିନ ତିଷ୍ଠି ନପାରେ ବୋଲି ସଞ୍ଜୟ ପୂର୍ବାନୁମାନ କରିଛନ୍ତି।

## ପୁଣି କୋଟାରେ ଛାତ୍ରଙ୍କ ଆତ୍ମହତ୍ୟା

● ଚଳିତ ବର୍ଷ ଗଲାଣି ୧୧ ଜୀବନ

କୋଟା, ୧୬।୬ (ଏଜେନ୍ସି)

ରାଜସ୍ଥାନ କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଥମିବାର ନା ଧରୁନି। ଏଠାରେ ରହି କୋଚିଂ ନେଉଥିବା ବିହାର ମୋତିହାରୀର ୧୭ ବର୍ଷୀୟ ଆୟୁଷ ଜୟସ୍ୱାଲ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ମହାବୀର ନଗର ଅଞ୍ଚଳର ସମ୍ରାଟ ଛକ ନିକଟସ୍ଥ ପିଜିରେ ରହି ଜେଇଇ ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କ ପ୍ରକୋଷ୍ଠରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ଏହାକୁ ଚଳିତ ବର୍ଷ କୋଟାରେ ୧୧ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ମହାବୀର ନଗର ଥାନାର ଏଚଏଚ୍‌ଓ ମହେନ୍ଦ୍ର ମାରୁ କହିଛନ୍ତି ଯେ ଶନିବାର ରାତି ୧୦ଟାରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ସୂଚନା ମିଳିଥିଲା। ଆୟୁଷ ଶନିବାର ରାତିରେ ନିଜ ପ୍ରକୋଷ୍ଠରୁ ବାହାରି ନ ଥିଲେ। ସହଯୋଗୀ କବାଟ ବାଡ଼େଇଲେ ମଧ୍ୟ ଶୁଣି ନ ଥିଲେ। ପରେ ପୁଲିସ କବାଟ ଭାଙ୍ଗି ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ୨୦୨୧ରେ ଭାରତରେ ସର୍ବାଧିକ ୧୩ ହଜାର ଆତ୍ମହତ୍ୟା ମାମଲା ସାମ୍ନାକୁ ଆସିଥିଲା। ମାତ୍ର ଗତ ବର୍ଷ କେବଳ କୋଟାରେ ୧୯ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ। ଏହା ଗତ ୧୦ ବର୍ଷରେ ସର୍ବାଧିକ ଥିଲା।

ଅନ୍ତର୍ଜାତୀୟ ଗ୍ୟାଙ୍ଗ ସକ୍ରିୟ

# ଭାରତରେ ମାସକୁ ୨୦୦ ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି)

ଭାରତରେ ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ପ୍ରତିହତ କରିବା ପାଇଁ ଦେଶରେ ବେଆଇନ ଭାବେ ରହୁଥିବା ୪୦ ହଜାରରୁ ଅଧିକ ରୋହିଙ୍ଗ୍ୟା ମୁସଲମାନଙ୍କୁ ସରକାର ନିଜ ଦେଶକୁ ପଠାଇବା ପାଇଁ ପ୍ରୟାସ କରୁଛନ୍ତି। ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ମଧ୍ୟ ସୂଚନା ମିଳିଛି। ଏହା ମଧ୍ୟରେ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ସରକାର ରୋହିଙ୍ଗ୍ୟାଙ୍କୁ ଦେଶରୁ ବାହାର କରିବା ପାଇଁ ପ୍ରୟାସ ଜାରି ରଖିଥିବାବେଳେ ବାଂଲାଦେଶରୁ ପ୍ରତି ମାସରେ ୨୦୦ରୁ ଅଧିକ ରୋହିଙ୍ଗ୍ୟାଙ୍କୁ ଦେଶକୁ ଅଣାଯାଉଛି। ଏଥିପାଇଁ ଏକ ଗ୍ୟାଙ୍ଗ କାମ କରୁଛି। ଭାରତରେ ଅନୁପ୍ରବେଶ ପରେ ରୋହିଙ୍ଗ୍ୟା ମୁସଲମାନଙ୍କୁ ଜାଲ୍ ପରିଚୟ ପତ୍ର ମାଧ୍ୟମରେ ୧୪ ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା, ମିଜୋରାମ, ମେଘାଳୟ, ଜମ୍ମୁ-କାଶ୍ମୀର, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଏବଂ କେରଳରେ ଥଇଥାନ କରାଯାଉଛି। ଏକ ଅନ୍ତର୍ଜାତୀୟ ମାନବ ଚାଲାଣ ଗ୍ୟାଙ୍ଗ ଦ୍ୱାରା ଏପରି କରାଯାଉଛି। କିଛି ଦିନ ତଳେ ନ୍ୟାସନାଲ ଇନଭେଷ୍ଟିଗେସନ ଟିମ(ଏନଆଇଏ) ଏହି ମାନବ ଚାଲାଣ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଜଲିଲ ମିଆଁଙ୍କୁ ଗିରଫ କରିଥିଲା। ଜେରା ସମୟରେ ସେ ଚାଞ୍ଚଲ୍ୟକର ସୂଚନା ଦେଇଛି। ଏବେ ଏହି ଗୋଷ୍ଠୀରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି।

ଅଭିଯୁକ୍ତ ଜଲିଲ ତ୍ରିପୁରାର ବାସିନ୍ଦା। ତା ଉପରେ ଏନ୍‌ଆଇଏ ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରିଥିଲା।



ମିଆଁର ସହଯୋଗୀ ତଥା ଏହି ଗୋଷ୍ଠୀର ମୁଖିଆ ଜିବୋନ ରୁଦ୍ର ପାଲ୍ ଓରଫ ସୁମନକୁ ପୂର୍ବରୁ ଗିରଫ କରାଯାଇଥିଲା। ମିଆଁର ସହଯୋଗୀ ଜକ୍ ମିଆଁ ଏବଂ ଶନ୍ତୋ ଏବେ ଫେରାର ଅଛି। ସମସ୍ତେ ତ୍ରିପୁରାରୁ ଗ୍ୟାଙ୍ଗ ଚଳାଉ ଥିଲେ। ୨୦୨୩ ନଭେମ୍ବର ୮ରେ ଏନଆଇଏ ଜଲିଲକୁ ତା ଘରୁ ଗିରଫ ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର ସେ ଫେରାର ହୋଇ ଯାଇଥିଲା। ଏହା ପରେ ଏନ୍‌ଆଇଏ ତା ଗୋଷ୍ଠୀର ୨୯ ସଦସ୍ୟଙ୍କୁ ଗିରଫ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ବାଂଲାଦେଶରେ ଥିବା ଏହି ଗ୍ୟାଙ୍ଗର ସଦସ୍ୟ ଭାରତରେ ରହିବାକୁ ଚାହୁଁଥିବା ରୋହିଙ୍ଗ୍ୟାଙ୍କଠାରୁ ୧୦ରୁ ୨୦ ଲକ୍ଷ ଟଙ୍କା ( ୧୪ରୁ ୨୮ ଲକ୍ଷ ବାଂଲାଦେଶୀ ଟଙ୍କା) ଆଣୁଥିଲେ। ଏହା ବଦଳରେ ସୀମା ପାର୍ କରାଇ ପରିଚୟ ପତ୍ର ସହିତ ଭାରତରେ ଥଇଥାନ କରାଇବାର ପ୍ୟାକେଜ ଦେଉଥିଲେ। ଭାରତରେ ଅନୁପ୍ରବେଶ ପୂର୍ବରୁ କିମ୍ବା ପରେ ରୋହିଙ୍ଗ୍ୟାଙ୍କୁ ହିନ୍ଦୀ, ଆସାମୀ ଏବଂ ଅନ୍ୟ ଭାରତୀୟ ଭାଷା ଶିଖାଉ ଥିଲେ। ପରିଚୟ ପ୍ରଘଟ ନ ହେବା ପାଇଁ ଏହି ପ୍ରଶିକ୍ଷଣ ଦିଆ ଯାଉଥିଲା। ଏହି ଭାଷା ଆଧାରରେ ସେମାନଙ୍କୁ ବିଭିନ୍ନ ରାଜ୍ୟରେ ବସା ଯାଉଥିଲା।

ଏହି ଗୋଷ୍ଠୀ ପ୍ରତି ଦିନ ୫ରୁ ୧୦ ଜଣ ରୋହିଙ୍ଗ୍ୟାଙ୍କୁ ଭାରତରେ ଅନୁପ୍ରବେଶ କରାଉ ଥିଲା। ଏଥିପାଇଁ ବାଂଲାଦେଶ ସୀମାକୁ ଲାଗିଥିବା ଆସାମ, ମିଜୋରାମ, ମେଘାଳୟ ଏବଂ ତ୍ରିପୁରାରେ ମାଟି ତଳେ ସୁଡ଼ଙ୍ଗ ରହିଛି।

■ ୧୦ ଲକ୍ଷ ଟଙ୍କା ଦେଇ ସୀମା ପାର୍ କରୁଛନ୍ତି
■ ଅନୁପ୍ରବେଶ ପାଇଁ ମାଟି ତଳେ ରହିଛି ସୁଡ଼ଙ୍ଗ
■ ୧୪ ରାଜ୍ୟରେ ରୋହିଙ୍ଗ୍ୟାଙ୍କୁ ବସା ଯାଉଛି

ଭାରତକୁ ଆସିବା ପରେ ଅନୁପ୍ରବେଶକାରୀଙ୍କ ଚେହେରା ବଦଳାଇ ଦିଆଯାଇଥାଏ। ପରେ କିଛି ଦିନ ପାଇଁ ଅଜ୍ଞାତ ସ୍ଥାନରେ ରଖା ଯାଇଥାଏ। ଏହି ସମୟରେ ରୋହିଙ୍ଗ୍ୟାଙ୍କ ଫଟୋ ନେଇ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇଥାଏ ବୋଲି ତ୍ରିପୁରା ପୁଲିସ ପକ୍ଷରୁ କୁହାଯାଇଛି। ଏବେ ଦିଲ୍ଲୀରେ ପଞ୍ଜୀକୃତ ଭାବେ ହଜାରେ ରୋହିଙ୍ଗ୍ୟା ଅଛନ୍ତି। ମାତ୍ର ବାସ୍ତବିକ ସଂଖ୍ୟା ଏହାଠାରୁ ଅନେକ ଗୁଣ ଅଧିକ ବୋଲି କୁହାଯାଉଛି। ଦିଲ୍ଲୀର ଜସୋଲା, ଯମୁନା ନଦୀ କୂଳ, ଶ୍ରମ ବିହାର, କଞ୍ଚନ ବିହାର ଏବଂ ଦକ୍ଷିଣ ଦିଲ୍ଲୀ ସ୍ଥିତ ଖାଦର ଆଦିରେ ଅନେକ ରୋହିଙ୍ଗ୍ୟା ରହୁଛନ୍ତି।

# ସରକାର କା ମାଲ...





ଅନୁଗୋଳ ଜନଗହଳିପୂର୍ଣ୍ଣ ସଞ୍ଜୀବନୀ ମାର୍କେଟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିର୍ମିତ ଇ- ଟଏଲେଟ୍ । ଉଦଘାଟନ କରିଥିଲେ ତତ୍କାଳୀନ ଅନୁଗୋଳ ଜିଲ୍ଲାପାଳ, ଆଉ ଏବେ ଏହା ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ତାମଡ଼ା ଅଧ୍ୟକ୍ଷ

**କୁଇଓ, ୧୬।୬(ସମିସ): ତାମଡା ଅଧ୍ୟକ୍ଷ** ମୀନକେତନ ଅମାନ୍ତ ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ଅତିଥି ଭବନ ଠାରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବିଭିନ୍ନ ଉନ୍ନୟନ କ୍ଷେତ୍ରରେ ଅନୁଗୋଳ ଜିଲ୍ଲାର କିଭଳି ଅଧିକରୁ ଅଧିକ ଉନ୍ନତି ହେବ, ସେନେଇ ଆଲୋଚନା କରିଥିଲେ। ତତସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।



# ୩୦ ଭରି ସୁନା ଓ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

## ■ ତାଳଚେର ପୁଲିସର ନିଷ୍କ୍ରିୟତା ସ୍ପଷ୍ଟ



ତାଳଚେର ସହର, ୧୬।୬(ସମିସ): ତାଳଚେର ବାଘମରା ଠାରେ ଘରେ କେହି ନଥିବାର ସୁଯୋଗ ନେଇ ସୁନା ଗହଣା ଓ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଘର କବାଟ ତାଡ଼ି ଦୁଇଟି ଆଲମୀରାରୁ ୩୦ ଭରି ସୁନା ସହ ୨୭ ହଜାର ଟଙ୍କା ଓ ବହୁ ଆସବାବପତ୍ର ଲୁଟିନେଇଛନ୍ତି। ଚୋରି ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଘର ମାଲିକ ସୂଚନା ଦେଇଛନ୍ତି। ଘର ମାଲିକ ମାନସ ବିଶ୍ୱାଳ ତାଙ୍କ ମା'ଙ୍କ ଦେହ ଖରାପ ଥିବାରୁ ଭୁବନେଶ୍ୱର ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ପାଇ କବାଟ ତାଡ଼ି ଘରେ ପଶି ଟଙ୍କା ସୁନା ସହ ଆସବାବପତ୍ର ଚୋର ନେଇ ଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରି ଫେରିଯାଇଥିଲା ବେଳେ ବାରମ୍ବାର ଚୋରି ହେଉଥିବା ନେଇ ସ୍ଥାନୀୟ ବାସିନ୍ଦାମାନେ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠେଇଛନ୍ତି।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ପ୍ରାକ୍ ବୈଠକ



**ଛେଣ୍ଡିପଦା,୧୬।୬(ସମିସ):** ଜୟ ଜଗନ୍ନାଥ ସେବା ସଂଘ, ଛେଣ୍ଡିପଦା ମଣ୍ଡଳର ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସେବା କାର୍ଯ୍ୟକ୍ରମ ପାଇଁ ଛେଣ୍ଡିପଦାସ୍ଥିତ ଯୋଗ ଶିବିର ପ୍ରକୋଷ୍ଠରେ ବ୍ଲକର ବହୁ ଗ୍ରାମର ଜଗନ୍ନାଥପ୍ରେମୀଙ୍କୁ ନେଇ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସେବାସଂଘର ସଭାପତି ବିପିନି ବିହାରୀ ନାଥଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା । ସଂଘର ସମ୍ପାଦକ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ବୈଠକକୁ ପରିଚାଳିତ କରି ଛେଣ୍ଡିପଦା ମଣ୍ଡଳର ସମସ୍ତ ଗ୍ରାମକୁ ଯାଇ ଜଗନ୍ନାଥ କ୍ଷେତ୍ରରେ ୧୦ଦିନ ବ୍ୟାପୀ ଅନ୍ନପ୍ରସାଦ ବଣ୍ଟନ କିପରି ଶୃଙ୍ଖଳିତ ଓ ସୁଚାରୁରୂପେ ହୋଇପାରିବ ଏବଂ ବହୁ ସଦସ୍ୟ ଗ୍ରହଣ କରିବାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା ଉକ୍ତ ବୈଠକରେ ଯୋଗଦାନ କରି ପୁରୀ ବଡ଼ଦାଣ୍ଡରେ ଯେଉଁ ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଛି, ତାହାର ଉତ୍ତରୋତ୍ତର ବିକାଶ ପାଇଁ ଯାହା ଦରକାର ଆମ୍ଭ ସଭ୍ୟମାନେ ମନପ୍ରାଣ ଦେଇ ଲାଗିପଡିବେ ବୋଲି ମତବ୍ୟକ୍ତ ଦେଇଥିଲେ । ଏହି ସଭାରେ ମଣ୍ଡଳର ପ୍ରାୟ ୧୦୦ଜଣ ଜଗନ୍ନାଥପ୍ରେମୀ ଉପସ୍ଥିତ ରହିଥିଲେ । ତ୍ରିପୁର ମାଝୀ, ରବି ନାରାୟଣ ପ୍ରଧାନ, ସୁଜିତ ସାହୁ, ପ୍ରମୋଦ ବେହେରା, ବିଜୟ ବେହେରା, ମୀନକେତନ ସାହୁ, ଜିତୁ ସାହୁ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାଧର ସାହୁ, ରାମଚନ୍ଦ୍ର ପ୍ରଧାନ, ବୈରାଗୀ ପ୍ରଧାନ, ଚାନ୍ତି ବେହେରା, ଘନଶ୍ୟାମ ମହାପାତ୍ର, ପ୍ରକାଶ ସାହୁ, କଳିଙ୍ଗ ସାହୁ, ବିଜୟ ଶତପଥୀ, ମହେଶ୍ୱର ସାହୁ, ଦୁଃଶାସନ ଦେହୁରୀ, ଦୟାନିଧି ସାହୁ, ବିଶ୍ୱେଶ୍ୱର ପ୍ରଧାନ, ସୁବାସ ପ୍ରଧାନ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଣ୍ଡରପାସ୍ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

# ଜାତୀୟ ରାଜପଥ ଅବରୋଧ ପାଇଁ ଚେତାବନୀ

**ଅନୁଗୋଳ /ବଇଣ୍ଡା, ୧୬।୬(ସମିସ)**

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ନିର୍ମାଣ ହେଉଥିବା ଅଣ୍ଡରପାସ୍ ବ୍ରିଜ ଆଉ ୩ ଟି ନିର୍ମାଣ ପାଇଁ ଦାବି ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଏ ନେଇ ବାରମ୍ବାର ଦାବି କରାଯିବା ସହ ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ପୁଣି ଆନ୍ଦୋଳନ କରିବେ ବୋଲି ରବିବାର ବଇଣ୍ଡା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରବିବାର ବଇଣ୍ଡା ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ଆଇନଜୀବୀ ଘନଶ୍ୟାମ ବେହେରା, ଲୁଲୁ ସାହୁ, ବୀରବର ପ୍ରଧାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି ଯେ, ବଇଣ୍ଡା ଜନଗହଳିପୂର୍ଣ୍ଣ ଅଞ୍ଚଳ ଥିବା ବେଳେ ଦୁର୍ଘଟଣାକୁ ଏଡାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ହେଲେ ଏହି ବ୍ରିଜ ନିର୍ମାଣ ଯୋଗୁଁ ବଇଣ୍ଡାରେ ବ୍ୟବସାୟ ଉପରେ ପ୍ରବାହ ପଡୁଛି। ଦେଢ଼ କିମି ବ୍ରିଜ ନିର୍ମାଣ ହେଉଥିବା ବେଳେ ଆବଶ୍ୟକ ଅଣ୍ଡରପାସ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉନାହିଁ। ଆଠମଲ୍ଲିକ ରାସ୍ତାକୁ ଯାତାୟତ ପାଇଁ ଗୋଟିଏ ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ ) ନିର୍ମାଣ କରାଯାଇଥିବା ବେଳେ ଆଉ ୨ ଟି ମେଡିକାଲ ଓ ରେଳ ଷ୍ଟେସନକୁ ଯାତାୟତ ପାଇଁ ନିର୍ମାଣ କରାଯାଇଛି। ହେଲେ ଛକରେ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ ) ନିର୍ମାଣ ପାଇଁ ଦାବି ହେଇଆସୁଛି। ବଇଣ୍ଡା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟାଳୟ ରହିଛି। ସେଗୁଡିକକୁ ଯିବା ଆସିବା ପାଇଁ ଛାତ୍ରୀ ଛାତ୍ର ଅସୁବିଧା ସମ୍ମୁଖୀନ ହେବେ। ଏପରିକି ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ବସଷ୍ଟାଣ୍ଡକୁ ବସ୍ ଯିବା ଆସିବା ପାଇଁ ଅସୁବିଧା ସୃଷ୍ଟି ହେବ। ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ। ଏଥିପାଇଁ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ )ନିର୍ମାଣ ପାଇଁ ଦାବି ହେଉଛି। ନିର୍ମାଣ ହୋଇଥିବା ଫ୍ଲାଏ ଓଭର ବ୍ରିଜ ନିକଟ ଗୋଟିଏ ପାର୍ଶ୍ୱରେ କାମ ଚାଲିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଏହି ଅଣ୍ଡରପାସ ବ୍ରିଜଗୁଡିକ ନିର୍ମାଣ ପାଇଁ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ଗତ ଜୁଲାଇ ୩୦ ରେ ଏକ ଦାବିପତ୍ର ମାଧ୍ୟମରେ ଏନଏଚଆଇ ପିଡିଙ୍କୁ ପ୍ରଦାନ କରିବା ପରେ ପିଡି ଗତ ମେ ପହିଲାରେ ବଇଣ୍ଡା ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେମେ ୧୦ରେ ବଇଣ୍ଡା ସମ୍ପୂର୍ଣ୍ଣ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏପରିକି ଭୋଟ ବର୍ଜନ ପାଇଁ ଡାକରା ଦେଇଥିବା ବେଳେ ମେ ୧୫ରେ ଏନଏଚଏଆଇର ରିଜିଓନାଲ ଅଫିସର (ଆରଓ ) ବିରେନ୍ଦ୍ର ସିଂ, ସମ୍ବଲପୁରର ପିଡି ଏସ ଦେହୁରି ଆସି ବଇଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ୫୦ ମିଟର ଛାଡ଼ି ରାସ୍ତା କାମ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେବା ସହ ଗ୍ରାମବାସୀଙ୍କ ଦାବିକୁ ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଠିକାସଂସ୍ଥା ଏହା ନ ମାନି ଅନ୍ୟ ପାର୍ଶ୍ୱରେ ରାସ୍ତା କାମ ଆରମ୍ଭ କରିଥିବା ଯୋଗୁଁ ପୁଣି ଅସନ୍ତୋଷ ଦେଖାଦେଇଛି। ସେହିପରି ବଇଣ୍ଡାଠାରେ ଥିବା ଯାତ୍ରୀ ବିଶ୍ରାମାଗାରଟି ଦୀର୍ଘ ୬ ବର୍ଷ ହେବ ଭଙ୍ଗାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ କରାଯାଇନାହି। ବିଶେଷ କରି ପ୍ରତ୍ୟେକ ଦିନ ଆସପଣ୍ଡ ଉଡୁଥିବା ଯୋଗୁଁ ଅନେକ ବ୍ୟବସାୟୀ ସେମାନଙ୍କର ଦୋକାନ ସଠିକ ଭାବରେ ଖୋଲିପାରୁ ନଥିବା ବେଳେ ଅନେକ ବ୍ୟକ୍ତିଙ୍କ ନାକରେ ଏହି ଗୁଣ୍ଡ ପଶି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତ୍ୟେକଙ୍କ ଘରେ ଏହି ପାଉଁଶ ଉଡ଼ି ପଡିବା ସହ ଖୋଲା କୂଅରେ ପଡୁଥିବା ଯୋଗୁଁ ଲୋକେ ପାନୀୟ ଜଳ ବ୍ୟବହାର କରିପାରୁନାହାନ୍ତି। ବହୁ ସମସ୍ୟା ଦେଇ ଅଞ୍ଚଳବାସୀ ଗତି କରୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।



# ସାଂସଦ ଓ ବିଧାୟକଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା

**ପାଲଲହଡ଼ା,୧୬। ୬(ସମିସ):** ପାଲଲହଡ଼ା ନାଗରିକ ସମାଜ ଓ ବିଭିନ୍ନ ସଂଗଠନ ପକ୍ଷରୁ ନବନିର୍ବାଚିତ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତିଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରବିବାର ସନ୍ଧ୍ୟାରେ ନବନିର୍ବାଚିତ ବିଧାୟକ ଓ ସାଂସଦ ସ୍ଥାନୀୟ ଜାତୀୟ ରାଜପଥ ଡାକବଙ୍ଗଳାଠାରେ ପହଞ୍ଚିବା ପରେ ପାଲଲହଡ଼ାର ତିନୋଟି ଯାକ ମଣ୍ଡଳର ବିଜେପି କର୍ମୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇ ବାଜା ରୋଷଣୀର ପଟୁଆରରେ ସମ୍ବର୍ଦ୍ଧନା ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ପହଞ୍ଚିବା ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ସେଠାରେ ବିଭିନ୍ନ ପୂଜା କମିଟି, କ୍ଲବ,ମନ୍ଦିର ଅନୁଷ୍ଠାନ, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ପ୍ରାଥମିକ ଶିକ୍ଷକ ସଙ୍ଘ, ସରପଞ୍ଚ ସଙ୍ଘ, ସମିତିସଭ୍ୟ ସଙ୍ଘ, ଅଙ୍ଗନବାଡ଼ି ସଙ୍ଘ, ସଂକୀର୍ତ୍ତନ ସଙ୍ଘ, ବିର୍ସା ମୁଣ୍ଡା ସଙ୍ଘ ଇତ୍ୟାଦି ପ୍ରାୟ ଶତାଧିକ ସଙ୍ଘ ଉପଢୌକନ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କ୍ରମରେ ପାଲଲହଡ଼ା କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ସଭାପତି ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ଦାଶ, ଉପଦେଷ୍ଟା ଦେବଦତ୍ତ ସାହୁ, ଶିବ ପ୍ରସାଦ ଆଚାର୍ଯ୍ୟ, ପ୍ରୀତିମଞ୍ଜରୀ ମହାନ୍ତି, ଖଗେଶ୍ୱର ମହାନ୍ତ ପ୍ରମୁଖ ଉପଢୌକନ ଓ ଫୁଲତୋଡ଼ା ଦେଇ ନବନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଜେପି ନେତା ଆଡଭୋକେଟ ତନ୍ମୟ କୁମାର ସାହୁଙ୍କ ସଂଚାଳନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସମସ୍ତ ବିଜେପି କର୍ମୀ ସହଯୋଗ କରିଥିଲେ।



# ଜବରଦଖଲ; ରୁନ୍ଧି ହେଲାଣି ପ୍ରମୁଖ ଛକ

ତାଳଚେର ସଦର ୧୬।୬(ସମିସ): ଅନ୍ଧପୁଟୁଳି ବାନ୍ଧି ବସିଛି ତାଳଚେର ପୌରପାଳିକା ଏବଂ ସ୍ଥାନୀୟ ପ୍ରଶାସନ। ଜଗିବାକୁ କେହି ନଥିବାରୁ ସହରରେ ଯାତ୍ରା ଭଳି ମାଡ଼ିଚାଲିଛି ଜବରଦଖଲ। ଅସାଧୁ ବ୍ୟବସାୟୀ ଓ ଦୋକାନୀ ବେଶ୍ ଚତୁରତାର ସହ ସରକାରୀ ଜାଗା ଦେଖି ଆବୋରି ପକାଇଛନ୍ତି। କିଏ ଠେଲା ଗାଡ଼ି ପକାଇଲାଣି ତ ଆଉ କିଏ ତାଟି ଘୋଡ଼ାଇ ଅସ୍ଥାୟୀ ଘର କଲାଣି। ଏପରି କିଛିଦିନ ଗଡ଼ିଗଲା ପରେ ସେଠି ପସରା ମେଲାଇ ବେସ ଅରାମରେ ବେପାର କରୁଛନ୍ତି। ଜବରଦଖଲକାରୀଙ୍କ ଏହି

## ■ ହାଟତୋଟା ଓ ଶର୍ମାଛକ ସ୍ଥିତି ଗମ୍ଭୀର

ଫର୍ମୁଲା ଏବେ ସହରର ଅଧିକାଂଶ ଛକରେ ଦେଖିବାକୁ ମିଳୁଛି। ପସରା ମେଲାଇ ବସିଥିବାରୁ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେଲାଣି। ଯାହାଦ୍ୱାରା ବାଟୋଇ ଗମନାଗମନରେ ନାକେଦମ ହେଉଥିବା ଦେଖିବାକୁ ମିଳିଛି। ପୌରପାଳିକାର ଦାୟିତ୍ୱ ହୀନତା ପାଇଁ ଏବେ ଅସାଧୁ ବ୍ୟବସାୟୀ ଖାଲିଥିବା ସରକାରୀ ଜାଗା ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ବିଶେଷ କରି ହାଟତୋଟା ଅଞ୍ଚଳରେ ଜବରଦଖଲ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ସେହିପରି ଆଇଟିଆଇ ଲିଙ୍ଗରାଜ ରୋଡ ଉଠା ପରିବା ଦୋକାନୀଙ୍କୁ ଥଇଥାନ କରିବାକୁ ପୌରପାଳିକା ଏଠି ଭେଣ୍ଡିଂ ଜୋନ୍ ନିର୍ମାଣ କରିଛି। ଉଦ୍ଦେଶ୍ୟ ଥିଲା ଲେଣ୍ଡି ଜୋନ୍ ହେଲେ ପରେ ଜବରଦଖଲରେ ରୋକ୍ ଲାଗିବ। ମାତ୍ର ଆଇଟିଆଇ ଛକଠାରୁ ଇଲେକ୍ଟ୍ରି ଅଫିସ ଚାରିଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ସରକାରୀ ଜାଗାରେ କେବିନ୍ ଓ ତାଟି ପକାଇ ଜବରଦଖଲ କରାଯାଇଛି। ସେହିପରି ପୌରପାଳିକା ବେଫିକର ହୋଇ ବସିଥିବାରୁ ଉପଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟ ସାମ୍ନାଠାରୁ ଖଣି ନିର୍ଦ୍ଦେଶକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ଲାଗି ପସରା ମେଲାଇ ବ୍ୟବସାୟ କରୁଥିବାରୁ ଉଭୟ ପାର୍ଶ୍ୱରେ ଯାନବାହାନ ପାର୍କିଂ ଯୋଗୁଁ ସେଠି ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛି ଜାଗାରେ ପ୍ରଥମେ ଅସ୍ଥାୟୀ ଦୋକାନ ପରେ ଏବେ ସ୍ଥାୟୀ ଘର ନିର୍ମାଣ ଆରମ୍ଭ କରିଦେଲେଣି। ପୌର କର୍ମଚାରୀ ସବୁ ଦେଖି ନିରବ ରହୁଥିବାରୁ ଜବରଦଖଲର ଲାଙ୍ଗୁଡ଼ ଲମ୍ବି ଚାଲିଛି। ସେପଟେ ମଙ୍ଗଳା ମନ୍ଦିର ଛକ, ହାଣ୍ଡିଧୂଆଁ ଛକର ଅବସ୍ଥା ଆହୁରି ଖରାପ। ଜବରଦଖଲ ଯୋଗୁଁ ସମସ୍ତ ଛକ ସବୁ ସଙ୍କୁଚିତ ହୋଇଗଲାଣି। ଦିନକୁଦିନ ଗାଡ଼ି ମଟର ସଂଖ୍ୟା ବଢୁଥିବା ବେଳେ ଲୋକସଂଖ୍ୟା ବୃଦ୍ଧି ଯୋଗୁଁ ସାଙ୍ଘାତିକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେବଳ ହାଟତୋଟା, ଶର୍ମା ଛକ ନୁହଁ, ସହରର ଅଧିକାଂଶ ଛକରେ ଜବରଦଖଲ ଉଦବେଗଜନକ ଭାବେ ବଢ଼ିଚାଲିଛି। ୧୪୯ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ବସଷ୍ଟାଣ୍ଡ ଛକଠାରୁ ଶ୍ରୀରାମ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ବଢ଼ାଉଥିଲେ ହେଁ ପୌର କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ପୌରପାଳିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପୂର୍ବରୁ ପୌର ଅଧିକାରିଣୀ ଥିଲେ ରଶ୍ମିରେଖା ଅମାନ୍ତ। ଯେ କି ଜବରଦଖଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ସେ ବଦଳି ହୋଇ ଗଲା ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ଏହାର ଫାଇଦା ନେଇ ପ୍ରାୟ ଛକରେ କିଛି ଅସାଧୁ ଲୋକ ଜବରଦଖଲ କରିଥିବା ନଜରକୁ ଆସିଛି। ନ୍ୟୁଜ ଲେଖିଲା ବେଳକୁ ଏନେଇ ପୌରନିର୍ବାହୀ ଅଧିକାରୀ ବଳୟ କୁମାର ଦେହୁରୀଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନଥିଲେ।



# ରଜ ଉତ୍ସବ ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ

**ବଇଣ୍ଡା, ୧୬।୬(ସମିସ):** ଓଡିଆଙ୍କ ପ୍ରସିଦ୍ଧ ପର୍ବ ହେଉଛି ରଜ। ସେଥିପାଇଁ ବିଭିନ୍ନ ଗ୍ରାମରେ ରଜ ସମୟରେ ଚଳଚଞ୍ଚଳ ହୋଇଉଠୁଛି। ଓଡ଼ିଆ ସଂସ୍କୃତି ରାଜ୍ୟ ବାହାରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଯୁବ ପିଢି ଆଗେଇ ଆସନ୍ତୁ ବୋଲି ଶନିବାର କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତର ଇଛାପୁର ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗ୍ରାମ ସଭାପତି ଜେନାମଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭାଜପା ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଲୋକନାଥ ସାହୁ, ଅନ୍ୟତମ ଅତିଥି ଭାଜପା ନେତା ବିଶ୍ୱଜିତ ମିଶ୍ର, କବି ଗଣପତି ସ୍ୱାଇଁ, ଆର. ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କୁଳମଣି ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଚି, ତାସ, ନୃତ୍ୟ, ଭଜନ, କୁଇଜ୍, ଶଙ୍ଖ ଫୁଙ୍କା, , ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଠା ପଣା ପ୍ରସ୍ତୁତ ହେବା ସହ ପୋଡ଼ପିଠା ପ୍ରତ୍ୟେକ ଘରେ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମଗୁଡିକକୁ ବିଚାରକ ଭାବରେ ଶୋଭାନନ୍ଦ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ନନ୍ଦ ଯୋଗ ଦେଇଥିଲେ। ଶେଷରେ ଦିଲୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଟିକନ ଧଳ, ପ୍ରବୀଣ ସାହୁ, ଖୁକୁ ମାଝୀ, ବାପୁଜୀ ଦେହୁରି, ପ୍ରଶ୍ନ ମାଝୀ, ଶୋଭନ ପ୍ରଧାନ, ସାର୍ଥକ ପ୍ରଧାନ, ସମୀର ନନ୍ଦ, ଅଟଳ ବିହାରୀ ନନ୍ଦ, ସୁଶାନ୍ତ ସାହୁ, ସୋମେଶ ଧଳଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି କିଶୋର ନଗର ବ୍ଲକ ଅନ୍ତର୍ଗତ ପାପସରା ଚନ୍ଦନ ଯାତ୍ରା ପଡିଆ ଠାରେ ଧୁମଧାମରେ ପାଳିତ ହେଇଛି ରଜପର୍ବ। ଓଡ଼ିଶାର ପାରମ୍ପରିକ ଗଣପର୍ବ ବେଶ ଧୁମ୍ ଧାମରେ ପାଳିତ ହୋଇଛି। ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛୋଟ ଛୋଟ ପିଲା ମାନଙ୍କୁ ନେଇ ନାଚ ଗୀତରେ ଗାଇଥିଲେ। ତା ସହିତ ମେଲୋଡି କାର୍ଯ୍ୟକ୍ରମ ହୋଇଥଲା। ମୁଖ୍ୟ ଅତିଥି ଭାବେ ଅଞ୍ଜଳି ପ୍ରଧାନ, ଯୁବ ସମାଜସେବୀ ବିଶ୍ୱରଂଜନ ପ୍ରଧାନ, ସମିତି ସଭ୍ୟ ଅନୁକୂଲ୍ୟ ପ୍ରଧାନ, ଶିକ୍ଷକ ପ୍ରଦୀପ ସାହୁ, ଓ ରଜ ପର୍ବ କମିଟିର ସଭାପତି ରିଙ୍କୁ ସାହୁ, ସମ୍ପାଦକ ବେଣୁଧର ସାହୁ, ଭିକାରୀ ବାରିକ, ତ୍ରିନାଥ ସାହୁ, ବାପୁଜୀ ପ୍ରଧାନ, ସୁଦ ବେହେରା, କୁମୁଦ ବେହେରା, ବାପୁନ୍ ପ୍ରଧାନ, ତରୁଣ ମୁଖୀ, ଅରକ୍ଷିତ ବେହେରା, ମଦନ ପେଣ୍ଟେଇ, ସୁଶାନ୍ତ ବେହେରା, ମଙ୍ଗୁଲୁ ବେହେରା, ବଂଶୀଧର ବେହେରା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।



ସକାଳ
THE SAKALA



www.sakalaepaper.com

**୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ**

# ବର୍ଷ ବର୍ଷ ଧରି ପଡ଼ିରହିଛି କୋରିଆଁ ଓଭରବ୍ରିଜ୍ କାମ

**ଢେଙ୍କାନାଳ, ୧୬।୬ (ସମିସ)**

ଢେଙ୍କାନାଳ ସହରର ପ୍ରବେଶ ପଥ କୋରିଆଁ ବାଇପାସ୍ ନିକଟରେ ୫୫ ନଂ. ଜାତୀୟ ରାଜପଥ ଉପରେ ଦୀର୍ଘ ୬ବର୍ଷ ଧରି ଓଭରବ୍ରିଜ କାମ ଚାଲିଥିଲେ ମଧ୍ୟ ଏହା ଶେଷ ହେବାର ନାଁ ଧରୁନି। ଠିକାଦାର ରାସ୍ତାକାମ ପାଇଁ ଟ୍ରିପ ଟ୍ରିପ ପାଉଁଶ ରାସ୍ତା ଉପରେ ରଖିଥିବାରୁ ସାମାନ୍ୟ ପବନ ହେଲେ ପାଉଁଶ

**● ପାଉଁଶ ଗୁଣ୍ଡ ଉଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି**

ଉଡ଼ି କୋରିଆଁ ଗ୍ରାମବାସୀଙ୍କ ଘର ଦ୍ୱାରରେ ପ୍ରବେଶ କରିବା ସହିତ ରାସ୍ତାରେ ଯାଉଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କଟକ- ଅନୁଗୋଳ ୫୫ ନଂ. ଜାତୀୟ ରାଜପଥକୁ ୪ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ଗତ ୨୦୧୮ ମସିହା ଡିସେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନଲାଇନ ମାଧ୍ୟରେ ରାସ୍ତା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ମନ୍ତ୍ରଣାଳୟ ବା



ଏନଏଚଏଆଇ ତରଫରୁ ଟେଣ୍ଡର କରାଯିବା ପରେ କଟକ ଜିଲ୍ଲା ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ୧୧୨ କିମି ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗାୟତ୍ରୀ ଠିକା ସଂସ୍ଥାକୁ ଏହି ଟେଣ୍ଡର ମିଳିଥିଲା। ଫଳରେ ଏହି କାର୍ଯ୍ୟକୁ ୧ ହଜାର ଦିନରେ ଶେଷ କରିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫୮୩ କୋଟି ଏବଂ ପରେ ୫୨୯କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟକୁ ୩୦ ମାସ ମଧ୍ୟରେ ଅର୍ଥାତ ଜୁନ ମାସ ୨୦୨୧ରେ ଶେଷ କରିବାର ଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ଶେଷ ହେବା ତ ଦୂରର କଥା କୋରିଆଁ ଓଭରବ୍ରିଜ କାମ ଶେଷ ହେଉନାହିଁ। ଓଭରବ୍ରିଜ ଦୁଇ ପାର୍ଶ୍ୱର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଠିକାଦାର କାରଖାନାର ପାଉଁଶ ରାସ୍ତାରେ ବ୍ୟବହାର କରୁଥିବାରୁ ଟ୍ରିପ ଟ୍ରିପ ପାଉଁଶ ରାସ୍ତା ଉପରେ ପକାଇଦେଇ ଛାଡ଼ି ଦେଇଛି। ପାଉଁଶ ଉପରେ ମାଟି ପକାଯାଇ ନଥିବାରୁ ସାମାନ୍ୟ ପବନ ହେଲେ ପାଉଁଶ ଉଡ଼ି ରାସ୍ତାରେ ଯାଉଥିବା ଲୋକଙ୍କ ଆଖିରେ ପଶିବା ସହିତ ଗାଡ଼ି ଚଳାଇବା କଷ୍ଟକର ହେଉଛି। ସେହିପରି ସେହି ପାଉଁଶ ଉଡ଼ି ନିକଟରେ ଥିବା କୋରିଆଁ ଗ୍ରାମରେ ପ୍ରବେଶ କରିବା ସହିତ ଲୋକମାନଙ୍କ ଘରେ, କୁଅ, ପୋଖରୀରେ ପ୍ରବେଶ କରୁଛି। ପାଉଁଶ ଉଡ଼ି ବିଭିନ୍ନ ଘର ଦ୍ୱାରରେ ପଡୁଛି। ଠିକାଦାର ମନୋମୁଖୀ କାର୍ଯ୍ୟକରିବା ସହିତ ପାଉଁଶ ଉପରେ ମାଟି ଘୋଡାଉ ନଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଓଭରବ୍ରଜ ନିକଟରେ ବିନା କାରଣରେ ଅନେକ ଭାରୀଯାନ ଅଟକି ରହିବା ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। କୋରିଆଁ ଉଭରବ୍ରଜ ଦୁଇ ପାର୍ଶ୍ୱର ରାସ୍ତା ଖାଲଖମା ହୋଇପଡ଼ିଥିଲେ ମଧ୍ୟ ତାହାର ମରାମତି କାରାଯାଉନାହିଁ। ଦୀର୍ଘଦିନ ଧରି ଓଭରବ୍ରିଜ କାମ ଚାଲୁଥିବା ବେଳେ ପାଉଁଶ ଉପରେ ମାଟି ପକାଇବା ସହିତ ତୁରନ୍ତ କାମ ଶେଷ କରିବାକୁ ଦାବି ହୋଇଛି। ଏନଏଚଆଇ ତରଫରୁ ତୁରନ୍ତ ପାଉଁଶକୁ ଘୋଡ଼ାଇବା ସହିତ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି।

# ଦନ୍ତା ଆକ୍ରମଣରେ ମହିଳା ଗୁରୁତର



**କାମାକ୍ଷାନଗର,୧୬।୬ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ମୁକ୍ତାପସି ଗ୍ରାମରେ ଦନ୍ତା ହାତୀ ଆକ୍ରମଣରେ ଜନୈକା ମହିଳା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୁକ୍ତାପଶି ଗ୍ରାମର ଅର୍ଚ୍ଚନା ନାୟକ ଶନିବାର ରାତିରେ ଗ୍ରାମର ଅନ୍ୟଜଣେ ମହିଳାଙ୍କ ସହ ବାସଘର ନିକଟକୁ ଶୌଚ ପାଇଁ ଯାଉଥିବା ସମୟରେ ଏକ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀଟି ଅର୍ଚ୍ଚନାଙ୍କୁ ଶୁଣ୍ଢରେ ଠେଲି ଦେବାରୁ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡ଼ିରହିଥିଲେ। ଏହି ଆକ୍ରମଣରେ ଅନ୍ୟ ମହିଳା ଜଣଙ୍କ କୌଶଳକ୍ରମେ ଜୀବନ ବଞ୍ଚାଇ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଅର୍ଚ୍ଚନାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏବେ ଅର୍ଚ୍ଚନାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିରଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଚିକିତ୍ସା ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଓଷ୍ଟା ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୧୬।୬ (ସମିସ):** ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜିଲ୍ଲା ଓଷ୍ଟା ସଂଘର କର୍ମକର୍ତ୍ତାଗଣ ତାଙ୍କର ଶିମିଳିଆ ସ୍ଥିତ ବାସଭବନରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଶିକ୍ଷକମାନଙ୍କର ସମସ୍ୟାଗୁଡିକ ସମ୍ବନ୍ଧରେ ଆଲୋଚନା କରାଯାଇ ଯଥାସମ୍ଭବ ସମାଧାନ କରାଯିବ ବୋଲି ମନ୍ତ୍ରୀ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କୁ କିଭଳି ପେନସନଭୁକ୍ତ



କରାଯିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନଦେଇ ସମାଧାନ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ, ରାଜ୍ୟସଂଘର ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ସୁବାସ ଚନ୍ଦ୍ର ସାହୁ, ଗଁଦିଆ ବ୍ଲକ ସଭାପତି ମୁରଲୀଧର ସାହୁ, ସଦର ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରା, ହିନ୍ଦୋଳ ବ୍ଲକର ସମ୍ପାଦକ ତପନ କୁମାର ସାମଲ, ଉପଦେଷ୍ଟା ସରୋଜକାନ୍ତ ଦାଶ, ସଦାନନ୍ଦ ପାଢ଼ୀ, ଗିରୀଶ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**■ ତପୋବନ ପୀଠରେ ଜ୍ୟେଷ୍ଠ ଶୁକ୍ଳ ଦଶମୀ ସମାବେଶ**

# ବିଶ୍ୱର ମଙ୍ଗଳ ପାଇଁ ଦିଆଗଲା ଘୃତାହୁତି

**ଗଁଦିଆ, ୧୬।୬ (ସମିସ):** ପ୍ରସିଦ୍ଧ ଶୈବପୀଠ କପିଳାସ ମହିମା ତପୋବନ ପୀଠରେ ଆନନ୍ଦ ଓ ଉଲ୍ଲାସର ସହିତ ଜ୍ୟେଷ୍ଠ ଶୁକ୍ଳ ଦଶମୀ ପାଳିତ ହୋଇଯାଇଛି। ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀ ୨୪ ବର୍ଷର ତପ ସିଦ୍ଧପାବନ ଉପଲକ୍ଷେ ତପୋବନସ୍ଥ ଅଖଣ୍ଡବତୀ ମନ୍ଦିରରେ ଘୃତାହୁତି ଦିଆଯିବା ସହ ପ୍ରାତଃ ସମୟରୁ ଅଖଣ୍ଡ ବ୍ରହ୍ମଧୁନୀ ସ୍ଥାପନ କରାଯାଇଥିଲା। ପ୍ରଭୁ ଶୂନ୍ୟ ବ୍ରହ୍ମଙ୍କ ଠାରେ ଅହ୍ଲଣି ଭୋଗଲାଗି କରାଯାଇଥିଲା। କୁଲାଡ଼ ଭକ୍ତଗୋଷ୍ଠୀ ଏଥିରେ ଯୋଗଦେଇ ଗୁରୁବନ୍ଦନା ସହ ଖଞ୍ଜଣୀ ଭଜନ ଗାନ କରିଥିଲେ। କୌପୁନିଧାରୀ ମହିମା ସମାଜର ସଭାପତି ଶ୍ରୀମଦ ରଘୁନାଥ ବାବା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବିଶ୍ୱ କଲ୍ୟାଣ ସହ ସର୍ବାଙ୍ଗୀନ ଉନ୍ନତି କାମନା ପୂର୍ବକ ଅଖଣ୍ଡ ବ୍ରହ୍ମଧୂନିରେ ରଘୁନାଥ ବାବା ଘୃତାହୁତି କରିଥିଲେ। ଏହି କାର୍ଯ୍ୟକ୍ରମରେ କରୁଣାକର ବାବା, ରବୀନ୍ଦ୍ର ବାବା, ବୀରବର ବାବା, ବିନୋଦ ବାବା, ତ୍ୟାଗୀ ସନକ ଦାସ ସହଯୋଗ କରିଥିଲେ। ଶେଷରେ ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ

**ଭୁବନ,୧୬।୬ (ସମିସ):** ଭୁବନରେ ଅଧିକ ଖରା ଯୋଗୁ ସକାଳ ଓ ଦ୍ୱିପ୍ରହର ସମୟରେ ବଜାର ଘାଟ ତଥା ଦୋଳି ସ୍ଥାନଗୁଡିକ ଜନଶୂନ୍ୟ ହୋଇଥିବା ବେଳେ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ମହିଳା ଓ ଝିଅମାନେ ରଜଦୋଳି, ପାନ, ପିଠା ପାଇଁ ବଜାରରେ ଭିଡ଼ ଜମାଇଛନ୍ତି। ଏହି ଭିଡ଼ ଭିତରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି। ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ରଜ ମହୋତ୍ସବ। ଲବଙ୍ଗ ପାନ, ପ୍ଲେବହାର ତ୍ରିଭୁଜ ପାନ ଆଦି ପାନର ଚାହିଦା ବଢ଼ିଛି। ଭୁବନରୁ ଢେଙ୍କାନାଳ ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକମାନେ ପାନ ଖାଇବା ପାଇଁ ଏଠାରେ ଅଟିକିଥାନ୍ତି। ବିଶେଷ କରି ରଜରେ ପାନ



ଖାଇବା ଲାଗି ଏହି ଦୋକାନମାନଙ୍କରେ ଗ୍ରହକଙ୍କ ଭିଡ଼ ଲାଗିଥାଏ। ଦୋକାନ ଆଗରେ ଚଳିତ ବର୍ଷ ସଜେଇ ହୋଇ ରହିଛି ୨୦ ରୁ ୨୫ ପ୍ରକାଳ ମସଲା। ରଜ ଉପଲକ୍ଷେ ତ୍ରିଭୁଜ ପାନ, ଲବଙ୍ଗପାନ, ଦିଲଖୁସ ପାନ, ସିଙ୍ଗଡ଼ା ପାନ, କାକେରା ପାନ ଭଳି ଆକର୍ଷଣୀୟ ନାମରେ ପାନ ମିଳୁଛି। ପାନର ମୂଲ୍ୟ ୨୫ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଅପରାହ୍ନରେ ଗାଁ କୋଠାଘର, ଗ୍ରାମ ଦେବତୀଙ୍କ ମଣ୍ଡପ ତଥା ଗ୍ରାମର ବିଭିନ୍ନ ତୋଟାରେ ପୁରୁଷ ଲୋକମାନେ ଦଳଦଳ ହୋଇ ପଶା, ତାସ୍ ଲୁଡୁ, କ୍ୟାରମ ଆଦି ଖେଳୁଥିବାର ଦେଖିବାକୁ ମିଳୁଛି। ରଜ ଉପଲକ୍ଷେ ଅଷ୍ଟଶମ୍ଭୁ ମନ୍ଦିରରେ ତୃତୀୟ ଦିନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା, ଜଗବନ୍ଧୁ ପୃଷ୍ଟି, ସୁବାସ ମେହେଣା ଯୋଗଦେଇଥିଲେ। ଏହି ଉତ୍ସବରେ ଅରୁଣ ପୃଷ୍ଟି, ଧୀରେନ୍ଦ୍ର ପୃଷ୍ଟି, ମାଧବ ବେହେରା, ଲିଟୁଆ ବେହେରା, ବୁଲୁଆ ବେହେରା, ହଳଧର ସାହୁ, ସୁନାକର ବେହେରା ଧନେଶ୍ୱର ଦାସଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ତୃପ୍ତି ପାଠଗାର ତରଫରୁ ଚଳିତବର୍ଷ ଦଶମ ଓ ଯୁକ୍ତ ୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଭୁବନ ଅଞ୍ଚଳର ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ବାଜି ରାଉତ ସେବା ସଙ୍ଗଠନର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ, ୧୬।୬ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବୁଢ଼ିବିଲି ସ୍ଥିତ ନୀଳକଣ୍ଠେଶ୍ୱର ଶିବମନ୍ଦିରର କଲ୍ୟାଣ ମଣ୍ଡପ ଠାରେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ନେଇ ସମାଜସେବା ଉଦ୍ଦେଶ୍ୟରେ ‘ବାଜି ରାଉତ ସେବା ସଙ୍ଗଠନ‘ ନାମରେ ଏକ ସାମାଜିକ ସଙ୍ଗଠନ ଆରମ୍ଭ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିକାଶ ତଥା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଯୁବକମାନେ ଏକତ୍ରିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଶପଥ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ସଭାପତି ଭାବେ ରାକେଶ କୁମାର ନାୟକ, ଉପସଭାପତି ଭାବେ ସଞ୍ଜୀବ ରାଉତ, କାଳନ୍ଦୀ ଦେହୁରୀ



ସମ୍ପାଦକ ଭାବରେ, ସଞ୍ଜିତ ଦାସ ସହ ସମ୍ପାଦକ, ଆଶୁତୋଷ ମହାନ୍ତି କୋଷାଧ୍ୟକ୍ଷ ଭାବେ, ଶିବାନନ୍ଦ ସେଠୀ, ଦୀପକ ନାୟକଙ୍କୁ ଉପଦେଷ୍ଟା ଭାବ। ଜ୍ୟୋତି ରଞ୍ଜନ ସାହୁ, ସୁଦର୍ଶନ ବେହେରାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା।

# ଉଫୁନା ପକ୍ଷରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ

**ଢେଙ୍କାନାଳ, ୧୬।୬ (ସମିସ):** ସ୍ଥାନୀୟ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଉଫୁନା ପକ୍ଷରୁ ଏକ କାର୍ଯ୍ୟକାରୀ କମିଟି ବୈଠକ ଉଫୁନାର ରାଜ୍ୟ ଅଧ୍ୟକ୍ଷ ତଥା ଉଫୁନାର ଜାତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଡ. ଉପେନ୍ଦ୍ର କୁମାର ରାଉତ ଯୋଗଦେଇ ଦୀର୍ଘ ୨୪ ବର୍ଷଧରି ଉଫୁନା ପକ୍ଷରୁ ମିଳିତ ଜାତିସଂଘର ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପ୍ରେମାନନ୍ଦ ଶତପଥି ଯୋଗଦେଇ ଏବେ ଇଟାଲିରେ ଜି-୭ର ସମ୍ମିଳନୀ ଅନୁଷ୍ଠିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ବିଶ୍ୱର ତଥା ଅନ୍ୟ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ ଉଫୁନାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବୋଲି ଏକ ପ୍ରସ୍ତାବ ଗୃହୀତ ହୋଇଛି। ଉଫୁନା ପକ୍ଷରୁ ଏକ ପ୍ରସ୍ତାବରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଉଫୁନାର ରାଜ୍ୟ ସମ୍ପାଦକ କବି ବାହାଦୂର ପାଟସାହାଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋକୁଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଇଂ. ଯୁଦ୍ଧିଷ୍ଠିର ସାହୁ, ତରୁଣକାନ୍ତ ବିଶ୍ୱାଳ, ସମାଜବାଦୀ ନେତା ସରୋଜ ଶତପଥୀ, ପ୍ରାକୃତିକ ଚିକିତ୍ସାର ପରିଚାଳକ ପୀତବାସ ସାହୁ, ଇଂ. ଅବିନାଶ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଚିତ୍ରାନନ୍ଦ ମହାନ୍ତି ପରିଚାଳନା କରିଥିଲେ।



**ମୌସୁମୀର ଲୁଚକାଳି ଖେଳ**

# ବିଲରେ ବୁଲିଲାନି ହଳ, ଚାଷୀ ମୁଣ୍ଡରେ ଚଡ଼କ

**ଗଁଦିଆ, ୧୬।୬ (ସମିସ)**

ଚଳିତବର୍ଷ ମୌସୁମୀ ବର୍ଷା ଅଭାବରୁ ଚାଷୀ ମୁଣ୍ଡରେ ପଡ଼ିଛି ଚଡ଼କ। ଚାଷୀ ଚାଷ କାର୍ଯ୍ୟ କିପରି କରିବ, ସେ ନେଇ ଚିନ୍ତାରେ ପଡ଼ିଛି। ରଜପର୍ବ ସରିଲା କିନ୍ତୁ କ୍ଷେତରେ ବୁଲିପାରିଲା ନାହିଁ ହଳ ଲଙ୍ଗଳ। ବିଗତ ବର୍ଷରେ ଏହି ସମୟରେ ଚାଷୀ ତା’ର କ୍ଷେତରେ କୃଷି କାର୍ଯ୍ୟ ସାରିଦେଇ ଥିଲା। ବିଲରେ ଧାନଗଛ ସବୁ ଉଠିଥିଲା ଓ ଚାଷୀ ମୁହଁରେ ହସ ଦେଖିବାକୁ ମିଳିଥିଲା। କିନ୍ତୁ ଅତି ଦୁଃଖର କଥା ବର୍ତ୍ତମାନ ବର୍ଷାର ଦେଖାନାହିଁ। ବିଲ ସବୁ ପଡ଼ିଆ ପଡ଼ି ଫାଟି ଆଁ କରିଛି। ତାହା ଦେଖି ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛି। ଚାତକ ପକ୍ଷୀ ପାଣି ଟୋପାଏ ପାଇଁ ଚାତକ ପରି ଉପରକୁ ଅନାଇଥାଏ, ସେହିପରି ଆଜି ଚାଷୀକୁଳ ବର୍ଷାର ଆଗମନକୁ ଚାତକ ପରି ଚାହିଁ ରହିଛି। କେବେ ହେବ ବର୍ଷା ଓ ସେ ତା’ର ଚାଷ କାର୍ଯ୍ୟ ଆରମ୍ଭ କରିବ ଚିନ୍ତାରେ ରହିଛି। ଗରିବ ଚାଷୀଟି ତା’ର ବର୍ଷକର ରୋଜଗାର ଏହି କୃଷି କ୍ଷେତରୁ ପାଇଥାଏ ଓ ତାହାରି ବଳରେ ସେଥିରୁ ଲବ୍ଧ ଅର୍ଥରେ ନିଜର ପରିବାର ଭରଣପୋଷଣ କରିଥାଏ। ମାତ୍ର ଚଳିତ ବର୍ଷ ମୌସମୀର ଏହି ବିଳମ୍ବ ଚାଷୀକୁ କରିଛି ହତାବକ୍। ମୁହଁରୁ ଲିଭିଯାଇଛି ହସ, କ’ଣ କରିବ ଭାବି ଭାବି ଚାଷୀ ମୁଣ୍ଡରେ ପଡ଼ିଛି ଚଡ଼କ। ଏହି ବ୍ଲକର ୨୯ଗୋଟି ଗ୍ରାମ ପଞ୍ଚାୟତରେ ଚାଷ କାର୍ଯ୍ୟ ଏକ ରକମ



ବନ୍ଦ ହୋଇରହିଛି। ସ୍ୱଳ୍ପ କେତକ ସ୍ଥାନରେ କ୍ଷେତରେ ଧାନ ବିହନ ବୁଣା ହୋଇଥିବା ଦେଖିବାକୁ ମିଳିଛି। ଯଦି ଶୀଘ୍ର ବର୍ଷା ନହୁଏ, ତାହାଲେ ବୁଣାଯାଇଥିବା ଉକ୍ତ ଧାନ ସବୁ ଗଜା ହୋଇ ମରୁଡ଼ି ହେବାର ଆଶଙ୍କା ରହିଛି। ଦୁଇରୁ ଚାରିଦିନ ମଧ୍ୟରେ ବର୍ଷା ନହେଲେ ଉକ୍ତ ବ୍ଲକରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଜଣାପଡ଼ିଛି।

# ସମ୍ବଲପୁରର ବିକାଶକୁ ଗୁରୁତ୍ୱ ଦିଆଯିବ: ଧର୍ମେନ୍ଦ୍ର

## ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ହେବ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ୍

ଭୁବନେଶ୍ୱର, ୧୬।୬(ସମିସ): ସମ୍ବଲପୁରରେ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ବିକାଶ କରାଯିବ। ଏଥିପାଇଁ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ବିଶେଷ ଭାବରେ ସମ୍ବଲପୁରକୁ ଏକ ଶ୍ରୀମନ୍ତ ସହର କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।



ରବିବାର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରକୁ ଆଗକୁ ନେବା ପାଇଁ ଦଳ ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ଆଗାମୀ ଦିନରେ ବର୍ଷା ଋତୁ ଆସୁଥିବା ବେଳେ ସମ୍ବଲପୁର ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ, ସ୍ୱଚ୍ଛତା ଉପରେ ଯୋର୍ ଦେବା ପାଇଁ ଆଜି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ସବୁ ସୁବିଧା ସହ କ୍ରୀଡାକୁ ପ୍ରୋତ୍ସାହନ, କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନାଗରିକଙ୍କ ଥିବା ଅପେକ୍ଷା ଉପରେ ମ୍ୟୁନିସପାଲିଟି ଅଧିକାରୀଙ୍କ ସହ ପ୍ରାରମ୍ଭିକ ଚର୍ଚ୍ଚା ଆଲୋଚନା ହୋଇଛି। ସିନ୍ଦୁରପଙ୍କରୁ ନକ୍ସାପାଲି ପର୍ଯ୍ୟନ୍ତ ପୁରୁଣା ଏନଏଚ ରାସ୍ତା ସ୍ୱାଭାବିକ ହୋଇଛି। ଖୁବଶୀଘ୍ର ଆନୁଷଙ୍ଗିକ କାମ ସମ୍ପୂର୍ଣ୍ଣ କରାଯିବ। ସରଲା ଓଭରବ୍ରିଜଠାରୁ ଆଗକୁ ଥିବା ରାସ୍ତାକୁ ୬ ଲେନ୍ କରାଯିବାର କାମ ଆରମ୍ଭ ହୋଇଛି। ପଡ଼ିଆବାହାଲରୁ ଗୋଶାଳା ପର୍ଯ୍ୟନ୍ତ ୧୮ କିଲୋମିଟର ଏନଏଚ ସମ୍ବଲପୁରର ମୁଖଶାଳା ହେବ ତଥା ଏକ ବିକାଶର ମାର୍ଗ କରିବା ପାଇଁ ଯୋଜନା ହେବ। ସେଠାରେ ସ୍ୱାସ୍ଥ୍ୟ ସୁବିଧା ଓ ଟର୍ମିନାଲ କମ୍ପ୍ଲେକ୍ସ କାମ ଉପରେ ଗୁରୁତ୍ୱ ଦିଆଯିବ। ଏହି ଜାତୀୟ ରାଜପଥ ନୂଆ ସମ୍ବଲପୁରର ଅର୍ଥନୀତିର ଶ୍ରୀବୃଦ୍ଧିର ନମୁନା ହେବ। ସମ୍ବଲପୁରରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବା ସହ ସମସ୍ତ ଶିକ୍ଷାନୁଷ୍ଠାନ ସହଯୋଗରେ ଜ୍ଞାନ ଆଧାରିତ ଅର୍ଥନୀତିକୁ ଗତି ଦିଆଯିବ। ଏଥିପାଇଁ ଯେଉଁ ଢାଞ୍ଚା ଦରକାର ସେ ଦିଗରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଗୁହାଳ ଉପରେ ବଜ୍ରପାତ; ୨୦ ଗୋରୁ ମୃତ

ମାଲକାନଗିରି, ୧୬।୬(ସମିସ): ବଜ୍ରପାତରେ ମାଲକାନଗିରି ଜିଲ୍ଲାରେ ଏକାବେଳକେ ୨୦ଟି ଗୋରୁ ପ୍ରାଣ ହରାଇଛନ୍ତି। ଶନିବାର ରାତିରେ ମାଲକାନଗିରିରେ ବର୍ଷା ସହ ପ୍ରବଳ ବିଜୁଳି ଘଡ଼ଘଡ଼ି ମାରିଥିଲା। ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କୁସୁମଗୁଡ଼ା ଓ ବୁରୁଦିରେ ଗୁହାଳ ଉପରେ ବଜ୍ରପାତ ହେବାରୁ ମୋଟ ୨୦ଟି ଗାଈ, ବଳଦ ଓ ବାଛୁରୀଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଗ୍ରାମର ୧୧ଜଣ ଲୋକଙ୍କ ଗାଈ ବଳଦ ମୃତ୍ୟୁ ଘଟିଥିବା ବେଳେ ଏମାନେ ସମସ୍ତେ ଅତ୍ୟନ୍ତ ଗରିବ ଶ୍ରେଣୀର ଥିବା ଜଣାପଡ଼ିଛି। ଚାଷ ଓ ଗାଈ କ୍ଷୀର ଏମାନଙ୍କ ମୁଖ୍ୟ ଜୀବିକା। ବର୍ତ୍ତମାନ ଜୀବିକା ଯୋଗାଉଥିବା ଗାଈ ଓ ବଳଦଙ୍କ ମୃତ୍ୟୁ ପରେ ଏହି ଲୋକମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଥିପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏ ସଂପର୍କରେ ଖବର ପାଇ ରବିବାର ସକାଳୁ ସ୍ଥାନୀୟ ସରପଞ୍ଚ ବାବୁଲା ପଡ଼ିଆମୀ, ରାଜସ୍ୱ ନିରୀକ୍ଷକ ସନ୍ଦୀପ ବେହେରା, ପ୍ରାଣୀ ଚିକିତ୍ସା ବିଭାଗର ଏଲଆଇ ସୁକୁମାର ସାନା, ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୟାନିଧି ନିମାଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କିପରି ଏହି ଗାଈବଳଦ ମୃତ୍ୟୁର ସହାୟତା ଲୋକଙ୍କୁ ପ୍ରଦାନ କରିହେବ; ସେନେଇ ପଦକ୍ଷେପ ନେଇଥିବା ସୂଚନା ମିଳିଛି।



**ରଥଯାତ୍ରା ପ୍ରସ୍ତୁତି ବୈଠକ**

# ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୬।୬ (ସମିସ):



ଆସନ୍ତା ଜୁଲାଇ ୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ରବିବାର ଆଇନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ, ଗୁଇନ୍ଦା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ବୈଠକରେ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀଙ୍କୁ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ରଥଯାତ୍ରା ସହିତ ସମ୍ପ୍ରତି ଶ୍ରୀମନ୍ଦିରରେ ଦେଖା ଦେଇଥିବା ଦର୍ଶନ ସମସ୍ୟାକୁ ଶୀଘ୍ର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରିପ୍ରେକ୍ଷୀରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରଥଯାତ୍ରା ଯେପରି ସୁରୁଖୁରୁରେ ସମାପନ ହେବ ଏବଂ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯିବ ଆଗକୁ ଆହୁରି ବ୍ୟାପକ ଆଲୋଚନା କରାଯିବ। ସେବାୟତଙ୍କ ସହ ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା କରାଯାଇ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବ।

ଅପରପକ୍ଷେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ ଆସନ୍ତା ୨୨ ତାରିଖରେ ସ୍ନାନ ପୂର୍ଣ୍ଣିମା ପଡୁଛି। ଏଥିପାଇଁ ସରକାର କେତେ ପ୍ରସ୍ତୁତ ଅଛନ୍ତି ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛି। ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ଆଉ ୨ଟି ବୈଠକ ଅନୁଷ୍ଠିତ ହେବ। ପ୍ରଥମ ବୈଠକଟି ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଦ୍ୱିତୀୟ ବୈଠକଟି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରା ପ୍ରରିପେକ୍ଷୀରେ ପ୍ରଶାସନିକ ବ୍ୟବସ୍ଥା ଏବଂ ମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଛି ବୋଲି ଶ୍ରୀ ଜେନା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାହିନୀପତି ହେବେ କଂଗ୍ରେସ ବିଧାୟକ ଦଳ ନେତା!

ଭୁବନେଶ୍ୱର, ୧୬।୬(ସମିସ): ଆଉ ଦିନକ ପରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକମାନେ ଶପଥ ନେବେ। ଏ ମଧ୍ୟ ନୂଆ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ ଶେଷ ହୋଇଥିବା ମୁଖ୍ୟ ବିରୋଧୀ ଦଳ ବିଜେଡି ମଧ୍ୟ ବିରୋଧୀ ଦଳ ନେତାଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା କରିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ ଦଳ ବ୍ୟତୀତ ରାଜ୍ୟର ତୃତୀୟ ବଡ଼ ଦଳ ଭାବେ କଂଗ୍ରେସର ବିଧାୟକ ଦଳ ନେତା ଚୟନକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ବିଧାନସଭାରେ କଂଗ୍ରେସକୁ ଲିଡ୍ କରିବା ଭଳି ନେତାଙ୍କୁ ଦଳ ଏହି ଦାୟିତ୍ୱ ଦେବାକୁ ଯୋଜନା କରିଥିବା ବେଳେ ଦଳ ପକ୍ଷରୁ ୩ ଜଣ ବରିଷ୍ଠ ବିଧାୟକଙ୍କ ନାଁ ଏଆଇସିସିକୁ ପଠାଯାଇଥିବା ଜଣାପଡ଼ିଛି। ଏହି ତିନି ଜଣ ନାମ ମଧ୍ୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ୍ ଏକ୍କାଙ୍କ ନାମ ରହିଥିବା ଜଣାପଡ଼ିଛି। ତେବେ ସମ୍ଭବତଃ ତାରା ବାହିନୀପତି କଂଗ୍ରେସ ବିଧାୟକ ଦଳ ନେତା ହୋଇପାରନ୍ତି ବୋଲି କୁହାଯାଉଛି।

ତାରା ପ୍ରସାଦ ବାହିନୀପତି ରାଜ୍ୟ କଂଗ୍ରେସର ଜଣେ ବଡ଼ ଚେହେରା। ଦକ୍ଷିଣ ଓଡ଼ିଶାର ତୁଙ୍ଗ ନେତା। ବିଧାନସଭାରେ ବହୁ ପ୍ରସଙ୍ଗରେ ସରକାରଙ୍କୁ ପୂର୍ବରୁ ସେ ଘେରିବା ସହ ବିଭିନ୍ନ ସମୟରେ ସରକାରଙ୍କୁ ଅଡୁଆରେ ପକାଇଥାନ୍ତି। ଗୃହ ଭିତରେ ଓ ଗୃହ ବାହାରେ ସେ ରୋକ୍‌ଠୋକ୍ କହିଥାନ୍ତି। କୋରାପୁଟ ବିଧାନସଭା କ୍ଷେତ୍ରରୁ ୨୦୦୦, ୨୦୦୪ ମସିହାରେ ସେ ବିଧାୟକ ହୋଇଥିବା ବେଳେ ଜୟପୁର ଆସନରୁ ୨୦୧୪ ମସିହାରୁ କ୍ରମାଗତ ୩ ଥର ଜିତି ଆସିଛନ୍ତି। ବିଧାନସଭାରେ ତାଙ୍କର ୨୦ ବର୍ଷର ଅଭିଜ୍ଞତା ରହିଥିବା ବେଳେ ଆଗାମୀ ୫ ବର୍ଷ ପାଇଁ ସେ ଦଳକୁ ଲିଡ୍ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେହିପରି ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ୩ ଥରର ବିଧାୟକ। ସେ ପଟାଙ୍ଗୀରୁ ୧୯୯୫, ୨୦୦୯ ଓ ୨୦୨୪ ରେ ବହୁମତ ପାଇଛନ୍ତି। ଅଭିଜ୍ଞତା ଦୃଷ୍ଟିରୁ ତାଙ୍କ ନାମକୁ ମଧ୍ୟ ବିଚାର କରାଯାଉଛି। ଏହି ଦୁଇ ନାମ ବ୍ୟତୀତ ରାଜଗାଙ୍ଗପୁରର ୨ ଥରର ବିଧାୟକ ସିଏସ୍ ରାଜନ ଏକାଙ୍କ ନାମକୁ ମଧ୍ୟ ଦଳ ବିଚାର କରୁଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାରେ ନିଜସ୍ୱ ସଂଗଠନ ସହ ଏହି ଯୁବ ବିଧାୟକଙ୍କର ବିଧାନସଭାରେ ପ୍ରଦର୍ଶନ ଭଲ ରହିଛି।

**ଏଆଇସିସିକୁ ୩ ଜଣିଆ ତାଲିକା ପଠାଇଲା ଦଳ**



ଯଦିଓ ୩ ଜଣଙ୍କ ମଧ୍ୟରୁ ଦଳ ଯାହାକୁ ଏହି ଦାୟିତ୍ୱ ଦେବେ ସେମାନେ ତୁଲାଇବେ ବୋଲି କହିଛନ୍ତି, ହେଲେ କେହି ପଦ ପାଇଁ ଲବି କରୁ ନ ଥିବା ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ଅବିଭକ୍ତ କୋରାପୁଟ ଜିଲ୍ଲା ୨୦୨୪ ନିର୍ବାଚନରେ ରାଜ୍ୟ କଂଗ୍ରେସର ସମ୍ମାନ ରଖିଛି। ଦଳର ୧୪ ବିଧାୟକଙ୍କ ମଧ୍ୟରୁ କେବଳ କୋରାପୁଟରୁ ୬ ଜଣ ବିଧାୟକ ବିଜୟୀ ହୋଇଛନ୍ତି। ସେହିପରି କୋରାପୁଟ ଲୋକସଭା ଆସନକୁ ମଧ୍ୟ ଦଳ ଦଖଲ କରିଛି। ତେଣୁ ସେ ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶାରୁ ହିଁ ଦଳ ବିଧାୟକ ଦଳ ନେତା ଚୟନ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଯେହେତୁ ତାରା ପ୍ରସାଦ ବାହିନୀପତି ଦକ୍ଷିଣ ଓଡ଼ିଶାର ଚେହେରା ଭାବେ ଦଳ ପାଇଁ ନେତୃତ୍ୱ ନେଉଛନ୍ତି ତେଣୁ ତାଙ୍କ ନାଁ ଚର୍ଚ୍ଚାର ଆଗରେ ରହିଛି।

**ଗଢ଼ା ଚାଲିଛି ତିନି ରଥ**

# ଗରଗରା ଉଠି ଗୟଳ ମୋଡ଼ା ଗଲା



ପୁରୀ, ୧୬।୬(ସମିସ): ରବିବାର ତିନିରଥ ଉପରକୁ ଗରଗରା ଉଠିଛି। ପାଞ୍ଚଦଣ୍ଡା ଉପରେ ଏହି ଗରଗରା ସ୍ଥାପନ କରାଯାଇଥିଲା। ମୁଖ୍ୟ ମହାରଣାମାନେ ଗରଗରାରେ ମାପ କରି ଚିହ୍ନ ଦେଇଥିଲେ। ଅନ୍ୟ ମହାରଣାମାନେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ବିନ୍ଧ କରିଥିଲେ। ଏହାପରେ କମାର ସେବକମାନେ ଗରାଗରାରେ କଣ୍ଟା ବାଡ଼ିଆ କାମ ସମ୍ପନ୍ନ କରିଥିଲେ। ଏତଦ୍‌ବ୍ୟତୀତ ତିନିରଥ ଉପରକୁ ଦୁଇଟି ଲେଖାଏଁ ପୋଲ ଗୟଳ ଉଠାଯାଇ ଏହାକୁ ମୋଡ଼ା ଯାଇଛି। ମୁଖ୍ୟତଃ ଭୋଇ ସେବକମାନେ ବଳ ଓ କୌଶଳ ପ୍ରୟୋଗ କରି ଆଗ ଓ ପଛ ନିରାଡି ଉପରେ ପୋଲ ଗୟଳକୁ ଧନୁ ପରି ମୋଡ଼ି ଦଣ୍ଡା ଫ୍ରେମର ମଝି ଭାଗରେ ସେଟ୍ କରିଛନ୍ତି। ସୋମବାର ତିନିରଥ ଉପରକୁ ଚାରିନାହାକା ଉଠିବ। ତାଳଧ୍ୱଜ ରଥର ସିଂହାସନରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ଡାଳିଲତା, ହଂସ ଏବଂ ପଦ୍ମ ପାଖୁଡାର ଚିତ୍ର ଖୋଦେଇ କରାଯାଉଥିବା ବେଳେ ଦେବଦଳନ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି ଓ ମୟୂର ସହ ପୂଜା କରାଯାଉଛି। ନନ୍ଦିଘୋଷ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣ କୁମ୍ଭ, ପଦ୍ମ ଡାଳି, ହାତୀ, ପଦ୍ମ ପାଖୁଡ଼ା ଚିତ୍ର ଖୋଦେଇ ହେଉଛି।

# ନାଳରେ ଫସିଲେ ୩ ଦନ୍ତା



ବଡ଼ମ୍ବା, ୧୬।୬ (ସମିସ): କଟକ ଜିଲ୍ଲା ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳ ଅଧୀନ ବେଲିଆପାଳ ଗ୍ରାମ ଜଙ୍ଗଲ ପାଖରେ ଥିବା ଖଳିଖାତ ନାଳରେ ଗତକାଲି ବିଳମ୍ବିତ ରାତିରେ ଫସି ରହିଥିବା ୩ଟି ଦନ୍ତା ହାତୀଙ୍କୁ ଉଦ୍ଧାର କରାଯାଇଛି। ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ଆଜି ସନ୍ଧ୍ୟା ପ୍ରାୟ ୭ଟା ୧୫ ମିନିଟରେ ଏହି ହାତୀମାନଙ୍କୁ ଉଦ୍ଧାର କରିଛନ୍ତି।

**ବନ ବିଭାଗର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର**

ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଗୋପପୁର ଫରେଷ୍ଟ ରେଞ୍ଜରୁ ଦୁଇଟି ବଡ଼ ଦନ୍ତା ହାତୀ ଓ ଗୋଟିଏ ଛୋଟ ଦନ୍ତା ହାତୀ ଖାଦ୍ୟ ଅନ୍ୱେଷଣରେ ଗମେଇଁ ଗ୍ରାମକୁ ଚାଲି ଆସିଥିଲେ। ଗ୍ରାମବାସୀମାନେ ହାତୀ ପଲଙ୍କୁ ଦେଖି ଘଉଡ଼ାଇଥିଲେ। ଫଳରେ ହାତୀମାନେ ଭୟଭୀତ ହୋଇ ଖଳିଖାତ ନାଳ ଭିତରେ ପଶି ଯାଇଥିଲେ। ଏହି ନାଳଟି ବହୁ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ନାଳ ଭିତରେ ଥିବା ନାଗା ଦଳ, ଘାସ ଏବଂ ବାଉଁଶ ବୁଦାରେ ହାତୀମାନେ ଫସି ରହିଥିଲେ। ନାଳ ଭିତରେ ୫/୬ ଫୁଟ ଉଚ୍ଚର ପାଣି ଥିବା ବେଳେ ୩ ଫୁଟରୁ ଅଧିକ ପଙ୍କ ରହିଥିବାରୁ ହାତୀମାନେ ଆଉ ସେଠାରୁ ବାହାରି ପାରିନଥିଲେ।

ଖବର ପାଇ ବଡ଼ମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ବଡ଼ମ୍ବା ବନବିଭାଗ, ଅଗ୍ନିଶମ ବାହିନୀ ଏବଂ ପୁଲିସ ପ୍ରମୁଖ ସେଠାରେ ପହଞ୍ଚିଥିଲେ। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଦିନତମାମ ଉଦ୍ୟମ କରିବା ପରେ ସନ୍ଧ୍ୟା ୭ଟା ୧୫ରେ ଖଳିଖାତ ନାଳ ମଧ୍ୟରେ ଫସି ରହିଥିବା ୩ ହାତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହେବା ପରେ ହାତୀମାନେ କଣ୍ଠା ଗ୍ରାମ ମୁଣ୍ଡିଆରେ ଥିବା ଘଞ୍ଚ ଜଙ୍ଗଲରେ ରହିଛନ୍ତି। ସଦର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ହାତୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ପରିତ୍ୟକ୍ତ କୂଅରୁ ମା'-ଛୁଆ ହାତୀ ଉଦ୍ଧାର

ଅନୁଗୋଳ, ୧୬।୬(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ବନାଞ୍ଚଳର ଗୋଠ ତଇଳାର ପରିତ୍ୟକ୍ତ କୂଅରୁ ମା' ଓ ଛୁଆ ହାତୀକୁ ଉଦ୍ଧାର କରିଛି ବନ ବିଭାଗ। ବିଳମ୍ବିତ ରାତିରେ ଜରପଡ଼ା ବନାଞ୍ଚଳର ଅନ୍ତୁଳିଆ- ତାବଡ଼ା ଜଙ୍ଗଲର ଲେମ୍ବୁ ତଇଳା ଅଞ୍ଚଳରେ ୯ ଟିକିଆ ଏକ ହାତୀପଲ ଖାଦ୍ୟ ସଂଗ୍ରହ ପାଇଁ ବୁଲୁଥିବା ବେଳେ ସହଦେବ ସାହୁଙ୍କ ବଗିଚାରେ ଥିବା ଏକ ପରିତ୍ୟକ୍ତ ଖୋଲା କୂଅରେ ମା' ଓ ଛୁଆ ହାତୀ ପଡ଼ି ଯାଇଥିଲେ। ବନ ବିଭାଗ ଖବର ପାଇ ରାତିରେ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଦଳ ହାତୀ ଥିବାରୁ ସମ୍ଭବ ହୋଇନଥିଲା। ସକାଳେ ଜେସିବି ମେସନି ସାହାଯ୍ୟରେ କୂଅକୁ ଖୋଳି ସୁରକ୍ଷିତ ଭାବେ ମା' ଓ ଛୁଆ ହାତୀକୁ ଉଦ୍ଧାର କରିବାରେ ବନବିଭାଗ ସକ୍ଷମ ହୋଇଥିଲା। ଉଦ୍ଧାର ପରେ ମା' ଓ ଛୁଆ ହାତିଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିବା ବେଳେ ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖିଛି।



# ବାବୁଲି ବାରିକଙ୍କୁ ଚିକିତ୍ସା ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦିଆଯିବ ୩୦ ହଜାର ଟଙ୍କା ସହାୟତା

ଭଦ୍ରକ, ଭୁବନେଶ୍ୱର, ୧୬।୬(ସମିସ): ଭଦ୍ରକ ଜିଲ୍ଲାର ବାବୁଲି ବାରିକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ମାଧପୁର ଗ୍ରାମର ୧୪ ବର୍ଷର ବାଳକ ବାବୁଲି ବାରିକ ସ୍ନାୟୁଗତ ଜଟିଳରୋଗରେ ପୀଡ଼ିତ ଅଛନ୍ତି। ଗରିବ ପରିବାରର ବାବୁଲି ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ଗଣମାଧ୍ୟମରୁ ଅବଗତ ହେବା ପରେ ଜିଲ୍ଲା ପ୍ରଶାସନକୁ ବାବୁଲିଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସୂଚନା ଅନୁଯାୟୀ ବାବୁଲି ଶୈଶବରୁ ଟ୍ରମା ମାଟିକ ନ୍ୟୁରୋ ମୋଟର ଡିଜଅର୍ଡର ଭଳି ବିରଳ ରୋଗରେ ପୀଡିତ। ଏଥିପାଇଁ ସେ ସ୍ନାୟୁ ଜନିତ ବିରଳ ରୋଗର ଯନ୍ତ୍ରଣା ଭୋଗୁଛନ୍ତି। ତାଙ୍କର ପିତା ମାତା ଖୁବ୍ ଗରିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଉକ୍ତ ବାଳକ ଭୋଗୁଥିବା ରୋଗର ପରୀକ୍ଷା ନିରୀକ୍ଷା ପାଇଁ ଗୋଟିଏ ଡାକ୍ତରୀ ଦଳ ମାଧପୁର ଗାଁର ତାଙ୍କ ଘରକୁ ଯାଇଛନ୍ତି। ରୋଗର ପରୀକ୍ଷା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏସସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି।




ସକାଳ
THE SAKALA


## ଶ୍ରୀକ୍ଷେତ୍ରରେ ଦର୍ଶନାର୍ଥୀଙ୍କ ପାଇଁ ସୁବ୍ୟବସ୍ଥା ପ୍ରସଙ୍ଗ

# ଶ୍ରୀଜଗନ୍ନାଥ ଦର୍ଶନ ମହିମା ଅକ୍ଷୁଣ୍ଣ ରହୁ

ଓଡ଼ିଆ ଅସ୍ମିତା ପାଇଁ ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ କେତେ ଯେ ମହତ୍ତ୍ୱପୂର୍ଣ୍ଣ ଏ କଥା ସର୍ବଜନବିଦିତ। ଶ୍ରୀକ୍ଷେତ୍ରରେ ବିଜେ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ପ୍ରାଣବିନ୍ଦୁ। ଶ୍ରୀଜଗନ୍ନାଥଙ୍କ ପୂଜା, ଭକ୍ତି ଓ ନିରନ୍ତର ଉପାସନା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଯାବତ୍‌ଜୀବନ ସ୍ପନ୍ଦିତ କରିଥାଏ। ଜନ୍ମ ସଂସ୍କାରଠାରୁ ଶେଷସଂସ୍କାର ପର୍ଯ୍ୟନ୍ତ ରତ୍ନସିଂହାସନସ୍ଥ ଦାରୁବ୍ରହ୍ମ ଆମ ଓଡ଼ିଆ ଜୀବନର ମୂଳାଧାର। ବର୍ଷକ ବାରମାସ ଯାକ କାଳିଆ ଠାକୁରଙ୍କ ଡୋରି ଲାଗିଥାଏ ଆମ ସମସ୍ତଙ୍କ ମନ, ମୁନ ଓ ଚଇତନରେ। ସବୁବେଳେ ପୁରସ୍ତମ ଯିବା ପାଇଁ ଅଦମ୍ୟ ଇଚ୍ଛା। ଆମ ଦୈନନ୍ଦିନ ପେଟପାଟଣାରେ, ଦୁଃଖସୁଖରେ, ହର୍ଷବିଷାଦରେ ଆମ ଠାକୁର ଆମ ପାଖେ ପାଖେ ଥାଆନ୍ତି। ଆମ ପାଖ ଲୋକ କିଏ ପୁରୀ ଦର୍ଶନ ଯାଇ ଫେରିଥିଲେ ଆମେ ତାଙ୍କ ଦର୍ଶନ କରି କଳାଠାକୁରଙ୍କ କରୁଣା ପ୍ରାପ୍ତିର ପରମାନନ୍ଦ ଲାଭ କରୁ। ନୀଳଶଇଳର କାଳିଆ ଠାକୁରଙ୍କ ସହ ଆମ ଓଡ଼ିଆଙ୍କ କି ସମ୍ପର୍କ ଥାଏ ତାହା ବେଦ, ଉପନିଷଦ, ପୁରାଣରେ କୁହାଯାଇପାରିନାହିଁ; ଗୁଣୀ, ଜ୍ଞାନୀ, ସନ୍ଥଙ୍କ ବାଣୀରେ ପରସା ଯାଇପାରେ ନାହିଁ କିମ୍ବା ଶାସନ, ପ୍ରଶାସନ, ଆଇନ, କାନୁନ ଓ ଆଦବ କାଇଦା, କଟକଣାରେ କେବେହେଲେ ପରିଭାଷିତ ହୋଇପାରେ ନାହିଁ। ସେଇଥିପାଇଁ ତ ଭାଗବତାକାର ଗାଇଛନ୍ତି - 'ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।'


ଇଏ ତ ଗଲା ଓଡ଼ିଆ ଭକତ ପାଇଁ ଶ୍ରୀଜଗନ୍ନାଥଙ୍କ ଏକାତ୍ମକତାର କଥା। ଅଗଣିତ ଭାରତୀୟ ତଥା ବିଶ୍ୱଯାକ ପରିବ୍ୟାପ୍ତ ହିନ୍ଦୁଙ୍କ ପାଇଁ ମଧ୍ୟ ଶ୍ରୀକ୍ଷେତ୍ର ପୁରୀ ହେଉଛି ପବିତ୍ର ଶ୍ରୀପୁରୁଷୋତ୍ତମ ଧାମ। ସହଜେ ତ ଆମ ଠାକୁରେ ମହାବାହୁ ପ୍ରସାରିତ ହସ୍ତରେ ବିଶ୍ୱବାସୀ ସମସ୍ତଙ୍କୁ ଡାକୁଛନ୍ତି ଆଲିଙ୍ଗନ ମୁଦ୍ରାରେ। ଏପରି ଠାକୁର ଆଉ କେଉଁଠି ଦେଖିଛନ୍ତି କି ତାଙ୍କ ନୀଳଚକ୍ରକୁ ଦେଖିବା ପାଇଁ ଯେତିକି ଅଲଂଘ୍ୟ ତୃଷ୍ଣା, ତାଙ୍କ ଶରଧାବାଲିରେ ଗଡ଼ିବା ପାଇଁ ଯେତିକି ଆତୁରତା, ତାଙ୍କ ବିଶାଳ ଅପଲକ ଚକ୍ଷୁ ଦୁଇଟିରେ ବିଲୀନ ହୋଇଯିବା ପାଇଁ ସେତିକି କିମ୍ବା ତା'ଠାରୁ ଅଧିକ ଆଧ୍ୟାତ୍ମିକ ତୃଷ୍ଣା ଓ ଆକୁଳତା ଭକ୍ତମାନଙ୍କ ହୃଦୟରେ। ଏ ସବୁ ଲେଖିବାର ଉଦ୍ଦେଶ୍ୟ ଏହି କି ଯେ ଶ୍ରୀଜଗନ୍ନାଥ ଦର୍ଶନ ଭକତ ଜୀବନର ସର୍ବୋତ୍ତମ ଅଭୀପ୍ସା। ସେ ଅଦମ୍ୟ ପିପାସାକୁ ନା ତ ଏଡ଼ାଇ ହେବ, ନା ସମ୍ପୂର୍ଣ୍ଣ ବୁଝି ହେବ, ନା ତ ତାକୁ ସହଜରେ ନିୟନ୍ତ୍ରିତ କରିହେବ।

ସମ୍ପ୍ରତି ଓଡ଼ିଶାର ନୂଆ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଗତ ୧୩ ତାରିଖ ସକାଳ ମଙ୍ଗଳ ଆଳତି ପରଠାରୁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲି ଦେଇଛନ୍ତି ଶ୍ରୀଜଗନ୍ନାଥଙ୍କ ଅସଂଖ୍ୟ ଭକ୍ତମାନଙ୍କ ଅବାଧ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନଲାଗି। ସେଦିନ ଚାରିଦିଗରେ ଚାରିଦୁଆରରୁ ଭକ୍ତମାନେ ମନ୍ଦିର ପ୍ରବେଶ କରି ଶ୍ରୀଜଗନ୍ନାଥ ଦର୍ଶନ ଯେଉଁଭଳି ଅଶ୍ରୁଳ ଓ ଭାବବିହ୍ୱଳ ସ୍ୱରରେ ନିଜ ନିଜର ଆନନ୍ଦ ପ୍ରକାଶ କରିଥିଲେ ତାହା ସମଗ୍ର ଓଡ଼ିଶା କାହିଁକି ଦେଶବାସୀ ଦେଖି ଶୁଣି ନିଶ୍ଚୟ ଆଶ୍ୱସ୍ତି ଲାଭ କରିଥିବେ। ତେବେ ଗତ ଦୁଇଦିନ ଧରି ରଜ ଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ବିଶାଳ ଭକ୍ତସଂଖ୍ୟାଙ୍କର ଆଗମନ ପ୍ରଶାସନ ଓ ସୁରକ୍ଷା କର୍ମଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଗୋଟିଏ ପଟେ ଶ୍ରୀଜଗନ୍ନାଥ ଦର୍ଶନର ଅତୀବ ତୃଷ୍ଣା, ତା' ସାଙ୍ଗକୁ ପ୍ରବଳ ଭକ୍ତ ସମାଗମ ଜନିତ ଦୀର୍ଘ ପ୍ରତୀକ୍ଷା ଏବଂ ଅନ୍ୟ ପଟେ ଅସହ୍ୟ ଗ୍ରୀଷ୍ମ ତାପ। କେତେକ ଭକ୍ତଙ୍କ ଅଂଶୁଘାତ ଜନିତ ଅସୁସ୍ଥତା ସମସ୍ୟାକୁ ଆହୁରି ଚିନ୍ତାଜନକ କରାଇଛି। ନିଜେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ଆସନ୍ତା ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ସମୟରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ଼ ଜନିତ ସମସ୍ୟା କଥା ମଧ୍ୟ ବିଚାର କରିଛନ୍ତି। ଏହାର ଆଶୁ ସମାଧାନ ପାଇଁ ପ୍ରଶାସନ ଯେ ଉଚିତ ପଦକ୍ଷେପ ନେବ ଏ କଥା ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକ ପରେ ସାମ୍ବାଦିକମାନଙ୍କୁ ଜଣାଇଛନ୍ତି। ଏ କଥା ସତ ଯେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସମ୍ବାଦ ସାରା ଓଡ଼ିଶାର ଜନସାଧାରଣଙ୍କୁ ନିଶ୍ଚୟ ଉତ୍ସାହିତ କରିଥିବ ଏବଂ ସେମାନେ ଆମର ପାରମ୍ପରିକ ରଜ ପର୍ବ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବିଶାଳ ସଂଖ୍ୟାରେ ପୁରୀଠାରେ ଏକତ୍ର ହୋଇଥିବେ। ତେଣୁ ହୁଏତ ଏହି ସାମୟିକ ବିପୁଳ ଜନସମାଗମ ଆଉ ଦିନେ ଦି ଦିନ ପରେ ରହିବ ନାହିଁ। ତେବେ ପରବର୍ତ୍ତୀ ସମୟରେ ଦର୍ଶନାର୍ଥୀଙ୍କ ଭିଡ଼ ନିୟନ୍ତ୍ରଣ ଓ ଠାକୁର ଦର୍ଶନର ସୁପରିଚାଳନା ପାଇଁ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ ଏବେଠାରୁ ଆଦର୍ଶ କାର୍ଯ୍ୟ ବିଧି ନିର୍ଦ୍ଧାରଣ କରିଦେବା ଉଚିତ।

ଶ୍ରୀଜଗନ୍ନାଥଙ୍କ ଦର୍ଶନ ମାହାତ୍ମ୍ୟ ଆମ ସମସ୍ତଙ୍କ ପାଇଁ ଓ ଅଗଣିତ ହିନ୍ଦୁ ଭକ୍ତଙ୍କ ପାଇଁ ଯେଉଁଭଳି ମହତ୍ତ୍ୱପୂର୍ଣ୍ଣ, ସେହି ପୃଷ୍ଠଭୂମିରେ ଶ୍ରୀକ୍ଷେତ୍ରର ବାରମାସେ ତେରଯାତ୍ରା ପରମ୍ପରାକୁ ଆଖିରେ ରଖି ସୁଗମ ତଥା ଦୃଢ଼ ନିୟମାବଳୀ ପ୍ରଣୟନ କରିବା ଆବଶ୍ୟକ ହୋଇପଡ଼ିଛି। ଆଉ ଡେରି କଲେ ଚଳିବ ନାହିଁ। ଆଉ କିଛିଦିନ ପରେ ପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ତା' ପରେ ପରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ତଥା ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା। ଶ୍ରୀକ୍ଷେତ୍ର ଲୋକାରଣ୍ୟ ହେବା ନିଧାର୍ଯ୍ୟ। ଭାରତର ଅନ୍ୟ ବୃହତ୍ ତୀର୍ଥକ୍ଷେତ୍ରରେ ପୁରୀ ତୁଳନାରେ ଏତେ ସଂଖ୍ୟାରେ ଭକ୍ତ ସମାଗମ ହେଉ ନଥିଲେ ମଧ୍ୟ ଦର୍ଶନାର୍ଥୀଙ୍କ ମନ୍ଦିର ପ୍ରବେଶ, ଦର୍ଶନ ଓ ପ୍ରସ୍ଥାନ ଆଦିର ଶୃଙ୍ଖଳିତ ଉଦାହରଣ ଦେଖିବାକୁ ମିଳିଥାଏ। ଯେଉଁମାନେ ବୈଷ୍ଣୋଦେବୀ, ତିରୁପତି ଦେବସ୍ଥାନମ୍ ଦର୍ଶନ କରିବାକୁ ଯାଇଥିବେ ସେମାନେ ଏକ ଶୃଙ୍ଖଳିତ ବ୍ୟବସ୍ଥାର ଅନୁଭବ ନିଶ୍ଚୟ କରିଥିବେ। ବିଶେଷକରି ସ୍ଥାନୀୟ ପର୍ବପର୍ବାଣିରେ ବିଶାଳ ଜନସମାଗମର ନିୟନ୍ତ୍ରିତ ପରିଚାଳନା ଓ ଶୃଙ୍ଖଳିତ ବ୍ୟବସ୍ଥା ଶ୍ରୀକ୍ଷେତ୍ରରେ ମଧ୍ୟ ଆବଶ୍ୟକମତେ ଲାଗୁ କରିବାକୁ ହେବ। ଶ୍ରୀମନ୍ଦିର ଭିତର ବେଢ଼ା ତଥା ମୁଖ୍ୟମନ୍ଦିର ଭିତରେ ଭକ୍ତମାନଙ୍କର ଧାଡ଼ିବନ୍ଧା ଦର୍ଶନ ପାଇଁ କିପରି ଉତ୍ତମ ବ୍ୟବସ୍ଥା ହୋଇପାରିବ ତାହା ଜରୁରିକାଳୀନ ଭିତ୍ତିରେ ନିଷ୍ପତ୍ତି ନିଆଯିବା ଉଚିତ। ଭକ୍ତମାନଙ୍କ ମନ୍ଦିର ପ୍ରବେଶ ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ କେତେଦୂର ଉପଯୋଗୀ ହେବ, ଗୋଟିଏ ସମୟ ସୀମା ଭିତରେ ମନ୍ଦିର ପ୍ରାଙ୍ଗଣରେ ସର୍ବାଧିକ କେତେ ଭକ୍ତ ଯାତାୟାତ କରିପାରିବେ ତଥା ଜଗମୋହନ ଓ ନାଟମଣ୍ଡପ ମଧ୍ୟରେ ଧାଡ଼ି ବନ୍ଧା ଦର୍ଶନ ପୂଜାବିଧି ଓ ଅନ୍ୟାନ୍ୟ ନୀତିକାନ୍ତି ସମୟରେ ଚଳାଯାଇପାରିବ କି ନାହିଁ ତାହା ମୁକ୍ତିମଣ୍ଡପ ଓ ଛତିଶା ନିଯୋଗ ଆଦି ଅନୁଷ୍ଠାନ ସହ ବିଚାର ଆଲୋଚନା କରି ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତିରେ ଶୀଘ୍ର ପହଞ୍ଚିବାକୁ ପଡ଼ିବ। ଭକ୍ତ ସମାଗମର ବିଶାଳ ସଂଖ୍ୟାକୁ ଲକ୍ଷ୍ୟ କରି, ବିଶେଷକରି ରଥଯାତ୍ରା ସମୟରେ ଉଭୟ ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ନିୟନ୍ତ୍ରଣ ପାଇଁ ଯେଉଁ ବ୍ୟବସ୍ଥା କରାଯାଇପାରିବ ତାହା ଜରୁରିକାଳୀନ ଭିତ୍ତିରେ କରାଯାଉ।

ସମ୍ପ୍ରତି 'ଓଡ଼ିଆ ଅସ୍ମିତା'କୁ ନେଇ ଯେଉଁଭଳି ବିଚାର ଆଲୋଚନା ଚାଲିଛି ଏବଂ ଏହା ଗତ ନିର୍ବାଚନର ଏକ ବିଶେଷ ପ୍ରସଙ୍ଗ ହୋଇଥିବାରୁ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମୟ ଥାଉ ଥାଉ ସମୁଚିତ ପଦକ୍ଷେପ ନେବା ଆବଶ୍ୟକ, ଯାହାଦ୍ୱାରା ପୁଣି ଥରେ ସେହି ପ୍ରସଙ୍ଗ ବିତର୍କର ବିଷୟ ପାଲଟିବ ନାହିଁ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନ ରହୁ। ଏହା ଯେତିକି ଆବଶ୍ୟକ, ଭକ୍ତମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

# ପ୍ରଜ୍ଞାପୀଠ ପୁଷ୍ପଗିରି ବିହାର




ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨


ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାରରେ ଓଡ଼ିଶାର ଭୂମିକା ଅନନ୍ୟ ଓ ଅନୁପମ। ଓଡ଼ିଶାର ଦୁଇଜଣ ବଣିକ ତପସୁ ଓ ଭଲ୍ଲିକ ବୋଧଗୟାଠାରେ ସଦ୍ୟ ସମ୍ବୋଧିପ୍ରାପ୍ତ ବୁଦ୍ଧଦେବଙ୍କୁ ପ୍ରଥମେ ଦର୍ଶନ କରିଥିଲେ ଏବଂ ତାଙ୍କର କେଶ ଓ ନଖ ଆଣି ସ୍ୱବାସସ୍ଥାନ ଆସିୟା ନଗରୀସ୍ଥ ତାରାପୁର(ଜାରକା ନିକଟସ୍ଥ) ଅନୁଚ୍ଚ ପାହାଡ଼ରେ କେଶସ୍ତୂପ ପ୍ରତିଷ୍ଠା କରିଥିଲେ। ସେହି କେଶସ୍ତୂପ ହେଉଛି ବିଶ୍ୱର ପ୍ରଥମ ବୌଦ୍ଧସ୍ତୂପ। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଆସିୟାନଗରୀ ବା ଅସିତାଞ୍ଜନ ନଗରୀର ବିଭିନ୍ନ ସ୍ଥାନରେ ବୌଦ୍ଧସ୍ତୂପ, ଚୈତ୍ୟ ଓ ବିହାର ପ୍ରତିଷ୍ଠିତ ହୋଇ ବୌଦ୍ଧ ଧର୍ମର ବ୍ୟାପକ ପ୍ରସାର ଘଟିଥିଲା। ମହତ୍ତ୍ୱପୂର୍ଣ୍ଣ ହେଉଛି ଓଡ଼ିଶାର ଏହି ଅଞ୍ଚଳରେ ସ୍ଥାପିତ ବହୁ ବୌଦ୍ଧପୀଠ ମଧ୍ୟରୁ ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ପୁଷ୍ପଗିରି ବୌଦ୍ଧତନ୍ତ୍ରର ଚତୁଷ୍ପୀଠ ସ୍ୱରୂପରେ ଭାରତରେ ମାନ୍ୟତା ଲାଭ କରିଥିଲା। ଏହି ଚତୁଷ୍ପୀଠ ମଧ୍ୟରୁ ପୁଷ୍ପଗିରି ବୌଦ୍ଧ ପ୍ରଜ୍ଞାପୀଠ ଭାବରେ ବିଶ୍ୱବିଦିତ।

ପ୍ରାଚୀନ ଯୁଗରୁ ପୁଷ୍ପଗିରି ମହାବିହାର ପ୍ରତିଷ୍ଠା ହୋଇଥିଲେ ହେଁ ଚତୁର୍ଥ ଶତାବ୍ଦୀରୁ ଏହା ଭାରତର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦାରେ ଭୂଷିତ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟରେ ଯୋଗାଚାର, ବଜ୍ରଯାନ, ସହଜଯାନ, କାଳଚକ୍ରଯାନ ଓ ବୌଦ୍ଧତନ୍ତ୍ର ବିଜ୍ଞାନବାଦ ଶିକ୍ଷା ଦିଆଯାଉଥିଲା। ଭାରତର ବିଭିନ୍ନ ଅଞ୍ଚଳ, ତିବ୍ବତ, ଚୀନ୍, ସିଂହଳ ଓ ଜାପାନ ପ୍ରଭୃତି ଦେଶରୁ ଛାତ୍ରମାନେ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସପ୍ତମ ଶତାବ୍ଦୀରେ ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ବିସ୍ମୟାଭିଭୂତ ହୋଇଯାଇଥିଲେ। ସେହି ସମୟରେ ଏହି ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ପ୍ରସିଦ୍ଧି ଲାଭ କରିସାରିଥିଲା। ହୁଏନ୍‌ସାଂ ଏହାର ବିହାର, ସ୍ତୂପ, ଚୈତ୍ୟ ପ୍ରଭୃତି ମନୁଷ୍ୟ ନିର୍ମାଣ କରିଥିବା ବିଶ୍ୱାସ କରିପାରି ନ ଥିଲେ। ତାଙ୍କ ମତରେ ଯକ୍ଷମାନେ ଏହି ବିଶାଳ ବିହାର, ସ୍ତୂପ ଓ ଚୈତ୍ୟ ପ୍ରଭୃତି ନିର୍ମାଣ କରିଥିଲେ। ଅଧିକନ୍ତୁ ପୁଷ୍ପଗିରିରେ ଥିବା ଧାତୁସ୍ତୂପର ଅଲୌକିକତାରେ ହୁଏନ୍‌ସାଂ ମୋହିତ ହୋଇଯାଇଥିଲେ। ପୂର୍ବରୁ ସେ ପୁଷ୍ପଗିରିର ପ୍ରଶସ୍ତି ଶୁଣିଥିଲେ ମଧ୍ୟ ପରିଦର୍ଶନ କରିବା ପରେ ବିସ୍ମୟ ଓ ମୋହାଚ୍ଛନ୍ନ ହୋଇ ତଥାଗତଙ୍କୁ ଆଭୂମ ପ୍ରଣତି ଜଣାଇଥିଲେ। ହୁଏନ୍‌ସାଂ ଚୀନ୍ ଭାଷାରେ ପୁଷ୍ପଗିରିକୁ 'ପୁଷ୍ପି-ପୋ-କି-ଲି' ବୋଲି ଲେଖିଛନ୍ତି। ବିଶ୍ୱବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିସାରିବା ପରେ ମଧ୍ୟ ଛାତ୍ରଗଣ ଉଚ୍ଚତର ଅଧ୍ୟୟନ ନିମିତ୍ତ ପୁଷ୍ପଗିରି ଆସୁଥିଲେ। ରାହୁଲଭଦ୍ର, ଶାନ୍ତରକ୍ଷିତ, ପଦ୍ମସମ୍ଭବ, ଇନ୍ଦ୍ରଭୂତି, ଅନଙ୍ଗବଜ୍ର, ଲକ୍ଷ୍ମୀଙ୍କରା, ପୀତୋପାଦ, ସରହପାଦ, କୃଷ୍ଣାଚାର୍ଯ୍ୟ, ବୋଧିଶ୍ରୀ, ନାରେପା ପ୍ରଭୃତି ଲବ୍ଧପ୍ରତିଷ୍ଠ ବିଦ୍ୱାନ ଓ ସିଦ୍ଧବୃନ୍ଦ ଏଠାରେ ଅଧ୍ୟାପକ ଥିଲେ। ପ୍ରସିଦ୍ଧ ଚାରଣସନ୍ଥ ଧର୍ମରକ୍ଷିତ ପୁଷ୍ପଗିରିରେ କିଛିକାଳ ନିବାସ କରିଥିଲେ ଏବଂ ନିକଟସ୍ଥ ଭୋଜକଗିରିରେ ସନ୍ନ୍ୟାସ ଜୀବନଯାପନ କରୁଥିବା ଅଶୋକଙ୍କ ଭାଇ ତିସ୍‌ସଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ବୌଦ୍ଧଶାସ୍ତ୍ର 'ଗଣ୍ଡବ୍ୟୂହ'ରୁ ଜଣାଯାଏ, ଭ୍ରାମ୍ୟମାଣ ପରିବ୍ରାଜକ ସର୍ବଗାମୀ, ପୁଷ୍ପଗିରିରେ କିଛିକାଳ ଅଧ୍ୟାପନା କରିବା ସହିତ ସୁଗନ୍ଧ ପୁଷ୍ପଭରା ସୁରଭଗିରିରେ ନିବାସ କରୁଥିଲେ ଏବଂ ସାଧିକା ଅଚଳାସ୍ଥିରାଙ୍କ ଶିଷ୍ୟ ସୁଧର କୁମାର ବହୁ କଷ୍ଟରେ ଶ୍ରାବସ୍ତୀରୁ ସୁରଭଗିରି ଆସି ସର୍ବଗାମୀଙ୍କର ଦର୍ଶନ କରିଥିଲେ।

ଗବେଷକବୃନ୍ଦ ପ୍ରଥମେ ରତ୍ନଗିରିକୁ ହୁଏନ୍‌ସାଂଙ୍କ ବର୍ଣ୍ଣିତ ପୁଷ୍ପଗିରି ଭାବରେ ବିବେଚନା କରୁଥିଲେ। କିନ୍ତୁ ରତ୍ନଗିରିର ଭୂଖନନରୁ 'ରତ୍ନଗିରି ଆର୍ଯ୍ୟ ଭିକ୍ଷୁସଂଘ' ସିଲ୍ ମିଳିବା ପରେ ତାହା ପୁଷ୍ପଗିରି ନୁହେଁ ବୋଲି ଜଣାପଡ଼ିଲା। ତଦନୁରୂପ ଉଦୟଗିରି ଭୂଖନନରୁ 'ସିଂହପ୍ରସ୍ଥ ମହାବିହାର' ଓ 'ମାଧବପୁର ମହାବିହାର' ସିଲ୍ ମିଳିବା ପରେ ଏହା ମଧ୍ୟ ପୁଷ୍ପଗିରି ନୁହେଁ ବୋଲି ଜଣାପଡ଼ିଲା। ଲଳିତଗିରିରେ ଥିବା ଦୁଇଟିଯାକ ବୌଦ୍ଧବିହାରରୁ ଗୋଟିଏ 'ଲଳିତଗିରି ବିହାର' ଓ ଅନ୍ୟଟି 'ଚନ୍ଦ୍ରାଦିତ୍ୟ ବିହାର' ହୋଇଥିବାରୁ ଗବେଷକବୃନ୍ଦ ପୁଷ୍ପଗିରି ଅବସ୍ଥିତିକୁ ନେଇ ଚିନ୍ତାପ୍ରକଟ କଲେ। ଆସିଆ ପର୍ବତମାଳାର ପ୍ରତ୍ୟେକଟି ଗିରିରେ ବୌଦ୍ଧପୀଠ ରହିଥିଲା। ତନ୍ମଧ୍ୟରୁ କେଉଁଟି ପୁଷ୍ପଗିରି ବିହାର ତାହା ନିର୍ଣ୍ଣୟ ହୋଇପାରୁନଥିଲା। ନିକଟ ଅତୀତରେ ଲାଙ୍ଗୁଡ଼ି ପାହାଡ଼ରୁ ପ୍ରାପ୍ତ ଅବଶେଷରୁ ବିହାର, ସ୍ତୂପ ଓ ଚୈତ୍ୟ ସହିତ 'ଶ୍ରୀ ପୁଷ୍ପସରା ଗିରୟ' ଅଭିଲେଖ ପ୍ରାପ୍ତ ହୋଇଥିବାରୁ ଗବେଷକମାନେ ନିଶ୍ଚିତ ହେଲେ ଯେ ଲାଙ୍ଗୁଡ଼ି ପାହାଡ଼ ହିଁ ହୁଏନ୍‌ସାଂଙ୍କ ବର୍ଣ୍ଣିତ ପୁଷ୍ପଗିରି ଥିଲା। ଏ ସଂପର୍କରେ ଅଧିକ ଅନୁସନ୍ଧାନ ଜାରି ରହିଛି।

ଅଦ୍ୟାବଧି ଲାଙ୍ଗୁଡ଼ି ପାହାଡ଼ର ତିନିଗୋଟି ସ୍ଥାନରେ ଖନନ କରାଯାଇଛି। ଏହି ପାହାଡ଼ର ଉତ୍ତର-ପୂର୍ବ କୋଣରୁ ବିଧ୍ୱସ୍ତପ୍ରାୟ ସ୍ତୂପ ଓ ଭଗ୍ନ ସ୍ତମ୍ଭ ମିଳିଅଛି, ଯେଉଁଗୁଡ଼ିକ ସୁଙ୍ଗ ରାଜବଂଶକାଳୀନ ଅର୍ଥାତ ଖ୍ରୀଷ୍ଟପୂର୍ବକାଳୀନ କୀର୍ତ୍ତି। ଏଠାରୁ ଅନୁମାନ କରାଯାଉଛି, ଅଶୋକଙ୍କ ରାଜତ୍ୱରେ ପୁଷ୍ପଗିରି ବିହାର ପ୍ରତିଷ୍ଠା କରାଯାଇଥିଲା। ସେହି ସ୍ଥାନରୁ ପ୍ରସ୍ତର ପାବଚ୍ଛ ଓ ଇଟାରେ ନିର୍ମିତ ଚଟାଣ ମିଳିଛି। ପାହାଡ଼ର ପୂର୍ବ-ଦକ୍ଷିଣ କୋଣରୁ ମଧ୍ୟ କେତୋଟି ପଥର ସ୍ତୂପର ସନ୍ଧାନ ମିଳିଛି। ଏଠାରୁ ଧ୍ୟାନମୁଦ୍ରା ଓ ଭୂମିସ୍ପର୍ଶମୁଦ୍ରାର ଦୁଇଗୋଟି ବୁଦ୍ଧମୂର୍ତ୍ତି ମିଳିଛି। ପୂର୍ବଦିଗରେ ଦୁଇଟି ଉତ୍ତରାଭିମୁଖୀ ସ୍ତୂପ ମିଳିଛି, ଯେଉଁଠାରେ ଛତ୍ର ବିଦ୍ୟମାନ। ଏହି ଦୁଇ ସ୍ତୂପ ମଧ୍ୟରେ ଗୋଟିଏ ଧ୍ୟାନୀବୁଦ୍ଧ ମୂର୍ତ୍ତି ବିରାଜିତ। ଏଠାରେ ଥିବା କାନ୍ଥରେ ବହୁ ପଦ୍ମଫୁଲ ଅଙ୍କିତ ତଥା ପଥରରେ 'ଶ୍ରୀ ପୁଷ୍ପସଭା ଗିରୟ' ଉତ୍କୀର୍ଣ୍ଣ ହୋଇଛି। ଏହି ଲିପି ଡକ୍ଟର ବିଏନ୍ ମୁଖାର୍ଜୀଙ୍କ ଦ୍ୱାରା ପଠିତ। ତାଙ୍କ ଦ୍ୱାରା ଆବିଷ୍କୃତ ଶିଳାଲେଖରୁ ଆପାତତଃ ପ୍ରମାଣ ମିଳିଛି ଯେ ଏହା ହିଁ ହୁଏନ୍‌ସାଂ ଓ ନାଗାର୍ଜୁନ କୋଣ୍ଡା ବର୍ଣ୍ଣିତ ପୁଷ୍ପଗିରି। ଲାଙ୍ଗୁଡ଼ି ପାହାଡ଼ରୁ ମୌର୍ଯ୍ୟଯୁଗୀୟ, ଗୁପ୍ତଯୁଗୀୟ ଓ ଭୌମକର ଯୁଗୀୟ ଅନେକ ପ୍ରତ୍ନବିଭବ ମିଳିଛି। ପ୍ରମାଣିତ ହୁଏ ମୌର୍ଯ୍ୟଯୁଗରେ ଅର୍ଥାତ୍ ମହାଯାନ ଚେତନାର ଉନ୍ମେଷ ପୂର୍ବରୁ ଲାଙ୍ଗୁଡ଼ି ପାହାଡ଼ରେ ପୁଷ୍ପଗିରି ବୌଦ୍ଧବିହାର ପ୍ରତିଷ୍ଠିତ ହୋଇଥିଲା। ପରବର୍ତ୍ତୀ କାଳରେ ଏହି ବିହାରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଅନ୍ତର୍ଜାତୀୟ ପ୍ରସିଦ୍ଧି ଅର୍ଜନ କରିଥିଲା। ସମ୍ଭବତଃ, ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ତକ୍ଷଶୀଳା ବିଶ୍ୱବିଦ୍ୟାଳୟର ସମକାଳୀନ ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟ ପୂର୍ବରୁ ପ୍ରତିଷ୍ଠିତ। ବୌଦ୍ଧଧର୍ମରେ ମହାଯାନ ଚେତନାର ଉନ୍ମେଷ ଘଟିବା ପରେ ପୁଷ୍ପଗିରି ବିଖ୍ୟାତ ବୌଦ୍ଧତନ୍ତ୍ରପୀଠ ରୂପେ ଖ୍ୟାତି ଲାଭ କରିଥିଲା ତଥା ବୌଦ୍ଧତନ୍ତ୍ରର ପ୍ରତ୍ୟେକ ବିଭାଗ ଉପରେ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା। ଭାରତର ବିଭିନ୍ନ ପ୍ରାନ୍ତରରୁ ତଥା ବିଦେଶରୁ ଛାତ୍ରମାନେ ଆସି ଏଠାରେ ଅଧ୍ୟୟନ କରୁଥିଲେ।

ଲାଙ୍ଗୁଡ଼ି ପାହାଡ଼ ନିକଟରେ ଥିବା କାଏମା ପାହାଡ଼ ମଧ୍ୟ ବୌଦ୍ଧପୀଠ ଥିଲା। ସେଠାରୁ ମିଳିଥିବା ପ୍ରତ୍ନବିଭବରୁ ପ୍ରମାଣିତ ହୁଏ ଯେ ଏହି ବିହାର ଅଶୋକଙ୍କ ଦ୍ୱାରା ତାଙ୍କ ସାନଭାଇ ବୌଦ୍ଧସନ୍ନ୍ୟାସୀ ତିସ୍‌ସଙ୍କ ନିମିତ୍ତ ନିର୍ମିତ। ଏହାକୁ ଭୋଜକଗିରି ବିହାର କୁହାଯାଉଥିଲା। କାଏମା ପାହାଡ଼ରୁ ହସ୍ତୀମୂର୍ତ୍ତି, ପାଞ୍ଚଗୋଟି ଗୁମ୍ଫା, ଦୁଇଟି ବୌଦ୍ଧବିହାର, ଦୁଇଟି ସ୍ତୂପ, ଶିଳାଲିପି, ଶଙ୍ଖଲିପି ଓ ଅନ୍ୟାନ୍ୟ ବହୁ ଭଗ୍ନ ପ୍ରତ୍ନବିଭବ ପ୍ରାପ୍ତ ହୋଇଅଛି। ହସ୍ତୀ ପ୍ରତିମାର ସମ୍ମୁଖ ନିମ୍ନଭାଗରେ 'ଗଜରାଜ' ଓ ପଥର ବେଞ୍ଚରେ 'ତୀସ' ଉଲ୍ଲିଖିତ। ଏହି ଭୋଜକଗିରି ହିଁ ପ୍ରାଚୀନ ବୌଦ୍ଧଶାସ୍ତ୍ର 'ଗଣ୍ଡବ୍ୟୂହ' ବର୍ଣ୍ଣିତ 'ସୁରଭଗିରି', ଯହିଁରେ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ସର୍ବଖମିନୀ ନିବାସ କରୁଥିଲେ ମଞ୍ଜୁଶ୍ରୀ ଓ ଅଚଳସ୍ଥିରାଙ୍କ ଶିଷ୍ୟ ସୁଧନ କୁମାର ଶ୍ରାବସ୍ତୀରୁ ଆସି ତାଙ୍କୁ ଦର୍ଶନ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ଅଧୀନରେ ଦକ୍ଷିଣ-ପୂର୍ବ ଏସୀୟ ନୌବାଣିଜ୍ୟ ଗବେଷଣାକେନ୍ଦ୍ର ଏହାର ଖନନ ଦାୟିତ୍ୱ ନେଇଛନ୍ତି। ଏହା ସଂପୂର୍ଣ୍ଣ ହେଲେ ଭୋଜକଗିରି ବା ସୁରଭଗିରି ସଂପର୍କରେ ଅଧିକ ତଥ୍ୟ ଲୋକଲୋଚନକୁ ଆସିବାର ସମ୍ଭାବନା ରହିଛି। ଏତଦ୍‌ଭିନ୍ନ ଆସିଆ ପର୍ବତମାଳାର ବଜ୍ରଗିରିରେ ମଧ୍ୟ ଏକ ବୌଦ୍ଧପୀଠ ରହିଥିଲା।

ବୌଦ୍ଧତନ୍ତ୍ର ପ୍ରଭାବରେ ଆସିଆ ପର୍ବତମାଳା ଅଞ୍ଚଳ ଅର୍ଥାତ୍ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଅବବାହିକାରେ ଅଗଣିତ ବୌଦ୍ଧତନ୍ତ୍ର ପୀଠ ଗଢ଼ି ଉଠିଥିଲା। ତନ୍ମଧ୍ୟରେ ତାରାପୁର, ମହାକାଳପଡ଼ା, ଆସିଆ, ଗଣ୍ଡିଆ, କପିଳା, ଏରଡ଼ା, ତରଙ୍ଗ, ହାଟପାଟଣା, ଆଲୀବାଗ, ବିରଜାହାଟ, ସନ୍ତମାଧବ, ଯାଉଁଳିବନ୍ଧ, ଡିହକୁଳା, ପ୍ରୀତିପୁର, ଜରି, ଟିଣା, ସସିରଣା, କୁଆଁସ, ନାଳନ୍ଦା, ମଙ୍ଗଳପୁର, ବାଲିଆପାଳ, ଡୁବୁରୀ, ମହାଗିରି, ଗୋକର୍ଣ୍ଣେଶ୍ୱର, ଦେଉଳୀ, ନଠୁଆବର, ପଞ୍ଝୁଲି, ରାଧାନଗର, କଣ୍ଟିଗଡ଼ିଆ, ବଜ୍ରଗିରି, ଅଳତିଗିରି ପ୍ରଭୃତି ବୌଦ୍ଧପୀଠ ପ୍ରସିଦ୍ଧ ଥିଲା। ରତ୍ନଗିରିଠାରୁ ଦଶ କିଲୋମିଟର ଦୂରରେ ଅବସ୍ଥିତ ମହାକାଳପଡ଼ା କାଳଚକ୍ର ଯାନର ଅନ୍ୟତମ ପୀଠ ଥିଲା। ଏଠାରେ ଏକଶହ ଆଠ ଯୋନି ପୀଠରେ ଶିବଲିଙ୍ଗ ସ୍ଥାପନା ହୋଇ ମହାକାଳଙ୍କର ସ୍ୱତନ୍ତ୍ର ଉପାସନା ହେଉଥିଲା। ମୁସଲମାନ ଆକ୍ରମଣକାରୀଙ୍କ ଦ୍ୱାରା ପୀଠଟି ଧ୍ୱଂସ ପାଇଯାଇଛି। ପୁଷ୍ପଗିରିରେ ତନ୍ତ୍ରସିଦ୍ଧ ଓ ଗବେଷକଙ୍କ ଦ୍ୱାରା ବୌଦ୍ଧ ତନ୍ତ୍ରର ବୁଦ୍ଧକପାଳ ତନ୍ତ୍ର, ଯୋଗିନୀ ତନ୍ତ୍ର, ବଜ୍ର ତନ୍ତ୍ର, ସଂପୁଟକ ତନ୍ତ୍ର, ସହଜ ତନ୍ତ୍ର, କୃଷ୍ଣଯମାରି ତନ୍ତ୍ର, ବଜ୍ରାମୃତ ତନ୍ତ୍ର, ମହାମାୟା ତନ୍ତ୍ର, କାଳଚକ୍ର ତନ୍ତ୍ର ଓ ଚକ୍ରସମ୍ବାର ତନ୍ତ୍ର ପ୍ରଭୃତି ବିଭାଗରେ ପ୍ରଶିକ୍ଷଣ ଦିଆଯାଉଥିଲା। ପ୍ରଶିକ୍ଷିତ ତନ୍ତ୍ରସାଧକବୃନ୍ଦ ଉପରୋକ୍ତ ପୀଠମାନଙ୍କରେ ନିବାସ କରି ଅନ୍ୟମାନଙ୍କୁ ତନ୍ତ୍ର ଶିକ୍ଷା ପ୍ରଦାନ କରୁଥିଲେ। ଫଳରେ ଓଡ଼ିଶା ମାଟିରେ ବୌଦ୍ଧ ତନ୍ତ୍ର ପଲ୍ଲବିତ, ପୁଷ୍ପିତ ଓ ସୁରଭିତ ହୋଇ ଭାରତ ବାହାରକୁ ବ୍ୟାପିଥିଲା। ଏହି ନୂତନ ତତ୍ତ୍ୱ ଓ ସଂବୋଧି ବୌଦ୍ଧଧର୍ମକୁ ବୈଭାଷିକ, ସୌତାନ୍ତ୍ରିକ, ଯୋଗାଚାର ଓ ମାଧ୍ୟମିକ ଚାରିଗୋଟି ସଂପ୍ରଦାୟରେ ବିଭାଜନ କରିଥିଲା। ପ୍ରଜ୍ଞାପୀଠ ପୁଷ୍ପଗିରିର ତନ୍ତ୍ରାଚାର୍ଯ୍ୟବୃନ୍ଦ ବୌଦ୍ଧଧର୍ମକୁ ଏକ ଗଣଧର୍ମରେ ପରିଣତ କରିଥିଲେ।

ଗବେଷକଙ୍କ ମତରେ ପୁଷ୍ପଗିରି ସନ୍ନିକଟ ରାଧାନଗର ହିଁ ତୋଷାଳୀର ରାଜଧାନୀ କଳିଙ୍ଗନଗର ଥିଲା। ଏଠାରୁ ବହୁ ପ୍ରତ୍ନବିଭବ ମିଳିଅଛି। ଖ୍ରୀଷ୍ଟପୂର୍ବ କାଳରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ପ୍ରସିଦ୍ଧ ଥିଲା ଏବଂ ପରବର୍ତ୍ତୀକାଳରେ ରାଜନଗର ଅପଭ୍ରଂଶ ହୋଇ ରାଧାନଗର ହୋଇଅଛି। କେତେକ ଗବେଷକଙ୍କର ମତ ଏହିଠାରେ ବିଶ୍ୱପ୍ରସିଦ୍ଧ କଳିଙ୍ଗଯୁଦ୍ଧ ହୋଇଥିଲା। ସେହି ସ୍ଥାନରୁ ମିଳିଥିବା ମୌର୍ଯ୍ୟଯୁଗୀୟ ଅସ୍ତ୍ରଶସ୍ତ୍ରରୁ ଏହା ପ୍ରମାଣିତ ହୋଇଥାଏ। ଏ ସଂପର୍କରେ ଅଦ୍ୟାବଧି ଗବେଷଣା ଅବ୍ୟାହତ ରହିଛି। ଏତଦ୍‌ଭିନ୍ନ ସମଗ୍ର ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ନଦୀପଠା, ବିଲମାଳମାନଙ୍କରୁ ବହୁ ବୌଦ୍ଧମୂର୍ତ୍ତି ମିଳିଛି। ବୁଦ୍ଧ ଯାଜପୁରରେ ପଦ୍ମପ୍ରଭ ନାମରେ ଜନ୍ମ ନେବେ ବୋଲି ବୌଦ୍ଧଶାସ୍ତ୍ରରେ ଉଲ୍ଲିଖିତ ରହିଛି। ଓଡ଼ିଶାରେ ଜନ୍ମିତ ପଦ୍ମସମ୍ଭବ 'ଦ୍ୱିତୀୟବୁଦ୍ଧ' ନାମରେ ବିଶ୍ୱପ୍ରସିଦ୍ଧ। ସେ ନିଜର ପତ୍ନୀ ମନ୍ଦରବାଙ୍କୁ ଧରି ଯାଜପୁରରେ ସାଧନାରତ ଥିଲେ। ଅଗଣିତ ବୌଦ୍ଧସାଧକ, ସନ୍ନ୍ୟାସୀ, ଭିକ୍ଷୁ, ଆଚାର୍ଯ୍ୟ, ରାଜା ଓ ଜମିଦାର ଯାଜପୁର ଅଞ୍ଚଳରେ ବହୁ ବୌଦ୍ଧପୀଠ ନିର୍ମାଣ କରିଥିଲେ। ଏହିସବୁ ପୀଠରେ ହିନ୍ଦୁ ଓ ବୌଦ୍ଧ ଏକତ୍ର ଉପାସନା କରୁଥିଲେ ବୋଲି ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି।

ଓଡ଼ିଶାର ପୁଷ୍ପଗିରି, ରତ୍ନଗିରି, ଉଦୟଗିରି ଓ ଲଳିତଗିରିରୁ ବୌଦ୍ଧତନ୍ତ୍ରର ଉନ୍ମେଷ ଘଟି ଆବିଶ୍ୱ ପ୍ରସାରିତ ହୋଇଥିଲା। ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରଜ୍ଞା ଶୁଭାକର ଦେବଙ୍କ ସ୍ୱହସ୍ତ ଲିଖିତ ପତ୍ର ଓ ଗଣ୍ଡବ୍ୟୂହ ଗ୍ରନ୍ଥ ନେଇ ଅଷ୍ଟମ ଶତାବ୍ଦୀରେ ଚୀନ୍ ଯାତ୍ରା କରିଥିଲେ। ସେ ଚୀନ୍ ସମ୍ରାଟ ଟେସେସଙ୍କୁ ଏସବୁ ପ୍ରଦାନ ପରେ ସମ୍ରାଟଙ୍କ ଅନୁରୋଧକ୍ରମେ ଚୀନ୍ ଦେଶରେ ଆଜୀବନ ନିବାସ କରି ଅଗଣିତ ବୌଦ୍ଧଶାସ୍ତ୍ରର ଚୀନ୍ ଭାଷାରେ ଅନୁବାଦ କରିଥିଲେ। ଯାଜପୁର ଅଞ୍ଚଳର ବୌଦ୍ଧପୀଠ ସମୂହରେ ସାଧନାରତ ଥିବା ସିଦ୍ଧାଚାର୍ଯ୍ୟବୃନ୍ଦ ବୌଦ୍ଧତନ୍ତ୍ରର ଗୁଢ଼ତତ୍ତ୍ୱକୁ ଲୌକିକ ଭାଷାରେ ଦୋହା ବା ଆଚରଣ ଗୀତିକା ଭାବରେ ରଚନା କରିଥିଲେ। ଏଗୁଡ଼ିକୁ ଚର୍ଯ୍ୟାଗୀତ ବା ଚର୍ଯ୍ୟାପଦ କୁହାଯାଏ। ସେହି ତନ୍ତ୍ରାଚାର୍ଯ୍ୟବୃନ୍ଦ ସମଗ୍ର ଭାରତବର୍ଷରେ ବୁଲି ଏହିସବୁ ଚର୍ଯ୍ୟାଗୀତିର ପ୍ରଚାର କରିଥିଲେ। ଲୋକପ୍ରିୟତା ଦୃଷ୍ଟିରେ ମୁନିଦତ୍ତ ସେଗୁଡ଼ିକୁ ସଂସ୍କୃତରେ ଅନୁବାଦ କରିଥିଲେ। ସେମାନେ ଅଗଣିତ ବୌଦ୍ଧଶାସ୍ତ୍ର ରଚନା କରିଥିଲେ, ଯାହା ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ। ବୌଦ୍ଧଧର୍ମ, ସଂସ୍କୃତି, ଦର୍ଶନକୁ ପୁଷ୍ପଗିରି ବିହାର ଓ ବିଶ୍ୱବିଦ୍ୟାଳୟର ଦାନ ଅତୁଳନୀୟ।

# ଆଖିକୁ ନିଦ ଆସୁନି!




ଅଭିମନ୍ୟୁ ଧଳ
ପଟ୍ଟାମୁଣ୍ଡାଇ, ମୋ: ୯୮୬୧୦୪୮୦୫୨


ଶୈଶବରେ ମା'ଙ୍କ ସହିତ ନିଦମାଉସୀ ଆସି ଆମକୁ ଶୁଆଇଦିଅନ୍ତି। ବଡ଼ ହେଲେ ମା' ହୁଏତ ଆମଠାରୁ ଦୂରରେ ରହିଯାଆନ୍ତି; ପରନ୍ତୁ ନିଦମାଉସୀ ସଦାବେଳେ ଛାଇପରି ଆମ ପାଖେ ପାଖେ ରହିଥା'ନ୍ତି। କର୍ମକ୍ଳାନ୍ତ ଶରୀରକୁ ଆରାମ ଦେବା ପାଇଁ ଆମ ପାଖକୁ ଚାଲି ଆସନ୍ତି। ତାଙ୍କ କୁହୁକ ପରଶରେ ଆମେ ଆରାମରେ ଶୋଇଯାଉ। ପ୍ରତ୍ୟେକ ମଣିଷ ତାଙ୍କ ଜୀବନକାଳ ମଧ୍ୟରେ ଏକ-ତୃତୀୟାଂଶ ନିଦମାଉସୀ କୋଳରେ କଟାଇଥା'ନ୍ତି। ନିଦମାଉସୀ ଆମର ବ୍ୟସ୍ତବହୁଳ, ଚିନ୍ତା ଓ ବ୍ୟାଧିଗ୍ରସ୍ତ ଜୀବନରେ ଶାନ୍ତି ଆଣନ୍ତି। ଏବେ କିନ୍ତୁ ଏହି ନିଦ ଜନିତ ଶାନ୍ତି ଦୁଷ୍ପ୍ରାପ୍ୟ ହେବାରେ ଲାଗିଛି। ମଣିଷ ଯେତେ ବ୍ୟସ୍ତ ଓ କର୍ମତତ୍ପର ହୋଇପଡୁଛି ତା'ର ନିଦ ସେତିକି ତା'ଠାରୁ ଦୂରେଇ ଯାଉଛି।

'ଆଖିକୁ ନିଦ ଆସୁନି।' ଏହି କଥା ଅନେକ ଭାରତୀୟ ନୈରାଶ୍ୟଭରା କଣ୍ଠରେ କହୁଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅନ୍ୟୂନ ୮ ଘଣ୍ଟା ଶୋଇବା ପାଇଁ ବିଶେଷଜ୍ଞମାନେ ଉପଦେଶ ଦେଉଥିବା ବେଳେ ଅଧିକାଂଶ ଭାରତୀୟଙ୍କ ନିଦ୍ରାର ମାନ ଉତ୍କୃଷ୍ଟ ନୁହେଁ। କେହି ରାତିରେ ନିଶା ସେବନ କରି, କେହି ନିଦ ବଟିକା ଖାଇ କୃତ୍ରିମ ନିଦ୍ରା ଯାଉଛନ୍ତି। କିନ୍ତୁ ଏହା ଶରୀର ପାଇଁ କ୍ଷତିକାରକ। ମାନସିକ ବ୍ୟାଧିର ମୁଖ୍ୟ କାରଣ ନିଦ୍ରାହୀନତା। ରାତିରେ ନିଦ ନ ହେଲେ ଏଣ୍ତୁତେଣ୍ତୁ ବାଜେ କଥା ମୁଣ୍ଡକୁ ଆସେ। ମନ ଅସ୍ଥିର ହୁଏ। ଶରୀର ଅବଶ ହୋଇଯାଏ। କାମରେ ମନ ଲାଗେନି। ଏକାଗ୍ରତା କମିଯାଏ। ଚିଡ଼ିଚିଡ଼ାପଣ ଦେଖାଯାଏ। ଅନ୍ୟ ଅର୍ଥରେ କହିଲେ ନିଦ୍ରାହୀନତା ବର୍ତ୍ତମାନ ଭାରତୀୟଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଉଭା ହୋଇଛି। 'ଲୋକାଲ ସର୍କଲ' ସଂସ୍ଥା ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୧୨ ମାସ ମଧ୍ୟରେ ଭାରତୀୟମାନଙ୍କ ମଧ୍ୟରୁ ୨୮% ୬ ଘଣ୍ଟା, ୨୩% ୪ ଘଣ୍ଟା, ୩୮% ୪-୬ ଘଣ୍ଟା, ୬% ୬-୮ ଘଣ୍ଟା ଓ ମାତ୍ର ୫% ଲୋକ ୧୦ ଘଣ୍ଟାରୁ ଅଧିକ ରାତିରେ ସୁନିଦ୍ରା ପାଇଛନ୍ତି। ଦିନରେ ୬ ଘଣ୍ଟାରୁ କମ୍ ଶୋଉଥିବା ଭାରତୀୟଙ୍କ ସଂଖ୍ୟା ୨୦୨୨ରେ ୫୦% ଥିବାବେଳେ ୨୦୨୩ରେ ଏହା ୫୫% ଓ ୨୦୨୪ରେ ୬୧%କୁ ବୃଦ୍ଧି ପାଇଛି।



ଶିଶୁଟିଏ ଜନ୍ମପରେ ଦିନକୁ ୧୮ରୁ ୨୨ ଘଣ୍ଟା ଶୋଇଥାଏ। ଧୀରେ ଧୀରେ ଏହା କମି ଦଶବର୍ଷ ବେଳକୁ ୧୦ରୁ ୧୨ ଘଣ୍ଟାକୁ ଆସିଯାଇଥାଏ। ବର୍ତ୍ତମାନ ପିଲାକୁ ତିନିବର୍ଷରୁ ସକାଳୁ ଜବରଦସ୍ତ ଉଠାଇ ସ୍କୁଲକୁ ପଠାଯାଉଛି। ବାପା, ମା' ମାନେ ତା' ଦିନରେ ବାଧକ ସାଜୁଛନ୍ତି। ତେଣୁ ପିଲାମାନେ କାନ୍ଦିବା, ଜିଦ୍‌ଖୋର ଓ ଚିଡ଼ିଚିଡ଼ା ହେବା ସ୍ୱାଭାବିକ୍। ପିଲାଟିର ବୟସ ଯେତିକି ବଢ଼େ ତା' ଉପରେ ପାଠର ଅଧିକ ଚାପ ସୃଷ୍ଟିହୁଏ। ଯାହା ଫଳରେ ତା'ର ନିଦରେ ବାଧା ସୃଷ୍ଟିହୁଏ। ପାଠପଢ଼ା ବେଳେ ଢୁଳାଇବା ଦେଖାଯାଏ। ପରବର୍ତ୍ତୀ ସମୟରେ ତୀବ୍ର ପ୍ରତିଯୋଗିତାରେ ପାଠ ପଢ଼ି ଚାକିରି ନ ପାଇବା, ବିବାହ ପରେ ପରିବାରର ଆର୍ଥିକ ବୋଝ ତା'ର ଯୌବନରେ ନିଦ ଚୋରାଇନିଏ। ବୃଦ୍ଧାବସ୍ଥାରେ ଏହି ନିଦ୍ରାହୀନତା ଅଧିକ ଦେଖାଯାଏ। ନିଃସଙ୍ଗ ଜୀବନ, ପରିବାର ଉପରେ ବୋଝ, ସ୍ୱାସ୍ଥ୍ୟହାନି ଓ ସେବାନିବୃତ୍ତ ଜୀବନରେ ନିଦ ହଜିଯାଏ। ମଫସଲ ଅପେକ୍ଷା ସହରୀ ଲୋକେ ଅଧିକ ନିଦ୍ରାହୀନତାର ଶିକାର ହେଉଥିବା ଜଣାପଡ଼ିଛି। ଆଲୋକ, ଶବ୍ଦ ଓ ବାୟୁ ପ୍ରଦୂଷଣ ମଧ୍ୟ ନିଦ୍ରାହୀନତାର ଅନ୍ୟତମ କାରଣ।

ପ୍ରାଣୀଙ୍କ ଶରୀର ଭିନ୍ନ ପ୍ରକାରର ହୋଇଥାଏ। ଜଣେ ପ୍ରାତଃବୟସ୍କ ମଣିଷର ନିଦ୍ରା ୫ରୁ ୮ ଘଣ୍ଟା ଆବଶ୍ୟକ। ଭାଲୁ ଓ ସିଂହ ସୂର୍ଯ୍ୟାସ୍ତ ପୂର୍ବରୁ ଶୋଇ ସୂର୍ଯ୍ୟୋଦୟରେ ଉଠନ୍ତି। ସିଂହ ପୂର୍ବାହ୍ନରେ ସକ୍ରିୟ ରହିବା ବେଳେ ଭାଲୁ ଅପରାହ୍ନ ଅର୍ଥାତ୍ ୨ଟା ପରେ ବିଶେଷ ସକ୍ରିୟ ରହିଥାଏ। ବିଲୁଆ ଓ ପେଚା ଆଦି ପ୍ରାଣୀ ରାତିରେ ସଜାଗ ରହି ଦିନରେ ଶୋଇଥା'ନ୍ତି। ଡଲ୍‌ଫିନ୍ ଓ କୁକୁର ଛାଇ ନିଦରେ ଶୁଅନ୍ତି ଓ ସାମାନ୍ୟ ଶବ୍ଦରେ ଉଠିପଡ଼ନ୍ତି। ଘୋଡ଼ା ଠିଆ ହେବା ସମୟରେ ଶୁଏ। ମାଛ ଆଖିପତା ନ ପକାଇ ଶୋଇପାରେ। ଗେଣ୍ଡା ଏକାଦିକ୍ରମେ ଅଢ଼େଇବର୍ଷ ପର୍ଯ୍ୟନ୍ତ ଶୋଇପାରେ।

ନିଦ୍ରାଭାବରୁ କାର୍ଯ୍ୟଦକ୍ଷତା ହ୍ରାସପାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ଅଧୁନା ନିଦ୍ରାହୀନତା କାରଣରୁ ଇନ୍‌ସୋମେନିଆ (ନିଦ୍ରାହୀନତା) ନାରକୋଲେପ୍‌ସି (ନିଦ୍ରାଚ୍ଛନତା) ଓ ସ୍ଲିପ୍ ଆପନିଆ (ନିଦ୍ରା ଶ୍ୱାସହୀନତା) ଆଦି ସମସ୍ୟା ଅଧିକ ଦେଖାଯାଉଛି। ଚିନ୍ତାଗ୍ରସ୍ତ ଜୀବନଶୈଳୀ ଯୋଗୁଁ ନିଦ୍ରାଜନିତ ଏହି ସମସ୍ତ ସମସ୍ୟା ଏବେ ଅତି ସାଧାରଣ ହୋଇଗଲାଣି। ଲୋକଟି ଆଠଘଣ୍ଟା ଏକାଦିକ୍ରମେ ସୁନିଦ୍ରା ଗଲେ ଶାନ୍ତ ଓ ମଧୁରଭାଷୀ ତଥା ବିଚାରବନ୍ତ, ଜ୍ଞାନୀ, ଗୁଣୀ ହୋଇଥା'ନ୍ତି।

ନିକଟରେ ବିଶ୍ୱର ୧୯ଟି ଦେଶରେ ମହିଳା, ପୁରୁଷଙ୍କୁ ସାମିଲ କରାଯାଇ ସେମାନଙ୍କ ନିଦ ଉପରେ ଅନୁଧ୍ୟାନ କରାଯାଇଥିଲା। ମତାମତ ନେବା ପରେ ୬୧% ମହିଳା ସେମାନଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ସେହି ମହିଳା ବର୍ଗଙ୍କ ମଧ୍ୟରେ ୨୭% କର୍ମଜୀବୀ ଥିଲେ ଓ ଘରର ସବୁଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥିଲା। ଅନ୍ୟମାନଙ୍କ ଅପେକ୍ଷା ପରିବାରରେ ମହିଳାମାନଙ୍କୁ ଅଧିକ କାମ କରିବାକୁ ପଡ଼େ। ଯେଉଁଥି ପାଇଁ ସେମାନେ ପର୍ଯ୍ୟାପ୍ତ ସମୟ ଶୋଇପାରନ୍ତି ନାହିଁ। ଦିନ ତମାମ ସେଥିପାଇଁ ସେମାନଙ୍କୁ ଥକ୍କା ଲାଗେ ଓ ସେମାନେ ଚିଡ଼ଚିଡ଼ା ହୁଅନ୍ତି। ଉଭୟ ମାନସିକ ଓ ଶାରିରିକ ଭାବେ ମହିଳାମାନେ ଅଧିକ କାର୍ଯ୍ୟ କରୁଥିବାରୁ ପୁରୁଷଙ୍କ ତୁଳନାରେ ସେମାନେ ବେଶୀ ସମୟ ବିଶ୍ରାମ ଆବଶ୍ୟକ କରନ୍ତି। ଏହାବ୍ୟତୀତ ମହିଳାଙ୍କ ଶରୀରରେ ହର୍‌ମୋନ ପରିବର୍ତ୍ତନ ମଧ୍ୟ ସେମାନଙ୍କ ନିଦ୍ରାର ଗୁଣକୁ ନଷ୍ଟ କରିଥାଏ। ଯେଉଁଥିପାଇଁ ସେମାନେ ପୁରୁଷଙ୍କ ଅପେକ୍ଷା ଅଧିକ ଶୋଇବା ଆବଶ୍ୟକ କରନ୍ତି।

ଅଧିକ କାର୍ଯ୍ୟଦକ୍ଷତା ପାଇଁ ଜାପାନ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପରେ ଏକ ଘଣ୍ଟା ଆରାମରେ ସୁନିଦ୍ରା ଯିବା ପାଇଁ କାର୍ଯ୍ୟାଳୟମାନଙ୍କରେ ଶେଯର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ସେମାନେ ପୂର୍ବାହ୍ନ ଅପେକ୍ଷା ଅପରାହ୍ନରେ ଅଧିକ କ୍ରୀୟାଶୀଳ ହୋଇଥାଆନ୍ତି। ନିଦ୍ରାହୀନତା କାରଣରୁ ଭାରତ ୨୦୩୦ ସୁଦ୍ଧା ମାନସିକ ଅବସାଦରେ ଚୀନ୍‌କୁ ପଛରେ ପକାଇ ପ୍ରଥମରେ ରହିବ ବୋଲି ଆକଳନ କରାଯାଇଛି।


ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ଭିଡ଼ ଅଣାୟତ୍ତ...

ଭୁବନେଶ୍ୱରର ଦାଢ଼ା ଅଞ୍ଚଳର ପ୍ରୀତି ସାହୁ, ଯାଜପୁର ଜିଲ୍ଲାର ସୁଚିତ୍ରା ବେହେରା (୪୦), ବାଲେଶ୍ୱରର ତୁଷାରକାନ୍ତି ପତି (୫୨)। ସେହିପରି ଭିଡ଼ ଭିତରେ ପଡ଼ିଯିବାରୁ ଜଣେ ମହିଳା ଭକ୍ତଙ୍କ ଗୋଡ଼ ମୋଡ଼ି ହୋଇଯାଇଥିଲା। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ମହିଳା ହେଲେ, ଆନ୍ଧ୍ରପ୍ରଦେଶ କାକିନାଡାର ଭେଙ୍କଟ ପଦ୍ମାବତୀ (୪୪)। ସେ ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ କରି ବେଢ଼ା ପରିକ୍ରମା କରୁଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଭିତରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା କଥା ଜାଣି ଭକ୍ତ ଉତ୍ସାହରେ ପୁରୀ ଆସୁଛନ୍ତି। ହେଲେ ଶ୍ରୀମନ୍ଦିର ଭିତରେ ଦର୍ଶନ ଅବ୍ୟବସ୍ଥାକୁ ନେଇ ଅନେକ ମନ ଦୁଃଖରେ ଫେରୁଛନ୍ତି। କେହି କେହି ପୂର୍ବ ବ୍ୟବସ୍ଥାକୁ ପସନ୍ଦ କରିଥିବା ବେଳେ ଏବେ ଯେଉଁ ସ୍ଥିତି ଉପୁଜୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

ଅନ୍ୟ ପକ୍ଷରେ ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଚାରିଦୁଆର ଖୋଲାଯିବା ଭଲ କଥା; କିନ୍ତୁ ଭିତରେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଜାପାନରେ ବ୍ୟାପୁଛି ମାଂସ...

ଏହା ବ୍ୟତୀତ ଦେହହାତ ଦରଜ, ଜ୍ୱର, ନିମ୍ନ ରକ୍ତଚାପ, ସ୍ନାୟୁ ମରିଯିବା, ନିଶ୍ୱାସପ୍ରଶ୍ୱାସରେ ସମସ୍ୟା, ଅଙ୍ଗପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିଦିଏ। ଏହାର କିଛି ଘଣ୍ଟା ପରେ ରୋଗୀର ମୃତ୍ୟୁ ହୋଇଥାଏ। ଏହି ରୋଗ ଏବେ ୟୁରୋପର ୫ ଦେଶକୁ ବ୍ୟାପି ଗଲାଣି। ଏହି ଦେଶ ମଧ୍ୟରେ ବ୍ରିଟେନ, ଫ୍ରାନ୍ସ, ଆୟରଲାଣ୍ଡ, ନେଦରଲାଣ୍ଡ ଏବଂ ସ୍ୱିଡେନ ସାମିଲ ରହିଛି। ଏହି ସବୁ ଦେଶରେ ସର୍ବାଧିକ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ଟୋକିଓ ଡାକ୍ତର କେନ କିକୁଚିଙ୍କ ସୂଚନା ଅନୁଯାୟୀ ପ୍ରଥମେ ରୋଗୀଙ୍କ ପାଦ କୁଣ୍ଡେଇ ହୋଇଥାଏ। କିଛି ଘଣ୍ଟା ପରେ ଏହା ସମଗ୍ର ଶରୀରକୁ ବ୍ୟାପି ଯାଇଥାଏ। ସେ ଲୋକଙ୍କୁ ବାରମ୍ବାର ହାତ ଧୋଇବାକୁ ଏବଂ ତୁରନ୍ତ ଘା'ର ଚିକିତ୍ସା କରାଇବାକୁ କହିଛନ୍ତି। ଏହାର ମୁକାବିଲା ପାଇଁ ବଜାରରେ ଜେ୮ ଟିକା ମଧ୍ୟ ରହିଛି।

## ଆହୁରି ୩ ଦିନ...

ଗୁଳୁଗୁଳିକୁ ପ୍ରଶମିତ କରିପାରିବ ନାହିଁ। ୧୭ ତାରିଖ ପରିବର୍ତ୍ତେ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ନିଜର ସାନି ବୁଲେଟିନ୍‌ରେ ସୂଚନା ଦେଇଛି।

ଚଳିତ ବର୍ଷ ମୌସୁମୀ ଜୁନ୍ ୮ ତାରିଖରେ ଓଡ଼ିଶା ଛୁଇଁଥିଲା। ସ୍ୱାଭାବିକଠାରୁ ୨-୪ ଦିନ ଆଗୁଆ ମୌସୁମୀ ଛୁଇଁଥିବା ବେଳେ ଏହା କେବଳ ମାଲକାନଗିରି ଜିଲ୍ଲାରେ ହିଁ ସୀମିତ ହୋଇ ରହିଯାଇଛି। ପ୍ରତିକୂଳ ପାଗ ଯୋଗୁଁ ମୌସୁମୀ ଆଗକୁ ବଢ଼ିପାରୁ ନ ଥିବା ବେଳେ ସାରା ରାଜ୍ୟରେ ତାତି ଓ ଗୁଳୁଗୁଳି ଜାରି ରହିଛି। ଅନ୍ୟପଟେ ମୌସୁମୀ ଓଡ଼ିଶା ଛୁଇଁବା ପରେ କେବେ ସୁଦ୍ଧା ସାରା ରାଜ୍ୟକୁ ମୌସୁମୀ ଅଗ୍ରସର ହେବ ସେନେଇ ସୂଚନା ଦିଆଯାଉଥିବା ବେଳେ ଏହାର ଗତିବିଧି ସମ୍ପର୍କରେ ସୂଚନା ଦିଆଯାଉଥିଲା। କିନ୍ତୁ ଚଳିତ ବର୍ଷ ମୌସୁମୀର ଅଗ୍ରସର ସମ୍ପର୍କରେ ବାରମ୍ବାର ମତ ବଦଳାଯାଉଥିବାରୁ ଚାଷୀମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ପାଣିପାଗ କେନ୍ଦ୍ର କହିଛି ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ନେଇ ଆଲର୍ଟ ଜାରି କରିଛି। ଅନ୍ୟପଟେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ ଓ କେନ୍ଦୁଝରରେ କାଳବୈଶାଖୀ ଜନିତ ସ୍ଥିତି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ରବିବାର ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୩ ଡିଗ୍ରୀ ସହ ନୂଆପଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି।

## ବାଚସ୍ପତି ପଦ...

ପଦରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିଲା। ସଂଖ୍ୟାଲଘୁ ବିରୋଧୀ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସକ୍ଷମ ହୋଇ ନ ଥିଲେ। ମାତ୍ର ୨୦୨୪ରେ ବିରୋଧୀଙ୍କ ସ୍ଥିତି ସଂସଦରେ ସୁଦୃଢ଼ ହୋଇଥିବାରୁ ଇଣ୍ଡିଆ ମେଣ୍ଟ ଉପବାଚସ୍ପତି ପଦ ଦାବି କରିଛନ୍ତି। ଏପରିକି ଯଦି ବିରୋଧୀଙ୍କୁ ଉପ ବାଚସ୍ପତି ପଦ ନ ମିଳେ, ତେବେ ବାଚସ୍ପତି ନିର୍ବାଚନରେ ବିରୋଧୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହି ପ୍ରସଙ୍ଗରେ ଏନ୍‌ଡ଼ିଏର ସହଯୋଗୀ ଟିଡ଼ିପି ଓ ଜେଡ଼ିୟୁକୁ ମଧ୍ୟ ମଧ୍ୟ ଉସୁକାଇବା ଆରମ୍ଭ କରିଛନ୍ତି। କଂଗ୍ରେସ ନେତା ଅଶୋକ ଗେହଲଟ୍ କହିଛନ୍ତି ଯେ ଯଦି ବିଜେପି ଲୋକସଭା ଅଧ୍ୟକ୍ଷ ପଦ ନିଜ ପାଖରେ ରଖେ, ତେବେ ଟିଡ଼ିପି ଓ ଜେଡ଼ିୟୁର ସାଂସଦଙ୍କ କିଣାବିକା ପାଇଁ ସେହି ଦଳଗୁଡ଼ିକ ପ୍ରସ୍ତୁତ ରୁହନ୍ତୁ। ସେହିପରି ଆପ୍ ବିରୋଧୀଙ୍କୁ ଉପବାଚସ୍ପତି ପଦ ଛାଡ଼ିବା ପାଇଁ ଦାବି କରିଛି। ଯଦିଓ ଏନ୍‌ଡ଼ିଏର ଦୁଇ ପ୍ରମୁଖ ସହଯୋଗୀଙ୍କ ମଧ୍ୟରୁ ଜେଡ଼ିୟୁ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରି ସାରିଛି ଓ ବିଜେପିର ମନୋନୀତ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ଘୋଷଣା କରିଛି; ଟିଡ଼ିପି କିନ୍ତୁ ଚୁପ୍ ରହିଛି।

ବର୍ତ୍ତମାନ ଲୋକସଭାରେ ବିଜେପି ପୂର୍ଣ୍ଣ ବହୁମତ ପାଇନାହିଁ। ସହଯୋଗୀଙ୍କ ଭରସାରେ ସରକାର ଗଠନ କରିଛି। ଏହି ସ୍ଥିତିରେ ବିଜେପିକୁ ୧୯୯୯ ମସିହାର ଭୟ ଘାରିଥିବା ରାଜନୈତିକ ବିଶେଷଜ୍ଞମାନେ ମନେ କରୁଛନ୍ତି। ସେ ସମୟରେ ମଧ୍ୟ ବିଜେପି ସହ ତେଲୁଗୁଦେଶମ ପାର୍ଟି ସହଯୋଗୀ ରହିଥିଲା ଓ ସେହି ଦଳର ନିର୍ବାଚିତ ସାଂସଦ ବାଲଯୋଗୀ ବାଚସ୍ପତି ଭାବରେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କ ଅନୁମତିକ୍ରମେ ସାଂସଦ ପଦ ଛାଡ଼ି ଥିବା ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଭୋଟ ବାଜପାୟୀ ସରକାରଙ୍କ ପତନର କାରଣ ହୋଇଥିଲା। ସେହି ଭୟ ଏବେ ବି ବିଜେପି ପାଇଁ ଦୁଃସ୍ୱପ୍ନ ପାଲଟିଛି। ତେଣୁ କୌଣସି ମୂଲ୍ୟରେ ବାଚସ୍ପତି ପଦ ଟିଡ଼ିପିକୁ ଦେବାକୁ ବିଜେପି ଚାହୁଁନାହିଁ; ଆବଶ୍ୟକ ପଡ଼ିଲେ ଆନ୍ଧ୍ରରୁ ନିର୍ବାଚିତ ବିଜେପି ସାଂସଦ ତଥା ଟିଡ଼ିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ଶାଳୀ ପୁରନ୍ଦେଶ୍ୱରୀଙ୍କୁ ବାଚସ୍ପତି କରାଯାଇ ପାରେ ବୋଲି ଆଲୋଚନା ହୋଇଥିବା ସୂଚନା ମିଳିଛି।

## ୪୦ ଫୁଟ୍...

ତଳେ ଥିବା ଜଳଭଣ୍ଡାରକୁ ଡେଇଁ ପଡ଼ିବାରୁ ବ୍ରିଜେଶ୍ୱର ମଧ୍ୟ ପାଣିକୁ ଡେଇଁଥିଲେ। ସମସ୍ତେ ପାଣି ଭିତରୁ ବାହାରିଥିଲେ ହେଁ ବ୍ରିଜେଶ୍ୱରଙ୍କ ସନ୍ଧାନ ମିଳିନଥିଲା। ସହକର୍ମୀମାନେ ତାଙ୍କୁ ଖୋଜାଖୋଜି କରି ଶେଷରେ ନିରାଶ ହେବା ପରେ ପୁଲିସକୁ ଖବର ଦେଇଥିଲେ। ରେଙ୍ଗାଲି ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଗଭୀର ପାଣି ଭିତରୁ ବ୍ରିଜେଶ୍ୱରଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟ ସକାଳ ସାଢ଼େ ୧୦ ଟାରୁ ୨ ଟା ଯାଏ ପ୍ରାୟ ସାଢ଼େ ୩ ଘଣ୍ଟା ଲାଗିଥିଲା। ଏନେଇ ରେଙ୍ଗାଲି ଥାନାରେ ପୁଲିସ କେସ ନମ୍ବର ୮/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଏମ୍‌କେସିଜି ପରିସରରେ ନିଶାଡ଼ିଙ୍କ ଆଡ୍ଡା ଘଟଣା

# ମୁଖ୍ୟ ସଚିବଙ୍କ ଟ୍ୱିଟ୍ ପରେ ତତ୍ପରତା

**ବ୍ରହ୍ମପୁର, ୧୬।୬ (ସମିସ):** ଏମ୍‌କେସିଜି ମେଡିକାଲ କ୍ୟାମ୍ପସରେ ଥିବା କିଛି ଅବ୍ୟବହୃତ କୋଠାରେ ବ୍ରାଉନ୍‌ସୁଗର ସେବନ ସହ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ସାଜିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶିତ ହେବା ପରେ ପ୍ରଶାସନ ପକ୍ଷରୁ ଏହା ଉପରେ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଉଦ୍‌ବେଗ ପ୍ରକାଶ କରିବା ସହ ଏଭଳି ସମ୍ବେଦଶୀଳ ଘଟଣାକୁ ପ୍ରାଥମିକତା ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ମେଡିକାଲ୍ ଓ ପୁଲିସ ପ୍ରଶାସନକୁ ସେ ଟ୍ୱିଟ୍ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଏହି ନିର୍ଦ୍ଦେଶନାମା ପରେ ଏମ୍‌କେସିଜି ମେଡିକାଲ କଲେଜ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ସମସ୍ୟାର ତୁରନ୍ତ ସମାଧାନ ସହ କ୍ୟାମ୍ପସର ସୁରକ୍ଷା ଦୃଷ୍ଟିରୁ ଏମ୍‌କେସିଜି କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି ଅଧୀକ୍ଷକ ତଥା ଭାରପ୍ରାପ୍ତ ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ।

ଡାକ୍ତରଖାନାର ଏସ୍‌ଏସ୍ ବିଲଡିଂ ବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା କିଛି ଅବ୍ୟବହୃତ କୋଠାକୁ ଅନେକ ସମୟରେ ନିଶାଡିମାନେ ବ୍ୟବହାର କରି ସେଠାରେ ଆଡ୍ଡା ଜମାଉଥିବା ବେଳେ ଉକ୍ତ କୋଠାକୁ ସିଲ୍ କରିବାକୁ ଏମ୍‌କେସିଜି ମେଡିକାଲ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି କରାଯାଇଛି। ସେହିଭଳି କ୍ୟାମ୍ପସର ସୁରକ୍ଷା ବଳୟ ସଦୃଶ ଥିବା ପାଚେରୀକୁ ବିଭିନ୍ନ ସ୍ଥାନରେ ଭାଙ୍ଗି ଲୋକେ ଅନୁପ୍ରବେଶ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। କ୍ୟାମ୍ପସ ମଧ୍ୟକୁ ଏଭଳି ଅନୁପ୍ରବେଶକୁ ରୋକିବା ପାଇଁ ତଥା ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ରହ୍ମପୁର ଏସ୍‌ପିଙ୍କୁ ମଧ୍ୟ ଚିଠି କରାଯାଇଛି।

ଅପରପକ୍ଷେ କ୍ୟାମ୍ପସର ସୁରକ୍ଷା ଦୃଷ୍ଟିରୁ ମେଡିକାଲ କଲେଜ ପ୍ରଶାସନ ପକ୍ଷରୁ ରେଜିଷ୍ଟ୍ରାରଙ୍କ ନେତୃତ୍ୱରେ ୧୦ଜଣ ସୁରକ୍ଷା କର୍ମୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ କ୍ୟାମ୍ପସର ସୁରକ୍ଷା ଓ ଅନୁପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖିବେ। ବିନା କାରଣରେ ମେଡିକାଲ ଓ କଲେଜ ପରିସରରେ ପ୍ରବେଶକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା।

ଏମ୍‌କେସିଜି ମେଡିକାଲ କ୍ୟାମ୍ପସକୁ ଘେରି ରହିଥିବା ପାଚେରୀକୁ ବିଭିନ୍ନ ସ୍ଥାନରେ ଭାଙ୍ଗି ସେହି ଗଳାବାଟ ଦେଇ କ୍ୟାମ୍ପସକୁ କେବଳ ଅସାମାଜିକ ତତ୍ତ୍ୱଙ୍କ ଅନୁପ୍ରବେଶ ହେଉଛି। ଖାଲି ସେତିକି ନୁହେଁ, ବରଂ ଡାକ୍ତରଖାନାକୁ ବିଭିନ୍ନ ଘରୋଇ କ୍ଲିନିକ ଓ ଡାଏଗ୍ନୋଷ୍ଟିକ ସେଣ୍ଟରକୁ ମଧ୍ୟ ରୋଗୀଚାଲାଣ ହେଉଥିବା ନଜିର ରହିଛି। ଏନେଇ ସୂଚନା ପାଇବା ପରେ ସମସ୍ତ ଗଳାବାଟକୁ ତୁରନ୍ତ ବନ୍ଦ କରାଯିବ ବୋଲି କହିଛନ୍ତି ଏମକେସିଜି ମେଡିକାଲ କଲେଜର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା। ଘଟଣାକୁ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ହସ୍ତକ୍ଷେପ ଓ ଏମ୍‌କେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ତୁରନ୍ତ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ତେବେ ଏହି ଧାରାକୁ ଲୋକଦେଖାଣିଆ ଭାବେ କାର୍ଯ୍ୟକାରୀ କରାଯିବ ଅଥବା ଦୀର୍ଘସ୍ଥାୟୀ ହେବ ତାହା ଉପରେ ନିର୍ଭର କରୁଛି ମେଡିକାଲ କଲେଜ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ବୋଲି ଲୋକେ କହିଛନ୍ତି।

**ସୁରକ୍ଷା ପାଚେରିର ଏକାଧିକ ଗଳାବାଟ ଦେଇ କ୍ୟାମ୍ପସକୁ ହେଉଛି ଅନୁପ୍ରବେଶ**

**ଅବ୍ୟବହୃତ କୋଠାକୁ ସିଲ୍ କରିବ ପୂର୍ତ୍ତ ବିଭାଗ, କଡ଼ାକଡ଼ି ହେବ ପାଟ୍ରୋଲିଂ ବ୍ୟବସ୍ଥା: ଅଧୀକ୍ଷକ**

**ବିନା କାରଣରେ କ୍ୟାମ୍ପସରେ ପ୍ରବେଶ ମନା, ଗଠିତ ହେଲା ସ୍ୱତନ୍ତ୍ର ଟିମ୍: ରେଜିଷ୍ଟ୍ରାର**




# ନିହତ ୮ ମାଓବାଦୀଙ୍କ ମୃତଦେହ ଜବତ

**ମାଲକାନଗିରି, ୧୬।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ପୁଲିସ ଗୁଳିରେ ନିହତ ହୋଇଥିବା ୮ ମାଓବାଦୀଙ୍କ ମରଶରୀର ଆଜି ଜବତ ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରୁ ୩ଜଣ ଡିଭିସିଏମ, ୩ ଜଣ ପିପିସିଏମ୍ କ୍ୟାଡର ମାଓବାଦୀ ଥିଲେ। ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ, କୁଖ୍ୟାତ ଡିଭିସିଏମ୍ କ୍ୟାଡର ମାଓବାଦୀ ସୁଦୁରୁ, ଭର୍ଗେଶ ଓ ମମତା ବୋଲି ଜଣାପଡ଼ିଛି। ଏମାନଙ୍କ ନାମରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରାଶି ରହିଥିଲା। ସେହିପରି ପିପିସିଏମମାନଙ୍କ ମଧ୍ୟରେ ସମୀର, କୋସି ଓ ମୋତି ନାମକ ମାଓବାଦୀ ନିହତ ହୋଇଥିବାବେଳେ ଏମାନଙ୍କ ନାମରେ ମଧ୍ୟ ୮ ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ଅନ୍ୟ ଦୁଇ ମୃତ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ଏହାସହ ପୁଲିସ୍ ଘଟଣାସ୍ଥଳରୁ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛି।

**୬ ଜଣଙ୍କ ନାମରେ ଥିଲା ୬୪ ଲକ୍ଷର ପୁରସ୍କାର**

ଅପରପକ୍ଷେ, ଏହି ଗୁଳି ବିନିମୟରେ ସହିଦ ହୋଇଥିବା ଏସଟିଏଫ୍ ଯବାନ କନେଷ୍ଟବଳ ନୀତୀଶ ଏକ୍କାଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସଂପନ୍ନ କରାଯାଇଛି। ସେହିପରି ଆହତ ଦୁଇ ଯବାନ କନେଷ୍ଟବଳ ଲେଖରମ୍ ନେତମ୍ ଓ କନେଷ୍ଟବଳ କୈଳାସ ନେତମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ମନୋବଳ ବଢ଼ାଇଛନ୍ତି।

ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ନାରାୟଣପୁର, ଦନ୍ତେୱାଡା, କାଂକେର ଏବଂ କୋଣ୍ଡାଗାଓଁର ଏସଟିଏଫ, ଡିଆରଜି ଏବଂ ଆଇଟିବିପିର ଯବାନ ମାଓ ଉପଦ୍ରବ ଆବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନ ସମୁଦାୟ ୫ ଦିନ ଧରି ଚାଲିଥିଲା। ଏଥିରେ ମହିଳା କମାଣ୍ଡୋମାନେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲେ। ତେବେ ଏହି ସମୟରେ କୁଟୁର ଗ୍ରାମ ନିକଟରେ ଜଙ୍ଗଲ ମଧ୍ୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ୮ ଜଣ ସଶସ୍ତ୍ର ମାଓବାଦୀ ନିହତ ହୋଇଥିଲେ। ଅପରପକ୍ଷେ, ବସ୍ତର୍ ରେଞ୍ଜ ଆଇଜି ସୁନ୍ଦରରାଜ ପି. ତଲାସୀ ଅଭିଯାନକୁ ଅଧିକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜଙ୍ଗଲରୁ ବିସ୍ଫୋରକ ଜବତ; ୩ ମାଓବାଦୀ ଗିରଫ

**ମାଲକାନଗିରି, ୧୬।୬ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଜଙ୍ଗଲରେ ଯବାନଙ୍କ କମ୍ବିଂ ଅପରେସନ୍ ବେଳେ ପୁଲିସ୍ ବିପୁଳ ପରିମାଣର ବିସ୍ଫୋରକ ଜବତ କରିବା ସହ ୩ ମାଓବାଦୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୁକୁମା ଜିଲ୍ଲା ଜାଗରକୋଣ୍ଡା ଜଙ୍ଗଲରେ ଡିଆରଜି ଯବାନ ଓ ଜିଲ୍ଲା ପୁଲିସ କୁମ୍ବିଂ ଅରେସନ କରୁଥିବା ବେଳେ ସେହି ଜଙ୍ଗଲରେ ସନ୍ଦେହଜନକ ଭାବେ ୩ଜଣ ବ୍ୟକ୍ତି ବୁଲୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ପିଛା କରିବାରୁ ସେମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନମାନେ ସେମାନଙ୍କୁ ଗୋଡ଼ାଇ କାବୁ କରିନେଇଥିଲେ। ଏହାପରେ ପଚରାଉଚରା ବେଳେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିବା ସହ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ବିସ୍ଫୋରକ ଦ୍ରବ୍ୟ ସହିତ କିଛି ମାଓ ସାମଗ୍ରୀ ଥିବାର ଦେଖି ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

### ଝରାବାହାଲ ଚର୍ଚ୍ଚରୁ ଡକାୟତି ଘଟଣା

# ୨୪ ଘଣ୍ଟା ପରେ ବି ଖିଅ ପାଉନି ପୁଲିସ





**ରାଉରକେଲା, ୧୬।୬ (ସମିସ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସସ୍ଥିତ ଜଡ଼ାକୁଦର୍ ପଞ୍ଚାୟତ ଅରବା ଝରାବାହାଲ ଚର୍ଚ୍ଚରୁ ୧୦ ଲକ୍ଷ ଟଙ୍କା ଡକାୟତି ହେବା ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ପୁଲିସ୍ ଅପରାଧୀମାନଙ୍କ ସଂପର୍କରେ ସାମାନ୍ୟତମ ଟେର୍ ପାଇ ପାରିନାହିଁ। ରବିବାର ସକାଳେ ଡିଆଇଜି ବ୍ରିଜେଶ କୁମାର ରାୟ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ପୁଲିସ ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରିଥିଲା। ସନ୍ଧାନୀ କୁକୁର ଡକାୟତିସ୍ଥଳରୁ ମୁଖ୍ୟ ଫାଟକ ସମ୍ମୁଖ ରାଜପଥ ପର୍ଯ୍ୟନ୍ତ ଯାଇଥିଲା; ଅର୍ଥାତ୍ ଦୁର୍ବୃତ୍ତମାନେ ଡକାୟତି ପରେ ସେହି ପର୍ଯ୍ୟନ୍ତ ଚାଲି ଚାଲି ଯିବା ପରେ ସେଠାରୁ ବାଇକରେ ଫେରାର ହୋଇଯାଇଥିବା କୁହାଯାଉଛି। ଡକାୟତମାନେ ମୁଖା ପିନ୍ଧିଥିବା ଏବଂ ସାଦ୍ରି ଭାଷାରେ କଥା ହେଉଥିବାରୁ ସେମାନେ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏନେଇ ପୁଲିସ୍ ଅଧିକ ତଦନ୍ତ ଚଳାଇଛି।

ଡକାୟତମାନେ ଆହତ ଫାଦରଦ୍ୱୟଙ୍କ ୪ଟି ମୋବାଇଲ ଫୋନ ଲୁଟିନେଇ ପାଇଖାନା ଡ୍ରେନରେ ଫିଙ୍ଗି ଦେଇଥିଲେ। ତାକୁ ସେଠାରୁ ପୁଲିସ ଉଦ୍ଧାର କରି ଜବତ କରିଛି। ଫାଦର ନାରିଏଲ୍ ବିଲୁଙ୍ଗ ଓ ଆଲବେସ ଖାଲଖୋଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅପରପକ୍ଷେ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ରାଉରକେଲା ସରକାରୀ ଡାକ୍ତରଖାନା ଯାଇ ଆହତ ଫାଦରଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ଏହି ଚର୍ଚ୍ଚଟି କଲୁଙ୍ଗା-ଗୁରୁଣ୍ଡିଆ ମୁଖ୍ୟରାସ୍ତା କଡ଼ ନିଛାଟିଆ ସ୍ଥାନରେ ରହିଛି। ଝରାବାହାଲ ଚର୍ଚ୍ଚ ପରିସରରେ ସେଣ୍ଟ ଜୋନ୍ସ ନାମକ ୨ଟି ସ୍କୁଲ ରହିଛି। ଗୋଟିଏ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଓଡିଆ ମାଧ୍ୟମ ସ୍କୁଲ ଓ ଅନ୍ୟଟି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ମାଧ୍ୟମ ସ୍କୁଲ। ଚର୍ଚ୍ଚ ପରିସରର ନାରିଏଲ୍ ବିଲୁଙ୍ଗ ଓ ଆଲବେସ ଖାଲଖୋ ୨ ଜଣ ଫାଦର ଗୋଟିଏ ରୁମରେ ରହୁଥିବା ବେଳେ ସେଠାରୁ ଅନତି ଦୂରରେ କିଛି ବାସ ଗୃହରେ ନନ୍‌ମାନେ ରହୁଥିଲେ।

ଗତ ୧୪ ତାରିଖ ରାତିରେ ଫାଦର ନାରିଏଲ୍ ବିଲୁଙ୍ଗ ଓ ଆଲବେସ ଖାଲଖୋ ସେମାନଙ୍କ ରୁମରେ ଶୋଇଥିବା ଅବସ୍ଥାରେ ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରୁ ୨ଟା ମଧ୍ୟରେ ପ୍ରାୟ ୧୨-୧୫ ଜଣ ମୁଖା ପିନ୍ଧିଥିବା ଦୁର୍ବୃତ୍ତ ଗ୍ରିଲ୍ ଭାଙ୍ଗି ଚର୍ଚ୍ଚ ଭିତରକୁ ପଶିଥିଲେ। ଦୁଇ ଫାଦର ଶୋଇଥିବା ରୁମର ଗ୍ରିଲ ଭାଙ୍ଗି ଭିତରକୁ ପଶି ଛୁରି, ରଡ, ହକି ଷ୍ଟିକ୍ ସମେତ ଅନ୍ୟ ମାରଣାସ୍ତ୍ର ଦେଖାଇ ସମସ୍ତ ଟଙ୍କା ମାଗିଥିଲେ। ଦୁଇ ଫାଦର ବିରୋଧ କରିବାରୁ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ଟଙ୍କା କେଉଁଠି ଅଛି ଖୋଜିବାକୁ ଲାଗିଥିଲେ। ପରେ ଆଲମିରା ଓ କ୍ୟାସ ଡ୍ରୟର୍ ଭିତରେ ଥିବା ପ୍ରାୟ ୧୦ ଲକ୍ଷ ଟଙ୍କା ସହ ୪ଟି ମୋବାଇଲ ନେଇ ଡକାୟତମାନେ ଫେରାର ହୋଇଥିଲେ। ଦୁର୍ବୃତ୍ତଙ୍କ ମାଡ଼ରେ ଫାଦରଦ୍ୱୟ ଆହତ ହୋଇ ରହିଥିଲା ବେଳେ ଶନିବାର ସକାଳେ ଅନ୍ୟ ସିଷ୍ଟରମାନେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ଅଷ୍ଟ୍ରେଲିଆରେ 'ରଜରେ ଗଜ'




**ବାଲେଶ୍ୱର, ୧୬।୬ (ସମିସ):** ଅଷ୍ଟ୍ରେଲିଆର ସିଡନୀରେ ରହୁଥିବା ପ୍ରବାସୀ ଓଡ଼ିଆ ରଜ ପର୍ବକୁ ବେଶ୍ ଧୁମଧାମରେ ପାଳନ କରିଛନ୍ତି। ରଜ ପାନ, ପୋଡ଼ ପିଠା ଓ ଦୋଳିର ବେଶ୍ ମଜା ଉଠାଇଛନ୍ତି। ଓରିଓଜ୍ (ଓଡିଆଜ୍ ଇନ୍ ଅଷ୍ଟ୍ରେଲିଆ) ପରିବାର ପକ୍ଷରୁ ସେଠାରେ ରଜ ଉତ୍ସବ ପାଳନ କରାଯାଇଛି। ଓଡ଼ିଆ ସଂସ୍କୃତି ଓ ପର୍ବପର୍ବାଣୀକୁ ବଞ୍ଚାଇ ରଖିବାକୁ ଅଷ୍ଟ୍ରେଲିଆରେ ବର୍ଷ ବର୍ଷ ଧରି ରହିଆସୁଥିବା ଶତାଧିକ ଓଡ଼ିଆମାନେ ଉଦ୍ୟମ କରୁଛନ୍ତି। ସେହି ଓଡ଼ିଆମାନଙ୍କ ମଧ୍ୟରେ ରହିଛନ୍ତି, ବାଲେଶ୍ୱର ଜିଲ୍ଲାର ଅନେକ ପରିବାର। ସେମାନେ ଜୀବନଜୀବିକା ପାଇଁ ବିଦେଶରେ ରହୁଛନ୍ତି ସିନା ହେଲେ ନିଜ ରାଜ୍ୟର ସଂସ୍କୃତି ଓ ପରମ୍ପରାକୁ ଆଦୌ ଭୁଲି ନାହାନ୍ତି। ଅଷ୍ଟ୍ରେଲିଆର ସିଡନୀରେ ରହନ୍ତି ଏକ ହଜାରରୁ ଅଧିକ ଓଡ଼ିଆ। ସେହିପରି ବାଲେଶ୍ୱରରୁ ୬୦ରୁ ଅଧିକ ପରିବାର ସିଡନୀରେ ରହିଛନ୍ତି। ଏହି ଓଡ଼ିଆମାନଙ୍କୁ ନେଇ ଗଠିତ ହୋଇଛି 'ଓରିଓଜ୍'(ଓଡିଆଜ୍ ଇନ୍ ଅଷ୍ଟ୍ରେଲିଆ) ପରିବାର। ଏହି ଓରିଓଜ୍ ପରିବାର ପକ୍ଷରୁ ପ୍ରତିବର୍ଷ ରଥ, ହୋଲି ଏବଂ ରଜ ଉତ୍ସବ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଏବର୍ଷ ଓରିଓଜ୍ ପରିବାର ପକ୍ଷରୁ ସ୍ମିତା ସାମନ୍ତରାୟଙ୍କ ନେତୃତ୍ୱରେ ରଜ ଉତ୍ସବ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅଳତା ଓ କୁଙ୍କୁମ ଲଗାଇବା ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ହୋଇଥିଲା। ଏହାବ୍ୟତୀତ ଛୋଟ ଛୋଟ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ରଜର ମୁଖ୍ୟ ଆକର୍ଷଣ ପାନ। ଏଥିପାଇଁ ସ୍ୱତନ୍ତ୍ର ପାନ ଷ୍ଟଲ୍ ମଧ୍ୟ ହୋଇଥିଲା। ପୋଡ଼ ପିଠା ସହ ବିଭିନ୍ନ ରକମର ପିଠା ମଧ୍ୟ ପ୍ରସ୍ତୁତ ହୋଇଥିଲା। ବାଲେଶ୍ୱରର ସୁଦାମ, ମନିଷା, ଦିନେଶ, ମୋନାଲିସା, ସ୍ୱସ୍ତିକ ପ୍ରମୁଖ ସେମାନଙ୍କ ପରିବାର ରଜ ଉତ୍ସବ ପାଳିଥିଲେ।

# ପୋତି ହେଉଛି ବେଳାଭୂମି, ଘୁଞ୍ଚିଯାଉଛି ସମୁଦ୍ର

**ବାଲେଶ୍ୱର, ୧୬।୬(ସମିସ):** ଓଡ଼ିଶା ସମେତ ଭାରତ ମାନଚିତ୍ରରେ ବାଲେଶ୍ୱରର ଚାନ୍ଦିପୁରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏସିଆ ମହାଦେଶର ଏକ ବୃହତ୍ତମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଏଠାରେ ରହିଛି। ଏହା ସହିତ ଏହି ପରୀକ୍ଷଣ କେନ୍ଦ୍ରକୁ ଲାଗି ରହିଛି ଆକର୍ଷଣୀୟ ଚାନ୍ଦିପୁର ବେଳାଭୂମି। ଏହି ଅନନ୍ୟ ବେଳାଭୂମିକୁ ଦେଖିବା ପାଇଁ ପ୍ରତିବର୍ଷ ରାଜ୍ୟ, ରାଜ୍ୟ ବାହାରୁ ଓ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। ଏବେ ଏହି ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ହ୍ରାସ ପାଇବାରେ ଲାଗିଛି। ଦିନେ ଏହି ବେଳାଭୂମିରେ ଛିଡ଼ା ହେଉଥିବା ପର୍ଯ୍ୟଟକଙ୍କ ପାଦ ଧୋଇ ଦେଉଥିଲା ସମୁଦ୍ର ଜୁଆର। ହେଲେ ବର୍ତ୍ତମାନ ବେଳାଭୂମିରେ ତଟ ଦେଶ ବାଲୁକା ରାଶିରେ ପୋତି ହେଇଯାଇଛି। ପ୍ରାୟ ଏକ କିମି ଦୂରରୁ ଫେରି ଯାଉଛି ଜୁଆର। ଫଳରେ ଏହି ବେଳାଭୂମି ଆକର୍ଷଣ ହରାଉଛି। ମୁହଁ ଫେରାଇ ନେଉଛନ୍ତି ପର୍ଯ୍ୟଟକ। ଚାନ୍ଦିପୁରର ବେଳାଭୂମିରେ ଦୋକାନୀମାନଙ୍କ କହିବାନୁଯାୟୀ, ପୂର୍ବାପେକ୍ଷା ଏହି ବେଳାଭୂମିରେ ପର୍ଯ୍ୟଟକ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି, ୨୦୨୨ ମସିହାରେ ଏଠାକୁ ୫, ୬୯, ୯୧୬ ଜଣ ପର୍ଯ୍ୟଟକ ଆସିଥିଲେ। ସେଥିରେ ୮୦ଜଣ ବିଦେଶୀ ପର୍ଯ୍ୟଟକ ଥିଲେ। ମାତ୍ର ୨୦୨୩ ମସିହାରେ ଚାନ୍ଦିପୁର ବେଳାଭୂମିକୁ ୨, ୫୪, ୬୭୮ଜଣ ପର୍ଯ୍ୟଟକ ଆସିଥିବା ବେଳେ ସେଥିମଧ୍ୟରେ ମାତ୍ର୧୧ଜଣ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଥିଲେ। ପ୍ରତିବର୍ଷ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି, ବେଳାଭୂମିଠାରୁ ସମୁଦ୍ର ଦୂରକୁ ଦୂରକୁ ଘୁଞ୍ଚିବା। ବର୍ତ୍ତମାନ ବେଳାଭୂମିର ତଟ ଦେଶ ବାଲିରେ ପୋତି ହୋଇଯାଇଛି। ବେଳାଭୂମିଠାରୁ ପ୍ରାୟ ଏକ କିଲୋମିଟର ଦୂରରୁ ଜୁଆର ଆସି ଫେରି ଯାଉଛି। ଏ ବାବଦରେ ପରିବେଶବିତ୍ ପ୍ରଶାନ୍ତ କୁମାର ପାଢ଼ୀ କହିଛନ୍ତି, ବିଶ୍ୱ ତାପନ ସହ ସାମୁଦ୍ରିକ ସ୍ରୋତର ଦିଗ ପରିବର୍ତ୍ତନ ଯୋଗୁ ଅଧିକାଂଶ ସ୍ଥାନରେ ସମୁଦ୍ର ତଟଦେଶ ପୋତି ହୋଇଯାଉଛି। ଆଉ ସମୁଦ୍ର ତଟ ଦେଶଠାରୁ ଦୂରକୁ ଘୁଞ୍ଚି ଯାଉଛି। ମହାକାଳପଡ଼ା ଭଳି ସମୁଦ୍ର ତଟ କୂଳ ଖାଉଥିବା ବେଳେ ଚାନ୍ଦିପୁର ବେଳାଭୂମିର ତଟ ପୋତି ହୋଇ ଯାଉଛି। ଏଥିପାଇଁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସେନୋଗ୍ରାଫି ସଂସ୍ଥା ଦ୍ୱାରା ଗବେଷଣା କରି ପଦକ୍ଷେପ ନିଆଯାଇ ପାରିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

**ଆକର୍ଷଣ ହରାଉଛି ଚାନ୍ଦିପୁର ବେଳାଭୂମି**



**କୂଳ ଛୁଉଁନି ସାଗର ଜଳ; ୯ ଶହ ମିଟର ଦୂରରୁ ଫେରିଯାଉଛି ଜୁଆର**


SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

WANTED LAND ON LEASE FOR NURSERY
Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.
Please contact with details to: -
Godrej Agrovet Limited,
Edara Gunasekhar - 95561 34986
B. Praveen Kumar - 7680098623 / 9989973108

## ଗାଈ, ବାଛୁରୀ ସମେତ ୧୫ ଛେଳି ଜଳିଗଲେ

**ଜଗତସିଂହପୁର, ୧୬।୬(ସମିସ):** ଜଗତ୍‌ସିଂହପୁର ବ୍ଲକ ପିତେଇପୁର ପଞ୍ଚାୟତ ଭଗବାନପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିର ନାରାୟଣ ସେଠୀଙ୍କ ଗୁହାଳ ଘରେ ନିଆଁ ଲାଗିଥିଲା। ଗୁହାଳେ ଥିବା ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ସମେତ ୧୫ଟି ଛେଳି ଜଳିଯାଇଛି। ନାରାୟଣଙ୍କ ପରିବାର ଶୋଇଥିବାବେଳେ ପଡୋଶୀମାନେ ନିଆଁ ଲାଗିଥିବା ଦେଖି ଡାକିବାରୁ ସେମାନେ ଉଠିଥିଲେ। ଅଗ୍ନିଶମ ଗାଡି ଆସି ନିଆଁକୁ ଆୟତ କରିଥିଲା। ସେତେବେଳକୁ ଗୁହାଳରେ ଥିବା ଗାଈ ଓ ବାଛୁରୀ ସମେତ ୧୫ଟି ଛେଳି ଜଳିଯାଇଥିଲେ। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ପହଞ୍ଚି ଉକ୍ତ ଗରିବ ପରିବାରକୁ ଆଶ୍ୱାସନା ଦେଇଥିଲେ। ଏହି ଗରିବ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଜିତେନ୍ଦ୍ରୀୟ ଭବନରେ ରଜ ଉତ୍ସବ



**ଡେରାବିଶ, ୧୬।୬(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ବ୍ରହ୍ମାକୁମାର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଆଙ୍କ ଏହି ବିଶିଷ୍ଟ ପର୍ବକୁ ଚାନ୍ଦୋଳ ଶାଖା ସମେତ ନିକିରାଇ ଓ କେନ୍ଦ୍ରାପଡ଼ାର ଭାଇ ଭଉଣୀମାନଙ୍କ ସହଯୋଗରେ ପାଳିତ ହୋଇଥିଲା। ରଜ ଉତ୍ସବରେ ବ୍ରହ୍ମାକୁମାରୀ ଭାଇ ଭଉଣୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ମୂର୍ତ୍ତିଫୁର୍ତ୍ତି ଓ ପୁଚିଖେଳ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏଥିସହିତ ରଜରେ ବିଭିନ୍ନ ପିଠାପଣା ପ୍ରସ୍ତୁତ କରାଯାଇ ଶିବପରମାତ୍ମାଙ୍କ ପାଖରେ ଭୋଗଲାଗି କରାଯାଇଥିଲା। ପରେ ସମସ୍ତ ଭାଇଭଉଣୀ ସହ ଭୋଜନରେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଘୋଷଣା କରିବା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍ଥାର ମୁଖ୍ୟ ପରିଚାଳିକା ରାଜଯୋଗିନୀ ବି କେ ପିଙ୍କି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିକେ ମିନା, ବିକେ ଗୌରାଙ୍ଗ, ବିକେ ସୁଜାତା, ବିକେ ଲକ୍ଷ୍ମୀ, ବିକେ ରଘୁ, ବିକେ ସରୋଜ, ବିକେ ମିତା ପ୍ରମୁଖ ସହଯୋଗ କରିଥିଲେ।

## ଶେଷହେଲା ଅର୍ତ୍ତାମୂଳ ରଜ ମହୋତ୍ସବ



**ଡେରାବିଶ, ୧୬।୬(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳ ସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ରଜମହୋତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି।

ଗତ ତିନିଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ରଜ ମହୋତ୍ସବରେ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଦୋଳିର ବ୍ୟବସ୍ଥା କରାଯାଇଥିଲା। ଏଥିସହିତ କିଶୋରୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଦଉଡ଼ିଡିଆଁ, ପୁଚି, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। କିଶୋରମାନଙ୍କୁ ନେଇ ବାଗୁଡ଼ି ଓ ସ୍ଲୋସାଇକେଲ୍ ପ୍ରତିଯୋଗିତା କରାଯାଇଥିଲା। ଏଥିସହିତ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ଆଖପାଖ ପଞ୍ଚାୟତର ଶହଶହ ସଂଖ୍ୟାରେ ପୁରୁଷ, ମହିଳା, କିଶୋର କିଶୋରୀ ଉପସ୍ଥିତ ରହି ମହୋତ୍ସବକୁ ଉପଭୋଗ କରିବା ସହିତ ଦୋଳିଖେଳର ମଜା ନେଇଥିଲେ।

ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିବାରୁ ରଜପାନ ଓ ଆଇସ୍‌କ୍ରିମର ଷ୍ଟଲରେ ଭିଡ଼ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅର୍ତ୍ତାମୂଳ ରଜମହୋତ୍ସବ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

### ରେଳଧାରଣାରୁ ମୃତଦେହ ଉଦ୍ଧାର

# ପରକୀୟା ପ୍ରୀତିରୁ ଯୁବକଙ୍କୁ ହତ୍ୟା ସନ୍ଦେହ

**ମାର୍ଶାଘାଇ, ୧୬।୬(ସମିସ)**



ମାର୍ଶାଘାଇ ଥାନା ସାନଗାଁରେ ଶନିବାର ରାତିରେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳେ ରେଳ ଧାରଣାରୁ ଜିଆର୍‌ପି ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମର ଗଜେନ୍ଦ୍ର ଦାସଙ୍କ ପୁଅ ବୁଲୁ। ତାଙ୍କୁ ହତ୍ୟା କରାଯାଇଥିବା ବାପା ଅଭିଯୋଗ କରିଛନ୍ତି। ଏଥିସହ ପରକୀୟା ପ୍ରୀତିରୁ ତାଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ଗାଁରେ ଆଲୋଚନା ହେଉଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ସଠିକ୍ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

ମୃତ ବୁଲୁଙ୍କ ବାପା ଗଜେନ୍ଦ୍ର କରିଥିବା ଅଭିଯୋଗ ଅନୁଯାୟୀ, ସେହି ଗ୍ରାମର ମଙ୍ଗୁଳି ସହିତ ଅନ୍ୟମାନେ ତାଙ୍କ ପୁଅକୁ ହତ୍ୟା କରିଛନ୍ତି। ତାଙ୍କ ପୁଅ ବୁଲୁ ଶନିବାର ରାତିରେ ହନୁମାନ ମନ୍ଦିରକୁ ପ୍ରସାଦ ସେବନ କରିବାକୁ ଯାଇଥିଲେ। ପ୍ରସାଦ ଖାଇସାରି ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ମଙ୍ଗୁଳିଆ ଦାସ, ତାର ଭଣଜା କରଞ୍ଜିର ଗୁନା ଦାସ ତାକୁ ଅଟକାଇ ଇଟା ପଥରରେ ଛେଚି ରକ୍ତ ଜୁଡୁବୁଡୁ ଓ ସଂଜ୍ଞାହୀନ ଅବସ୍ଥାରେ ଛାଡି ଫେରାର ହୋଇଯାଇଥିଲେ। କିଛିସମୟ ପରେ ଆକ୍ରମଣକାରୀମାନେ ପୁଣି ଆସି ବୁଲୁକୁ ଘଟଣାସ୍ଥଳରୁ ନେଇ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ରେଳଧାରଣରେ ଫିଙ୍ଗି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ସକାଳୁ ବୁଲୁର ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରେ ପଡ଼ିଥିବା ଗାଁ ଲୋକେ ଦେଖି ପୁଲିସ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ପାରାଦୀପ ଜିଆରପି ପୁଲିସ ଅପମୃତ୍ୟୁ ମାମଲା ଦାୟର କରି ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା। ମୃତ ଯୁବକ ବୁଲୁଙ୍କର ସେହି ଗ୍ରାମର ଜନୈକ ମହିଳାଙ୍କ ସହିତ ପରକୀୟା ପ୍ରୀତି ଥିଲା ତାଙ୍କ ସ୍ୱାମୀ ଗତକାଲି ରାତିରେ ବୁଲୁକୁ ଧରିଥିଲେ। ପରକୀୟା ପ୍ରୀତିର ପ୍ରତିଶୋଧ ନେବାକୁ ଯାଇ ବୁଲୁକୁ ହତ୍ୟା କରାଯାଇଥିବା ନେଇ ମଧ୍ୟ ଗାଁରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମାର୍ଶାଘାଇ ଥାନା ଅଧିକାରିଣୀ ପ୍ରଜ୍ଞାପରମିତା ଜେନାଙ୍କୁ ପଚାରିବାରୁ ପୁଲିସ ନିକଟରେ କୌଣସି ମାମଲା ଦାୟର କରାଯାଇନଥିବା ସେ କହିଛନ୍ତି। ପାରାଦୀପ ଜିଆରପି ପୁଲିସ ଅପମୃତ ମାମଲା ଦାୟର କରି ତଦନ୍ତ ଆରମ୍ଭ କରିଛି। ଘଟଣାର ସଠିକ୍ ତଦନ୍ତ ହେଲେ ଏହା ଉପରୁ ପରଦା ହଟିବ ବୋଲି ଅଞ୍ଚଳବାସୀ କହିଛନ୍ତି।

## ମା’ ସାହାଡ଼ା ସୁନ୍ଦରୀଙ୍କ ବାର୍ଷିକ ଉତ୍ସବ

**ଡେରାବିଶ, ୧୬।୬(ସମିସ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ପୂର୍ବରେ ମା’ ଦୁର୍ଗାଙ୍କ ମନ୍ଦିର ରହିଥିବା ବେଳେ ପଶ୍ଚିମରେ ତାଙ୍କ ଭଉଣୀ ମା’ ସାହାଡ଼ା ସୁନ୍ଦରୀଙ୍କ ମନ୍ଦିର ରହିଛି। ଏହି ସାହାଡ଼ା ସୁନ୍ଦରୀ ମନ୍ଦିରର ବାର୍ଷିକ ଉତ୍ସବ ପ୍ରତିବର୍ଷ ରଜସଂକ୍ରାନ୍ତି ଦିନ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମନ୍ଦିର ବାର୍ଷିକ ଉତ୍ସବ ସହିତ ମା’ଙ୍କ ବିଶେଷ ପୂଜାର୍ଚ୍ଚନା କରାଯିବା ସହିତ ମା’ଙ୍କୁ ମାର୍ଜନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ମନ୍ଦିର ପରିସରରେ ଉପସ୍ଥିତ ରହି ପୂଜାର୍ଚ୍ଚନା ଓ ହୋମଯଜ୍ଞରେ ଅଂଶଗ୍ରହଣ କରିଥିଲେ। ପରେ ମା’ଙ୍କ ପ୍ରସାଦ ସେବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

### ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

## ନୃତ୍ୟ, ଗୀତରେ ଦୁଲୁକିଲା ମଞ୍ଚ

**କେନ୍ଦ୍ରାପଡ଼ା, ୧୬।୬(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ପ୍ରସିଦ୍ଧ ଦକ୍ଷିଣକାଳୀ ମନ୍ଦିର ପରିସରରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ସଂଗଠନ ବାଗ୍‌ଦେବୀ କଳାମନ୍ଦିର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ରଜ ମହୋତ୍ସବ-୨୦୨୪ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାରୁ ନବନିର୍ବାଚିତ ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଭୁବନେଶ୍ୱରର ବିଶିଷ୍ଟ ପରିବେଶବିତ୍ ଶରତ ପଟ୍ଟନାୟକ, ଭରତପୁରର ସରପଞ୍ଚ ନୀଳାମ୍ବର ମଳିକ, କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ନାରୀନେତ୍ରୀ ଜିନତ୍ ପ୍ରିୟଦର୍ଶୀନୀ ରାଉତ ଅତିଥି ରୂପେ ଯୋଗଦାନ କରିଥିଲେ। ମେ ମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ଓଡିଆ ସାଂସ୍କୃତିକ ମହାନ ପର୍ବ ରଜ ସମ୍ବନ୍ଧୀୟ ୧୨ଗୋଟି ପ୍ରତିଯୋଗିତା ଯଥାକ୍ରମେ ରଜଦୋଳି, ପୁଚିଖେଳ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡିଶୀ ସଙ୍ଗୀତ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାର ୩ଜଣ ଅନନ୍ୟ କଳାକାର ଗୀତିକାରମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଗୀତିକାର ଇତିଶ୍ରୀ ମହାନ୍ତି, ସୁନାମଧନ୍ୟ ଅର୍ଗାନ୍ ବାଦକ ହିମାଂଶୁ ଶେଖର କର ଓ ବରିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆମାନଙ୍କ ମହାନପର୍ବ ରଜର ଐତିହାସିକ ତଥ୍ୟଗୁଡିକ ଖୁବ୍ ପ୍ରାଞ୍ଜଳ ଭାବେ ବିଧାୟକ ଗଣେଶ୍ୱର ବେହେରା ବ୍ୟାଖ୍ୟା କରି ସଂସ୍କୃତି ପ୍ରେମୀମାନଙ୍କ ମଧ୍ୟରେ ମଞ୍ଚରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଅଶୋକ କୁମାର ସାହୁ ସଂଯୋଜନା କରିଥିବା ବେଳେ ମା’ ଦକ୍ଷିଣକାଳୀ ମନ୍ଦିରର ସମ୍ପାଦକ ଶିବପ୍ରସାଦ ଦାସ ଓ ସ୍ୱାଗତିକା ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଶକ୍ତିପ୍ରସାଦ ମହାନ୍ତି, ଶାରଦା ପ୍ରସନ୍ନ ରାଉତ, ଶ୍ରୀଚରଣ ବେହେରା, ବିମଳା କାନ୍ତ ଚୌଧୁରୀ, ଶ୍ରୀଧର ମହାନ୍ତି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।



## ଇଦ୍-ଉଲ୍-ଜୁହା ପାଇଁ ସମନ୍ୱୟ କମିଟି ବୈଠକ



**କେନ୍ଦ୍ରାପଡ଼ା, ୧୬।୬(ସମିସ):** ଶାନ୍ତି ଶୃଙ୍ଖଳାର ସହ ଇଦ-ଉଲ-ଜୁହା ପର୍ବ ପାଳନ ପାଇଁ ଆଜି ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଟାଉନ ଥାନା ଅଧିକାରୀ ଦିଲ୍ଲିପ ସାହୁ, ସମନ୍ୱୟ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ଆଜିଠାରୁ ୩ ଦିନ ଧରି ଇଦ୍-ଉଲ-ଜୁହା ପର୍ବ ପାଳନ କରାଯିବ। ଏହି ସମୟରେ ଶାନ୍ତି ଶୃଙ୍ଖଳାର ସହ ପର୍ବ ପାଳନ ନିମନ୍ତେ ୧୫ଜଣ ଅଧିକାରୀଙ୍କୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିରବଛିନ୍ନ ବିଦ୍ୟୁତ ସରବରାହ ପାଇଁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ସହ ଭାଇଚାରାର ସହ ପର୍ବ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ରଜ ଅବସରରେ ବାଦିପାଲା



**ପଞ୍ଚୁପାଣ୍ଡବ, ୧୬।୬(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଗ୍ରାମଦେବତୀ ମା’ ବଜ୍ରମହାକାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ବାଦିପାଲା ଅନୁଷ୍ଠିତ ହୋଇଯାଇଛି। ଏହି ବାଦିପାଲା ଉତ୍ସବକୁ ନହଙ୍ଗ ସମବାୟ ସମିତି ସଭାପତି ଭାଗିରଥି ସାହୁ ଉଦ୍‌ଘାଟନ କରିଥିଲେ। ସ୍ୱନାମଧନ୍ୟ ପାଳାଗାୟିକା ଜ୍ଞାନ ସାଗର ଝରଣା ଭୂଜବଳ ଓ ସ୍ୱରଭାରତୀ ମଞ୍ଜୁଲତା ନାୟକ ପରିବେଷଣକାରୀମାନଙ୍କୁ ନେଇ ତିନିଦିନ ଧରି ପାଲା ପରିବେଷଣ କରିଥିଲେ। ଏହି ଉତ୍ସବକୁ ଗ୍ରାମର ବୈଷ୍ଣବ ଚରଣ ବାରିକ, ଦେବେନ୍ଦ୍ର ମଲିକ, ସୁବାସ ସିଂ, ଜଗବନ୍ଧୁ ବାରିକ, କୃଷ୍ଣଚନ୍ଦ୍ର ମଲିକ, ବିଜୟ କୁମାର ମଲିକ, ଅର୍ଜୁନ ଚରଣ ପଲେଇ, ଫକୀର ଚରଣ ଦାଶ, ଅଭୟ ସିଂ, ମହେଶ୍ୱର ସିଂ, ରବୀନ୍ଦ୍ର ସିଂ ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

### କୃଷ୍ଣନଗର ପୋଷ୍ଟ ଅଫିସରେ ମହାଘୋଟାଲା

# ଅଧକୋଟି ଟଙ୍କା ନେଇ ପୋଷ୍ଟମାଷ୍ଟର ଫେରାର

**ରାଜନଗର, ୧୬।୬(ସମିସ)**



ରାଜନଗର ବ୍ଲକ କୃଷ୍ଣନଗର ପୋଷ୍ଟ ଅଫିସରେ ମହା ଘୋଟାଲା। ଅଧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ପୋଷ୍ଟ ମାଷ୍ଟର। ୮ ଦିନ ହେଲା ପୋଷ୍ଟ ଅଫିସରେ ତାଲା ଝୁଲୁଛି। ପୋଷ୍ଟ ମାଷ୍ଟର ଓ ତାଙ୍କ ପରିବାର ସଦସ୍ୟଙ୍କ ମୋବାଇଲ ସୁଇଚ୍‌ଅଫ୍ ଥିବା ବେଳେ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ମିଳୁନି। ବିଭାଗ ପକ୍ଷରୁ ଏଯାଏ ପୋଷ୍ଟ ଅଫିସରୁ ତାଲା ଖୋଲାଯାଇପାରିନି। ବିଭାଗୀୟ ଅଧିକାରୀ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି।

- ପରିବାରର ସମସ୍ତଙ୍କ ମୋବାଇଲ୍ ସୁଇଚ୍‌ଅଫ୍
- ଚିନ୍ତାରେ ଜମାକାରୀ, ସନ୍ଦେହ ଘେରରେ ଉପରିସ୍ଥ ଅଧିକାରୀ

ପ୍ରକାଶ ଯେ, କୃଷ୍ଣନଗରଠାରେ ଥିବା ପୋଷ୍ଟ ଅଫିସ ପୋଷ୍ଟମାଷ୍ଟର ଦୀପଙ୍କର ଦାସଙ୍କ ଘରେ ଚାଲିଥିଲା। କୃଷ୍ଣନଗର ପଞ୍ଚାୟତର କୃଷ୍ଣନଗର, କନକନଗର, ବାଘୁଆ ଓ ଶୈଳେନ୍ଦ୍ରନଗର ଗାଁର ୨ହଜାରରୁ ଅଧିକ ଜମାକାରୀ ଚିଟ୍‌ଫଣ୍ଡ ଘୋଟାଲା ପରେ ଏହା କେନ୍ଦ୍ର ସରକାରଙ୍କ ସଂସ୍ଥା ଓ ସୁରକ୍ଷିତ ସଂସ୍ଥା ଭାବି ଜମା ରଖିଥିଲେ। ଆର୍‌ଡି, ସୁକନ୍ୟା ସମୃଦ୍ଧି ଯୋଜନା, ସଞ୍ଚୟ ଜମା ଖାତା, ପୋଷ୍ଟାଲ ଲାଇଫ ଇନ୍ସୁରାନ୍ସ, ସମୟ ଅବଧି ଜମା ଆଦି ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଜମା ରଖିଥିଲେ। ଜମାକାରୀଙ୍କ ଘର ନିକଟରେ ବ୍ୟାଙ୍କ ନଥିବାରୁ ଦୀର୍ଘବର୍ଷ ହେବ ପୋଷ୍ଟ ଅଫିସ ଉପରେ ନିର୍ଭରଶୀଳ ଥିଲେ। ପୋଷ୍ଟମାଷ୍ଟର ସେହି ଗାଁର ହୋଇଥିବାରୁ ଲୋକେ ଜମା କରିବାକୁ ଆସିଲେ ଲାଇନ୍ ନାହିଁ, ଉପରୁ ପ୍ରିଣ୍ଟ ହୋଇ ବହି ଆସିବ ଆଦି କହି ଲୋକଙ୍କ ଜମା ଟଙ୍କା ରଖୁଥିଲେ, ବହି ଦେଉନଥିଲେ। ଏପରିକି କେତେକଙ୍କ ଜମା ଖାତାରେ ପ୍ରଥମ ଡିପୋଜିଟ କମ୍ପ୍ୟୁଟର ମାଧ୍ୟମରେ ହୋଇଥିବା ବେଳେ ପରବର୍ତ୍ତୀ ଡିପୋଜିଟ ହାତରେ ଲେଖା ହୋଇଛି। ସେହି ଗାଁର ଲୋକଙ୍କ ସନ୍ଦେହ ଆସିବା ପରେ ଗତ ଶନିବାର ୮ ତାରିଖ ଦିନ ଯିବାରୁ ହଠାତ୍ ପୋଷ୍ଟ ଅଫିସ ଓ ତାଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଡାକନେଇ ଆସିଥିବା ପୋଷ୍ଟ ପିଅନ ଡାକଘରେ ତାଲା ଝୁଲୁଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଏହି ବ୍ଲକର ଇଶ୍ୱରପୁର ଡାକଘର ଅଧିନରେ ଥିବା ଏହି ଶାଖା କାର୍ଯ୍ୟାଳୟରେ ତାଲା ଝୁଲିବା ଦେଖି ଇଶ୍ୱରପୁର ପୋଷ୍ଟ ମାଷ୍ଟର ଉମେଶ ଚନ୍ଦ୍ର କିସ୍କୋ ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ସେ ଘଟଣା ସ୍ଥଳରେ ପହଞ୍ଚିବାପରେ ଘେରିଥିବା ଜମାକାରୀଙ୍କ ଖାତା ଦେଖିବା ପରେ ତାଜୁବ ହୋଇଥିଲେ।

ଠକେଇର ପରିମାଣ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜମାକାରୀ ମାନେ ଅଭିଯୋଗ କରିଛନ୍ତି। ୮ ଦିନ ହେଲା ପୋଷ୍ଟ ଅଫିସରେ ତାଲା ଝୁଲୁଥିବା ବେଳେ ପୋଷ୍ଟ ମାଷ୍ଟର, ତାଙ୍କ ପତ୍ନୀ ଓ ୩ପୁଅଙ୍କର କୌଣସି ଖୋଜଖବର ମିଳୁନି। ପରିବାର ସଦସ୍ୟଙ୍କୁ ଧରି କୁଆଡେ ଗଲେ ପୋଷ୍ଟ ମାଷ୍ଟର। ତାଙ୍କର ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ ପରେବି କୌଣସି ପତ୍ତା ମିଳିନଥିଲା। ଏପରି ସ୍ଥିତିରେ ଅଡୁଆରେ ପଡ଼ିଛି ଡାକ ବିଭାଗ। କାର୍ଯ୍ୟାଳୟର ତାଲା ଭାଙ୍ଗି କାଗଜପତ୍ର ଯାଞ୍ଚ ଓ ଜମାକାରୀଙ୍କ ପାଖରେ ଥିବା ପାସ୍‌ବୁକ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ହଡପ ହୋଇଥିବା ଟଙ୍କାର ପରିମାଣ ସ୍ପଷ୍ଟ ହେବ ବୋଲି ଇଶ୍ୱରପୁର ପୋଷ୍ଟମାଷ୍ଟର ଶ୍ରୀ କିସ୍କୋ କହିଛନ୍ତି। ଏହାବାଦେ ତାଙ୍କର ମୋବାଇଲ ସୁଇଚ ଅଫ୍ ଅଛି, ସେ ଫେରାର ଅଛନ୍ତି ବୋଲି ସୂଚନା ଦେଇଛନ୍ତି। ଏତେ ଟଙ୍କା ହଡପ ହେବା ଓ ଦୀର୍ଘଦିନ ଧରି ଜମାକାରୀଙ୍କ ଜମାଖାତାରେ ଟଙ୍କା ଡିପୋଜିଟ ହେଉନଥିବା ବେଳେ କିପରି ଡାକବିଭାଗର ଉପରିସ୍ଥ ଅଧିକାରୀମାନେ ଜାଣିପାରୁନଥିଲେ, ତାହାକୁ ନେଇ ମଧ ପ୍ରଶ୍ନ ଉଠୁଛି। ଗତ ୨ମାସ ତଳେ ଏହି ବ୍ଲକର କୁରୁଣ୍ଟି ପୋଷ୍ଟ ଅଫିସରେ ସମାନ ଘଟଣା ସାମ୍ନାକୁ ଆସିଥିଲା। କେନ୍ଦ୍ର ସରକାରଙ୍କ ଅଧିନରେ ଡାକ ବିଭାଗ ଥିବାରୁ ସୁରକ୍ଷିତ ସଂସ୍ଥା ଭାବି ଲୋକେ ତାଙ୍କର ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଟଙ୍କା ଜମା ରଖୁଥିବା ବେଳେ ପୋଷ୍ଟମାଷ୍ଟରମାନେ ଜଣଙ୍କ ପରେ ଜଣେ ଏହି ଟଙ୍କାକୁ ହଡପ କରି ନେଉଛନ୍ତି କିପରି ଓ ଉପରିସ୍ଥ ବାବୁମାନେ ଏନେଇ କାହିଁକି ପଠୋର ହେଉନାହାନ୍ତି ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି।

## ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ




**ରାଜନଗର, ୧୬।୬(ସମିସ):** ରାଜନଗର ବ୍ଲକ କେରେଡାଗଡ଼ ପଞ୍ଚାୟତ ବରୁଣେଶ୍ୱର ମନ୍ଦିର ପରିସରରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଦୁଇଦିନ ଧରି ପାଳନ କରାଯାଇଛି। ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ପ୍ରଥମଦିନ କାର୍ଯ୍ୟକ୍ରମରେ ଡଃ. ଅଭୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ବାବାଜୀ ଧଳ ଯୋଗଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଅନିଲ କୁମାର ବଳ, ଦିଲ୍ଲୀପ କୁମାର ବିଶ୍ୱାଳ, ରଶ୍ମୀ ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁଚି, ଝୋଟି, ଦଉଡି ଡିଆଁ, ମ୍ୟୁଜିକ ଚେୟାର, ଗୀତ, ନୃତ୍ୟ ପ୍ରତିଯୋଗିତାରେ ବାଳିକାମାନେ ଭାଗ ନେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିବା ବେଳେ ବିଶ୍ୱଜିତ କୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିନ ଦାସ, ବିନୋରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ।

## ଡାକ୍ତର ସୁନାକର ବେହେରାଙ୍କୁ ସେବାରତ୍ନ ଉପାଧି



**କୁଜଙ୍ଗ,୧୬।୬(ସମିସ):** ରାଜ୍ୟର ପ୍ରମୁଖ ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଜନତା ମଇଦାନ ନିକଟସ୍ଥ ଗୁରୁ କେଳୁଚରଣ ନାଟ୍ୟ ଅନୁଷ୍ଠାନ ସଭାଗୃହରେ ଉତ୍କଳଶ୍ରୀ ଓ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଜଣାଶୁଣା ସମାଜସେବୀ ତଥା ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ, ନୂଆଦିଲ୍ଲୀର ମୁଖପାତ୍ର ଓ ଓଡିଶା ରାଜ୍ୟ ସମ୍ପାଦକ ଆଡଭୋକେଟ ଡା. ସୁନାକର ବେହେରା ନିଜର ନିଷ୍ଠାପର ଜନକଲ୍ୟାଣ ସାମାଜିକ କାର୍ଯ୍ୟକ୍ରମ ପାଇଁ ସେବାରତ୍ନ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଅନୁଷ୍ଠାନର ସଭାପତି ଡଃ ନାରାୟଣ ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ରାମନାରାୟଣ ଦାଶ ମହାରାଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ତନୟା ପଟ୍ଟନାୟକ, ଶାଶ୍ୱତୀ ମିଶ୍ର ଉପଦେଷ୍ଟା ଜାଗା ମିଶନ ସମ୍ମାନିତ ଅତିଥି ଏବଂ ଶ୍ରୀ ଅଭିନନ୍ଦନ ଦାଶ ଯୋଗ ଦେଇ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟର ସମସ୍ତ କାର୍ଯ୍ୟକ୍ରମକୁ ସଂପାଦନ କରିଥିଲେ। ରାହାମା ରେ ରକ୍ତ ଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ବିଭିନ୍ନ ସମୟର ପରାୟଣ, ପ୍ରବଚନ ସହ ଭାଗବତ କ୍ରଜ୍ୟକ୍ରମ ର ପ୍ରମୁଖ ପୁରୋଧା ସୁନାକର ବେହେରା ଏହି ସମ୍ମାନ ପାଇବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

■ ଭୁବନେଶ୍ୱରରୁ ବଣଭୋଜି କରିବାକୁ ଆସି ବୁଡି ଯାଇଥିଲେ

## ଶିଆଳି ବେଳାଭୂମିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଏରସମା,୧୬।୬(ସମିସ):** ଏରସମା ଥାନା ଅର୍ନ୍ତଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ମୃତ ଯୁବକ ସାତ୍ତ୍ୱିକ ସାର୍ଥକ ଭୁବନେଶ୍ୱରର ଆଚାର୍ଯ୍ୟବିହାରରେ ରହୁଥିଲେ। ଗତକାଲି ୪ ଜଣ ବନ୍ଧୁଙ୍କ ସହିତ ବାଲିକୁଦା ଥାନା ଅର୍ନ୍ତଗତ ମରିଚପୁର ବନ୍ଦର ନିକଟସ୍ଥ ଜଙ୍ଗଲକୁ ବଣଭୋଜି କରିବାକୁ ଆସିଥିଲେ। ସେଠାରେ ଗାଧେଇବା ସମୟରେ ସାତ୍ତ୍ୱିକ ବୁଡ଼ି ଯାଇଥିଲେ। ଆଜି ଶିଆଳି ସନ୍ନିକଟ କଳାବେଦୀ ସମୁଦ୍ର ବେଳାଭୂମିରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏରସମା ଥାନା ପକ୍ଷରୁ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପରିବାର ସଦସ୍ୟ ଏତଲା ଦେବାପରେ ଏରସମା ଥାନାରେ ନଂ.୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କଠାରୁ ପ୍ରକାଶ।

## ଚଟୁଆ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ଏରସମା,୧୬।୬(ସମିସ):** ଏରସମା ବ୍ଲକ୍ ଅଞ୍ଚଳର ସର୍ବ ପୁରାତନ ୧୯୬୧ରେ ପ୍ରତିଷ୍ଠିତ ଚଟୁଆ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରାକ୍ତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାକ୍ତନ ଛାତ୍ର ଡ଼ା. ବିନୋଦ ମିଶ୍ରଙ୍କ ଆବାହକତ୍ୱରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଛାତ୍ର ଶିକ୍ଷାବିତ୍ ଗୋଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇ ପାରୁନଥିବାରୁ କ୍ଷୋଭ ପ୍ରକାଶ ସହ କିପରି ତୁରନ୍ତ ପାଳନ କରାଯିବ ବିସ୍ତୃତ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଏହି ଉତ୍ସବ ପାଳନ ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ବିଦ୍ୟାଳୟର ପ୍ରତ୍ୟେକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ସହିତ ଯୋଗାଯୋଗ କରି ପରବର୍ତ୍ତୀ ବୈଠକରେ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବଦତ୍ତ ସାହାଣୀ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ବିଦ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାଷ୍ଟ୍ରମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

**ତିର୍ତ୍ତୋଲ,୧୬।୬(ସମିସ):** ରାଜ୍ୟ ସରକାରଙ୍କ ନବନିଯୁକ୍ତ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଶାରଳାରୋଡଠାରେ ଜିଲା ଯୁବମୋର୍ଚ୍ଚା ସଭାପତି ସୁଧୀର କୁମାର



ମଲ୍ଲିକଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯୁବମୋର୍ଚ୍ଚାର କର୍ମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ତିର୍ତ୍ତୋଲ, ଥାନାଗଡା, ଜଡତିରା ଆଦି ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ଜଳାଉଛି ଗୁଳୁଗୁଳି; ଆଜି ଖୋଲିବ ସ୍କୁଲ

ଅଂଶୁଘାତ ଆଶଙ୍କା, ଚିନ୍ତାରେ ଶିକ୍ଷକ ଓ ଅଭିଭାବକ

**ଜଗତସିଂହପୁର,୧୬।୬(ସମିସ):** ଗ୍ରୀଷ୍ମଛୁଟି ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକ ଖୋଲିବାକୁ ଯାଉଛି। ଗତ ଏପ୍ରିଲ ୨୫ରୁ ସ୍କୁଲ ବନ୍ଦ ରହିବା ପରେ ଜୁନ ୧୭ ସୋମବାର ଠାରୁ ଜିଲ୍ଲାରେ ସ୍କୁଲ ଖୋଲୁଥିବା ଜଣାପଡିଛି। ତେବେ ୧୮ ତାରିଖରୁ ଛାତ୍ର ଛାତ୍ରୀମାନେ ସ୍କୁଲ ଆସିବେ ବୋଲି ସୂଚନା ମିଳିଛି। ଜିଲ୍ଲାରେ ସରକାରୀ , ଅନୁଦାନ ପ୍ରାପ୍ତ ଓ ଘରୋଇ ସ୍କୁଲ ଗୁଡିକ ମଧ୍ୟ ଏକା ସାଙ୍ଗରେ ଖୋଲୁଥିବା ସୂଚନା ମିଳିଛି। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କଥା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାରେ ଅସହ୍ୟ ଗୁଳୁଗୁଳି ଲାଗି ରହିବା ସହିତ ତାପମାତ୍ରରେ ବୃଦ୍ଧି ଘଟିବାକୁ ଏହି ସମୟରେ ସ୍କୁଲ ଖୋଲିବା ନିଷ୍ପତିକୁ ନେଇ କିଛି ଅଭିଭାବକ ଓ ବୁଦ୍ଧିଜୀବୀ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ବିଦ୍ୟାଳୟ ଖୋଲିବାର ଏକ ସପ୍ତାହ ପୂର୍ବରୁ ଉଚ୍ଚ ମାଧ୍ୟମିକ, ଉଚ୍ଚ ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟ ଖୋଲିବାର ସମସ୍ତ ପ୍ରସ୍ତୁତି ସହିତ ବିଭାଗ ପକ୍ଷରୁ ତଦାରଖ କରାଯାଇଛି। ଜିଲ୍ଲାର ୨୬୬ ହାଇସ୍କୁଲ , ୧୪୫୬ ପ୍ରାଇମେରୀ ସ୍କୁଲ , ୬୬୧ ଅରପ ପ୍ରାଇମେରୀ ସ୍କୁଲର ଶ୍ରେଣୀ କକ୍ଷ , ଲାଇବ୍ରେରୀ , ପାଣିଟାଙ୍କି ଓ ଶୌଚାଳୟକୁ ସଫା କରାଯାଇଛି। ସେହିପରି ଡେସ୍କ ବେଞ୍ଚଗୁଡିକୁ ଆବଶ୍ୟକ ବ୍ୟବସ୍ଥିତ ଭାବରେ ପକାଯାଇଛି। ସ୍କୁଲରେ ବିଶୁଦ୍ଧ ଜଳ ଯୋଗାଣ ତଥା ନିରାପଦ ପାନୀୟଜଳ ଉପଲବ୍ଧ ସୁନିଶ୍ଚିତ କରାଯାଇଛି।

ଏଥିସହିତ ସ୍ମାର୍ଟ ଶ୍ରେଣୀ ଗୃହ ଓ ଇ-ଲାଇବ୍ରେରୀ ପାଇଁ ଇଣ୍ଟରନେଟ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସ୍କୁଲ ଖୋଲିବାର ପ୍ରଥମ ଦିନରେ କରିବାକୁ ନିର୍ଦ୍ଦେଶ ଥିବାରୁ ରୋଷେଇଘର ଓ ବାସନପତ୍ର ସଫା କରାଯାଇଛି। ସ୍କୁଲ ଖୋଲିବାର ଦିନକ ପୂର୍ବରୁ ସମସ୍ତ ଶିକ୍ଷକ, କର୍ମଚାରୀ ଓ ପାଚିକା ତଥା ସହାୟକଙ୍କୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଯେହେତୁ ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ପ୍ରତିଟି ଭୋଟ ଗ୍ରହଣ କେନ୍ଦ୍ର (ସ୍କୁଲ ଗୃହ) ପରିବେଶ ସଫା କରାଯିବା ସହିତ, ଶୌଚାଳୟ , ପାନୀୟଜଳ ତଥା ବିଦ୍ୟୁତ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଥିଲା। ତେଣୁ ସମସ୍ତ ସ୍କୁଲ ଗୁଡିକ ଏକପ୍ରକାର ଖୋଲିବାକୁ ପ୍ରସ୍ତୁତ ରହିଥିବା ସମୟରେ ଏଥିପ୍ରତି ଆଉଟିକେ ଅଧିକ ଦୃଷ୍ଟି ବା ଯତ୍ନ ରଖାଯାଇଥିବା ଶିକ୍ଷା ଅଧିକାରୀ କହିଛନ୍ତି। ସମସ୍ତ ବିଇଓଙ୍କୁ ନିଜ ବ୍ଲକରେ ଥିବା ବିଭିନ୍ନ ସ୍କୁଲ ପରିଦର୍ଶନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଜ ଅଂଚଳରେ ଥିବା ସ୍କୁଲ ଗୁଡିକୁ ପରିଦର୍ଶନ କରିବା ସହିତ ପ୍ରସ୍ତୁତିର ତଦାରଖ କରିଛନ୍ତି। ସେହିପରି ନିଜେ ଜିଲ୍ଲା ଶିକ୍ଷା ଅଧିକାରୀ ମଧ୍ୟ ବିଭିନ୍ନ ହାଇସ୍କୁଲକୁ ଯାଇ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିବା ସୂଚନା ମିଳିଛି।

ଏହି ସମୟରେ ଜିଲ୍ଲାରେ ଅସହ୍ୟ ଗୁଳୁଗୁଳି ଲାଗି ରହିଛି। ଦିନର ତାପମାତ୍ର ବୃଦ୍ଧି ଘଟିଥିବା ସମୟରେ ରାତିରେ ମଧ୍ୟ ପ୍ରବଳ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ତାପମାତ୍ରା ବୃଦ୍ଧି ତଥା ଅଂଶୁଘାତ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ପକ୍ଷରୁ ଅଂଶୁଘାତ ଜନିତ ସତର୍କତା ସୂଚନା ଜାରି କରାଯାଇଛି। ତେବେ ଏହି ଖରା ଓ ଗରମ ସମୟରେ ସ୍କୁଲ ଖୋଲୁଥିବାରୁ ଏହା ପିଲାମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ଅବସରପ୍ରାପ୍ତ ଶିକ୍ଷକ ଉତ୍କଳ ରଂଜନ ମହାନ୍ତି ଆଶଙ୍କା ପ୍ରକାଶ କରିଛନ୍ତି। ୨୦୨୩ରେ ଖରା ଗରମକୁ ବିଚାରକୁ ନେଇ ନେଇ ଗଣଶିକ୍ଷ ବିଭାଗ ପକ୍ଷରୁ ଜୁନ ୨୧ ତାରିଖରେ ସ୍କୁଲ ଖୋଲିଥିବା ସମୟରେ ଚଳିତ ବର୍ଷ ତରବରିଆ ଭାବରେ ଏହାକୁ ତିନିଦିନ ପୂର୍ବରୁ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ମିଳିଛି। ଜିଲ୍ଲାର ସବୁ ସ୍କୁଲରେ ବିଦ୍ୟୁତ ବ୍ୟବସ୍ଥା ନଥିବା ସମୟରେ କେତେକ ସ୍କୁଲର ସବୁ ଶ୍ରେଣୀ ଗୃହରେ ପଙ୍ଖା ଲାଗି ନାହିଁ। ସେହିପରି ବହୁ ସ୍କୁଲରେ ପଙ୍ଖା ଅଚଳ ଅବସ୍ଥାରେ ରହିଥିବା ସମୟରେ ସ୍କୁଲ ଖୋଲିବା ପୂର୍ବରୁ ଏହାକୁ ମରାମତି କରାଯାଇ ନଥିବାରୁ ଏହି ଅସହ୍ୟ ଗୁଳୁଗୁଳି ସମୟରେ ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଶ୍ରୀ ମହାନ୍ତି ଆଶଙ୍କା ପ୍ରକାଶ କରିଛନ୍ତି। ଏବେ ଦିନ ୯ଟାରେ ବାହାରକୁ ବାହାରି ହେଉନଥିବା ବେଳେ ସ୍କୁଲ ଖୋଲିବା ପୂର୍ବରୁ ବିଭାଗ ପକ୍ଷରୁ ପାଣିପାଗ ଓ ଉତ୍ତାପକୁ ବିଚାରକୁ ନେବା କଥା ବୋଲି ଛାତ୍ର ଅଭିଭାବକ ମଳୟ ମିଶ୍ର, ତପନ ଜେନା, ଆଦିତ୍ୟ ସାହୁ, ସୁବାସ ବାରିକ, ସୁଷମା ଦାସ, କବିତା ପରିଡା ପ୍ରମୁଖ ମତ ଦେଇଛନ୍ତି।

## ସରଳପୁର ରଜ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା



**ତିର୍ତ୍ତୋଲ,୧୬।୬(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର-ଶଙ୍ଖେସର ପଞ୍ଚାୟତ ସରଳପୁର ଗ୍ରାମରେ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହା ତିନିଦିନ ଧରି ଚାଲିବ। ରଜ ମହୋତ୍ସବ ମଞ୍ଚରେ ଗ୍ରାମର ମହିଳା ଓ ଝିଅ ମାନଙ୍କ ମଧ୍ୟରେ ପୁଚି ଖେଳ, ଝୋଟି, ପୋଡ ପିଠା, ମେହେନ୍ଦୀ ସମେତ ବିଭିନ୍ନ ପ୍ରତିଯୋଗିତା ସମେତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ଗୋପାଳ ଚନ୍ଦ୍ର ମଲ୍ଲ, ବୁଲୁ ଗୋଛାୟତ, ଶ୍ରୀମନ୍ତ ସୂତାର, ଶରତ ଚନ୍ଦ୍ର ସେନାପତିଙ୍କ ସମେତ ସଦସ୍ୟା ସଙ୍ଗୀତା ଗୋଛାୟତ, ସୋନାଲିକ ଗୋଛାୟତ, ମୋନାଲି କର, ଲେଲିପା ମନୋଦର୍ଶିନୀ ମଲ୍ଲ, ସ୍ମିତାରାଣୀ ଦାସ, ମୋନାଲିସା ମଲ୍ଲିକ, ମୋନାଲିସା, ଅଲିଭା, ଜାଷ୍ମିନ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି।

## ମଧଶାସନଠାରେ କାଯ୍ୟାକଳ୍ପ ପକ୍ଷରୁ ରଜ କୁଇଜ୍

**ବିରିଡି,୧୬।୬(ସମିସ):** ଓଡ଼ିଆ ଭାଷା ସାହିତ୍ୟର ମୁଖପତ୍ର କାଯ୍ୟାକଳ୍ପ ପକ୍ଷରୁ ତ୍ରିଲୋଚନ ଦାଶଙ୍କ ସଂଯୋଜନାରେ ରଜ କୁଇଜ୍ ବିରିଡି ବ୍ଲକ ମଧଶାସନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଲେଖିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ବାରିକ କାର୍ଯକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖକ ନନ୍ଦ କିଶୋର ଦଳାଇ, ନାରୀ ନେତ୍ରୀ ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ସାହୁ, ସମାଜସେବୀ ବିଭୂ ଦାଶ, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇ ଓଡିଆ ପରମ୍ପରାରେ ରଜ ଉତ୍ସବର ପୌରାଣିକ ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ତ୍ରିଲୋଚନ ଦାଶ କୁଇଜ୍ କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜ୍ୟୋତ୍ସ୍ନା ରାଣୀ, ସରିତା, ପୁଷ୍ପଲତା, ରଶ୍ମିତା, ମାଳତୀ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଗାଦୀବ୍ରହ୍ମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରଜ ମହୋତ୍ସବ

**ବାଲିକୁଦା,୧୬।୬(ସମିସ):** ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ଖଣ୍ଡଗିରି ଗାଦିବ୍ରହ୍ମ ସ୍ୱେଚ୍ଛାସେବୀ ସଙ୍ଗଠନ ଗଣ୍ଡକୁଳ ପକ୍ଷରୁ ୪ର୍ଥ ବାର୍ଷିକ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଗଣ୍ଡକୁଳସ୍ଥିତ ଦେବୀନଦୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପଞ୍ଚାୟତର ପିଲାମାନଙ୍କୁ ନେଇ ଶଙ୍ଖଧ୍ୱନୀ, ମ୍ୟୁଜିକ୍ ଚେୟାର, ପୁଚି, ମେହେନ୍ଦି, ମୁରୁଜ, ସାଧାରଣ ଜ୍ଞାନ, ନୃତ୍ୟ, ଛୋଟ ଭିଡିଓ, ସେଲ୍ଫି ଓ ପୋଡ଼ପିଠା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ କ୍ଷେତ୍ରମୋହନ ମୁଦୁଲି, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଶିକ୍ଷକ ସର୍ବେଶ୍ୱର ସ୍ୱାଇଁ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ମିହିର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୁଗ୍ମ ସଚିବ ପୁଷ୍କର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅଧାପିକା ପ୍ରିୟଦର୍ଶିନୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଯାତ୍ରା କମିଟି ସଭାପତି ଜଗଦୀଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚଳିତ ବର୍ଷ ଗ୍ରାମର ୩ ଜଣ ପ୍ରତିଭା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଚାକିରୀରେ ଯୋଗ ଦେଇଥିବା ଅନିତ୍ୟ ଜେନା, ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ଏଲିନା ଜେନା, ଅଧ୍ୟାପକ ଭାବେ ସଚିନ ସେଠଙ୍କୁ 'ଉଜ୍ୱଳ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ସମ୍ପାଦକ ଶିବ ପ୍ରସାଦ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ କୃଷ୍ଣ ଚନ୍ଦ୍ର ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ଉପଦେଷ୍ଟା ତପନ କୁମାର ସ୍ୱାଇଁ, ସର୍ଜିତ ନାୟକ, ନିହାର ବିଶ୍ୱାଳ, ସମ୍ପଦ ସ୍ୱାଇଁ, ରାକେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ପାରାଦୀପ ବନ୍ଦର ରଜ ମହୋତ୍ସବ

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ଷ୍ଟାଡିୟମ



**ପାରାଦୀପ,୧୬।୬(ସମିସ):** ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ରଜ ମହୋତ୍ସବକୁ ଚଳିତ ବର୍ଷ ଧୁମଧାମ୍‌ରେ ପାଳନ କରାଯାଇଛି। ଦ୍ୱିତୀୟ ଦିନରେ ପାରାଦୀପର ସର୍ବପୁରାତନ ଅନୁଷ୍ଠାନ ସାଗରିକା କଳା ନିକେତନର ଛାତ୍ରଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ଏଭଳି ଥିଲା ଯାହା ଅନୁଷ୍ଠାନ ପାଇଁ ବେଶ୍ ପ୍ରଶଂସା ସାଉଁଟି ପାରିଥିଲା। ମଞ୍ଚ ସମ୍ମୁଖରେ ଉପସ୍ଥିତ ଅତିଥି ଓ ଦର୍ଶକମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୃତ୍ୟର ତାଳେ ତାଳେ ଝୁମିବା ସହ ଗୀତକୁ ମନ ଭରି ଉପଭୋଗ କରିଥିଲେ। ତା' ସହିତ ସମସ୍ତଙ୍କ କରତାଳି ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ ପରିବେଷଣ କରିବାରେ ଉତ୍ସାହ ଭରିଦେଇଥିଲା। ନୃତ୍ୟଗୁରୁ ବ୍ରଜ କିଶୋର ମଲ୍ଲିକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନନ୍ଦସୂତ କଳା କହ୍ନେଇ, ଆମ ଓଡ଼ିଶା, ଉତ୍କଳ ଉଠେ ଚେଇଁ, ରଜ ଗୀତ ନୃତ୍ୟ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା। ନୃତ୍ୟ ମାଧ୍ୟମରେ ଓଡ଼ିଶୀ ନୃତ୍ୟର ଉପାଦେୟତା, ଓଡ଼ିଆ ଭାଷା, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଓ ଓଡ଼ିଆ ଅସ୍ମିତାକୁ କଳାକାରମାନେ ଦର୍ଶକ ମାନଙ୍କ ସମ୍ମୁଖରେ ରଖିଥିଲେ। ଶୁଭଶ୍ରୀ ବେଉରା, ସ୍ମୃତି ଶର୍ମା, ମିଲି ବିଶ୍ୱାଳ, ସନ୍ଧ୍ୟା ଦାସ, ଅନିଲ, ସୁରେଶ, କଣ୍ହେଇ, ଅର୍ପିତା, ବିନ୍ଦି, ଶ୍ରାବଣୀ, ବିଉଟି, ଅକ୍ଷୀତା ଓ ଅନ୍ୟ ଛାତ୍ରଛାତ୍ରୀମାନେ ନୃତ୍ୟରେ ଭାଗ ନେଇଥିଲେ। ପରିଶେଷରେ ଅନୁଷ୍ଠାନର ସମ୍ପାଦକ ନିରୋଜ ପଟ୍ଟନାୟକ ଆୟୋଜକ ତଥା ସମସ୍ତ ଦର୍ଶକମାନଙ୍କୁ ଆସନ୍ତାବର୍ଷ ପୁଣି ମଞ୍ଚରେ ଦେଖା ହେବାର ପ୍ରତିଶ୍ରୁତି ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିବାରୁ ଧନ୍ୟବାଦ ଦେଇଥିଲେ।

# 'ପରମ୍ପରା ଉଜ୍ଜୀବିତ ରଖିବାକୁ ସମସ୍ତେ ଯତ୍ନବାନ ହୁଅନ୍ତୁ'

**ପାରାଦୀପ,୧୬।୬ (ସମିସ):** ଆଧୁନିକତାର ଛାପରେ ଓଡ଼ିଶାର ପରମ୍ପରା, ସଂସ୍କୃତି ହଜିଯିବାକୁ ବସିଲାଣି। ଯୁବପିଢି ନିଜର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ବଦଳରେ ବିଦେଶୀ ସଂସ୍କୃତି ମାୟାରେ ପଡିଛନ୍ତି। ଯୁବପିଢିଙ୍କ ଅନାଗ୍ରହତା ଯୋଗୁ ଓଡ଼ିଶାର ବହୁ ପର୍ବପର୍ବାଣୀ କେବଳ ପଞ୍ଜିକାରେ ସୀମିତ ରହିଲାଣି। ଆମର ପରମ୍ପରା ଉଜ୍ଜୀବିତ ରଖିବାକୁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ପଞ୍ଚାୟତର ପିପଳ ଗ୍ରାମରେ ବନବିହାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୩ ଦିନିଆ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ପରିଷଦର ସଭାପତି ସୁରେଶ ଚନ୍ଦ୍ର ମାଝିଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ, ଓଡ଼ିଶାର ପର୍ବପର୍ବାଣୀର ସ୍ୱତନ୍ତ୍ରତା ରହିଛି। ବାର ମାସରେ ୧୩ପର୍ବ ମଧ୍ୟରୁ ରଜ ପର୍ବ ପାଳନର ବିଶେଷତା ଅଛି। ଚାଷୀ ରଜରୁ ହିଁ ତା'ର ଚାଷ କାମ ଆରମ୍ଭ କରିଥାନ୍ତି। ଏବେ ରଜ କେବଳ ଔପଚାରିକତା ଦୃଷ୍ଟିରୁ ପାଳନ କରାଯାଉଛି। ଗାଁରେ ରଜ ଦୋଳି କି ରଜ ପିଠା ଆଉ ଦେଖିବାକୁ ମିଳୁନି। ଦେଶର ଉଦାରବାଦୀ ନୀତି ଯୋଗୁ ଆମେ ଏବେ ବିଦେଶୀ ସଂସ୍କୃତିକୁ ଭଲ ପାଇବସିଛୁ। ଏଥିରୁ ନ ମୁକୁଳିଲେ, ଆମ ଗରିମାମୟ ସଂସ୍କୃତି ଲୋପ ପାଇଯିବ ବୋଲି ସେ କହିଥିଲେ। ଆମ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ବ୍ୟାପକ ପ୍ରସାର ପାଇଁ ସମସ୍ତେ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶ୍ରମିକ ନେତା ଗୋଲେଖ ନାୟକ, ସମାଜସେବୀ ଦେବୀଦତ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳା ଓ ଯୁବତୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପୋଡପିଠା, ମଣ୍ଡାପିଠା, ଘାଣ୍ଟ ତରକାରୀ, ଝୋଟି, ମେହେନ୍ଦି, ମ୍ୟୁଜିକ ଚେୟାର, ଶଙ୍ଖଫୁଙ୍କା, ହୁଳୁହୁଳି ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶନିବାର ମହୋତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟବକ୍ତାଭାବେ ଡ. ଭୁବନାନନ୍ଦ ଅଧିକାରୀ, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଗ୍ରାମ ମୁରବି ପ୍ରବୀର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ କ୍ରୀଡାବିତ ଲୋମା ସ୍ୱାଇଁ ଓ ସ୍ୱେଚ୍ଛାସେବୀ ଅଭିମନ୍ୟୁ ଦାସଙ୍କୁ ସମାଜସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପିପଳ ୟୁପି ସ୍କୁଲର ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ଏବଂ ମାଟ୍ରିକ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଗ୍ରାମର ସାହିଲ ନାୟକ ଓ ଆତିଶ ଗ୍ରହାଚାର୍ଯ୍ୟଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୋଲକାତାର ଆଦି ନୃତ୍ୟକଳା ଏକାଡେମୀ, କଟକର ଶିଳ୍ପୀ କଳା ନିକେତନ ଓ କଟକ ନୃତ୍ୟସ୍ରୋତ କମିଟିର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସିଦ୍ଧ ମହାବୀର ୟୁଥ୍ କ୍ଲବର ଭିତ୍ତିପ୍ରସ୍ତର ସ୍ଥାପନ



**ପାରାଦୀପ,୧୬।୬(ସମିସ):** ରଜ ପର୍ବ ଅବସରରେ ପାରାଦୀପଗଡ ଗ୍ରାମ ପଞ୍ଚାୟତର ଚକ୍ରଧରପୁର ଗ୍ରାମରେ ସିଦ୍ଧ ମହାବୀର ୟୁଥ୍ କ୍ଲବ୍ ନିର୍ମାଣ ନିମନ୍ତେ ସରପଞ୍ଚ ସସ୍ମିତା ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନିର୍ବାଚନ ସମୟରେ ଯୁବକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଆଜି ଏହି ଶିଳାନ୍ୟାସ କରାଯାଉଛି। ୨ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଛନ୍ତି। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସରୋଜ ଦାସ, ଚନ୍ଦନ ସାହୁ, ଶୁଭାସିସ ଦାସ, ସାଗର ଦଳାଇ, ବଳରାମ ପଟ୍ଟନାୟକ, ରାକେଶ ଦଳାଇ, ସମର ଦାସ, ଟିକୁ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀ ଭାଙ୍ଗିଦେଲା ବିଦ୍ୟୁତ୍ ଟାୱାର




**ପାଲଲହଡ଼ା, ୧୬। ୬(ସମିସ):** ଶନିବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବରେ ୨୪ ଘଣ୍ଟା ପାଇଁ ବିଦ୍ୟୁତ ଯୋଗାଣ ଠପ୍ ହୋଇଯାଇଥିଲା। କାଳବୈଶାଖୀରେ ବିଦ୍ୟୁତ ଟାୱାରଟି ଭାଙ୍ଗିପଡ଼ିଥିଲା। ଶନିବାର ସନ୍ଧ୍ୟାରୁ ବିଦ୍ୟୁତ ବିଚ୍ଛିନ୍ନ ହେବା

**● ୨୪ ଘଣ୍ଟା ଧରି ଅନ୍ଧାରରେ ପାଲଲହଡ଼ା**

ପରେ ପାଲଲହଡ଼ା ବିଦ୍ୟୁତ ବିଭାଗକୁ ପୂରା ଗୋଟିଏ ଦିନ ଲାଗିଯାଇଥିଲା ପୁନଃ ସଂଯୋଗ ପାଇଁ। ସୂଚନା ଅନୁସାରେ ପାଲଲହଡ଼ାକୁ ସଂଯୋଗ କରୁଥିବା ୩୩ କେଭି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ଲାଇନ ଦେବଗଡ଼ ଜିଲ୍ଲା ବାରକୋଟ ଗ୍ରୀଡ୍ ଏବଂ ଅନୁଗୋଳ ଜିଲ୍ଲା ରେଙ୍ଗାଲିରୁ ଆସିଛି। ପୂର୍ବରୁ କେବଳ ରେଙ୍ଗାଲିରୁ ବିଦ୍ୟୁତ ସଂଯୋଗ ଥିବା ବେଳେ ତତ୍କାଳୀନ ପାଲଲହଡ଼ା ବିଧାୟକ ରବିନାରାୟଣ ପାଣିଙ୍କ ପ୍ରଚେଷ୍ଟାରେ ବାରକୋଟରୁ ସଂଯୋଗ ଦିଆଯାଇଥିଲା। ମାତ୍ର ବ୍ରହ୍ମାଣୀ ନଦୀର ଦୁଇ କୂଳରେ ନିର୍ମିତ ଟାୱାର ଦୁଇଟି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଥିବାରୁ ବର୍ଷା ଦିନେ ବିଦ୍ୟୁତ ତାର ପାଣିରେ ଲାଗୁଥିଲା। ଯାହାକୁ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ପ୍ରଚେଷ୍ଟାରେ ଅଧିକ ଉଚ୍ଚତା ବିଶିଷ୍ଟ କରାଯାଇଥିଲା। ଫଳରେ ପାଲଲହଡ଼ାବାସୀ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇପାରିଥିଲେ। ମାତ୍ର ଶନିବାରର କାଳବୈଶାଖୀ ବାରକୋଟ ଠାରେ ଥିବା ସୁଉଚ୍ଚ ବିଦ୍ୟୁତ ଟାୱାରଟିକୁ ଧରାଶାୟୀ କରିଦେବାରୁ ପାଲଲହଡ଼ାକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଥିଲା। ଅନ୍ୟପଟେ ରେଙ୍ଗାଲି ଗ୍ରୀଡ ସଂଯୋଗରେ ମଧ୍ୟ ବିଭ୍ରାଟ ଥିବାରୁ ବିଦ୍ୟୁତ ଯୋଗାଣ ସମ୍ଭବ ହୋଇପାରି ନଥିଲା। ରେଙ୍ଗାଲି ଗ୍ରୀଡର ସଂଯୋଗକୁ ରବିବାର ଦିନତମାମ ଲାଗି ସଜାଡ଼ିବା ପରେ ସନ୍ଧ୍ୟାରେ ପାଲଲହଡ଼ାବାସୀ ବିଦ୍ୟୁତ ସଂଯୋଗ ପାଇପାରିଥିଲେ। ୨୪ ଘଣ୍ଟା ଧରି ବିନା ବିଦ୍ୟୁତରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକ ଦେଇଥିବା ବେଳେ ଅଞ୍ଚଳକୁ ଦୁଇ ଦୁଇଟି ଗ୍ରୀଡରୁ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ କେବଳ ପ୍ରହସନ ନା ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟ ବୋଲି ଚର୍ଚ୍ଚା ହେଉଛି।

## ବାର୍‌ହା ମାଂସ ଜବତ, ଜଣେ ଗିରଫ



**ଭୁବନ, ୧୬।୬ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବନାଞ୍ଚଳର ଭାରତୀ ପାହାଡ଼ ନିକଟସ୍ଥ ବାଉଁଶକଣ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବାରହା ମାଂସ ଜବତ କରାଯିବା ସହିତ ଜଣେ ଶିକାରୀକୁ ଗିରଫ କରାଯାଇଥିବା ଜଣାପଡ଼ିଛି। ବାଉଁଶକଣ ଗ୍ରାମର ପ୍ରେମାନନ୍ଦ ପ୍ରଧାନଙ୍କୁ ବନବିଭାଗ ଗିରଫ କରିବା ସହ ଏକ ମଟର ସାଇକଲକୁ ମଧ୍ୟ ଜବତ କରିଛି। ଅପରପକ୍ଷେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ଭୁବନ ବନ ବିଭାଗ ବିଫଳ ହୋଇଛି। ବନ୍ୟଜନ୍ତୁ ଭାରତୀ ପାହାଡ଼ ଛାଡି ଜନବସତି ମୁହାଁ ହେଉଥିବା ବେଳେ ଲୋକମାନେ ବେଧଡ଼କରେ ସେମାନଙ୍କର ଶିକାର କରୁଛନ୍ତି। ବନ୍ୟଜନ୍ତୁ ଶିକାର ରୋକିବାରେ ବନ ବିଭାଗର ସଚେତନତା କାର୍ଯ୍ୟକ୍ରମ ସନ୍ଦେହ ଘେରରେ ରହିଥିବା ଜଣାପଡ଼ିଛି।

## ଅଦା, ରସୁଣ ଦର ଆକାଶ ଛୁଆଁ; ପନିପରିବାରେ ହାତ ମାରିହେଉନି

**ଢେଙ୍କାନାଳ, ୧୬।୬ (ସମିସ):** ଢେଙ୍କାନାଳ ଜିଲ୍ଲାରେ ରଜ ଅବସରରେ ବିଭିନ୍ନ ପନିପରିବା ଦରକୁ ନେଇ ଖାଉଟିମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏଭଳି ହୋଇଛି ରଜରେ ୫ଶହ ଟଙ୍କା ନେଲେ ପରିବା ବ୍ୟାଗ ଭର୍ତ୍ତି ହେଉନାହିଁ। ଏଭଳି ସ୍ଥିତି ଆଗକୁ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଉଛି। ମୌସୁମୀ ବର୍ଷାର ଲୁଚକାଳି ଖେଳ ଯୋଗୁଁ ଚାଷକାର୍ଯ୍ୟ ବିଳମ୍ବ ହେଉଛି। ତେଣୁ ପନିପରିବା ଦର ବଢ଼ିବାରେ ଲାଗିଛି।

ରଜରେ ଗାଁ ଠୁ ସହର ଉତ୍ସବ ମୁଖର ହୋଇପଡ଼ିଛି। କିନ୍ତୁ ପନିପରିବା ଏବଂ ମାଛ, ମାଂସର ଦରକୁ ନେଇ ଖାଉଟିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସାଧାରଣ ଖାଉଟିମାନଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାର ଦରଦାମକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ବଜାରରେ ବର୍ତ୍ତମାନ ଆଳୁ ୩୦ରୁ ୩୫, ପିଆଜ ୩୦ରୁ ୪୦, ବାଇଗଣ ୪୦, ଅଦା

**ଖାଉଟିଙ୍କୁ ମହଙ୍ଗା ମାଡ଼**

୨୦୦, ରସୁଣ ୩୦୦ଟଙ୍କା, କଖାରୁ ୩୦, ସାରୁ ୬୦, ଖମ୍ବଆଳୁ ୧୦୦, କଲରା ୬୦, ଲଙ୍କା ୨୫୦, କାକୁଡ଼ି ୫୦, ଝୁଡ଼ୁଙ୍ଗ ୧୨୦, ପୋଟଳ ୬୦, ପୋଇ ବିଡ଼ା ୨୦, ଜହ୍ନି କେଜି ୬୦ରୁ ୮୦, ଅମୃତଭଣ୍ଡା ୪୦ଟଙ୍କା, ଗୁଆଁର ୬୦, ଶାଗ ବିଡ଼ା ୧୦, ଲେମ୍ବୁ ୧୦ ଟଙ୍କାରେ ୨ଟା, ଭେଣ୍ଡି ୬୦, କନ୍ଦମୂଳ ୬୦, ଗାଜର ୫୦, ବିଟ୍ ୫୦, ଫୁଲକୋବି ଗୋଟା ୬୦ ଟଙ୍କା, ବନ୍ଧାକୋବି କେଜି ୫୦, ଟମାଟୋ ୬୦, ସଜନା ଛୁଇଁ ୧୨୦ ଟଙ୍କାରେ ବିକ୍ରି ହେଉଛି। ବଜାରରେ ପ୍ରତି ମୁହୂର୍ତ୍ତରେ ଆଳୁ ପିଆଜ ଏବଂ ଅଦା ରସୁଣ ଦର ଭିନ୍ନ ଭିନ୍ନ ହେଉଛି। ଫଳରେ ଦର କେତେବେଳ କ'ଣ ରହୁଛି, ତା'ର ଠିକଣା ନାହିଁ। ରଜ ବଜାରରେ ପନିପରିବା ଦର ବହୁତ ଅଧିକ ରହିଛି। ଫଳରେ ଖାଉଟିମାନେ ପନିପରିବା ଖାଇବା କଷ୍ଟକର ହୋଇପଡ଼ିଛି। ସେହିପରି ରଜ ବଜାରରେ ଆମିଷ ଦ୍ରବ୍ୟ ଚଢ଼ା ଦରରେ ବିକ୍ରି ହେଉଛି। ଆନ୍ଧ୍ରରୁ ଆସୁଥିବା ରୋହି ୨ଶହରୁ ୨୫୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଭାକୁର ସମାନ ଦର ରହିଛି। ଚୁନା ମାଛ ଦର ୨ଶହ ଟଙ୍କା ହୋଇଥିବା ବେଳେ ପୋହଳା ମାଛ ୨୫୦, ଦେଶୀମାଛ ୨୫୦ରୁ ୩ ଶହ ଟଙ୍କାରେ ବିକ୍ରି ହେଉଛି। କଙ୍କଡ଼ା ୨୫୦ରୁ ୬ଶହ ଟଙ୍କା, ଚିକେନ ୨୫୦ଟଙ୍କା, ଦେଶୀ ଚିକେନ ୭୫୦ରୁ ୯ଶହ ଟଙ୍କା, ଖାସି ମାଂସ ୭୫୦ରୁ ୮ଶହ ଟଙ୍କାରେ ବିକ୍ରି ହେଉଛି। ବିଭିନ୍ନ ଦରଦାମ ବୃଦ୍ଧିକୁ ନେଇ ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଖରାଦିନେ ରଜ ସମୟରେ ଏଭଳି ଦର ବୃଦ୍ଧି ହୋଇଥାଏ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ସେହିପରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପନିପରିବା ଗଛ ଶୁଖିଯିବା ଯୋଗୁ ଭଲ ଫଳ ହେଉନାହିଁ। ଯାହା ଫଳରେ ଦରବୃଦ୍ଧି ହେଉଛି ବୋଲି କୃଷକମାନେ କହିଛନ୍ତି।

## ପୌର ପରିଷଦ ଅଞ୍ଚଳରେ ଥିବା ପୋଖରୀର ହୋଇପାରୁନି ପୁନରୁଦ୍ଧାର



**ତାଳଚେର ସଦର, ୧୬।୬(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଶିଳ୍ପ ଓ କଳ କାରଖାନା ଯୋଗୁଁ ମାଟିରୁ ଜଳସ୍ତର କମିବା ସହିତ ନଦୀ, ପୁଷ୍କରିଣୀ ଗୁଡ଼ିକ ଶୁଖିଯାଇ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି କରିଥାଏ। ଏଠାରେ ବହୁଳଭାବରେ ପୋଖରୀର ଆବଶ୍ୟକତା ରହିଥିବା ବେଳେ ଓ ଏଥିପାଇଁ ସରକାରଙ୍କ ପକ୍ଷରୁ ଭିନ୍ନଭିନ୍ନ ସମୟରେ ପୋଖରୀର ପୁନରୁଦ୍ଧାର ଓ ନୂତନ ପୋଖରୀ ଖନନ ପାଇଁ ଅର୍ଥ ବ୍ୟୟ ବରାଦ କରାଯାଉଥିଲେ ମଧ୍ୟ ଠିକାଦାର ପୋଷଣ ନୀତି ଯୋଗୁଁ ଆଜି ଏହି ପୁନରୁଦ୍ଧାର କାର୍ଯ୍ୟ ବାଟବଣା ହେଉଥିବା ଅଭିଯୋଗ ହେଉଛି। ତାଳଚେର ପୌର ପରିଷଦ ୪ନମ୍ବର ୱାର୍ଡ ବିରାଦରପଡ଼ା ପଛପାର୍ଶ୍ୱରେ ଥିବା ଏକ ପୁରାତନ ପୋଖରୀର (ଜୁଗୁଲିଟାଙ୍କି) ପୁନରୁଦ୍ଧାର ପାଇଁ ତିନିବର୍ଷ ପୂର୍ବେ ୧୧ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ୨-୩ଟି ପାହାଚ ଓ ଗୋଟିଏ ପାର୍ଶ୍ୱରେ ଫ୍ଲେବର ବ୍ଲକ ବିଛାଇ କିଛି ଟାଉଁଶି ଓ ସାରୁ ଗଛ ଲଗାଇ କାର୍ଯ୍ୟ ଶେଷ କରିଦେଇଥିବା ସେହି ବସ୍ତିବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ସେହିଭଳି ଚଳିତବର୍ଷ ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ୪୬ଲକ୍ଷ ଟଙ୍କା ଆସିଥିବା ବେଳେ ସମ୍ପୃକ୍ତ ଠିକାଦାର ପୋଖରୀର ମାଟି ଖୋଳିଦେଇ ଚୁପ୍ ହୋଇ ବସିପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ପୋଖରୀ ଜଳ ମହଜୁଦ ରହିଲେ ସେହି ଆଖାପାଖ ଅଞ୍ଚଳର ପ୍ରାୟ ୫ଟି ୱାର୍ଡର କୂଅ ଗୁଡିକରେ ପାଣି ଜମି ରହିଥାଏ ଏବଂ ଲୋକେ ଉପକୃତ ହୋଇଥାନ୍ତି। ତେବେ ପୂର୍ବରୁ ଆସିଥିବା ୧୧ ଲକ୍ଷ

**ଠିକାଦାର ପୋଷିବା ସାର**

ଓ ଚଳିତବର୍ଷ ଆସିଥିବା ୪୬ ଲକ୍ଷ ଟଙ୍କାରେ ଏକ ନୂତନ ବିସ୍ତରର୍ଣ୍ଣ ପୋଖରୀ ହୋଇପାରିଥାନ୍ତା। ମାତ୍ର ଏଠାରେ ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଆଜି ଏହି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ବାଟବଣା ହୋଇଥିବା କୁହାଯାଉଛି। ଅପରପକ୍ଷେ ୪ନମ୍ବର ୱାର୍ଡର ନୂତନ ଆରଟିଓ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଲକ୍ଷଲକ୍ଷ ଟଙ୍କା ବିନିଯୋଗ କରାଯାଇ ପୋଖରୀ ଖନନ କରାଯାଇଛି। ତେବେ ଉକ୍ତ ପୋଖରୀରେ ଜଳପ୍ରବେଶ ଓ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ତାହା ଶୁଷ୍କ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ପୁନଶ୍ଚ ୧୧ ନମ୍ବର ୱାର୍ଡ ରାଣୀପାର୍କ ବସଷ୍ଟାଣ୍ଡ ପଛପାର୍ଶ୍ୱରେ ମଧ୍ୟ ଏକ ପୋଖରୀ ରହିଛି ଏବଂ ସେହି ପୋଖରୀରେ ପାଣି ନଥିବା ଓ ଶୁଷ୍କ ହୋଇ ପଡ଼ିରହିଥିବା ଦେଖାଯାଇଛି। ତେବେ ଏଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି କୁହାଯାଉଛି।

## ନାଲିବତୀ ଗାଡ଼ିରୁ ତୁଟୁନି ମୋହ

**ତାଳଚେର, ୧୬।୬(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେତେକ ସରକାରୀ ଗାଡ଼ିରୁ ନାଲିବତୀ ହଟୁ ନଥିବା ଦେଖାଯାଇଛି। ଏ ସଂକ୍ରାନ୍ତରେ ରୁଜୁ ମାମଲାର ଶୁଣାଣି କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ଉଚ୍ଚ ନ୍ୟାୟଳୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ରେ ରାଜ୍ୟ ପରିବହନ ବିଭାଗ ଯେଉଁ



ନିର୍ଦ୍ଦେଶନାମା ଜାରି କରିଥିଲେ, ତାହାର ଯେପରି ଉଲ୍ଲଙ୍ଘନ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ନ୍ୟାୟଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ କେନ୍ଦ୍ର ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶନାମା ଆଧାରରେ କୌଣସି ଉଚ୍ଚପଦସ୍ଥ ଅଧିକାରୀ ନିଜ ଗାଡ଼ିରେ ନାଲିବତୀ ଲଗାଇ ପାରିବେନାହିଁ। କେବଳ ଜରୁରିକାଳୀନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଗାଡ଼ି, ଅଗ୍ନିଶମ ଭଳି ଜରୁରିକାଳୀନ ଗାଡ଼ି ଗୁଡ଼ିକରେ ନାଲିବତୀ ଓ ଆମ୍ବୁଲାନ୍ସରେ ନୀଳବତୀ ବ୍ୟବହାର ହୋଇପାରିବ। ଯଦି କୌଣସି ଅଧିକାରୀ ନିଜ ଗାଡ଼ିରେ ଏହି ଲାଇଟ୍ ଲଗାଇବାକୁ ଚାହୁଁଥିବେ, ତେବେ ରାଜ୍ୟ ପରିବହନ ବିଭାଗର ଅନୁମତି ନେବାକୁ ପଡ଼ିବ। ପରିବହନ ବିଭାଗ ଅନୁମତି ବିନା କେହି ବି ଗାଡ଼ିରେ ଏହି ଲାଇଟ ବ୍ୟବହାର କରିପାରିବ ନାହିଁ। ସରକାରଙ୍କ ଏଭଳି ସ୍ପଷ୍ଟ ନିର୍ଦ୍ଦେଶନାମା ସତ୍ତ୍ୱେ ବିଡିଓ, ତହସିଲଦାର, ପୁଲିସ୍ ଅଧିକାରୀ ନିଜ ଗାଡ଼ିରେ ଏହି ଲାଇଟ୍ ଲଗାଇ ବୁଲୁଥିବା ଅଭିଯୋଗ ହେଉଛି। ଅଦାଲତ ଏହି ମାମଲାକୁ ବିଚରା କରି ଏଦିଗରେ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଉଚ୍ଚ ନ୍ୟାୟଳୟ ଏହି ମାମଲାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ଯେଉଁ ନିର୍ଦ୍ଦେଶନାମା ରହିଛି, ତାହାର ଯେପରି ଉଲ୍ଲଙ୍ଘନ ନହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହା ସତ୍ତ୍ୱେ ତାଳଚେର ଉପଖଣ୍ଡରେ ଉଚ୍ଚପଦସ୍ଥ ଅଧିକାରୀମାନେ କୋର୍ଟର ଆଦେଶକୁ ଅବମାନନା କରି ସେମାନଙ୍କ ଗାଡ଼ିରେ ଖୋଲାଖୋଲିଭାବେ ନାଲିବତୀ ବ୍ୟବହାର କରୁଥିବା ଚର୍ଚ୍ଚା ହେଉଛି।

## ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ରଜପର୍ବ ପାଳିତ



**ଢେଙ୍କାନାଳ, ୧୬।୬ (ସମିସ):** ଢେଙ୍କାନାଳ ଜିଲ୍ଲା ଅଉଖମା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ରଜପର୍ବ ପାଳିତ ହେବା ସହ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। କବି ପ୍ରକାଶ ଚନ୍ଦ୍ର ଜଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ରାଜ୍ୟ ସଦସ୍ୟ କବି ବାହାଦୂର ପାଟସାହାଣୀ ମୁଖ୍ୟ ଅତିଥି, କବି ପ୍ରକାଶ ଚନ୍ଦ୍ର ରାଉତ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ କବି ନିଳମଣି ମହାରଣା, ଶିକ୍ଷାବିତ ବିଶ୍ୱନାଥ ମହାପାତ୍ର, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, କବି ବୀରବର ମିଶ୍ର, ଅନୁଷ୍ଠାନର ସଭାପତି କବି ମଧୁସୂଦନ ଶତପଥୀ ଓ ସର୍ବୋଦୟ ମଣ୍ଡଳର ଲଳିତ ମୋହନ ବେହେରା ଯୋଗଦେଇ ରଜର୍ପବ ପାଳନ ଓ ତା'ର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। କବି ନଜ୍ରୁଲ ଇସଲାମ୍, ଜାପାନୀ ଜଗଦେବ, ବିହାରୀ ସାହୁ, ସୀତାନାଥ ସରଣ, ଧ୍ରୁବ ରାଉତ, ପ୍ରମୋଦ ମହାପାତ୍ର, ବ୍ରଜବନ୍ଧୁ ସାହୁ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ। ଅନୁଷ୍ଠାନର ଆବାହିକା ଇଂ. ଦେବସ୍ମିତା ସାହୁ ଓ ମଧୁସୂଦନ ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ଫକୀର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୬।୬(ସମିସ):** କିଶୋରନଗର ଥାନା ବଅଁରନାଳି ଗ୍ରାମର ତୁଳା ଦେହୁରିଙ୍କୁ ସେହି ଗ୍ରାମର ବାରି ଦେହୁରି ମାଡ଼ ମାରିଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୁଲିସ ନମ୍ବର ୧୩୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ କହିଛି ଯେ, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ତୁଳାଙ୍କୁ ଏକ ବାଡ଼ି ମାଧ୍ୟମରେ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି।

**● ଆରମ୍ଭ ହୋଇନି ରଥ ନିର୍ମାଣ କାର୍ଯ୍ୟ**

## ଉପଜିଲ୍ଲାପାଳ ଦେଖାଇଲେ ତତ୍ପରତା



**ତାଳଚେର, ୧୬।୬(ସମିସ):** ତାଳଚେର ପ୍ରସିଦ୍ଧ ରଥଯାତ୍ରା ପାଇଁ ଆରମ୍ଭ ହୋଇନି ରଥ ନିର୍ମାଣ କାର୍ଯ୍ୟ। ଆଜି ଏନେଇ ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ବଡ଼ଦାଣ୍ଡ ସାହିରେ ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ନୂତନ କାଠ ସଂଗ୍ରହ ଏବଂ ପୁରୁଣା କାଠ ବ୍ୟବହାର ପାଇଁ ରଥ ନିର୍ମାଣରେ ଉପସ୍ଥିତ ଥିବା ମହାରଣାଙ୍କ ସହିତ ଆଲୋଚନା କରିଥିଲେ। ପୌର ପରିଷଦ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଉପରେ ଉପଜିଲ୍ଲାପାଳ ଗୁରୁତ୍ୱରୋପ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳକ ପଙ୍କଜଲୋଚନ ପତି, ରଥ ନିର୍ମାଣ ମୁଖ୍ୟ କାରୀଗର ଭାଗୀରଥି ମହାରଣା, ସନାତନ ମହାରଣା, ରଥଯାତ୍ରା କମିଟି ସଦସ୍ୟ ପ୍ରକାଶ ମହାରଣା, ଦୀପକ ଥମ୍ବ, ପ୍ରଶାନ୍ତ ଦାସ, ଦୟାସାଗର ମିଶ୍ର ଉପସ୍ଥିତ ରହି ରଥ ନିର୍ମାଣ ସହିତ କିପରି ଚଳିତବର୍ଷ ସୁରୁଖୁରୁରେ ଯାତ୍ରା ହୋଇପାରିବ ସେଥିନେଇ ଆଲୋଚନା କରିଥିଲେ। ଏହାପରେ ଉପଜିଲ୍ଲାପାଳ ଜଗନ୍ନାଥ ମନ୍ଦିର ଓ ମାଉସୀ ମା' ମନ୍ଦିରକୁ ଯାଇ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ଉପରେ ଆଲୋଚନା କରିଥିଲେ। ତେବେ ରଥଯାତ୍ରା ଅଳ୍ପଦିନ ବାକି ରହିଥିବା ବେଳେ ଓଡ଼ିଶାର ଅନ୍ୟ ସ୍ଥାନଗୁଡ଼ିକରେ ରଥ ନିର୍ମାଣ କିଛିକାଂଶରେ ଆରମ୍ଭ ହୋଇ ଯାଇଥିଲେ ମଧ୍ୟ ତାଳଚେର ଅଞ୍ଚଳରେ ନିର୍ମାଣର ସମସ୍ତ କାର୍ଯ୍ୟ ଆରମ୍ଭ ହୋଇ ନଥିବାରୁ ସଠିକ୍ ସମୟରେ ଶେଷ ହୋଇପାରିବ ନାହିଁ ବୋଲି ଆଶଙ୍କା ରହିଛି।

**■ ପ୍ରଚାର ପ୍ରସାରରୁ ବହୁ ଦୂରରେ**

# ପ୍ରାଚୀନ ଶୈବପୀଠ ବଡ଼ ନାଗେନାର ନାଗନାଥେଶ୍ୱର




**ଢେଙ୍କାନାଳ, ୧୬।୬ (ସମିସ):** ଶୈବ ଉପାସନାର ଏକ ସମୃଦ୍ଧ ଜିଲ୍ଲା ଭାବରେ ଢେଙ୍କାନାଳ ଜିଲ୍ଲାର ସ୍ୱତନ୍ତ୍ର ମାନ୍ୟତା ରହିଛି। ପ୍ରସିଦ୍ଧ କପିଳାସ ପୀଠକୁ ବାଦ୍ ଦେଲେ ଜିଲ୍ଲାରେ ଏମିତି ଆହୁରି ଅନେକ ପ୍ରାଚୀନ ଶୈବପୀଠ ରହିଛି, ଯାହା ତଥାପି ଲୋକଲୋଚନ ଅନ୍ତରାଳରେ ରହିଯାଇଛି। ସେମିତି ଏକ ଶୈବପୀଠ ହେଉଛି ସଦର ବ୍ଲକ ଅନ୍ତର୍ଗତ ବଣସିଂହ ପଞ୍ଚାୟତର ବଡ଼ନାଗେନା ଗ୍ରାମରେ ଥିବା ନାଗନାଥେଶ୍ୱର ମନ୍ଦିର। ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜା ତୃତୀୟ ଅନଙ୍ଗ ଭୀମଦେବ ଏହି ମନ୍ଦିରର ନିର୍ମାତା ବୋଲି କିଛି ଐତିହାସିକ ମତବ୍ୟକ୍ତ କରିଥାନ୍ତି। କାରଣ କପିଳାସ ମନ୍ଦିରରେ ଥିବା ଦଧି ନଉତି ଶିଳାଲେଖରେ ନାଗନାର ଉଲ୍ଲେଖ ଥିବା ଯୋଗୁ ଏହା କପିଳାସ ମନ୍ଦିରଠାରୁ ପ୍ରାଚୀନ ବୋଲି ସାବ୍ୟସ୍ତ କରାଯାଏ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଚତୁର୍ଦ୍ଦଶ ସଂସ୍କରଣରେ ଆଜି ଐତିହ୍ୟ ପଦଯାତ୍ରୀମାନେ ସଦର ମହକୁମାଠାରୁ ୨୦ କିମି ଦୂରରେ ଥିବା ଏହି ମନ୍ଦିରରେ ପହଞ୍ଚି ମନ୍ଦିର ପରିଦର୍ଶନ ସହିତ ଏହାର ଐତିହାସିକ ତଥ୍ୟ ସଂଗ୍ରହ କରିଥିଲେ। ନାଗନାଥେଶ୍ୱର ମନ୍ଦିରଟି ୪୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ରେଖ ଦେଉଳ। ଏହାର ମୁଖଶାଳା ସପ୍ତରଥ ଶୈଳୀରେ ନିର୍ମିତ ହୋଇଥିବା ବେଳେ ଗଣ୍ଡି ପଞ୍ଚରଥ ଶୈଳୀରେ ନିର୍ମିତ। ମନ୍ଦିରରେ ବିଶେଷ କିଛି ସୂକ୍ଷ୍ମ କାରୁକାର୍ଯ୍ୟ ନଥିଲେ ମଧ୍ୟ ଦକ୍ଷିଣ ଓ ଉତ୍ତର ବାଡ଼ରେ ଖୋଦିତ ଦୁଇଟି ରାଜାଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ। ଗୋଟିଏ ମୂର୍ତ୍ତିରେ ସିଂହାସନରେ ବସିଥିବା ଜଣେ ରାଜା କୌଣସି ଜଣେ ରାଜସେବକଙ୍କୁ ଏକ ମାଳା(ସମ୍ଭବତଃ ସୁବର୍ଣ୍ଣ ହାର) ପ୍ରଦାନ କରୁଛନ୍ତି ଓ ଅନ୍ୟ ମୂର୍ତ୍ତିରେ ଖଡ୍ଗ ଧାରଣ କରିଥିବା ରାଜା ଏକ ଯୁଦ୍ଧ ଶିବିରରେ ଅସ୍ତ୍ରଶସ୍ତ୍ରଧାରୀ ଯୋଦ୍ଧାମାନଙ୍କୁ କିଛି ପରାମର୍ଶ ଦେଉଥିବାର ଦୃଶ୍ୟ ଖୋଦିତ ହୋଇଛି। ଏ ସବୁ ଦେଖି ଆଜି ପଦଯାତ୍ରୀମାନେ ଅତ୍ୟନ୍ତ ଆନନ୍ଦ ପ୍ରକଟ କରିଥିଲେ। ପଦଯାତ୍ରୀମାନେ ଆଜି ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ତରଫରୁ ସ୍ୱାଗତ କରାଯାଇଥିଲା। କମିଟିର ସଭାପତି ସୁଦାମ ଚରଣ ବେହେରା, ଅଶୋକ ପଣ୍ଡା, ଟୁଲୁ ପାଣି ଓ ଅନ୍ୟାନ୍ୟ ସଦସ୍ୟମାନେ ପଦଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ମନ୍ଦିରର ଇତିହାସ, ପରମ୍ପରା ତଥା ପୂଜା ପାର୍ବଣ ସମ୍ପର୍କରେ ସୂଚନା ଦେଇଥିଲେ। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ବିପିନ ବିହାରୀ ପାଣି, ବିଶ୍ୱରଞ୍ଜନ ଦେହୁରୀ, ରାଜୀବ କୁମାର ମାହୁନ୍ତ, ସବ୍ୟସାଚୀ ପାଣି, ଅକ୍ଷୟପାତ୍ର, ଶାନ୍ତନୁ ନାୟକ, ସୁନୀତା ମହାପାତ୍ର, ପ୍ରସନ୍ନ କୁମାର ପଟ୍ଟନାୟକ, ଶିଶିର କୁମା ଶତପଥୀ, ପ୍ରଶାନ୍ତ ତ୍ରିପାଠୀ, ନାରାୟଣ ପଟ୍ଟନାୟକ ଜନ୍ମେଜୟ ରାଉତ, ରମେଶ ଚନ୍ଦ୍ର ପତି, ମଳୟ ରଞ୍ଜନ ପତି, ସ୍ୱର୍ଣ୍ଣପ୍ରଭା ସେଠୀ, ଅଶୋକ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ପିୟୁଷ ଅଗ୍ରୱାଲ, ଆଦିତ୍ୟ ମିଶ୍ର, ଦେବେନ୍ଦ୍ର କୁମାର ମାହୁନ୍ତ ବଦ୍ରିନାଥ ଜେନା, ପ୍ରଶାନ୍ତ ଜେନା, ବିଶ୍ୱଜୀତ ଶତପଥୀ, ଦୀପକ ଭୋଇ, ଶିବ ପ୍ରସାଦ ସାହୁ, ଦୀପକ କୁମାର ମିଶ୍ର ଓ ଢେଙ୍କାନାଳ ମହାବିଦ୍ୟାଳୟର ବହୁ ଛାତ୍ର ଏହି ପଦଯାତ୍ରାରେ ଯୋଗଦେଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୫ • ପାଉଣ୍ଡ ୧୦୬.୦୬
- ୟୁରୋ ୮୯.୩୩ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୫୦୦ (ଭୁବନେଶ୍ୱର)
- ରୁପା : ୯୫,୬୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୯୯୨.୦୦
- ନିଫ୍ଟି ୨୩,୪୬୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



• ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇବା କେତେ ନିରାପଦ

# କଟା ଆଙ୍ଗୁଳି ପରେ ଆଇସ୍‌କ୍ରିମରୁ ବାହାରିଲା ବିଛା



**ନୂଆଦିଲ୍ଲୀ,୧୬।୬(ଏଜେନ୍ସି):** ଘରେ ବସି ଅନଲାଇନରେ ଖାଦ୍ୟ ମଗାଇବା ଏବେ ଏକ ସାଧାରଣ ଅଭ୍ୟାସ ହୋଇଯାଇଛି। କିନ୍ତୁ ଅନଲାଇନରେ ଆସୁଥିବା ଖାଦ୍ୟ ପଦାର୍ଥରେ ଯେଉଁଳି ବିକୃତ ଜିନିଷ ଦେଖିବାକୁ ମିଳୁଛି ତାହାକୁ ନେଇ ଏହି ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। କିଛି ଦିନ ତଳେ ମୁମ୍ବାଇର ଜଣେ ଯୁବ ଡାକ୍ତର ଅନଲାଇନରେ ଆଇସ୍‌କ୍ରିମ୍ ମଗାଇଥିଲାବେଳେ ସେଥିରୁ ଏକ କଟା ଆଙ୍ଗୁଳି ବାହାରିଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ବେଳେ ଏବେ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ଅନ୍‌ଲାଇନ୍‌ରେ ଆଇସ୍‌କ୍ରିମ ଅର୍ଡର କରିଥିଲା ବେଳେ ସେଥିରୁ ବାହାରିଛି ବିଛା। ଏହି ଘଟଣା ନୋଏଡାରେ ଘଟିଥିଲା ବେଳେ ଆଇସକ୍ରିମରୁ ଜୀବନ୍ତ ବିଛା ବାହାରିବା ଘଟଣା ସଂପୃକ୍ତ ମହିଳାଙ୍କୁ ହତବାକ୍ କରିଦେଇଛି। ମିଳିଥିବା ସୂଚନା ଅନୁସାରେ ନୋଏଡା ସେକ୍ଟର -୧୨ ରେ ରହୁଥିବା ଦୀପା ନାମ୍ନୀ ମହିଳା ଏଭଳି ସ୍ଥିତିର ସମ୍ମୁଖୀନ ହେବା ପରେ ସେ ଏନେଇ ଅନ୍‌ଲାଇନ୍ କମ୍ପାନୀରେ ଅଭିଯୋଗ କରିଛନ୍ତି। ଦୀପା ଅନ୍‌ଲାଇନ୍‌ରେ ଅମୁଲ ଭାନିଲା ମ୍ୟାଜିକ୍ ଫ୍ଲେଭର ଆଇସ୍‌କ୍ରିମ ମଗାଇଥିଲେ। ଏହାର ଦାମ୍ ୧୯୫ ଟଙ୍କା ଥିଲା। କିଛି ସମୟପରେ ଡେଲିଭରୀ ବୟ ଆଇସ୍‌କ୍ରିମ ତାଙ୍କ ଘରେ ପହଞ୍ଚାଇଥିଲେ। କିନ୍ତୁ ଆଇସ୍‌କ୍ରିମ ଡବା ଖୋଲିବା ପରେ ତା' ଭିତରେ ଏକ ଜୀବନ୍ତ ବିଛା ଥିବା ଦେଖିବାକୁ ମିଳିଥିଲା। ଏହାକୁ ଦେଖି ମହିଳା ଜଣକ ଚକିତ ହୋଇପଡିଥିଲେ।ତୁରନ୍ତ ଏନେଇ ସେ ବ୍ଲିଙ୍କଇଟ୍‌ରେ ଅଭିଯୋଗ କରିଥିଲେ। ଏହାପରେ କମ୍ପାନୀ ତୁରନ୍ତ ତାଙ୍କ ଟଙ୍କା ଫେରସ୍ତ କରିଥିଲେ। ଦୀପା ତାଙ୍କ ଟଙ୍କା ଫେରସ୍ତ ପାଇଛନ୍ତି ସତ , ହେଲେ ଅନଲାଇନରେ ଏବେ ଖାଦ୍ୟ ପଦାର୍ଥ ମଗାଇବା କେତେ ସୁରକ୍ଷିତ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ଜିଓକୁ ଆନ୍ତର୍ଜାତୀୟ 'ସିଡିପି ଜଳବାୟୁ' ପୁରସ୍କାର




**ନୂଆଦିଲ୍ଲୀ,୧୬।୬(ଏଜେନ୍ସି):** କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ଦିଗରେ ପ୍ରୟାସ ପାଇଁ ରିଲାଏନ୍ସ ଜିଓ ଇନଫୋକମ୍‌କୁ ୨୦୨୨-୨୩ ବର୍ଷ ପାଇଁ "ସିଡିପି ଜଳବାୟୁ (କ୍ଲାଇମେଟ)" ପୁରସ୍କାର ପ୍ରଦାନ କରାଯାଇଛି । ଆନ୍ତର୍ଜାତୀୟ ରେଟିଂ ଏଜେନ୍ସି - କାର୍ବନ ଡିସକ୍ଲୋଜର ପ୍ରୋଜେକ୍ଟ (ସିଡିପି) ରିଲାଏନ୍ସ ଜିଓକୁ ଏହାର ଉଦ୍ୟମ ପାଇଁ 'ଏ' ରେଟିଂ ପ୍ରଦାନ କରିଛି । ୨୦୧୯ ପରଠାରୁ ଜିଓ ପ୍ରଥମ ଥର ପାଇଁ 'ଏ' ରେଟିଂ ପାଇଛି। ଭାରତୀୟ ଟେଲିକମ୍ କ୍ଷେତ୍ରର ଦ୍ୱିତୀୟ ବୃହତ୍ତମ କମ୍ପାନୀ ଭାରତୀ ଏୟାରଟେଲ୍‌କୁ 'ବି' ରେଟିଂ ମିଳିଛି । ସିଡିପି 'ଏ' ରେଟିଂ କେବଳ ସେହି କମ୍ପାନୀମାନଙ୍କୁ ଦିଆଯାଇଥାଏ ଯାହା ପରିବେଶ କ୍ଷେତ୍ରରେ ନେତୃତ୍ୱ ଦେଖାଇଥାଏ। ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନଷ୍ଟ ହେବା ଏବଂ ଜଳ ନିରାପତ୍ତା ଭଳି ପ୍ରସଙ୍ଗରେ କମ୍ପାନୀକୁ ଏହାର କାର୍ଯ୍ୟ ଏବଂ କାର୍ଯ୍ୟପ୍ରଣାଳୀ ସିଡିପିକୁ ସୂଚିତ କରିବାକୁ ପଡିଥାଏ । ଏହା ସହିତ କମ୍ପାନୀମାନଙ୍କୁ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ଏବଂ ଜଳ ସମସ୍ୟାକୁ ହ୍ରାସ କରିବା ପାଇଁ ରଣନୀତି ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବାକୁ ପଡିଥାଏ ।ଜିଓ ମୁଖପାତ୍ର କହିଛନ୍ତି, "କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବାରେ ରିଲାଏନ୍ସ ଜିଓ ନେତୃତ୍ୱର ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଜିଓକୁ ଦିଆଯାଇଥିବା 'ଏ' ଗ୍ରେଡ୍ ସ୍ଥିରତା ଏବଂ ଦାୟିତ୍ୱସଂପନ୍ନ କାର୍ଯ୍ୟଧାରା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ।" ରେଟିଂ ସମ୍ପର୍କରେ ସିଡିପି ପକ୍ଷରୁ ପ୍ରକାଶ କରାଯାଇଛି ଯେ "ଯେଉଁ କମ୍ପାନୀଗୁଡିକ 'ଏ' ରେଟିଂ ପାଇଛନ୍ତି ସେମାନେ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ସବୁଠାରୁ ସଚେତନ ଏବଂ ପାରଦର୍ଶୀ । ଆମର ମୂଲ୍ୟାୟନ ପରିବେଶର ପ୍ରମୁଖ ମାନକଗୁଡିକୁ ରେଖାଙ୍କିତ କରୁଛି ଏବଂ ଏହି ତଥ୍ୟରୁ ଆପଣ କମ୍ପାନୀଗୁଡିକ ମଧ୍ୟରେ ଏକ ତୁଳନାତ୍ମକ ଅଧ୍ୟୟନ କରିପାରିବେ ।" ସିଡିପି ଜଳବାୟୁ ପୁରସ୍କାର ବ୍ୟତୀତ ରିଲାଏନ୍ସ ଜିଓ 'ସିଡିପି ସପ୍ଲାୟର ଏନଗେଜମେଣ୍ଟ ' ରେ ମଧ 'ଏ' ରେଟିଂ ପାଇଛି ।

# ୫ କମ୍ପାନୀଙ୍କ ଏମ୍-କ୍ୟାପ୍‌ରେ ୮୫,୫୮୨ କୋଟି ବୃଦ୍ଧି

**ମୁମ୍ବାଇ,୧୬।୬(ଏଜେନ୍ସି)**

ଗତ ସପ୍ତାହରେ ବିଏସଇରେ ହୋଇଥିବା କାରବାର ଅନୁସାରେ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୫ଟି କମ୍ପାନୀଙ୍କ ବଜାର ପୁଞ୍ଜି(ଏମ୍-କ୍ୟାପ)ରେ ୮୫ ହଜାର ୫୮୨ କୋଟି ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଗତ ସପ୍ତାହରେ ବିଏସଇ ସେନସେକ୍ସରେ ହାରାହାରି ଭାବେ ୨୯୯ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଥିଲା



## ସବୁଠୁ ଲାଭରେ ଏଲ୍‌ଆଇସି

ବେଳେ ଶେୟାର କାରବାରରେ ୦.୩୯ ପ୍ରତିଶତ ବୃଦ୍ଧି ଘଟିଥିଲା। ଏହିକ୍ରମରେ ବିଏସଇସେନସେକ୍ସ ସର୍ବାଧିକ ଭାବେ ୭୭,୧୪୫ ପଏଣ୍ଟ ଅତିକ୍ରମ କରିଥିଲା। ତେବେ ଏହି କାରବାର ମାଧ୍ୟମରେ ୫ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜିରେ ଉନ୍ନତି ଘଟିଛି।ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚଡିଏଫସି ବ୍ୟାଙ୍କ, ଭାରତୀ ଏୟାରଟେଲ, ଷ୍ଟେଟ ବ୍ୟାଙ୍କ ଏବଂ ଏଲଆଇସି ଆଦି କମ୍ପାନୀର ବଜାର ପୁଞ୍ଜିରେ ଯଥେଷ୍ଟ ବୃଦ୍ଧି ଘଟିଥିଲା ବେଳେ ଏମାନଙ୍କ ମଧ୍ୟରେ ଏଲଆଇସି ସର୍ବାଧିକ ଲାଭବାନ ହୋଇଥିବା ଜଣାପଡ଼ିଛି। ଏଲଆଇସିର ବଜାର ପୁଞ୍ଜିରେ ୪୬ ହଜାର ୪୨୫ କୋଟି ଟଙ୍କା ବୃଦ୍ଧି ଘଟିବା ସହିତ ଏହାର ମୋଟ ବଜାର ପୁଞ୍ଜି ପରିମାର ୬ ଲକ୍ଷ ୭୪ ହଜାର ୮୭୭ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏଚଡିଏଫସି ବ୍ୟାଙ୍କର ବଜାର ପୁଞ୍ଜିରେ ୧୮ ହଜାର ୬୩୯ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୨ ଲକ୍ଷ ୧୪ ହଜାର ୯୬୫ କୋଟି,ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୧୦ ହଜାର ୨୧୬ କୋଟି ଟଙ୍କା ବୃଦ୍ଧିରେ ମୋଟ ପରିମାଣ ୧୯ ଲକ୍ଷ ୯୮ ହଜାର ୯୫୭ କୋଟି, ଭାରତୀୟ ଷ୍ଟେଟ ବ୍ୟାଙ୍କର ୯ ହଜାର ୧୯୨ କୋଟି ଟଙ୍କାବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୪୯ ହଜାର ୮୪୫ କୋଟି ଏବଂ ଭାରତୀ ଏୟାରଟେଲର ୧୧୦୮ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୮ ଲକ୍ଷ ୧୧ ହଜାର ୫୨୪ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ହିନ୍ଦୁସ୍ତାନ ୟୁନିଲିଭର, ଟିସିଏସ୍,ଆଇସିଆଇସିଆଇ ବ୍ୟାଙ୍କ ଭଳି କମ୍ପାନୀଙ୍କ ମଜାର ପୁଞ୍ଜି ପୂର୍ବ ତୁଳନାରେ ହ୍ରାସ ପାଇଛି। ହିନ୍ଦୁସ୍ତାନ ୟୁନିଲିଭରର ବଜାର ପୁଞ୍ଜିରେ ୨୨ ହଜାର ୮୮୫ କୋଟି ଟଙ୍କା ହ୍ରାସ ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ % ଲକ୍ଷ ୮୨ ହଜାର ୫୨୨ କୋଟି ଟଙ୍କାକୁ ଖସି ଆସିଛି। ସେହିପରି ଟିସିଏସ୍‌ର ୨୨ ହଜାର ୫୨ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୩ ଲକ୍ଷ ୮୬ ହଜାର ୪୩୩ କୋଟି ଏବଂ ଆଇସିଆଇସିଆଇ ବ୍ୟାଙ୍କର ୧୧ ହଜାର ୧୬୯ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୭୭ ହଜାର ୭୯୫ କୋଟି ଟଙ୍କାକୁ ହ୍ରାସ ପାଇଥିବା କୁହାଯାଇଛି।

# ଦୁଇ ମାସ ଭିତରେ ଟ୍ରାକ୍‌ରେ ଦୌଡ଼ିବ ବନ୍ଦେ ଭାରତ ସ୍ଲିପର୍



**ନୂଆଦିଲ୍ଲୀ,୧୬।୬(ଏଜେନ୍ସି):** ବିଗତ କିଛି ବର୍ଷ ଭିତରେ ପ୍ରିମିୟମ ଶ୍ରେଣୀ ଟ୍ରେନ ଭାବେ ବନ୍ଦେ ଭାରତ ଏକ୍ସପ୍ରେସର ଚାହିଦା ଯାତ୍ରୀ ମହଲରେ ଖୁବ୍ ଆଦୃତ ଲାଭ କରିଛି। ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ଭାଗରେ ଚାଲୁଥିବା ଏହି ଶ୍ରେଣୀର ଟ୍ରେନ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ସେଗୁଡିକୁ ଚେୟାର କାର୍ ବିଶିଷ୍ଟ ଟ୍ରେନ। କିନ୍ତୁ ବିଭିନ୍ନ ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସର ସ୍ଲିପର ଟ୍ରେନ ଚଳାଇବାକୁ ବିଭିନ୍ନ ମହଲରେ ଦାବି କରାଯାଇଥିଲା ବେଳେ ଏବେ ଏହି ଚାହିଦା ପୂର୍ଣ୍ଣ ହେବାକୁ ଯାଉଛି। ଆଗାମୀ ଦୁଇ ମାସ ଭିତରେ ଭାରତର ଏହି ବହୁ ପ୍ରତୀକ୍ଷିତ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଆରମ୍ଭ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଟ୍ରେନ୍ ନିର୍ମାଣ କାର୍ଯ୍ୟ ତ୍ୱରିତ ବେଗରେ ଚାଲିବା ସହିତ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଙ୍ଗାଲୁରୁସ୍ଥିତ ବିଇଏମଏଲ ଲିମିଟେଡର ରେଳ ୟୁନିଟରେ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ନିର୍ମାଣ ଚାଲିଛି ଏବଂ ଖୁବଶୀଘ୍ର ଏହି ଶ୍ରେଣୀର ପ୍ରଥମ ଟ୍ରେନ ଆସିବେ ପରେ ଏହାକୁ ଚାଲୁ କରାଯିବ ବୋଲି ଅଶ୍ୱିନୀ କହିଛନ୍ତିବ। ଉଲ୍ଲେଖଯୋଗ୍ୟ ଯେ, ଏହି ଟ୍ରେନ ଚଳାଚଳ ଆରମ୍ଭ ହେଲେ ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ସହ ବିଶ୍ୱସ୍ତରୀୟ ସୁବିଧା ମିଳିପାରିବ। ବନ୍ଦେ ଭାରତ ସ୍ଲିପର ଭର୍ସନ ଟ୍ରେନରେ ୧୬ ବଗି ରହିବ। ୪ଟି ବଗିକୁ ନେଇ ଗୋଟିଏ ୟୁନିଟ୍ ପରିଚାଳିତ ହେବା ସହିତ ୧୦ଟି କୋଚ୍ ଏସି-୩, ୪ଟି ଏସି-୨ ଓ ଗୋଟିଏ ଏସି-୧ ରହିବ। ଏଥିରେ ଅତ୍ୟାଧୁନିକ ନିୟନ୍ତ୍ରଣ ସହିତ ସେନ୍ସର ଆଧାରିତ ଲାଇଟିଂ ବ୍ୟବସ୍ଥା , କ୍ୟାମେରା, ବାୟୋ ଭ୍ୟାକ୍ୟୁମ୍ ଟଏଲେଟ୍ ଓ ଅନ୍ୟାନ୍ୟ ସୁବିଧା ରହିବ ।ଏହାର ବଡି ଷ୍ଟ୍ରକ୍ଚର୍ ହାଇଗ୍ରେଡ୍ ଅଷ୍ଟେନିଟିକ୍ ଷ୍ଟେନଲେସ୍ ଷ୍ଟିଲରେ ନିର୍ମିତ ହୋଇଛି। ଯେଉଁଥିରେ ରହିଛି କ୍ରାସ୍ ବଫର୍ ଉପାଦାନ।ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଘଣ୍ଟା ପ୍ରତି ୧୩୦ କିଲୋମିଟର ବେଗରେ ଦୌଡିବ। ଏହାପରେ ପର୍ଯ୍ୟାୟ କ୍ରମେ ଘଣ୍ଟା ପ୍ରତି ୧୬୦ରୁ ୨୨୦ କିଲୋମିଟର ବେଗରେ ଦୌଡିବ ବୋଲି ସୂଚନା ମିଳିଛି। ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଦିଲ୍ଲୀ-କୋଲକାତା କିମ୍ବା ଦିଲ୍ଲୀ-ମୁମ୍ବାଇ ରୁଟ୍‌ରେ ଚଳାଚଳ ଆରମ୍ଭ କରିପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ହୁଣ୍ଡାଇ ମୋଟର୍ସ ଆଣିବ ସବୁଠୁ ବଡ଼ ଆଇପିଓ

**ମୁମ୍ବାଇ,୧୬।୬(ଏଜେନ୍ସି):** ଭାରତରେ କାର୍ ନିର୍ମାଣ କରୁଥିବା ଦକ୍ଷିଣ କୋରିଆର ପ୍ରତିଷ୍ଠିତ ମୋଟର କମ୍ପାନୀ ହୁଣ୍ଡାଇ ଭାରତରେ ସବୁଠୁ ବଡ଼ ଆଇପିଓ(ଇନିସିଆଲ ପବ୍ଲିକ୍ ଅଫରିଂ) ଜାରି କରିବାକୁ ପ୍ରସ୍ତୁତ ହୋଉଥିବା ସୂଚନା ମିଳିଛି। ହୁଣ୍ଡାଇ ମୋଟର୍ସର ଭାରତୀୟ ଉଦ୍ୟୋଗ ହୁଣ୍ଡାଇ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହି ଆଇପିଓ ଖୁବଶୀଘ୍ର ଜାରି କରାଯିବ। ଏଥିପାଇଁ କମ୍ପାନୀ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜରେ ପଞ୍ଜିକରଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। କମ୍ପାନୀର ୧୭.୫ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବେଳେ ହୁଣ୍ଡାଇ ଆଇପିଓ ଇସ୍ୟୁ କରିବ। ଭାରତରେ ଅଟୋମୋବାଇଲ କମ୍ପାନୀ ଭାବେ ପ୍ରଥମେ ମାରୁତି ସୁଜୁକି ପକ୍ଷରୁ ଆଇପିଓ ଇସ୍ୟୁ କରାଯାଇଥିଲା। ବର୍ତ୍ତମାନ ସବୁଠୁ ବଡ଼ ଆଇପିଓ ଭାବେ ହୁଣ୍ଡାଇ କମ୍ପାନୀ ଏହାକୁ ଆରମ୍ଭ କରିବ ବୋଲି ସୂଚନା ଦିଆଯାଇଛି।

# ଆମାଜନ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ୱେଚ୍ଛାସେବୀ ମାସ ପାଳନ

**ଭୁବନେଶ୍ୱର,୧୬।୬(ସମିସ):** ଆମାଜନ୍ ଡଟ୍ ଇନ୍ ପକ୍ଷରୁ ଗତ ମେ' ମାସକୁ ବିଶ୍ୱ ସ୍ୱେଚ୍ଛାସେବୀ ମାସ ଭାବରେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ଏହିକ୍ରମରେ ବହୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବେଳେ ସେଥିରେ ରେକର୍ଡ ୧.୧ ଲକ୍ଷରୁ ଅଧିକ ଆମାଜନ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଯାହା ବାର୍ଷିକ ଭିତ୍ତିରେ ୧୦୦% ଅଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସକରାତ୍ମକ ପ୍ରଭାବ ସୃଷ୍ଟି କରିବା ଓ ଗୋଷ୍ଠୀ ସହ ଯୋଡ଼ି ହେବାରେ କମ୍ପାନୀର ଗଭୀର ପ୍ରତିବଦ୍ଧତାକୁ ଏହା ଦର୍ଶାଇଥିବା ଆମାଜନ କହିଛି। ସ୍ୱେଚ୍ଛାସେବୀ ଉଦ୍ୟମ ଜରିଆରେ ଆମାଜନ ପକ୍ଷରୁ ମହିଳା ସଶକ୍ତୀକରଣ, ସ୍ଥାୟିତ୍ୱ, ଖାଦ୍ୟ ନିରାପତ୍ତା ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଭିନ୍ନ ଦିଗରେ ସଚେତନତା ସୃଷ୍ଟି କରି ଏହି ପ୍ରକ୍ରିୟାରେ ଯୋଡ଼ି ହେବା ଲାଗି ଆମାଜନ ପକ୍ଷରୁ ସାରା ଭାରତରେ ୫୫ ଅଣଲାଭକାରୀ ସଂଗଠନ ସହଯୋଗିତାରେ ୪୦୦ ସ୍ୱେଚ୍ଛାସେବୀ ସୁଯୋଗ ସୃଷ୍ଟି କରାଯାଇଛି। ଯେଉଁଥିରେ କର୍ମଚାରୀମାନେ ବିଭିନ୍ନ ପ୍ରକାର ସ୍ୱେଚ୍ଛାସେବୀ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିପାରିଥିବା କୁହାଯାଇଛି। ।ଆମାଜନ ଇଣ୍ଡିଆର ଉପସଭାପତି ଓ କଣ୍ଟ୍ରି ମ୍ୟାନେଜର ମନିଷ ତିୱାରୀ କହିଛନ୍ତି ଯେ, "ଆମାଜନରେ ଆମ ସଫଳତାର ମୂଳରେ ରହିଛି ଆମେ ସେବା ପ୍ରଦାନ କରୁଥିବା ଗୋଷ୍ଠୀର କଲ୍ୟାଣ। ଆମର ବିଶ୍ୱ ସ୍ୱେଚ୍ଛାସେବୀ ମାସ କର୍ମଚାରୀମାନଙ୍କୁ ଏକଜୁଟ କରିଛି ଏବଂ ବାସ୍ତବ ପରିବର୍ତନ ଆଣିବା ଲାଗି ସେମାନଙ୍କୁ ସଶକ୍ତ କରିଛି। ବର୍ଷତମାମ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଲାଗି ଆମେ ପ୍ରତିବଦ୍ଧ ଏବଂ ବୃହତ ସ୍ୱାର୍ଥ ପାଇଁ ଆମର ସମ୍ବଳକୁ ଆମେ ବ୍ୟବହାର କରିବା ଜାରି ରଖିବୁ। ଆମାଜନ୍ ସମଗ୍ର ଦେଶରେ ୭.୮ ନିୟୁତରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି। ଏହାର ବିଶାଳ ସମ୍ବଳ ଏବଂ ଅଭିନବ ସାମର୍ଥ୍ୟର ଉପଯୋଗ କରି ଆମାଜନ ଅବହେଳିତ ଜନସଂଖ୍ୟାକୁ ଅତ୍ୟାବଶ୍ୟକ ଶିକ୍ଷା ଏବଂ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଉଛି। ଆମାଜନ୍ ଫ୍ୟୁଚର୍ ଇଞ୍ଜିନିୟର ଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ କମ୍ପ୍ୟୁଟର ବିଜ୍ଞାନ ଶିକ୍ଷାର ବ୍ୟବଧାନକୁ ଦୂର କରିବା, ଯାହା ବିଭିନ୍ନ ପୃଷ୍ଠଭୂମିର ଯୁବ ଛାତ୍ରମାନଙ୍କୁ ସେମାନଙ୍କ ଭବିଷ୍ୟତ କ୍ୟାରିୟର ପାଇଁ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ହାସଲ କରିବାର ସୁଯୋଗ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



## ଜୁଲାଇ ୨୨ରେ ମୋଦୀ ସରକାର ୩.୦ର ପ୍ରଥମ ପୂର୍ଣ୍ଣ ବଜେଟ୍

# କେଉଁ ମନ୍ତ୍ରାଳୟ ନିକଟରେ ବଜେଟର କେତେ ଅଂଶ

**ନୂଆଦିଲ୍ଲୀ,୧୬।୬(ଏଜେନ୍ସି)**

ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆସନ୍ତା ଜୁଲାଇ ୨୨ ତାରିଖରେ ପ୍ରଥମ ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରାଯିବ। ମୋଦୀ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଉପସ୍ଥାପନ କରାଯାଇଥିଲେ ହେଁ ଚଳିତ ଆର୍ଥିକ ବର୍ଷର ଏହା ହେବ ପୂର୍ଣ୍ଣାଙ୍ଗ ବଜେଟ୍। ନୂଆ ସରକାରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ପଦ ବଜାୟ ରଖିଥିଲା ବେଳେ ସେ ହିଁ ଏହି ବଜେଟ୍ ଉପସ୍ଥାପନ କରିବେ। ତେବେ ଏହି ବଜେଟ ଅନ୍ୟ ଯେକୌଣସି ବଜେଟ୍ ତୁଳନାରେ ସ୍ୱତନ୍ତ୍ର ହେବ ବୋଲି ଆଶା କରାଯାଉଛି। ଯାହାକୁ ନେଇ ସାଧାରଣ ମହଲରେ ବହୁ ଉତ୍କଣ୍ଠା ବଢିଛି। କାରଣ ବିଜେପି ପକ୍ଷରୁ ନିର୍ବାଚନ ବେଳେ ଲୋକଙ୍କୁ ଯେଉଁଳି ପ୍ରତିଶ୍ରୁତ ଦିଆଯାଇଥିଲା ବଜେଟ୍‌ରେ ତାହା କିଭଳି ପ୍ରତିଫଳନ ହେବାକୁ ଯାଉଛି ତାହାକୁ ଦେଖିବାକୁ ଲୋକଙ୍କ ମନରେ ଉତ୍ସାହ ଲାଗି ରହିଛି। ବଜେଟ ମାଧ୍ୟମରେ ଦେଶବାସୀ ବଡ଼ ଉପହାରର ଆଶା ରଖିଥିବା ବେଳେ ସରକାର ଅନେକ ବଡ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହିକ୍ରମରେ ବଜେଟ୍‌ରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟର କେତେ ଅଂଶ ରହିଛି ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ପୂର୍ବରୁ ଉପସ୍ଥାନ କରାଯାଇଥିବା ଅନ୍ତରୀଣ ବଜେଟ୍ ପରିମାଣ ୪୭.୬୬ ଲକ୍ଷ କୋଟି ଟଙ୍କା ରହିଥିଲା। ଏହି ବଜେଟ୍ ଅନୁସାରେ ନିର୍ମଳା ସୀତାରମଣଙ୍କୁ ବଜେଟ୍‌ର ସର୍ବାଧିକ ଅଂଶ ଭାବେ ୩୯ ପ୍ରତିଶତ ସ୍ୱରୂପ ୧୮.୫ ଲକ୍ଷ କୋଟି ଟଙ୍କା ରହିଥିଲା। ଅର୍ଥ ମନ୍ତ୍ରାଳୟ ବତୀତ କର୍ପୋରେଟ ବ୍ୟାପାର ବିଭାଗ ନିର୍ମଳାଙ୍କ ହାତରେ ରହିଥିବାରୁ ଏଥିପାଇଁ ମଧ ୬୬୭ କୋଟି ଟଙ୍କାର ବ୍ୟବସ୍ଥା ରହିଥିଲା। ନିର୍ମଳାଙ୍କ ପରେ ପ୍ରତିରକ୍ଷା ବିଭାଗ ଦାୟିତ୍ୱରେ ରହିଥିବା ରାଜନାଥଙ୍କୁ ବଜେଟ୍‌ର ୧୩ ପ୍ରତିଶତ ଭାବେ ୬.୨ ଲକ୍ଷ କୋଟି ଟଙ୍କା , ବର୍ତ୍ତମାନ କୃଷି ଓ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ଦାୟିତ୍ୱରେ ରହିଥିବା ଶିବରାଜ ସିଂ ଚୌହାନଙ୍କୁ ୬.୫ ପ୍ରତିଶତ ଭାବେ ୩.୧ ଲକ୍ଷ କୋଟି, ଅମିତ ଶାହଙ୍କ ଗୃହ ମନ୍ତ୍ରାଳୟକୁ ୨.୯ ପ୍ରତିଶତ ଭାବେ ୧୨୦୦ କୋଟି , ଅଶ୍ୱିନୀ ବୈଷ୍ଣବଙ୍କୁ ୫.୯ ପ୍ରତିଶତ ଭାବେ ରେଳ ମନ୍ତ୍ରାଳୟକୁ ୨.୫୫ ଲକ୍ଷ କୋଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟକୁ ୪୦୦୦ କୋଟି, ଜେପି ନଡ୍ଡାଙ୍କ ସ୍ୱାସ୍ଥ୍ୟ ଓ ରସାୟନ ମନ୍ତ୍ରାଳୟକୁ ୫.୪ ପ୍ରତିଶତ ଭାବେ ଯଥାକ୍ରମେ ୨.୫୯ ଲକ୍ଷ କୋଟି ଏବଂ ନୀତୀନ ଗଡ଼କରୀଙ୍କ ସଡ଼କ ବିକାଶ ମନ୍ତ୍ରାଳୟକୁ ବଜେଟ୍‌ର ୫.୮ ପ୍ରତିଶତ ଭାବେ ୨.୭୮ ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା। ତେବେ ସମ୍ପୂର୍ଣ୍ଣ ବଜେଟ୍‌ରେ ସବୁ ମନ୍ତ୍ରାଳୟର ପରିମାଣ ସେଭଳି ରହିବ ନା ଏଥିରେ କିଛି ସଂଶୋଧନ ଅଣାଯିବ ତାହାକୁ ଅପେକ୍ଷା କରାଯାଉଛି।




# ମୁଣ୍ଡପିଛା ଜିଡିପିରେ ଲକ୍ସେମ୍ବର୍ଗ ସବୁଠୁ ଆଗରେ


**ୱାଶିଂଟନ୍,୧୬।୬(ଏଜେନ୍ସି):** ବିଶ୍ୱର ସବୁଠୁ ବୃହତ ଅର୍ଥନୀତି ଭାବେ ଆମେରିକା ସବୁଠୁ ଆଗରେ ରହିଛି। ଏହାପଛକୁ ଚୀନ ରହିଥିଲା ବେଳେ ବ୍ରିଟେନ, ଜର୍ମାନୀ ଆଦି ରାଷ୍ଟ୍ର ରହିଛନ୍ତି। ତେବେ ମୁଣ୍ଡପିଛା ଜିଡିପିରେ ଏହିସବୁ ବୃହତ ଅର୍ଥନୈତିକ ରାଷ୍ଟ୍ରମାନଙ୍କ ପଛରେ ପକାଇ ୟୁରୋପର ଏକ କ୍ଷୁଦ୍ର ରାଷ୍ଟ୍ର ଲକ୍ସେମ୍ବର୍ଗ ସବୁଠୁ ଆଗରେ ରହିଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମଏଫ)ର ଏକ ରିପୋର୍ଟ ଅନୁସାରେ ଏହି ରାଷ୍ଟ୍ରର ମୁଣ୍ଡପିଛା ଜିଡିପି ୧,୪୩,୭୪୨.୬୯ ଡଲାର ରହିଛି। କିନ୍ତୁ ଏକ୍ଷେତ୍ରରେ ଭାରତର ସ୍ଥାନ ବିଶ୍ୱରେ ୧୨୯ ରହିଛି। ଭାରତର ମୁଣ୍ଡପିଛା ଜିଡିପି ୧୦,୧୨୨.୯୫୧ ଡଲାର ରହିଥିବା କୁହାଯାଇଛି। କ୍ରୟ ଶକ୍ତି ସମତା (ପିପିପି) ମୂଲ୍ୟରେ ହୋଇଥିବା ଏକ ଆକଳନରୁ କୁହାଯାଇଛି ଯେ, ବିଶ୍ୱର ଅର୍ଥନୀତିର ଆକାର ଦୃଷ୍ଟିରୁ ଆମେରିକା ସବୁଠୁ ଆଗରେ ଥିଲେ ମଧ୍ୟ ମୁଣ୍ଡପିଛା ଜିଡିପିରେ ୟୁରୋପର ଛୋଟ ଦେଶ ଲକ୍‌ଜେମ୍‌ବର୍ଗ ଶୀର୍ଷରେ ରହିଛି। ସେହିଭଳି ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ର ଆୟର୍ଲ୍ୟାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଆଇଏମ୍ଏଫ୍‌ର ତଥ୍ୟ ଅନୁଯାୟୀ, ଏହି ଦେଶର ମୁଣ୍ଡପିଛା ଜିଡିପି ୧,୩୩,୮୯୫.୩୧୫ ଡଲାର ରହିଛି। ଏହିକ୍ରମରେ ତୃତୀୟ ସ୍ଥାନରେ ସିଙ୍ଗାପୁର ରହିଛି। ଏହି ଦେଶର ମୁଣ୍ଡପିଛା ଜିଡିପି ୧,୩୩,୭୩୭.୪୬୯ ଡଲାର। ଚୀନର ଏକ ସ୍ୱତନ୍ତ୍ର ନିୟନ୍ତ୍ରିତ ଅଞ୍ଚଳ ମକାଉର ମୁଣ୍ଡପିଛା ଜିଡିପି ୧,୩୪,୧୪୦.୯୨୯ ଡଲାର ରହିଛି। ଫଳରେ ମକାଉ ଚତୁର୍ଥ ସ୍ଥାନରେ ଅଛି।ମଧ୍ୟପ୍ରାଚ୍ୟ ଦେଶ କାତାର ମୁଣ୍ଡପିଛା ଜିଡିପିରେ ବିଶ୍ୱରେ ୫ମ ସ୍ଥାନ ହାସଲ କରିଛି। ଏହାର ମୁଣ୍ଡପିଛା ଜିଡିପି ୧,୧୨,୨୮୨.୯୧୭ ଡଲାର ରହିଥିବା କୁହାଯାଇଛି। ଅନ୍ୟ ପକ୍ଷରେ ଷଷ୍ଠ ସ୍ଥାନରେ ସଂଯୁକ୍ତ ଆରବ ଏମିରେଟ୍‌ସ (୯୬,୮୪୫.୮୪୯ ଡଲାର), ସପ୍ତମ ସ୍ଥାନରେ ୟୁରୋପୀୟ ଦେଶ ସ୍ୱିଜରଲ୍ୟାଣ୍ଡ (୯୧୯୩୧.୭୫୨ ଡଲାର) ଅଷ୍ଟମ ସ୍ଥାନରେ ୟୁରୋପୀୟ ଦେଶ ସାନ୍ ମେରିନୋ (୮୬,୯୮୮.୯୯୯ ଡଲାର), ନବମ ସ୍ଥାନରେ ଯୁକ୍ତରାଷ୍ଟ୍ର ଆମେରିକା (୮୫,୩୭୨.୬୮୬ ଡଲାର) ଏବଂ ଦଶମ ସ୍ଥାନରେ ନରୱେ ( ୮୨,୮୩୧.୭୭୭ ଡଲାର) ରହିଛି। ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାବେ ଭାରତ ସ୍ଥାନ ପାଇଥିଲେ ହେଁ ମୁଣ୍ଡପିଛା ଜିଡିପିକୁ ନେଇ ଏହାର ସ୍ଥାନ ବହୁ ତଳେ ରହିଛି।



## ଭାରତର ସ୍ଥାନ ୧୨୯

## ସର୍ତ୍ତ ମାନିଲା ବିସିସିଆଇ

# ଖୁବ୍‌ଶୀଘ୍ର ଗମ୍ଭୀର ହେବେ ମୁଖ୍ୟ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି)

ପୂର୍ବତନ କ୍ରିକେଟ ଗୌତମ ଗମ୍ଭୀର ଖୁବ୍‌ଶୀଘ୍ର ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇବେ। ଏନେଇ ପ୍ରକ୍ରିୟା ଆରମ୍ଭ ହେବା ସହ ପଥ ପରିଷ୍କାର ମଧ୍ୟ ହୋଇଛି। ପ୍ରଶିକ୍ଷକ ହେବା ପାଇଁ ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରସ୍ତାବ ଦେଇଥିଲା ଓ ସେ ମଧ୍ୟ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ। କିନ୍ତୁ ଗମ୍ଭୀର ବିସିସିଆଇ ଆଗରେ କୋଡୋଟି ସର୍ତ୍ତ ରଖିଥିଲା। ଯାହାକୁ ବୋର୍ଡ ଗ୍ରହଣ କରିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

ନିଜ ମନ ପସନ୍ଦର ସପୋର୍ଟ ଷ୍ଟାଫ୍ ନିଯୁକ୍ତି ଦେବାର ଅଧିକାର ଦେବାକୁ ଗମ୍ଭୀର ସର୍ତ୍ତ ରଖିଥିଲେ। କେବଳ ସେତିକି ନୁହଁ ସେ ଦଳରେ କୋଡାଟି ଗଠନମୂଳକ ପରିବର୍ତ୍ତନ କରିବାକୁ ଚାହାଁନ୍ତି ବୋଲି ବୋର୍ଡକୁ ଅବଗତ କରାଇଥିଲେ। ବୋର୍ଡ ଅବଶ୍ୟ ଗମ୍ଭୀରଙ୍କ ଏହି ସର୍ତ୍ତକୁ ମାନିଦେଇଛି। ଚଳିତ ମାସେ ଶେଷ ଆଡକୁ ଗମ୍ଭୀରଙ୍କ ନିଯୁକ୍ତି ନେଇ ବୋର୍ଡ ଘୋଷଣା କରିବ ବୋଲି ଆଶା କରାଯାଉଛି।

ଯେତେବେଳେ ରବିଶାସ୍ତ୍ରୀ ମୁଖ୍ୟ ପ୍ରଶିକ୍ଷକ ଥିଲେ, ସେତେବେଳେ ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋରଙ୍କୁ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ଶାସ୍ତ୍ରୀଙ୍କ ସ୍ଥାନରେ ଯେତେବେଳେ ରାହୁଲ ଦ୍ରାବିଡ କୋଚ୍ ହେଲେ, ସେତେବେଳେ ରାଠୋର ତାଙ୍କ ପଦ ବଜାୟ ରଖିଥିଲେ। ଏବେ ପାରସ ମାହାମ୍ବ୍ରେ ଓ ଟି ଦୀଲିପ୍ ଯଥାକ୍ରମେ ଦଳର ବୋଲିଂ ଓ ଫିଲ୍ଡିଂ କୋଚ୍ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ନିଯୁକ୍ତି ପରେ ଗମ୍ଭୀର ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ଦଳରେ କେତୋଟି ପରିବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଯଦି ଏପରି କିଛି ହୁଏ, ତେବେ ତାହା କ୍ରିକେଟ ଜଗତରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିବ।

ଉଲ୍ଲେଖଥାଉ କି, ଗମ୍ଭୀରଙ୍କ ତତ୍ତ୍ୱାବଧାନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଟାଇଟଲ ହାସଲ କରିଥିଲା। କେବଳ ସେତିକି ନୁହଁ ଗମ୍ଭୀରଙ୍କ ନେତୃତ୍ୱରେ କୋଲକାତା ୨୦୧୨ ଓ ୨୦୧୪ରେ ଆଇପିଏଲ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା।

■ ପେରୁଜିଆ ଚ୍ୟାଲେଞ୍ଜର ଟେନିସ

# ଫାଇନାଲରେ ନାଗଲ



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି)

ଭାରତର ଶ୍ରେଷ୍ଠ ଏକକ ଟେନିସ ତାରକା ସୁମିତ ନାଗଲ ଆଉ ଏକ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟର ଏକକ ଫାଇନାଲରେ ପ୍ରବେଶ କରି ଟାଇଟଲ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। କେନ୍ଦ୍ରୀୟ ଇଟାଲୀ ସହର ପେରୁଜିଆରେ ଚାଲିଥିବା ଏଟିପି ଚ୍ୟାଲେଞ୍ଜର ଟେନିସ ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ନାଗଲ ୭-୬, ୧-୬, ୬-୨ ସେଟ୍‌ରେ ସ୍ପେନ୍‌ର ବେର୍ଣ୍ଣାବ ଜାପାଟା ମୀରାଲେସଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ୭୭ ନଂ ଖେଳାଳି ନାଗଲ ଏବେ ଇଟାଲୀର ଲୁସିଆନୋ ଦାରଦେରୀଙ୍କୁ ଭେଟିବେ। ଏଥିସହ ୨୬ ବର୍ଷୀୟ ନାଗଲ କ୍ରମାଗତ ୯ମ ବିଜୟ ହାସଲ କରିଛନ୍ତି। ଜର୍ମାନୀର ହେଇଲବ୍ରୋନ ଚ୍ୟାଲେଞ୍ଜରରେ ସେ ତାଙ୍କ ବିଜୟ ଅଭିଯାନ ଆରମ୍ଭ କରିଥିଲେ। ଗତ ସପ୍ତାହରେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ପେରୁଜିଆ ଚ୍ୟାଲେଞ୍ଜରରେ ବିଜୟୀ ହେଲେ ସେ କ୍ରମାଗତ ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ ହାସଲ କରିବେ ଓ ଏଟିପି ମାନ୍ୟତାର ଶ୍ରେଷ୍ଠ-୫୦ର ନିକଟତର ହେବେ।

ସେହିପରି ଏହି ଟୁର୍ଣ୍ଣାମେଣ୍ଟର ଯୁଗଳ ପ୍ରତିଯୋଗିତା ଫାଇନାଲରେ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଆରମ୍ଭ

କଟକ, ୧୬।୬(ସମିସ): ନିଖିଳ ଓଡ଼ିଶା ଚେସ ସଂଘ ଏବଂ ଆଇଏସ ଚେସ ସେଣ୍ଟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ରବିବାର ଠାରୁ ଆରମ୍ଭ ହୋଇଛି। ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୭ ଜିଲ୍ଲାରୁ ୧୭୫ ଜଣ ଖେଳାଳି ଭାଗ ନେଇଛନ୍ତି। ଏମାନଙ୍କ ଭିତରେ ୬୩ ଜଣ ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ଖେଳାଳି ରହିଛନ୍ତି। ଓପନ୍ ବର୍ଗରେ କୌସ୍ତୁଭ ଦାସ ଏବଂ ବାଳିକା ବର୍ଗରେ ଯାଶିତା ରାଉତ ହେଉଛନ୍ତି ପ୍ରତିଯୋଗିତାର ଟପସିଡ୍ ଖେଳାଳି। ଆଇଏସ ଚେସ ସେଣ୍ଟର ନିର୍ଦ୍ଦେଶକ ଆଇନଜୀବୀ ମାନସ ପାଣିଙ୍କ ପୌରୋହିତ୍ୟ ଆୟୋଜିତ ଉତ୍ସବରେ ବରିଷ୍ଠ ଚେସ ପ୍ରଶାସକ ତଥା ଅଧ୍ୟାପକ ଅସିତ୍ ମୁଖାର୍ଜୀ ଉଦଘାଟକ ଭାବେ ଯୋଗ ଦେଇଥିଲେ। ସୂର୍ଯ୍ୟକାନ୍ତ ବିଶୋୟୀ, ସଞ୍ଜୟ ଜେନା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି, ସନ୍ତୋଷ ମହାପାତ୍ର, ଶଙ୍କର ରାଓ, ସୋନାଲୀ ଦାସ, ଏ ପୱନି, ଭେଙ୍କଟ ରାଓ, ବିରାଜ ଦାସ ଓ ପ୍ରଶାନ୍ତ ବିହାରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



## ଜାତୀୟ ଅସି ଚାଳନା ଚାମ୍ପିଅନସିପ୍

# ଓମ୍‌ଙ୍କୁ ରୌପ୍ୟ, ନିଖିଳଙ୍କୁ କାଂସ୍ୟ



କଟକ, ୧୬।୬(ସମିସ)

ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଅସି ଚାଳନା ଚାମ୍ପିଅନସିପ୍‌ର ୩ୟ ଦିବସ ଖେଳ ଶେଷ ହୋଇଛି। ରବିବାର ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ୧୦ବର୍ଷରୁ କମ ବାଳକ ଫଏଲ ଇଭେଣ୍ଟରେ ଓମ ଶଙ୍କର ପଟେଲ ରୌପ୍ୟ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଦିଲ୍ଲୀର ଅଭୟ ଅଗ୍ରୱାଲ ସ୍ୱର୍ଣ୍ଣ, ପଞ୍ଜାବର ସିମରନଜିତ ସିଂହ ଓ ଆନ୍ଧ୍ରପ୍ରଦେଶର ସିଦ୍ଧାର୍ଥ ଦତ୍ତ ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି। ସେହିପରି ରବିବାର ଓଡ଼ିଶା ନିମନ୍ତେ ଦ୍ୱିତୀୟ ପଦକ ଜିତିଥିଲେ ନିଖିଳ କୁମାର ସାହୁ। ୧୦ବର୍ଷରୁ କମ୍ ବାଳକ ଇପି ଇଭେଣ୍ଟରେ ନିଖିଳଙ୍କୁ କାଂସ୍ୟ ପଦକ ମିଳିଛି। ଏହି ଇଭେଣ୍ଟରେ ଦିଲ୍ଲୀର ଭିଆନ ବିଷ୍ଟ ସ୍ୱର୍ଣ୍ଣ ଜିତିଥିଲେ। ତାମିଲନାଡୁର ଥିରୁନେଶ ସିବାଷ୍ଟିଆନ ରୌପ୍ୟ ବିଜୟୀ ହୋଇଥିବା ବେଳେ ଓଡ଼ିଶାର ନିଖିଳଙ୍କ ସହ ମଣିପୁରର ବନିବା ଶର୍ମା ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ଅରଜିତ ପଟେଲ ଏବଂ ପ୍ରିୟଲୋଚନ ନାୟକ ଉଭୟ ମଧ୍ୟ କାଂସ୍ୟ ପଦକ ଜିତିଛନ୍ତି।

୧୦ବର୍ଷରୁ କମ୍ ବାଳକ ସାବର ଇଭେଣ୍ଟର ଫାଇନାଲ ରାଉଣ୍ଡ ମଧ୍ୟ ଶେଷ ହୋଇଛି। ଏଥିରେ ମଣିପୁରର ଗୁରୁଆରିବାମ ଶର୍ମା ସ୍ୱର୍ଣ୍ଣ, ପଞ୍ଜାବର ପ୍ରଣବଙ୍କୁ ରୌପ୍ୟ, ତାମିଲନାଡୁର ଏମ ଲକ୍ଷ୍ମଣ ଏବଂ ପଞ୍ଜାବର ଆଦଭିକ ଯୁଗ୍ମ କାଂସ୍ୟ ପଦକ ଜିତିଛନ୍ତି। ପ୍ରକାଶଥାଉକି, ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଏବଂ ୪୦ବର୍ଷରୁ ଅଧିକ ବୟସ ବର୍ଗରେ ପ୍ରତିଯୋଗିତା ଖେଳାଯାଉଛି। ରାଜ୍ୟ ସୂଚନା କମିଶନର ସୁଶାନ୍ତ ମହାନ୍ତି ରବିବାର ପ୍ରତିଯୋଗିତାର ୩ୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଅସି ଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ନିର୍ମଳ ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଉପସ୍ଥିତ ଥିଲେ।

## ବଧିର ବିଶ୍ୱକପ୍ ଭଲିବଲ

# ଜାତୀୟ ଦଳରେ ବିଦ୍ୟାଧର



ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶାର ବଧିର ଖେଳାଳି ବିଦ୍ୟାଧର ଛୋଟରାୟଙ୍କୁ ମିଳିଛି ଏକ ବଡ଼ ସ୍ୱୀକୃତି। ଲୋକପ୍ରିୟ ଖେଳ ଭଲିବଲ ବିଶ୍ୱକପ୍ ଲାଗି ମନୋନୀତ ଭାରତୀୟ ଦଳରେ ବିଦ୍ୟାଧରଙ୍କୁ ସାମିଲ କରାଯାଇଛି। ୫ମ ବିଶ୍ୱ ବଧୀର ଭଲିବଲ ଚାମ୍ପିଅନସିପ ଜାପାନର ତୋମିଗୁସୁକୁଠାରେ ଜୁନ୍ ୨୧ରୁ ୩୦ ଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏଥିଲାଗି ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଥିବା ଜାତୀୟ ବଧୀର ଏକାଡେମିରେ ପ୍ରଶିକ୍ଷଣ ଚାଲିଛି। ଏଠାରେ ବିଦ୍ୟାଧର ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷଣ ଶିବିର ଜୁନ୍ ୧୮ ରେ ଶେଷ ହେବ ଓ ଏହା ପରେ ଭାରତୀୟ ଦଳ ଜାପାନ ଅଭିମୁଖେ ଯାତ୍ରା କରିବ। ବିଦ୍ୟାଧର ଖୋର୍ଦ୍ଧାରୋଡସ୍ଥିତ ପୂର୍ବତଟ ରେଳବାଇରେ କାର୍ଯ୍ୟରତ। ଜାତୀୟ ଦଳରେ ସାମିଲ ହୋଇଥିବାରୁ ସେ ସାଇ ଓ ରାଜ୍ୟ ବଧୀର କ୍ରୀଡ଼ା ପରିଷଦ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

## ନୃସିଂହ ସ୍ମାରକୀ ରାଜ୍ୟ ଓପନ ଚେସ୍ | ହର୍ଷିତ ଚାମ୍ପିଅନ, ଲଳିତ ରନର୍ସଅପ୍

ଭୁବନେଶ୍ୱର, ୧୬।୬ (ସମିସ)

ଚତୁର୍ଥ ନୃସିଂହ ଚରଣ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତରେ ଦୁଇ ଉଦୀୟମାନ ଖେଳାଳି ହର୍ଷିତ ରଞ୍ଜନ ସାହୁ ଓ ଲଳିତ ରଞ୍ଜନ ସାହୁ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ କଟକର ଉଭୟ ଖେଳାଳି ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ହର୍ଷିତ ପ୍ରଥମ ଓ ଲଳିତ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ରାଜେନ୍ଦ୍ର ତୃତୀୟସ୍ଥାନ ଅଧିକାର କରିଥିଲାବେଳେ ପୁରୀର ମହେଶ ପ୍ରସାଦ ସେଠୀ ଚତୁର୍ଥ, କଟକର ରବୀନ୍ଦ୍ର କୁମାର ଓଝା ପଞ୍ଚମ, ଯାପୁରର ସୃଜନ ପ୍ରଣୟୀ ରାୟ ଷଷ୍ଠ ଓ ଜଟଣୀର ଅବିନାଶ ବଳିୟାର ସିଂ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାଟି କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରୟାଲ ସ୍କୁଲର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ କେନ୍ଦୁଝର ସେଣ୍ଟ ଜାଭିୟର ଉଚ୍ଚମାଧ୍ୟମିକ ସ୍କୁଲର ପ୍ରିନ୍ସିପାଲ ପ୍ରବୋଧ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେସ୍ ପ୍ରଶିକ୍ଷକ ଅଶୋକ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପୂର୍ବତନ ଚେସ ଖେଳାଳି ହୃଦାନନ୍ଦ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।



## ସଫ୍ଟଟେନିସ ଜାତୀୟ ଦଳରେ ଅଂଶୁମାନ ବାବୁ ସାମିଲ

ଭୁବନେଶ୍ୱର, ୧୬।୬ (ସମିସ): ଦକ୍ଷିଣ କୋରିଆରେ ଚଳିତମାସ ଜୁନ୍ ୧୮ରୁ ୨୩ ତାରିଖଯାଏ ହେବାକୁ ଥିବା ନିଉ ବ୍ୟାଙ୍କ କୋରିଆ କପ୍ ଇଣ୍ଟରନ୍ୟାସନାଲ ସଫ୍‌ଟ ଟେନିସ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଓଡ଼ିଶାର ଅଂଶୁମାନ ବାବୁଙ୍କୁ ସାମିଲ କରାଯାଇଛି। ସେ ଜଣେ ପ୍ରତିଭାବାନ ଖେଳାଳି ଓ ଜାତୀୟ ଦଳରେ ମନୋନୀତ ହୋଇଥିବାରୁ ତାଙ୍କୁ ଓଡ଼ିଶା ସଫ୍ଟ ଟେନିସ ସଂଘ ପକ୍ଷରୁ ସମ୍ମାନିତ କରାଯାଇଛି। ସଂଘର ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ ଓ ସାଧାରଣ ସମ୍ପାଦକ ମହମ୍ମଦ୍ ଆଜମଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଖଣ୍ଡିତର ପାଲଟିଛି କବାଡ଼ି ପରିଚାଳକ ପ୍ରଶିକ୍ଷଣ କେନ୍ଦ୍ର

ଯାଜପୁର ୧୬।୬(ସମିସ)

କବାଡି ଖେଳକୁ ଆଗକୁ ନେବାରେ ଖଣ୍ଡିତର ଅଞ୍ଚଳ ଏବଂ ଯାଜପୁର କବାଡି ଆସୋସିଏସନର ଏକ ବଡ ଭୂମିକା ରହିଛି। ଦୀର୍ଘ ବର୍ଷ ଧରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଓ ତାରିଖରେ ଜାତୀୟସ୍ତରର ପ୍ରତିଯୋଗିତା ଆୟୋଜନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିସହିତ ବର୍ଷ ତମାମ କବାଡି ଖେଳାଳିଙ୍କୁ ମାଗଣା ତାଲିମ ସହିତ ରାଜ୍ୟ ଓ ଜାତୀୟସ୍ତରର କୋଚଙ୍କ ଜରିଆରେ ଅନେକ ଟିପ୍ସ ମଧ୍ୟ ଦିଆଯାଉଛି। ଯେଉଁଥି ପାଇଁ ଏଠାରୁ ଅନେକ ଖେଳାଳୀ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ଅଫିସିଆଲ ସୃଷ୍ଟି କ୍ଷେତ୍ରରେ ପାଲଟିଛି ପ୍ରଶିକ୍ଷଣ କେନ୍ଦ୍ର। ଏହି ପ୍ରତିଯୋଗିତାରେ ସଫଳତା ଓ ଅଭିଜ୍ଞତା ହାସଲ କରି ଅଫିସିଆଲ ମାନେ ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦିତ କରିବାନ୍ନେମର୍ଥ ହୋଇଛନ୍ତି। ଯାହାକି ନୂଆ ପିଢ଼ିଲାଗି ପ୍ରେରଣା ଯୋଗାଇଛି। ଯାଜପୁର କବାଡି ଆସୋସିଏସନ ସହିତ ସମ୍ପୃକ୍ତ ଥିବା ୩ ଜଣ ଟେକନିକାଲ ରେଫରି ପ୍ରୋ କବାଡି, ଖେଲୋ ଇଣ୍ଡିଆ ଏବଂ ନ୍ୟାସନାଲ କବାଡି ପ୍ରତିଯୋଗିତା ରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ସସ୍ମିତା ଦାସ ପ୍ରୋ କବାଡିର ସିଜନ୨ରୁ ଅଦ୍ୟାବଧି ୧୦ ସିଜନରେ ଜଣେ ଟେକନିକାଲ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କୁ ସିଜିନ ୬ରେ ଶ୍ରେଷ୍ଠ ଟେକନିକାଲ ଅଫିସର ଭାବେ ପ୍ରୋ କବାଡି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମନସ୍ୱିନୀ ସାହୁ ଏହି ପଡିଆରୁ ତାଙ୍କର କବାଡି ଖେଳ ଆରମ୍ଭ କରି ଜାତୀୟସ୍ତରରେ କବାଡି ଖେଳ ପ୍ରଦର୍ଶନ କରିବା ପରେ ଏବେ ଜଣେ ସଫଳ ଟେକନିକାଲ ଅଫିସର ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ୨୦୧୮ ମସିହାରୁ ପ୍ରୋ କବାଡିର ଟେକନିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। କେ ମାଧବ ରାଓ ମଧ୍ୟ ପ୍ରୋ କବାଡିର ଟେକନିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।



ଭାରତରେ କବାଡି ଖେଳ ପାଇଁ ଖଣ୍ଡିତର ଷ୍ଟାଡିୟମର ଅନେକ ଅବଦାନ ରହିଛି। ଏଇଠାରୁ ଖେଳ ପରିଚାଳନା ରେ ଅନେକ କିଛି ଶିଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ଏଠାରେ ଜାତୀୟ ସ୍ତରର କବାଡି ଖେଳ ଆୟୋଜନ ହେବା ଫଳରେ ଅନେକ ଖେଳାଳି ସୃଷ୍ଟି ହେଉଛନ୍ତି। ଏହିଭଳି ପ୍ରତ୍ୟେକ ଅଞ୍ଚଳରେ ବଡ ବଡ ଟୁର୍ଣ୍ଣାମେଣ୍ଟ ହେଲେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ହୋଇପାରନ୍ତେ।

**ସସ୍ମିତା ଦାସ**, ପ୍ରୋ କବାଡି ଟେକନିକାଲ ଅଫିସର



ଆମ ଗାଁ ମାଟିରେ ଏଭଳି ଏକ ଜାତୀୟ ସ୍ତରର ଖେଳ ଅନୁଷ୍ଠିତ ହେଉଥିବାରୁ ଆମେ ଗର୍ବିତ। ଏହି ମାଟିରେ ଆମେ ଖେଳିଛୁ ବଡ ହୋଇଛୁ। ଯେଉଁମାନଙ୍କୁ ଏହି ପଡିଆରେ ଖେଳୁଥିବାରୁ ଦେଖୁଥିଲୁ ସେମାନଙ୍କୁ ଏବେ ଟିଭି ପରଦାରେ ଦେଖୁଛୁ। ପ୍ରତିବର୍ଷ ଆମ ଯାଜପୁର କବାଡି ଆସୋସିଏସନ ପକ୍ଷରୁ ଏହି ଖେଳର କଳେବର ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଛି। ସେଥିପାଇଁ ରାଜ୍ୟ ବାହାରେ ରହି ସେହି ଖେଳାଳୀ ଏବଂ ଅଫିସିଆଲ ମାନଙ୍କ ଖେଳ ଟିଭି ପରଦାରେ ଦେଖିବା ବେଳେ ଅନେକ ଗର୍ବ ଲାଗେ। ସେଥିପାଇଁ ଏଠାରେ ଖେଳ ଦେଖିବା ପାଇଁ ପ୍ରତ୍ୟେକ ବର୍ଷ ରଜ ସମୟରେ ପ୍ରାୟେ ମାସେ କାଳ ଛୁଟି ଆଣିବାକୁ ପଡେ।

**ଫାଂଲଗୁନି ବିଭୁ କଲ୍ୟାଣ ଦାସ**, ପୁରାତନ ଖେଳାଳୀ, ଖଣ୍ଡିତର



ଆଜି ମୁଁ ଯେତିକି ବାଟ ଯାଇଛି ସେଥିରେ ଯାଜପୁର କବାଡି ଆସୋସିଏସନର ସମ୍ପୂର୍ଣ୍ଣ ସହଯୋଗ ବା ହାତ ରହିଛି। ମୋ ଭଳି ଅନେକ ଖେଳାଳି ସୃଷ୍ଟି ହୋଇ ଦେଶର କୋଣ ଅନୁକୋଣରେ ନିଯୁକ୍ତି ପାଇପାରିଛନ୍ତି। କିନ୍ତୁ ଏବେ ଭାରତର ଅନ୍ୟ ରାଜ୍ୟଙ୍କ ଭଳି ଓଡିଶାରେ କବାଡି ଖେଳକୁ ଅନ୍ୟ ଭଳି ସରକାର ଗୁରୁତ୍ୱ ଦେଲେ ଏହା ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରନ୍ତା। ବିଦେଶୀ ଖେଳ ଭଳି ଦେଶୀ ବା ପାରମ୍ପରିକ ଖେଳ ପ୍ରତି ରାଜ୍ୟସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତେ ତା ହେଲେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ହୋଇପାରନ୍ତେ।

**ମନସ୍ୱିନୀ ସାହୁ**, ପ୍ରୋ କବାଡି ଟେକନିକାଲ ଅଫିସର




ପ୍ରତିବର୍ଷ କେବଳ କବାଡି ଖେଳ ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ ବନ୍ଧୁବାନ୍ଧବ ମାନେ ଆମ ଗାଁକୁ ଆସିଥାନ୍ତି। କାରଣ ଯେଉଁ ମାନଙ୍କ ଖେଳ ଦେଖିବା ପାଇଁ ହଜାର ହଜାର ଟଙ୍କାର ଟିକେଟ କଟାଯାଏ ସେହିମାନଙ୍କ ଖେଳ ଏଠାରେ ମାଗଣାରେ ଦେଖିବା ପାଇଁ ଦର୍ଶକଙ୍କୁ ସୁଯୋଗ ମିଳେ। ଆଗକୁ ଏଠାରେ ଏକ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା କରି ଏଠାରେ ପ୍ରୋ କବାଡି ଖେଳ ଆୟୋଜନ କରିବା ନେଇ ଲକ୍ଷ୍ୟ ରହିଛି। ଏଭଳି ଖେଳ ଆୟୋଜନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରାୟୋଜକର ଆବଶ୍ୟକତା ରହିଛି।

**ଅଭୟ କୁମାର ମହାନ୍ତି**, ପୁରାତନ ଖେଳାଳୀ

## ଗୀତାବାଣୀ

ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟଞ୍ଛୃଣ୍ୱନ୍ ସ୍ପୃଶଞ୍ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପଞ୍ଛ୍ୱସନ୍ ॥୮ ॥
ପ୍ରଲପନ୍ ବିସୃଜନ୍ ଗୃହଣନ୍ ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥୯ ॥



ତତ୍ତ୍ୱବେତ୍ତା ସାଙ୍ଖ୍ୟଯୋଗୀ ଦେଖିବା, ଶୁଣିବା, ଛୁଇଁବା, ଶୁଙ୍ଘିବା, ଖାଇବା, ଚାଲିବା, ଗ୍ରହଣ କରିବା, କହିବା, (ମଳମୂତ୍ର) ତ୍ୟାଗ କରିବା, ଶୋଇବା, ଶ୍ୱାସ ନେବା, ଆଖି ଖୋଲିବା ଓ ବନ୍ଦ କରିବା ଇତ୍ୟାଦି ସମସ୍ତ କ୍ରିୟା କରି ମଧ୍ୟ ଇନ୍ଦ୍ରିୟଗଣଙ୍କ ବିଷୟରେ ସବୁକିଛି କରୁଛନ୍ତି ବୋଲି ବୁଝି 'ମୁଁ (ସ୍ୱୟଂ) କିଛି ହେଲେ କରୁ ନାହିଁ- ଏପରି ମାନିବା ଉଚିତ ।

- (ପଞ୍ଚମୋଽଧ୍ୟାୟଃ )

## ପ୍ରଶ୍ନୋତ୍ତର




୧. ପାଣ୍ଡବଙ୍କ ମାତାଙ୍କ ନାମ କ'ଣ?
୨. ଭୀମଙ୍କର କେତେ ଜଣ ପତ୍ନୀ ଥିଲେ?
୩. ଶକୁନିଙ୍କ ବାପାଙ୍କ ନାଁ କ'ଣ?
୪. ବଜ୍ରଦଣ୍ଡ ଅସ୍ତ୍ର ଅର୍ଜୁନଙ୍କୁ କିଏ ପ୍ରଦାନ କରିଥିଲେ?
୫. ଗାନ୍ଧାରୀଙ୍କୁ ଶତ ପୁତ୍ରର ବରଦାନ କିଏ ଦେଇଥିଲେ?

**ଉତ୍ତର**
(୧) କୁନ୍ତୀ (୨) ୩ ଜଣ (୩) ସୁବଳ (୪) ଇନ୍ଦ୍ର (୫) ଶିବ

# ବସୁମତୀ ସ୍ନାନ

**ଝିଅମାନଙ୍କ ଦ୍ୱାରା ପାଳନ କରାଯାଉଥିବା ରଜପର୍ବର ଚତୁର୍ଥ ଅର୍ଥାତ୍ ଶେଷ ଦିନଟି ବିଶେଷ ମହତ୍ତ୍ୱ ବହନ କରେ । ଏହିଦିନଟିକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଡ଼ ଭାବେ ପାଳନ କରାଯାଏ । ଏହାର ବିଧିବିଧାନ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ରଜସ୍ୱଳା ନାରୀ ଯେଭଳି ଚତୁର୍ଥ ଦିନ ସ୍ନାନ କରି ଶୁଦ୍ଧ ହୁଏ । ଠିକ୍ ସେହିପରି ଧରିତ୍ରୀ ମା' ତିନିଦିନ ପରେ ସ୍ନାନ କରନ୍ତି । ଏହାକୁ 'ଧରାସ୍ନାନ', 'ମହାଲକ୍ଷ୍ମୀ ଗାଧୁଆ' ତଥା 'ଶୁଦ୍ଧ ସ୍ନାନ' ବୋଲି ମଧ୍ୟ କୁହାଯାଏ ।**



ନାରୀ ସହ ମାଟି ମାଆର ନିବିଡ଼ ସମ୍ପର୍କ ରହିଛି । କଥିତ ରହିଛି ଯେ, ରଜପର୍ବରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି । ତିନିଦିନ ଧରି ସେ ଅଛୁତ ରହନ୍ତି । ଏହି ସମୟରେ ଠାକୁର ପୂଜା, ଭୂମି ଦହନ, ବଟାବଟି, କଟାକଟି ଆଦି ଶାରୀରିକ କାର୍ଯ୍ୟ କରିବା ପାଇଁ ନାରୀଙ୍କୁ ବାରଣ କରାଯାଇଥାଏ । ଶେଷଦିନ ବସୁଧା ମା'ଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଛି । ଏହା ହେଉଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ । ରଜସ୍ୱଳା ନାରୀ ସଦୃଶ ବସୁମତୀ ମାତା ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଶୁଦ୍ଧ ସ୍ନାନ ପର୍ବ କରାଯାଏ । ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି । ପିଢ଼ା ଉପରେ ଶିଳପୁଆ ରଖାଯାଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ରଖି ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ହଳଦିପାଣିରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଏ । ଚନ୍ଦନ, ସିନ୍ଦୂର, ଫୁଲ,ଭୋଗ ସହ ପୂଜା କରାଯାଏ । ଶୁଦ୍ଧ ସ୍ନାନ ପରେ ବସୁମାତା ସୃଜନକ୍ଷମ ହୋଇଥାନ୍ତି । ଏହିପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିଥାଏ ।

# ନ୍ୟାୟର ଦେବତା ଶନି



**ଶନି ଦେବଙ୍କୁ କ୍ରୂର ଦେବତା ବୋଲି ଅନେକ ଭାବିଥାନ୍ତି । ତାଙ୍କ ବାହନ କାଉ । ଲୋକଙ୍କୁ ସେ କର୍ମ ଅନୁସାରେ ଫଳ ପ୍ରଦାନ କରନ୍ତି । ତେବେ ଶନି ଦେବଙ୍କୁ କାହିଁକି ନ୍ୟାୟର ଦେବତା କୁହାଯାଏ, ସେ ସମ୍ପର୍କରେ ଜାଣିବା ।**

ମଣିଷ ତା' ଜୀବନରେ ଯାହା ବି କାର୍ଯ୍ୟ କରେ, ସେ ସବୁ ଉପରେ ଶନି ଦେବ ନଜର ରଖିଥାନ୍ତି । ସେଥିପାଇଁ ତାଙ୍କୁ କର୍ମର ଦେବତା ବୋଲି କୁହାଯାଏ । ଭଲ କାମ କରୁଥିବା ଲୋକଙ୍କୁ ଶୁଭଫଳ ମିଳୁଥିବା ବେଳେ ଖରାପ କାମ କରୁଥିବା ଲୋକଙ୍କୁ ଶନିଦଶା ଲାଗିଥାଏ । ଶନି ହେଉଛନ୍ତି ସୂର୍ଯ୍ୟ ଦେବ ଏବଂ ମାତା ଛାୟାଙ୍କ ପୁତ୍ର । ସେହିପରି ମୃତ୍ୟୁ ଦେବତା ଯମ ହେଉଛନ୍ତି, ଶନିଙ୍କ ଭାଇ । ତେବେ ଶନିଙ୍କୁ କ୍ରୂର ଗ୍ରହର ଅଭିଶାପ ତାଙ୍କ ପତ୍ନୀଙ୍କଠାରୁ ପ୍ରାପ୍ତ ହୋଇଥିଲା ।

ଏକଦା ଥରେ ଶନିଦେବ ଏବଂ ମହାଦେବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଯେଉଁଥିରେ ଶନି ମହାଦେବଙ୍କୁ ଶିବ ପରାସ୍ତ କରିଥିଲେ । ଯୁଦ୍ଧ ପରେ ଶନିଙ୍କ ପିତା ସୂର୍ଯ୍ୟ ଦେବଙ୍କୁ କ୍ଷମା ମାଗିଲେ । ତେବେ ମହାଦେବଙ୍କ ଉପରେ ଶନିଙ୍କ ଶକ୍ତି ଏବଂ ସାହସର ଅଧିକ ପ୍ରଭାବ ପଡ଼ିଲା । ଏହାଦ୍ୱାରା ସେ ଅଧିକ ପ୍ରଭାବିତ ହେଲେ । ଏହି କାରଣ ଯୋଗୁଁ ଶିବ ଶନିଙ୍କୁ ଦଣ୍ଡାଧିକାରୀ ନିଯୁକ୍ତ କଲେ । ସେବେଠୁ ଶନି ନ୍ୟାୟର ଦେବତା ଭାବେ ପରିଚିତ ଲାଭ କଲେ । ଏହାସହ ସେ ଲୋକଙ୍କୁ ସେମାନଙ୍କ କର୍ମ ଅନୁସାରେ ଫଳ ପ୍ରଦାନ କଲେ । ତେବେ ଶନିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ମହାଦେବ ଦଣ୍ଡ ବିତରିତ କରିବା ପାଇଁ ନ୍ୟାୟ ଦେବତା କରାଇଲେ ।

# ଷୋଡ଼ଶଭୁଜ ଗଜାନନ



ଚାରି, ଛଅ ଏବଂ ଆଠ ହାତ ବିଶିଷ୍ଟ ଶ୍ରୀ ଗଣେଶଙ୍କ ପ୍ରତିମା ସମସ୍ତେ ଦେଖିଛନ୍ତି । ତେବେ ମଧ୍ୟପ୍ରଦେଶ ଜବଲପୁର ଗୌରୀଘାଟ ସ୍ଥିତ ହଲବାଇ ମନ୍ଦିରରେ ଷୋଡ଼ଶଭୁଜର ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ କରିଛନ୍ତି । ମନ୍ଦିରଟି ଉଚ୍ଚତାରେ ଅବସ୍ଥିତ । ଏହି ଗଣେଶ ମୂର୍ତ୍ତି ବହୁ ପୁରୁଣା । କୁହାଯାଏ, ଏହି ମୂର୍ତ୍ତି ଦର୍ଶନ ଦ୍ୱାରା ମନୋକାମନା ପୂରଣ ହୋଇଥାଏ । ଷୋଡ଼ଶଭୁଜ ଶ୍ରୀ ଗଣେଶଙ୍କ ସହ ଏହି ମନ୍ଦିରରେ ରିଦ୍ଧି-ସିଦ୍ଧି ମଧ୍ୟ ଅଛନ୍ତି ।

ଏହି ମନ୍ଦିରର ନିର୍ମାଣ ଗୋଣ୍ଡ ଶାସକ କାଳରେ ନିର୍ମାଣ କରାଯାଇ ଥିଲା । ଚାରିଯୁଗର ଭଗବାନ ଏହି ମନ୍ଦିରରେ ଅଛନ୍ତି । ସେହିପରି ମନ୍ଦିର ଉପରେ ଶ୍ରୀଯନ୍ତ୍ର ତିଆରି କରାଯାଇଛି । ମନ୍ଦିରର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ମନୋମୁଗ୍ଧକର । ଏହି ମନ୍ଦିର ପାଖରେ ଏକ ଗୁମ୍ଫା ଅଛି । କୁହାଯାଏ, ଏହି ଗୁମ୍ଫା ଦେଇ ମନ୍ଦିରକୁ ରାଣୀ ଦୁର୍ଗାବତୀ ଆସି ପୂଜାର୍ଚ୍ଚନା କରୁଥିଲେ ।

# ମୂଳାଙ୍କ ୭ ବ୍ୟକ୍ତିଙ୍କ ସ୍ୱଭାବ

**ଅଙ୍କ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମୂଳାଙ୍କରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଜାଣିବା ସମ୍ଭବ । ତେବେ ମୂଳାଙ୍କ ୭ର ଲୋକଙ୍କ ସ୍ୱଭାବ ଓ କେମିତି ସେ ବିଷୟରେ ଜାଣନ୍ତୁ ।**

- କୌଣସି ମାସର ୭,୧୬, ୨୫ ତାରିଖରେ ଜନ୍ମ ହୋଇଥିବା ଲୋକଙ୍କ ମୂଳାଙ୍କ ୭ ହୋଇଥାଏ । ମୂଳାଙ୍କ ୭ ଲୋକ ଖୁବ୍ ଭାଗ୍ୟଶାଳୀ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମୂଳାଙ୍କ ୭କୁ ଗୁରୁ ଗ୍ରହ ସହ ଯୋଡ଼ା ଯାଇଛି । ଏଭଳି ଲୋକ ଖୁବ୍ ରହସ୍ୟମୟ, ଅନ୍ତର୍ମୁଖୀ ଏବଂ ବୁଦ୍ଧିମାନ ହୋଇଥାନ୍ତି ।
- କୌଣସି କଥାକୁ ସେମାନେ ଜଲ୍‌ଦି କାହା ସହ ସେୟାର୍ କରି ନ ଥାନ୍ତି । ମୂଳତଃ ସେମାନେ ନିଜର ଚିନ୍ତାଧାରା ଏବଂ ଭାବନାକୁ ଲୁଚାଇ ରଖନ୍ତି ।
- ମୂଳାଙ୍କ ୭ ଲୋକ ଏକାକୀ ରହିବାକୁ ଭଲ ପାଆନ୍ତି ।
- କୌଣସି ସମସ୍ୟାକୁ ଗଭୀରରୁ ବୁଝିବାକୁ ସେମାନେ ସକ୍ଷମ ।
- ଆଧ୍ୟାତ୍ମିକ ଦିଗ ପ୍ରତି ସେମାନଙ୍କର ସ୍ୱତନ୍ତ୍ର ଆଗ୍ରହ ଥାଏ ।
- କାହା ଉପରେ ନିର୍ଭର ରହିବାକୁ ଭଲପାଆନ୍ତି ନାହିଁ ।

# ସ୍ଥିର ନୁହେଁ ସୁଖ-ଦୁଃଖର ସମୟ



**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଜୀବନରେ ଦୁଃଖର କାରଣକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ଗୌତମ ବୁଦ୍ଧଙ୍କ କିଛି ଶିଷ୍ୟଗଣ ତାଙ୍କୁ ଦୁଃଖର କାରଣ ପଚାରି ଥିଲେ । ଏହାସହ ଏହି ଦୁଃଖ କେତେ ସମୟ ପାଇଁ ଜୀବନରେ ରହିଥାଏ ତାଙ୍କଠାରୁ ଜାଣିବାକୁ ଚାହିଁଥିଲେ । ସେହିପରି ବୁଦ୍ଧ ମଧ୍ୟ ସେମାନଙ୍କ ମନରେ ଦୁଃଖକୁ ନେଇ ଯେଉଁ ଦ୍ୱନ୍ଦ୍ୱ ଥିଲା, ତାହା ଦୂର କରିବାକୁ କିଛି କଥା କହିଲେ । ତାଙ୍କ ମତରେ, ସଂସାରରେ ଏମିତି କୌଣସି ବ୍ୟକ୍ତି ନାହାନ୍ତି, ଯାହାଙ୍କ ଜୀବନରେ କୌଣସି ଦୁଃଖ ନାହିଁ । ଯେଉଁ ପ୍ରକାରେ ପାଣିପାଗ ବଦଳିଥାଏ, ସେହିପରି ଜୀବନରେ ସୁଖ, ଦୁଃଖ ଲାଗି ରହେ । ତେବେ ଏହାକୁ କିଭଳି ସାମ୍ନା କରିବା ଦରକାର, ତାହା ଲୋକଙ୍କ ଉପରେ ନିର୍ଭର କରିଥାଏ ।

ବୁଦ୍ଧଙ୍କ ଅନୁସାରେ, ଜୀବନରେ ସୁଖ ଓ ଦୁଃଖର ସମୟ କଦାପି ସ୍ଥିର ନୁହେଁ । ଯଦି ଜଣେ ଜୀବନରେ ଦୁଃଖ ପାଉଛି, ତେବେ ଦିନେ ନା ଦିନେ ସେହି ଦୁଃଖ କଷ୍ଟରୁ ତା'କୁ ମୁକ୍ତି ମିଳିବ । ତେବେ ଦୁଃଖ ସେତେବେଳ ବଡ଼ ହୁଏ, ଯେତେବେଳେ ମଣିଷ ନିଜେ ତା'କୁ ବଡ଼ କରିଥାଏ । ଏହାର ଅର୍ଥ କୌଣସି ସମସ୍ୟାକୁ ନିଜ ଉପରେ ଲଦି ଦେବା ଅନୁଚିତ । ଯେକୌଣସି ପରିସ୍ଥିତି ହେଉ ନା କାହିଁକି, ଏହାକୁ ଧୈର୍ଯ୍ୟର ସହ ସାମ୍ନା କରିବା ଦରକାର ।

ତେବେ ଦୁଃଖ କଷ୍ଟରୁ ବଞ୍ଚିବା ପାଇଁ ପ୍ରଥମେ ନିଜକୁ ସେହି ଦୁଃଖକୁ ବୁଝିବା ଦରକାର । ତାହାକୁ କିଭଳି ଜୀବନରୁ ଦୂର କରାଯିବ, ସେ ଉପାୟ ଚିନ୍ତା କରିବା ଉଚିତ । ଅନ୍ୟପଟେ ଯେ ପର୍ଯ୍ୟନ୍ତ ମଣିଷ ନିଜକୁ ଖୁସିରେ ରଖିବା ଶିଖି ନାହିଁ, ତା'ର ଦୁଃଖ ଜୀବନରୁ ଦୂର ହେବ ନାହିଁ । ପୁଣି ଦୁଃଖର ବଡ଼ କାରଣ ତୀବ୍ର ଇଚ୍ଛା ଏବଂ ଅସନ୍ତୋଷ ହୋଇଥାଏ । ଆବଶ୍ୟକତାଠୁ ଅଧିକ ଜିନିଷର ଆଶା ମଣିଷ ପାଇଁ ଦୁଃଖର କାରଣ ହୋଇଥାଏ । ଦୁଃଖରୁ ଦୂରେଇ ରହିବା ପାଇଁ ନିଜ ଇଚ୍ଛାକୁ କାବୁ କରିବା ଦରକାର । ସେହିପରି ଜୀବନରେ ଦୁଃଖ ସବୁବେଳେ ରହି ନ ଥାଏ । ଦୁଃଖ ପରେ ସୁଖ ନିହାତି ଆସିବ । ଅନ୍ୟପଟେ ସତ୍‌ମାର୍ଗରେ ଗଲେ ଦୁଃଖରୁ ମୁକ୍ତି ମିଳିଥାଏ ।

# ଗୃହ ପାଇଁ ଶୁଭ ଗୋମୁଖୀ ଜମି

**ଘରର ସୁଖ ସମୃଦ୍ଧି ଏବଂ ବ୍ୟବସାୟରେ ଉନ୍ନତି ଘର ତଥା ଦୋକାନ ଘରର ଜମିର ଆକାର ଉପରେ ନିର୍ଭର କରିଥାଏ । ନୂଆ ଭୂମି କିଣିବା କିମ୍ବା ନୂଆ ଘର ନିର୍ମାଣ ସମୟରେ ବାସ୍ତୁଶାସ୍ତ୍ର ସିଦ୍ଧାନ୍ତକୁ ଧ୍ୟାନରେ ରଖି ଅନୁକୂଳ ଜମି ଚୟନ ଉପରେ ଦୃଷ୍ଟି ଦେବା ଜରୁରି । ତେବେ ଗୃହ ପାଇଁ ଗୋମୁଖୀ ଜମି ଶୁଭ ଫଳ ପ୍ରଦାନ କରେ ।**



ବାସ୍ତୁ ହେଉଛି ଏକ ପ୍ରାଚୀନ ବିଜ୍ଞାନ । ଏହାର ଆଧାରରେ କୌଣସି ଜମି ଉପରେ କିଛି ସହଜ ସିଦ୍ଧାନ୍ତର ଆଧାର ନେଇ ଭବନ ନିର୍ମାଣ କରାଯାଏ । ତେବେ ବ୍ୟବସାୟ ପାଇଁ ସିଂହମୁଖୀ ଜମି ଏବଂ ନିବାସ ପାଇଁ ଗୋମୁଖୀ ଜମି ଶୁଭ ହୋଇଥାଏ । ଏହାଦ୍ୱାରା ଲକ୍ଷ୍ମୀ ମା'ଙ୍କ କୃପା ମିଳିଥାଏ । ସେହିପରି ଅନେକ ଗୋମୁଖୀ ଏବଂ ସିଂହମୁଖୀ ଜମି ମଧ୍ୟରେ ଫରକ୍ ଜାଣି ନ ପାରି ଭୁଲ୍ କରି ବସନ୍ତି । ଫଳ ସ୍ୱରୂପ ଏହାର କୁପ୍ରଭାବ ଭୋଗିବାକୁ ପଡ଼ିଥାଏ ।

ତେବେ ଗୋମୁଖୀ ଭୂଖଣ୍ଡ ନିବାସ ପାଇଁ ଶୁଭ କିନ୍ତୁ ବ୍ୟାପାର ପାଇଁ ଅଶୁଭ । ବ୍ୟବସାୟ ପାଇଁ ଏଭଳି ଜମି ଉପରେ ଦୋକାନ କରିବା ଠିକ୍ ନୁହେଁ । ଯେଉଁ ଜମି ସାମ୍ନା (ଆଗ) ରୁ କମ୍, ପଛରୁ ଅଧିକ ଥାଏ, ତାହାକୁ ଗୋମୁଖୀ କୁହାଯାଏ । ଗୋମୁଖୀ ଜମିରେ ରହିବା ଲାଭପ୍ରଦ । ସେହିପରି ଗାଈ ଘର ପାଇଁ ଶୁଭ ପ୍ରାଣୀ । ଏଣୁ ନିବାସ ପାଇଁ ଏଭଳି ଜମି ଅତି ଶୁଭ ବୋଲି ବିବେଚନା କରାଯାଏ । ଅନ୍ୟପଟେ ଏଭଳି ଜମି ଉପରେ ବ୍ୟବସାୟ କରିବା ଦ୍ୱାରା ବ୍ୟବସାୟ ଚାଲି ନ ଥାଏ ।

# ଅଷ୍ଟ୍ରେଲିଆ ଅପରାଜେୟ, ସୁପର-୮’ରେ ଇଂଲଣ୍ଡ

ସେଣ୍ଟ ଲୁସିଆ/ଆଣ୍ଟିଗୁଆ, ୧୬।୬(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଡି’ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଛି। ଏହି ଗ୍ରୁପ୍‌ରେ ଦ୍ୱିତୀୟ ଦଳ ଭାବେ ସ୍ଥାନ ପାଇଥିବା ଅଷ୍ଟ୍ରେଲିଆ ସମସ୍ତ ମ୍ୟାଚ୍ ଜିତି ଅପରାଜେୟ ରହିବା ସହ ସୁପର-୮’କୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ନେଟ୍ ରନ୍ ରେଟ୍‌ରେ ପଡୋଶୀ ସ୍କଟଲାଣ୍ଡକୁ ପଛରେ ପକାଇ ସୁପର-୮’ରେ ପ୍ରବେଶ କରିଛି। ଏହି ଗ୍ରୁପ୍‌ର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ଶନିବାର ରାତିରେ ବର୍ଷାବାଧାପ୍ରାପ୍ତ ମୁକାବିଲାରେ ଇଂଲଣ୍ଡ ଡି/ଏଲ ମେଥଡ ଅନୁଯାୟୀ ଇଂଲଣ୍ଡ ୪୧ ରନ୍‌ରେ ନାମିବ୍ୟାକୁ ପରାସ୍ତ କରିଥିଲା। ସେହିପରି ରବିବାର ସକାଳେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫ ୱିକେଟରେ ସ୍କଟଲାଣ୍ଡକୁ ହରାଇ ପୂରା ପଏଣ୍ଟ ପାଇଥିଲା। ଏହା ଫଳରେ ୪ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ଗ୍ରୁପ୍‌ରେ ସର୍ବାଧିକ ୮ ପଏଣ୍ଟ ପାଇଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ଓ ସ୍କଟଲାଣ୍ଡ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ନେଟ୍ ରନ୍‌ରେଟ୍ ଯୋଗୁଁ ଇଂଲଣ୍ଡ ସୁପର-୮’କୁ ଉନ୍ନୀତ ହୋଇଥିଲା। ପୂର୍ବ ମାନ୍ୟତା ଅନୁଯାୟୀ ଗ୍ରୁପ୍‌ରେ ଦ୍ୱିତୀୟ ହୋଇଥିଲେ ମଧ୍ୟ ଇଂଲଣ୍ଡ ଡି-୧ ଓ ଅଷ୍ଟ୍ରେଲିଆ ଡି-୨ ଦଳ ଭାବେ ସୁପର-୮’ରେ ଖେଳିବେ।



ମାର୍କସ ଷ୍ଟୋଇନିସ୍



ହ୍ୟାରୀ ବ୍ରୁକ୍

### ବର୍ଷାରେ ବ୍ରୁକ୍‌ଙ୍କ ବିସ୍ଫୋରଣ

ଆଣ୍ଟିଗୁଆର ନର୍ଥସାଉଣ୍ଡରେ କ୍ରମାଗତ ବର୍ଷା ଯୋଗୁ ଇଂଲଣ୍ଡର ବିଶ୍ୱକପ୍‌ରୁ ବିଦା ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଥିଲା। କିନ୍ତୁ ବର୍ଷା ଛାଡ଼ିଯିବାକୁ ଏହି ମ୍ୟାଚ୍‌କୁ ୧୦ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ହ୍ୟାରୀ ବ୍ରୁକ୍ ୨୦ ବଲ୍‌ରେ ୪ ଚୌକା ଓ ୨ଛକା ସହାୟତାରେ ଅପରାଜିତ ୪୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫ ୱିକେଟରେ ୧୨୨ ରନ୍ କରିଥିଲା। ଜନି ବେୟାରଷ୍ଟୋ ୧୮ ବଲ୍‌ରେ ୩୧, ମୋଇନ୍ ଅଲି ୬ ବଲ୍‌ରେ ୧୬ ଓ ଲିଆମ ଲିଭିଙ୍ଗଷ୍ଟୋନ୍ ୪ ବଲ୍‌ରେ ୧୩ ରନ୍ କରିଥିଲେ। ଜବାବରେ ନାମିବ୍ୟା ସମାନ ସଂଖ୍ୟକ ଓଭର ଖେଳି ୩ ୱିକେଟରେ ୮୪ ରନ୍ କରିବାକୁ ସମର୍ଥ ହୋଇଥିଲା। ମାଇକେଲ ଭାନ ଲିଗେନ ୩୩, ଡେଭିଡ ୱାଇଜ୍ ୧୨ ବଲ୍‌ରେ ୨୭ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିସ୍ଫୋରକ ବ୍ୟାଟିଂ ଲାଗି ବ୍ରୁକ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍ ପରେ ନାମିବ୍ୟାର ୩୯ ବର୍ଷୀୟ ଅଲରାଉଣ୍ଡର ଡେଭିଡ ୱାଇଜ୍ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

### ହେଡ୍, ଷ୍ଟୋଇନିସ୍‌ଙ୍କ ଅର୍ଦ୍ଧଶତକ

ସେଣ୍ଟ ଲୁସିଆର ଗ୍ରସ୍ ଆଇଲେଟ୍‌ରେ ଟ୍ରାଭିସ୍ ହେଡ୍ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ୫ ୱିକେଟରେ ସ୍କଟଲାଣ୍ଡକୁ ହରାଇଥିଲା। ଏହି ମ୍ୟାଚ୍‌ରେ ବ୍ରାଣ୍ଡନ ମ୍ୟାକ୍‌କୁଲେନ ୩୪ବଲ୍‌ରେ ୨ ଚୌକା ଓ ୬ଛକା ସହ ୬୦, ଅଧିନାୟକ ରିଚି ବେରିଂଟନ ୩୧ ବଲ୍‌ରେ ଅପରାଜିତ ୪୨ ଓ ଜର୍ଜ ମୁନ୍‌ସୀ ୨୩ ବଲ୍‌ରେ ୩୫ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୫ ୱିକେଟରେ ୧୮୦ ରନ୍ କରିଥିଲା। ବିପକ୍ଷ ଦଳର ପ୍ୟାଟ କମିନ୍ସ ଓ ଜୋଶ ହାଜ୍‌ଲେଉଡ୍ ଏହି ମ୍ୟାଚ୍ ଖେଳୁ ନ ଥିଲାବେଳେ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ ୬୦ ରନ୍‌ରେ ଡେଭିଡ୍ ୱାର୍ଣ୍ଣର (୧), ମିଚେଲ ମାର୍ଶ (୮) ଓ ମ୍ୟାକ୍ସୱେଲ (୧୧)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ହେଡ୍ ଓ ମାର୍କସ ଷ୍ଟୋଇନିସ ୪ର୍ଥ ୱିକେଟରେ ୮୦ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିବା ସହ ବିଜୟର ନିକଟତର କରାଇଥିଲେ। ହେଡ୍ ୪୯ ବଲ୍‌ରେ ୫ ଚୌକା ଓ ୪ ଛକା ସହ ୬୮ ଏବଂ ଷ୍ଟୋଇନିସ ମାତ୍ର ୨୯ ବଲ୍‌ରୁ ୯ ଚୌକା ଓ ୨ଛକା ସହ ୫୯ ରନ୍ କରି ଆଉଟ ହୋଇଯାଇଥିଲେ। ୧୫୫ ରନ୍ ବେଳକୁ ଉଭୟ ଖେଳାଳି ପାଭିଲିୟନକୁ ଫେରିଯାଇଥିଲାବେଳେ ଟିମ୍ ଡେଭିଡ୍ ୧୪ ବଲରେ ୨୪ ଓ ମାଥ୍ୟୁ ୱେଡ୍ ୪ ରନ୍ କରିବା ସହ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୧୯.୪ ଓଭରରେ ବିଜୟ ଲକ୍ଷ୍ୟରେ ଦଳକୁ ପହଞ୍ଚାଇଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ମାର୍କ ୱାଟ ଓ ସାଫ୍ୟାନ ଶରିଫ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**

**ବାଂଲାଦେଶ- ନେପାଳ**
ସେଣ୍ଟ ଭିନ୍‌ସେଣ୍ଟ, ସମୟ-ସକାଳ ୫ଟା

**ଶ୍ରୀଲଙ୍କା-ନେଦରଲାଣ୍ଡସ**
ସେଣ୍ଟ ଲୁସିଆ, ସମୟ ସକାଳ ୬ଟା

**ନ୍ୟୁଜିଲାଣ୍ଡ-ପିଏନ୍‌ଜି**
ତ୍ରିନିଦାଦ, ସମୟ ରାତି ୮ଟା

-ପ୍ରସାରଣ-
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

କିଏ ହେବେ ଗ୍ରୁପ୍ ନଂ-୧ ଓ ନଂ-୨

## ୧୯ରୁ ବିଶ୍ୱକପ୍ ସୁପର-୮ ମୁକାବିଲା

ବାର୍ବାଡୋସ୍, ୧୬।୬(ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟ ମୁକାବିଲା ଜୁନ୍ ୧୭ରେ ଶେଷ ହେବ। ଏହି ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ ପର୍ଯ୍ୟାୟରେ ପ୍ରଥମ ୨ଟି ସ୍ଥାନ ହାସଲ କରିଥିବା ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିଲାଗି ପୂର୍ବରୁ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦୁଇ ଶୀର୍ଷ ଦଳକୁ ଆଇସିସି ମାନ୍ୟତା ଅନୁଯାୟୀ ସ୍ଥାନିତ କରାଯାଇଛି। ଏହି ଦଳଗୁଡ଼ିକ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ସେଗୁଡିକ ହେଲେ ଗ୍ରୁପ୍-ଏ’ରେ ଭାରତ (୧) ଓ ପାକିସ୍ତାନ (୨), ଗ୍ରୁପ-ବି’ରେ ଇଂଲଣ୍ଡ (୧), ଅଷ୍ଟ୍ରେଲିଆ (୨), ଗ୍ରୁପ୍-ସି’ରେ ନ୍ୟୁଜିଲାଣ୍ଡ (୧) ଓ ୱେଷ୍ଟଇଣ୍ଡିଜ୍ (୨) ଏବଂ ଗ୍ରୁପ୍-ଡି’ରେ ଦକ୍ଷିଣ ଆଫ୍ରିକା (୧) ଓ ଶ୍ରୀଲଙ୍କା (୨)। ଗ୍ରୁପ୍‌ରେ ଏହି ଦଳ ଗୁଡ଼ିକ ପ୍ରଥମ ଦୁଇଟି ସ୍ଥାନରେ ଯେମିତି ରହିଥିଲେ ମଧ୍ୟ ସୁପର-୮’ରେ ଏହିପରି ମାନ୍ୟତା ରହିବ। ଏହି ମାନ୍ୟତାପ୍ରାପ୍ତ ଦଳ ମଧ୍ୟରୁ ଯଦି କେହି ସୁପର-୮’କୁ ଯାଇ ନ ପାରନ୍ତି, ତେବେ ସେମାନଙ୍କ ସ୍ଥାନରେ ଯୋଗ୍ୟତା ଅର୍ଜନ କରିଥିବା ଦଳ ଗୁଡ଼ିକ ସ୍ଥାନିତ ହେବେ। ଏହି ଯେପରି ଗ୍ରୁପ୍-ଏ’ରେ ପାକିସ୍ତାନ ବିଦା ହେବା ପରେ ଆମେରିକା ତାହା ସ୍ଥାନରେ ଦ୍ୱିତୀୟ ହେବ। ସେହିପରି ଗ୍ରୁପ୍-ସି’ର ସ୍ଥାନକୁ ଦେଖିଲେ ଏହା ଅଧିକ ସ୍ପଷ୍ଟ ହେବ। ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମ ଓ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଦଳର ମାନ୍ୟତା ପାଇଛି। ଏହି ଗ୍ରୁପ୍‌ରୁ ନ୍ୟୁଜିଲାଣ୍ଡ ବିଦା ହେବା ପରେ ତାହାର ସ୍ଥାନ ଯେଉଁ ଦଳ ଯୋଗ୍ୟତା ଅର୍ଜନ କରିବ ତାହାକୁ ମିଳିବ। ଏହି ଗ୍ରୁପ୍‌ରେ ଆଫଗାନିସ୍ତାନ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ସି-୨ ଦଳ ଭାବେ ନାମିତ ହେବ। ଗ୍ରୁପ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ହେଲେ ମଧ୍ୟ ଏହା ସି-୧ ଦଳ ଭାବେ ସୁପର-୮’କୁ ଯାଇଛି। ଏହି ପୋଜିସନ ଅନୁଯାୟୀ ସୁପର-୮’ ଖେଳସୂଚୀ ଚୂଡାନ୍ତ ହେବ। ଗ୍ରୁପ୍-ଡ଼ି’ରେ ଇଂଲଣ୍ଡ ଡି-୧ ଓ ଅଷ୍ଟ୍ରେଲିଆ ଡି-୨ ଦଳ ଭାବେ ସୁପର-୮ ରେ ଖେଳିବ।

### ଗ୍ରୁପ୍‌ରେ କାହାକୁ କେଉଁ ମାନ୍ୟତା

ଗ୍ରୁପ୍ ଏ-୧: ଭାରତ, ଏ-୨: ଆମେରିକା, ବି-୧ ଇଂଲଣ୍ଡ, ବି-୨: ଅଷ୍ଟ୍ରେଲିଆ, ସି-୧: ଆଫଗାନିସ୍ତାନ, ସି-୨: ୱେଷ୍ଟଇଣ୍ଡିଜ୍, ଡି-୧: ଦକ୍ଷିଣ ଆଫ୍ରିକା, ଡି-୨ (ବାଂଲାଦେଶ କିମ୍ବା ନେଦରଲାଣ୍ଡସ)।

### ସୁପର-୮ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ୍) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୧୯।୬ | ଦ.ଆଫ୍ରିକା-ଆମେରିକା(୨) | ନର୍ଥ ସାଉଣ୍ଡ | ରାତି ୮ଟା |
| ୨୦।୬ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ୍ (୨) | ଗ୍ରସ୍ ଆଇଲେଟ | ସକାଳ ୬ଟା |
| ୨୦।୬ | ଭାରତ-ଆଫଗାନିସ୍ତାନ (୧) | ବ୍ରିଜ୍‌ଟାଉନ୍ | ରାତି ୮ଟା |
| ୨୧।୬ | ଅଷ୍ଟ୍ରେଲିଆ-ଡି ୨ (୧) | ନର୍ଥ ସାଉଣ୍ଡ | ସକାଳ ୬ଟା |
| ୨୧।୬ | ଇଂଲଣ୍ଡ-ଦ.ଆଫ୍ରିକା (୨) | ଗ୍ରସ୍ ଆଇଲେଟ୍ | ରାତି ୮ଟା |
| ୨୨।୬ | ୱେଷ୍ଟଇଣ୍ଡିଜ୍-ଆମେରିକା (୨) | ବ୍ରିଜ୍‌ଟାଉନ୍ | ସକାଳ ୬ଟା |
| ୨୨।୬ | ଭାରତ- ଡି୨ (୧) | ନର୍ଥ ସାଉଣ୍ଡ | ରାତି ୮ଟା |
| ୨୩।୬ | ଅଷ୍ଟ୍ରେଲିଆ-ଆଫଗାନିସ୍ତାନ(୧) | କିଙ୍ଗ୍‌ସଟାଉନ୍ | ସକାଳ ୬ଟା |
| ୨୩।୬ | ଇଂଲଣ୍ଡ-ଆମେରିକା (୨) | ବ୍ରିଜ୍‌ଟାଉନ୍ | ରାତି ୮ଟା |
| ୨୪।୬ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ (୨) | ନର୍ଥସାଉଣ୍ଡ | ସକାଳ ୬ଟା |
| ୨୪।୬ | ଭାରତ-ଅଷ୍ଟ୍ରେଲିଆ (୧) | ଗ୍ରସ୍ ଆଇଲେଟ | ରାତି ୮ଟା |
| ୨୫।୬ | ଆଫଗାନିସ୍ତାନ-ଡି୨ (୧) | କିଙ୍ଗ୍‌ସଟାଉନ୍ | ସକାଳ ୬ଟା |
| ୨୭।୬ | ପ୍ରଥମ ସେମିଫାଇନାଲ | ତାରୌବା | ସକାଳ ୬ଟା |
| ୨୭।୬ | ଦ୍ୱିତୀୟ ସେମିଫାଇନାଲ | ଗୁଏନା | ରାତି ୮ଟା |
| ୨୯।୬ | ଫାଇନାଲ | ବ୍ରିଜ୍‌ଟାଉନ୍ | ରାତି ୭.୩୦ |

ଗ୍ରୁପ-୧: ଭାରତ, ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଡି-୨(ବାଂଲାଦେଶ/ନେଦରଲାଣ୍ଡସ)
ଗ୍ରୁପ୍-୨: ଦ.ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଓ ଆମେରିକା।

# ୟୁରୋକପ୍ ଫୁଟବଲ: ଇଟାଲୀର ବିଜୟ ଅଭିଯାନ

ଡର୍ଟମଣ୍ଡ, ୧୬।୬(ଏଜେନ୍ସି): ୟୁରୋକପ୍‌ର ଚଳିତ ୧୭ତମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀ ବିଜୟରୁ ଏଥର ଅଭିଯାନ ଆରମ୍ଭ କରିଛି। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଗ୍ରୁପ୍ ବି’ର ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଟାଲୀ ପ୍ରଥମ ମିନିଟରୁ ପଛରେ ପଡ଼ିଥିଲେ ମଧ୍ୟ ୨-୧ ଗୋଲରେ ଅଲବାନିଆକୁ ପରାସ୍ତ କରିଛି। ଷ୍ଟ୍ରାଇକର ନେଦିମ ବାଜାରାମୀ ପ୍ରଥମ ମିନିଟ୍‌ରେ ଗୋଲ ଦେଇ ଆଲବାନିଆକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରି ଇଟାଲୀ ଗୋଲ ଦେବା ସହ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। ୧୧ତମ ମିନିଟ୍‌ରେ ଇଟାଲୀର ଆଲେଜାଣ୍ଡ୍ରୋ ବାସ୍ତୋନୀ ଗୋଲ ଦେଇଥିଲେ। ଏହାର ୫ ମିନିଟ୍‌ପରେ ନିକୋଲୋ ବାରେଲା ଗୋଲ ଦେଇ ଇଟାଲୀକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ପ୍ରଥମାର୍ଦ୍ଧରେ ହିଁ ମ୍ୟାଚ୍‌ର ୩ଟି ଯାକ ଗୋଲ ସ୍କୋର ହୋଇଥିଲା। ଏହାପରେ ଉଭୟ ଦଳ ଗୋଲ ଦେଇ ମ୍ୟାଚ୍ ହାତକୁ ନେବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ। ଇଟାଲୀ କିନ୍ତୁ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍ ଓ ସଟ୍ ଅନ ଟାର୍ଗେଟରେ ଇଟାଲୀ ଯଥେଷ୍ଟ ଆଗରେ ରହିଥିଲା। ଇଟାଲୀ ଖେଳାଳି ଅଧାରୁ ଅଧିକ ସମୟ ବଲ୍‌କୁ ନିଜ ପାଖରେ ରଖିଥିଲେ। ପାସ ଓ ପାସ୍ ଆକ୍ୟୁରେସିରେ ଆଲବାନିଆ ଯଥେଷ୍ଟ ପଛରେ ରହିଥିଲା। ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଇଟାଲୀ ଗୋଲ ଦେବାରେ ସଫଳ ହୋଇ ନଥିଲା। ନହେଲ ଆହୁରି ବଡ଼ ବ୍ୟବଧାନରେ ବିଜୟୀ ହୋଇଥାନ୍ତା। ଇଟାଲୀ ଏବେ ଆସନ୍ତା ୨୧ ତାରିଖରେ ତା’ର ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍‌କୁ ଓ ଆଲବାନିଆ ତା’ର ଦ୍ୱିତୀୟ ମ୍ୟାଚ୍‌ରେ କ୍ରୋଏସିଆକୁ ଭେଟିବ। ପୂର୍ବରୁ ଗ୍ରୁପ୍ ବି’ରେ ସ୍ପେନ୍ ୩-୦ ଗୋଲରେ କ୍ରୋଏସିଆକୁ ହରାଇ ଅଭିଯାନ ଆରମ୍ଭ କରିସାରିଛି।




### ପୋଲାଣ୍ଡକୁ ହରାଇଲା ନେଦରଲାଣ୍ଡସ

ରବିବାର ଖେଳାଯାଇଥିବା ଗ୍ରୁପ୍ ଡି’ର ଏକ ମ୍ୟାଚ୍‌ରେ ନେଦରଲାଣ୍ଡସ ୨-୧ ଗୋଲରେ ପୋଲଣ୍ଡକୁ ପରାସ୍ତ କରି ୟୁରୋକପ୍ ଅଭିଯାନ ଆରମ୍ଭ କରିଛି। ଗୋଟିଏ ଗୋଲ ବରଣ କରି ପଛରେ ପଡ଼ିଥିଲେ ମଧ୍ୟ ନେଦରଲାଣ୍ଡସ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରି ମ୍ୟାଚ୍ ହାତେଇ ନେଇଥିଲା। ମ୍ୟାଚ୍‌ର ୧୬ତମ ମିନିଟ୍‌ରେ ଆଡାମ ବୁକ୍‌ସା ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ପୋଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ତେବେ ୨୯ତମ ମିନିଟ୍‌ରେ ନେଦରଲାଣ୍ଡସ କୋଡି ଗାକ୍‌ପୋ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରବର ସ୍ଥିତିକୁ ଆଣିଥିଲେ। ଏହାପରେ ୮୩ତମ ମିନିଟ୍ ଓଟ୍ ୱେଗ୍‌ହର୍ଷ୍ଟ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡସକୁ ଜିତାଇଥିଲେ। ସବୁ ବିଭାଗରେ ନେଦରଲାଣ୍ଡ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍, ସଟ୍ ଅନ ଟାଗେର୍ଟ, ବଲ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ନେଦରଲାଣ୍ଡ ବହୁ ଆଗରେ ରହିଥିଲା।

### ଡ୍ରାପରଙ୍କୁ ପ୍ରଥମ ଏଟିପି ଟାଇଟଲ

ଷ୍ଟର୍ଟଗାର୍ଟ, ୧୬।୬(ଏଜେନ୍ସି): ଜର୍ମାନୀର ଷ୍ଟର୍ଟଗାର୍ଟରେ ଅନୁଷ୍ଠିତ ଏଟିପି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ବ୍ରିଟେର ଜ୍ୟାକ ଡ୍ରାପର ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଏକକ ଫାଇନାଲ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ଡ୍ରାପର ୩-୬, ୭-୬, ୬-୪ ସେଟ୍‌ରେ ଇଟାଲୀର ଅଣସିଡ୍ ଖେଳାଳି ମାଟେଓ ବେରେଟେନିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡ଼ିଥିଲେ ମଧ୍ୟ ଡ୍ରାପର ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍ ଜିତି ମ୍ୟାଚ୍ ହାତେଇ ନେଇଥିଲେ।

### ଆଫ୍ରିଦି- ଇମାଦଙ୍କ ଦମ୍‌ଦାର ବୋଲିଂ

ଲାଉଡରହିଲ୍, ୧୬।୬(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ସୁପର-୮ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ପାକିସ୍ତାନ ଓ ଆୟର୍ଲାଣ୍ଡ ଗ୍ରୁପ୍ ଏ’ର ଅନ୍ତିମ ମୁକାବିଲାରେ ରବିବାର ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ସେଣ୍ଟ୍ରାଲ ବ୍ରୋୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମ ଟର୍ଫ ଗ୍ରାଉଣ୍ଡରେ ଅନୁଷ୍ଠିତ ଗୁରୁତ୍ୱ ନଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ହରାଇ ୧୦୯ ରନକରି ଅଲଆଉଟ ହୋଇଥିଲା। ଜବାବରେ ରିପୋର୍ଟ ଲେଖାହେବା ବେଳକୁ ପାକିସ୍ତାନ ୮ ଓଭରରେ ୨ ୱିକେଟ୍ ହରାଇ ୫୨ ରନ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ପାକିସ୍ତାନ ବୋଲରଙ୍କ ସମ୍ମୁଖୀନ ହୋଇପାରି ନଥିଲା। ଦଳ ତରଫରୁ ଗାରେଥ ଡେଲାନୀ ସର୍ବାଧିକ ୩୧, ଜର୍ଜ ଡକରେଲ ୧୧, ମାର୍କ ଆଡେର ୧୫ ରନକରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି ଓ ସ୍ପିନର ଇମାଦ ୱାସିମ ୩ଟି ଲେଖାଏ, ମହମ୍ମଦ ଆମିର ୨ ୱିକେଟ ପାଇଥିଲେ।

## ମନ୍ଧାନାଙ୍କ ଶତକ: ଭାରତୀୟ ମହିଳାଙ୍କ ବୃହତ୍ ବିଜୟ

ବେଙ୍ଗାଲୁରୁ, ୧୬।୬(ଏଜେନ୍ସି): ଅଭିଜ୍ଞ ପ୍ରାରମ୍ଭିକ ବ୍ୟାଟର ସ୍ମୃତି ମନ୍ଧାନାଙ୍କ ଶତକ ସହାୟତାରେ ଭାରତୀୟ ମହିଳା ଦଳ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳକୁ ପରାସ୍ତ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ୧୪୩ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୬୫ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନପାରି ୩୭.୪ ଓଭରରେ ୧୨୨ ରନକରି ଅଲଆଉଟ ହୋଇ ଆତ୍ମ ସମର୍ପଣ କରିଥିଲା। ୧୧୭ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ସହ ୧୧୭ ରନର ଶତକୀୟ ପାଳି ଖେଳି ମନ୍ଧାନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଦକ୍ଷିଣ ଆଫ୍ରିକାର ୭ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଦଳ ତରଫରୁ ସୁନ୍ ଲୁସ୍ ସର୍ବାଧିକ ୩୩, ମାରିଜନେ କ୍ୟାପ୍ ୨୪, ତାଜମିନ ବ୍ରିଟ୍ସ ୧୮ ରନକରି ଆଉଟ ହୋଇଥିବା ବେଳେ ୱିକେଟରକ୍ଷକ ବ୍ୟାଟର ସିନାଲୋ ଜାଫ୍‌ତା ୨୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପାଇଁ ୩୩ ବର୍ଷୀୟା ଲେଗ୍ ସ୍ପିନର ଆଶା ଶୋଭନା ସର୍ବାଧିକ ୪ ୱିକେଟ ହାସଲ କରିଥିବା ବେଳେ ଦୀପ୍ତି ଶର୍ମା ୨, ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ରାଧା ଯାଦବ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବ ଭାରତ ତରଫରୁ ମନ୍ଧାନା କ୍ୟାରିଅରର ଷଷ୍ଠ ଦିନିକିଆ ଓ ମୋଟ୍ ଉପରେ ୭ମ ଶତକ ଅର୍ଜନ କରିଥିଲେ। ଘରୋଇ ପରିବେଶରେ ମହିଳା କ୍ରିକେଟ ଭାବେ ସର୍ବାଧିକ ବ୍ୟକ୍ତିଗତ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ୧୧ ବର୍ଷ ପରେ ଶତକ ହାସଲ କରି ମନ୍ଧାନା ଶତକ ମରୁଡ଼ି ଶେଷ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୟାଲନ ହେବଲତା ୧୨, ଅଧିନାୟିକା ହରମନପ୍ରୀତ କୌର ୧୦, ଜେମିମା ରୋଡ୍ରିଗ୍ୱେଜ ୧୭ ରନ କରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ସର୍ବାଧିକ ୩୭ ଓ ପୂଜା ବସ୍ତ୍ରକାର ୩୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ପାଇଁ ଆୟାବୋଙ୍ଗା ଖାକା ସର୍ବାଧିକ ୩, ମାସାବାତା କ୍ଲାସ ୨ ୱିକେଟ ନେଇଥିଲେ।

**୬୯ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ**

# ମହିଳାରେ କିଟ୍ ଓ ପୁରୁଷରେ ଦକ୍ଷିଣ-ପୂର୍ବ ରେଳବାଇ ଚାମ୍ପିଅନ

କୁଆଖିଆ, ୧୬।୬(ସମିସ): ସ୍ଥାନୀୟ ଖଣ୍ଡିତର ଷ୍ଟାଡ଼ିୟମରେ ଯାଜପୁର କବାଡି ଆସୋସିଏସନ ପକ୍ଷରୁ ଚାଲିଥିବା ୬୯ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗରେ ଛତିଶଗଡ଼ର ରାଜନନ୍ଦନଗାଓକୁ ୩୩-୨୯ ପଏଣ୍ଟରେ ପରାସ୍ତ କରି କିଟ୍ ଚାମ୍ପିଅନ ହୋଇଥିବାବେଳେ ପୁରୁଷ ବିଭାଗରେ ଦକ୍ଷିଣ-ପୂର୍ବ ରେଳବାଇ ୪୭-୪୦ ପଏଣ୍ଟରେ ନାଗପୁରକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ ହୋଇଛି।

ମହିଳା ବର୍ଗ ଫାଇନାଲ କିଟ୍ ଓ ରାଜନନ୍ଦନଗାଓ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ କଡା ଟକ୍କର ହୋଇଥିଲା। ଶେଷରେ କିଟ୍ ଦଳ ଛତିଶଗଡ଼କୁ ୩୩-୨୯ ପଏଣ୍ଟରେ ପରାସ୍ତ କରିଥିଲା। କଳିଙ୍ଗ ଏକାଡେମୀ ଓ ରାୟପୁର ଛତିଶଗଡ଼ ତୃତୀୟ ସ୍ଥାନ ହାସଲ କରିଥିଲେ। ଖେଳକୁ ସଦାଶିବ ସାହୁ, ସସ୍ମିତା ଦାସ, ସତ୍ୟପ୍ରକାଶ ଦାସ ପରିଚାଳନା କରିଥିଲେ। ପୁରୁଷ ବର୍ଗ ଫାଇନାଲ ମ୍ୟାଚ୍ ଦକ୍ଷିଣ-ପୂର୍ବ ରେଳବାଇ ଓ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦକ୍ଷିଣ-ପୂର୍ବ ରେଳବାଇ ୪୭-୪୦ ପଏଣ୍ଟରେ ପରାସ୍ତ କରି ଟ୍ରଫି ଜିତିଥିଲା।

ପୂର୍ବରୁ ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ-ପୂର୍ବ ରେଳବାଇ ପୂର୍ବାଞ୍ଚଳ ରେଳବାଇକୁ ୪୪-୩୩ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ନାଗପୁର ଦଳ ଶ୍ରୀଜଗନ୍ନାଥ ପୁରୀକୁ ୪୧-୩୯ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମହିଳା ବିଭାଗ ପ୍ରଥମ ସେମିଫାଇନାଲରେ ରାଜନନ୍ଦନଗାଓ ୪୫-୨୦ ପଏଣ୍ଟରେ ରାୟପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ କିଟ୍ ୩୨-୨୩ରେ କଳିଙ୍ଗ ଏକାଡେମୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା।

ଯାଜପୁର କବାଡ଼ି ଆସୋସିଏସନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ପୁରୁଷ ଓ ମହିଳା ବର୍ଗର ଚାମ୍ପିଅନ ଦଳ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସହସମ୍ପାଦକ ସମରେନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର